ବର୍ଷ-୫୨ : ସଂଖ୍ୟା-୫ ମେ, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମେ, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୨୪ ଏପ୍ରିଲ, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| 'ଭଲ' ହେବା ପାଇଁ ଯଥାର୍ଥ ମନୋଭାବ | ... | ଶ୍ରୀମା | ... | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ସପ୍ତମ ଅଧ୍ୟାୟ) | | | | |
| ଗୀତାର ପରମ ବାକ୍ୟ | ... | ଶେଖ ଅବଦୁଲ କାଶମ | ... | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୬) | ... | ... | ... | ୧୩ |
| ଆଧ୍ୟାତ୍ମିକ ଅନ୍ୱେଷା (କବିତା) | ... | ସନ୍ତୋଷ ରଥ | ... | ୧୬ |
| ମେ ଚାରି ତାରିଖ ଦର୍ଶନ | | | | |
| (୪.୫.୬୭) | ... | ରାମକୃଷ୍ଣ ଦାସ | ... | ୧୭ |
| ପୂର୍ଣ୍ଣତା (କବିତା) | ... | ହୃଷୀକେଶ ପଣ୍ଡା | ... | ୨୧ |
| ଭିନ୍ନ ବିଚାର | ... | ମନୋଜ ଦାସ | ... | ୨୨ |
| ସାମାଜିକ ପୁନର୍ଗଠନରେ ଛାତ୍ରମାନଙ୍କର ଭୂମିକା | ... | ପ୍ରପତ୍ତି | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୧) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୭ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୯) | ... | ସାହାନା ଦେବୀ | ... | ୩୦ |
| ଅଭୀପ୍ସା ସମ୍ପର୍କରେ | ... | କୁମାର ଚନ୍ଦ୍ର ମିଶ୍ର | ... | ୩୨ |
| କବି ନିଶିକାନ୍ତ (୧୦) | ... | ... | ... | ୩୯ |
| ସୁଛତାର ପରମ ଗୋପନୀୟତା (୧୧) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୨ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୨) | ... | ଗୟାଧର ଦାଶ | ... | ୪୫ |
| ତୁମ ବନ୍ଦନା ଗାଏ (କବିତା) | ... | ସୁନାମଣି ରାଉତ | ... | ୪୮ |
| ଦିବାସ୍ୱପ୍ନ (୫) | ... | ଗିଜୁଭାଇ ବଧେକା | ... | ୪୯ |
| ଅତିଥି | ... | ମଧୁସୂଦନ ମହାପାତ୍ର | ... | ୫୪ |
| ଆମ ବ୍ୟକ୍ତିସତ୍ତା ଜଡ଼ ଓ ଚେତନାର ସମାହାର | | | | |
| ମାତ୍ର; ଅଦ୍ୟାବଧି ସମନ୍ୱୟ ନୁହେଁ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଉପରେ ଝଡ଼, ସାଗର ଉତ୍ତାଳ ତରଙ୍ଗମୟ, ଢେଉ ସହିତ ଢେଉର ସଂଘର୍ଷ, ଗୋଟିକ ଉପରେ ଅନ୍ୟଟି ଭାଙ୍ଗି ପଡୁଛି, ବିପୁଳ ଗର୍ଜନ ସହ ମଥା ପିଟୁଛି । କିନ୍ତୁ ବରାବର ଏହି ଉନ୍ମତ୍ତ ଜଳରାଶିର ତଳେ ରହିଛି ବିପୁଳ ସହାସ୍ୟ ପ୍ରସାରରାଜି, ସ୍ଥିର ଓ ପ୍ରଶାନ୍ତ । ସେସବୁ ଉପରର ଏହି ଚାଞ୍ଚଲ୍ୟକୁ ସେମାନେ ଦେଖନ୍ତି ଏକ ଅପରିହାର୍ଯ୍ୟ କ୍ରିୟା ସଦୃଶ; କାରଣ ଜଡ଼କୁ ପ୍ରବଳ ଭାବରେ ମନ୍ଥନ କରିବାକୁ ହେବ, ଯେପରିକି ସେ ଭଗବାନଙ୍କର ପୂର୍ଣ୍ଣ ଜ୍ୟୋତିଃ ପ୍ରକାଶ କରିବାକୁ ସକ୍ଷମ ହୁଏ । ବିକ୍ଷୁବ୍ଧ ବାହ୍ୟ ରୂପର ପଶ୍ଚାତରେ, ଦ୍ୱନ୍ଦ୍ୱ ଓ ଦାରୁଣ ସଂଘର୍ଷର ପଶ୍ଚାତରେ ଚୈତନ୍ୟ ତା'ର ସ୍ଥିରାସନରେ ଦୃଢ଼ପ୍ରତିଷ୍ଠ; ବାହ୍ୟ ସତ୍ତାର ସକଳ କ୍ରିୟାବଳିକୁ ନିରୀକ୍ଷଣ କରୁଛି, କେବଳ ସେତିକିବେଳେ ହସ୍ତକ୍ଷେପ କରେ ଯେତେବେଳେ କୌଣସି ଦିଗ ଓ ସ୍ଥାନକୁ ସଂଶୋଧନ କରିବା ଦରକାର ପଡ଼େ, ଯେପରିକି ଖେଳଟି ଭିତରେ କୌଣସି ନାଟକୀୟ ଆତିଶଯ୍ୟ ଆସି ନ ପଡ଼େ । ଏହି ହସ୍ତକ୍ଷେପ ବର୍ତ୍ତମାନ ଦୃଢ଼ ଓ ଟିକିଏ କଠୋର, ବର୍ତ୍ତମାନ ଶ୍ଳେଷକର ଏବଂ ସ୍ୱାଭାବିକ ଅବସ୍ଥାକୁ ଫେରିଯିବା ପାଇଁ ଏହା ଏକ ତାଗିଦ କିଂବା ଏକ ବ୍ୟଙ୍ଗ ହୋଇଯାଇଛି, ତଥାପି ଏହା ସର୍ବଦା ସେହି ସବଳ, ସୁଶୀଳ, ପ୍ରଶାନ୍ତ ଓ ପ୍ରସନ୍ନ କରୁଣାରେ ପରିପୂର୍ଣ୍ଣ ।

ନୀରବତା ଭିତରେ ମୁଁ ଦେଖିଲି ତୁମର ଅସୀମ ସନାତନ ଦିବ୍ୟାନନ୍ଦ ।

ତା'ପରେ ଯାହା ଅନ୍ଧକାର ଓ ସଂଘର୍ଷ ଗର୍ଭରେ ପଡ଼ିରହିଛି ତା' ମଧ୍ୟରୁ ତୁମ ଆଡ଼କୁ ଧୀରେ ଉଠିଚାଲିଲା ଏକ ପ୍ରାର୍ଥନା : ହେ ପ୍ରେମମୟ ପ୍ରଭୁ, ପରମ ଜ୍ଞାନଦାତା, ପରମ ଶୁଦ୍ଧିଦାତା, ମୋର ସମସ୍ତ ଉପାଦାନ, ସମସ୍ତ କର୍ମ ଯେପରି ନିରନ୍ତର ହୁଏ କେବଳ ତୁମ ଦିବ୍ୟପ୍ରେମର, ତୁମ ସାର୍ବଭୌମ ପରମ ପ୍ରଶାନ୍ତିର ପ୍ରକାଶ ।...

ଏବଂ ମୋ ହୃଦୟରେ ବିଦ୍ୟମାନ ତୁମ ସମୁନ୍ନତ ମହିମାର ଆନନ୍ଦମୟ ଗାନ ।

ମେ ୨୬, ୧୯୧୪ — ଶ୍ରୀମା



# ୨୪ ଏପ୍ରିଲ, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ

The future of the earth depends on a change of consciousness.

The only hope for the future is in a change of man's consciousness and the change is bound to come.

But it is left to men to decide if they will collaborate for this change or if it will have to be enforced upon them by the power of crashing circumstances.

So, wake up and collaborate !

– The Mother

ପୃଥିବୀର ଭବିଷ୍ୟତ୍ ନିର୍ଭର କରେ ଚେତନାର ଏକ ପରିବର୍ତ୍ତନ ଉପରେ ।

ଭବିଷ୍ୟତ୍ ସକାଶେ ଏକମାତ୍ର ଆଶା ରହିଛି ମଣିଷ ଚେତନାର ପରିବର୍ତ୍ତନରେ ଏବଂ ସେହି ପରିବର୍ତ୍ତନ ଆସିବାକୁ ବାଧ୍ୟ ।

ପରନ୍ତୁ ମଣିଷମାନଙ୍କୁ ଏହାର ନିଷ୍ପତ୍ତି ନେବାକୁ ଛାଡ଼ି ଦିଆଯାଇଛି – ସେମାନେ ଏହି ପରିବର୍ତ୍ତନ ପାଇଁ ସହଯୋଗ କରିବେ ଅଥବା ଧ୍ୱଂସାବହ ପରିସ୍ଥିତିସକଳର ଶକ୍ତି ଦ୍ୱାରା ଏହା ସେମାନଙ୍କ ଉପରେ ଜୋର୍ କରି ଲଦି ଦିଆଯିବ ।

ସୁତରାଂ, ଜାଗ୍ରତ୍ ହୁଅ ଏବଂ ସହଯୋଗ କର !

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

**(The Kingdoms and Godheads of the Little Mind)**

**(୧୦୫)**

## ଶ୍ରୀଅରବିନ୍ଦ

At its low extremity held difficult sway
A mind that hardly saw and slowly found;
Its nature to our earthly nature close
And kin to our precarious mortal thought
That looks from soil to sky and sky to soil
But knows not the below nor the beyond,
It only sensed itself and outward things.

ଦେଖିବାରେ ପ୍ରାୟଶଃ ଅସମର୍ଥ ଓ ସଚେତନ ହୋଇ ଉଠିବାରେ ଅଳସଗାମୀ ଏକ ମାନସ ତାହାର (ପୂର୍ବୋକ୍ତ ରାଜ୍ୟର) ନିମ୍ନତମ ପ୍ରାନ୍ତକୁ କଷ୍ଟସାଧ ଅଧିକାର ମଧ୍ୟରେ ଧରି ରଖିଥିଲା; ତା'ର ପ୍ରକୃତି ଆମ ପାର୍ଥିବ ପ୍ରକୃତିର ନିକଟବର୍ତ୍ତୀ ତଥା ଆମ ଅନିଶ୍ଚିତ ମର୍ତ୍ତ୍ୟ ଭାବନାର ସ୍ୱଜାତି ହୋଇ ରହିଥିଲା, ଯେଉଁ ଭାବନା ଅବଲୋକନ କରୁଥାଏ ମାଟିରୁ ଆକାଶକୁ ଓ ଆକାଶରୁ ମାଟିକୁ ଅଥଚ ଜାଣୁ ନଥାଏ ନିମ୍ନଦେଶ ଅଥବା ସେପାରିର ଊର୍ଦ୍ଧ୍ୱଲୋକକୁ, ଏହା କେବଳ ନିଜକୁ ଓ ବାହ୍ୟ ବସ୍ତୁସକଳକୁ ଅନୁଭବ କରୁଥିଲା ।

This was the first means of our slow ascent
From the half-conscience of the animal soul
Living in a crowded press of shape-events
In a realm it cannot understand nor change;
Only it sees and acts in a given scene
And feels and joys and sorrows for a while.

ପଶୁସ୍ତରୀୟ ପୁରୁଷର ଅର୍ଦ୍ଧ-ଚେତନାରୁ ଏହା ହିଁ ଥିଲା ଆମ ମନ୍ଥର ଆରୋହଣର ପ୍ରଥମ ସାଧନ, ରୂପାୟିତ ଘଟନାବଳୀର ସଙ୍କୁଳ ବକ୍ଷରେ ଏମିତି ଏକ ରାଜ୍ୟରେ ନିବାସ କରୁଥାଏ ସେହି ପୁରୁଷ, ଯେଉଁ ରାଜ୍ୟକୁ ନା ସିଏ ବୁଝିପାରେ ନା କରିପାରେ ପରିବର୍ତ୍ତନ; ତାହା କେବଳ ଦେଖେ ଏବଂ ପ୍ରଦତ୍ତ ଏକ ଦୃଶ୍ୟପଟରେ କର୍ମ କରୁଥାଏ ତଥା କ୍ଷଣକାଳ ପାଇଁ ଭୁଞ୍ଜୁଥାଏ କେତେ କେତେ ଆନନ୍ଦ ଓ ଦୁଃଖ ।

The ideas that drive the obscure embodied spirit
Along the roads of suffering and desire
In a world that struggles to discover Truth,
Found here their power to be
and Nature-force.

ଯେଉଁ ଭାବନାଚୟ ଅଜ୍ଞାନାନ୍ଧ ଦେହଧାରୀ ଚିତ୍‌ପୁରୁଷଙ୍କୁ ସତ୍ୟାବିଷ୍କାର ନିମନ୍ତେ ସଂଘର୍ଷରତ ଏକ ଜଗତରେ ବେଦନା ଓ ବାସନାର ପଥରେ ପରିଚାଳିତ କରିନିଏ, ଏଠାରେ ହିଁ ଥିଲା ସେସବୁର ସ୍ଥିତି-ସାମର୍ଥ୍ୟ ଏବଂ ପ୍ରକୃତି-ଶକ୍ତି ।

Here are devised the forms of an ignorant life
That sees the empiric fact as settled law,
Labours for the hour and not for eternity
And trades its gains to meet the moment's call :
The slow process of a material mind
Which serves the body it should rule and use
And needs to lean upon an erring sense,
Was born in that luminous obscurity.

ଏଇଠି ରହିଛି ଅଜ୍ଞ ଜୀବନଧାରାର ରୂପ-କଳ୍ପନା, ଯାହା ଅନୁଭବସିଦ୍ଧ ତଥ୍ୟକୁ ଦେଖେ ସୁନିର୍ଦ୍ଦିଷ୍ଟ ସ୍ଥିର ବିଧାନ ରୂପେ, ଶାଶ୍ୱତକୁ ନୁହେଁ ବରଂ ମୁହୂର୍ତ୍ତକୁ ଲକ୍ଷ୍ୟ ଭାବେ ଗ୍ରହଣ କରି ତାହା ଶ୍ରମ କରୁଥାଏ, ତତ୍‌କାଳ ପ୍ରୟୋଜନ ମେଣ୍ଟାଇବା ପାଇଁ ଆପଣା ଲାଭାଂଶର ହିସାବ ନିକାଶ କରୁଥାଏ : ଯେଉଁ ଜଡ଼ଗତ ମନ ଶରୀରକୁ ଶାସନ ଓ ବ୍ୟବହାର କରିବା ବିଧେୟ, ତାହା ଦେହର ପରିଚର୍ଯ୍ୟାରେ ଲାଗିଥାଏ ଏବଂ ଭ୍ରାନ୍ତିକର ଇନ୍ଦ୍ରିୟ ଉପରେ ନିର୍ଭର କରି ରହିବାକୁ ଲୋଡ଼ୁଥାଏ, ତାହାରି ଏକ ମନ୍ଥର ପ୍ରକ୍ରିୟା ସେହି ଉଦ୍ଭାସିତ ଅନ୍ଧକାର ମଧ୍ୟରେ ଜନ୍ମଗ୍ରହଣ କଲା ।

*(କ୍ରମଶଃ...)*

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ‘ଭଲ’ ହେବା ପାଇଁ ଯଥାର୍ଥ ମନୋଭାବ

## ଶ୍ରୀମା

### ସବୁ ଦୋଷତ୍ରୁଟି ନିଜ ଭିତରେ

ଏପରି ଭାବ ନାହିଁ ଯେ ଦୋଷତ୍ରୁଟିସବୁ ବାହାରୁ ଆସେ; ପ୍ରତ୍ୟେକଙ୍କ ଭିତରେ ଏହା ଅନେକ ପରିମାଣରେ ରହିଛି, ଆଉ କାହାଠାରୁ ତାହା ଋଣସୂତ୍ରରେ ଆଣିବା ଦରକାର ନାହିଁ। ପ୍ରକୃତରେ ଯଦି ଜଣଙ୍କ ଭିତରେ ଦୋଷତ୍ରୁଟି ନ ଥା’ନ୍ତା ତେବେ ସେ ଅନ୍ୟମାନଙ୍କ ଭିତରେ ଥିବା ଦୋଷତ୍ରୁଟି ବିଷୟରେ ସଚେତନ ହୋଇ ପାରନ୍ତା ନାହିଁ। କାରଣ ହେଲା ସବୁ ଦୋଷର ମଞ୍ଜି ନିଜ ଭିତରେ ଅଛି, ଏବଂ ଜଣେ କେବଳ ସେଗୁଡ଼ିକର ସଂପର୍କରେ ଆସିଥାଏ। ଆମେ ଯେତେବେଳେ କହୁ ଯେ ଲୋକଙ୍କ ଭିତରେ ଭୟଙ୍କର ପ୍ରବୃତ୍ତିର ଆବେଗସବୁ ଢେଉ ଭଳି ମାଡ଼ି ଚାଲିଛି, ଏବଂ ସେଗୁଡ଼ିକ ସେମାନଙ୍କ ଭିତରେ ସୃଷ୍ଟି ହେଉ ନାହିଁ କିନ୍ତୁ ସେମାନଙ୍କ ଭିତର ଦେଇ ଗତି କରୁଛି; ଏହା ସଂପୂର୍ଣ୍ଣ ସତ୍ୟ। କିନ୍ତୁ ଜଣେ ଯଦି ନିଜକୁ ଏପରି ପ୍ରତିରୋଧ କରି ରଖିଥିବ ଯେ ତା’ ଭିତର ଦେଇ କୌଣସି ଖରାପ ଉତ୍ତେଜନାର ଢେଉ ପଶିପାରିବ ନାହିଁ, ତେବେ ଶହ ଶହ ବର୍ଷ ଧରି ତା’ ଚାରିପଟେ ସେଇ ଢେଉସବୁ ଉଠୁଥିବେ ପଡୁଥିବେ, କିନ୍ତୁ ସେ ସେଗୁଡ଼ିକୁ ଅନୁଭବ କରିପାରିବ ନାହିଁ। ସେ ଅବଶ୍ୟ ସେଗୁଡ଼ିକୁ ଦେଖୁଥିବ, ସେସବୁ ଗତି କରୁଥିବାର ଦେଖୁଥିବ, ଜଣେ ଯେପରି ଘର ଭିତରେ ଥାଇ ଆକାଶରେ ଝଡ଼ଝଞ୍ଜାକୁ ଦେଖୁଥାଏ, କିନ୍ତୁ ସେ ସେଗୁଡ଼ିକୁ ଆଦୌ ଅନୁଭବ କରିପାରିବ ନାହିଁ। ଯେତେବେଳେ ତୁମ ଭିତରର ସ୍ପନ୍ଦନସବୁ ବାହାରର ସ୍ପନ୍ଦନଗୁଡ଼ିକର ପ୍ରତ୍ୟୁତ୍ତରଦାୟୀ ହୋଇ ଉଠନ୍ତି, ତା’ର ଅର୍ଥ ସେହି ଦୋଷତ୍ରୁଟିଗୁଡ଼ିକ ତୁମ ଭିତରେ ଅଛି; ତା’ ନହେଲେ କୌଣସି ସ୍ପନ୍ଦନ ତୁମ ଭିତରେ ପ୍ରବେଶ କରି ପାରନ୍ତା ନାହିଁ।...

କାହିଁକି ଗୋଟିଏ ଗତିବୃତ୍ତି, ଗୋଟିଏ ସ୍ପନ୍ଦନ, ଗୋଟିଏ ଶକ୍ତିଶାଳୀ ପ୍ରବେଗ ଜଣକ ଭିତରକୁ ସଂକ୍ରମିତ ହୁଏ ? ତା’ର କାରଣ ହେଲା, ସଂକ୍ରମଣର କାରଣ ତା’ ଭିତରେ ରହିଛି।

### ‘ଭଲ’ ହେବା ପାଇଁ ହିଁ ଭଲ ହୁଅ

ତୁମେ ଏଭଳି ଗୋଟିଏ ଭ୍ରାନ୍ତ ଆଶା ମନରେ ପୋଷଣ କର ନାହିଁ ଯେ ଯଦି ତୁମେ ସରଳ ପଥରେ ଗତି କରିବା ପାଇଁ ଚାହିଁଛ, ତୁମେ ଯଦି ସତ୍ୟର ଅନ୍ୱେଷଣ କରୁଛ, ଏକ ଉଦାର ଭାବ ପୋଷଣ କରୁଛ, ଶୁଦ୍ଧତାର ଅନ୍ୱେଷଣ କରୁଛ, ଅନ୍ୟ କଥାରେ ମନ ଦେଉନ, ତୁମେ ଏକ ଏକାକୀ ସ୍ଥିତିରେ ରହିବାକୁ ଚାହୁଁଛ ଓ ତୁମର ସବୁକଥାରେ ସ୍ପଷ୍ଟ ବିଚାର ଅଛି ତେବେ ତୁମର ଗତିପଥ ସହଜ ହୋଇଯିବ।... କିନ୍ତୁ ପ୍ରକୃତରେ ବିପରୀତ କଥାଟା ହିଁ ଘଟେ ! ଯେତେବେଳେ ତୁମେ ବାହ୍ୟ ଓ ଆନ୍ତର ପୂର୍ଣ୍ଣତା ଦିଗରେ ଅଗ୍ରଗତି କରିବାକୁ ଆରମ୍ଭ କରିବ, ସେଇ ସମୟରୁ ହିଁ ସମସ୍ତ ପ୍ରକାର ବାଧାବିଘ୍ନ ଆରମ୍ଭ ହୋଇଯାଏ।

ମୁଁ ଅନେକ ସମୟରେ ଲୋକଙ୍କଠାରୁ ଶୁଣିବାକୁ ପାଏ ଯେ, ‘‘ଓଃ, ମୁଁ ବର୍ତ୍ତମାନଠାରୁ ଭଲ ହେବାକୁ ଚେଷ୍ଟା କରୁଛି, ଅଥଚ ସମସ୍ତେ କିନ୍ତୁ ମୋତେ ଖରାପ ବୋଲି ମନେ କରୁଛନ୍ତି !’’ ଏହା ହିଁ ତୁମକୁ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷା ଦିଏ ଯେ ଜଣେ କୌଣସି ଉଦ୍ଦେଶ୍ୟ ରଖି ‘ଭଲ’ ହେବାକୁ ଚେଷ୍ଟା କରିବା ଉଚିତ ନୁହେଁ। ଅନ୍ୟମାନେ ତୁମ ପ୍ରତି ଭଲ ହେବେ ବୋଲି ଯେ ତୁମେ ଭଲ ହେବ, ତାହା ନୁହେଁ,– ‘ଭଲ’ ଲାଗି ତୁମକୁ ଭଲ ହେବାକୁ ପଡ଼ିବ।

ସବୁବେଳେ ଏଇ ସମାନ ଶିକ୍ଷା : ଜଣେ ଯେତେ ଭଲ କରିପାରେ, ସେତେ କରିବ, କିନ୍ତୁ ଫଳରେ ଆଶା ନ ରଖି, ଫଳ ପାଇଁ କୌଣସି ଉଦ୍ଦେଶ୍ୟ ନ ରଖି। କୌଣସି ପୁରସ୍କାରର ଆଶା ରଖି ଗୋଟିଏ ଭଲ କାର୍ଯ୍ୟ କରିବା ବା ଭଲ ହେବାକୁ ଜଣେ ଚାହିଁବା – କାରଣ ସେ ଭାବେ ଯେ ଏହା ଦ୍ୱାରା ତା’ର ଜୀବନଯାତ୍ରା ସହଜ ହେବ – ଏହି ମନୋଭାବଟି ଭଲ କାର୍ଯ୍ୟ କରିବାର ସମସ୍ତ ମୂଲ୍ୟବୋଧକୁ ଛଡ଼ାଇ ନିଏ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ସପ୍ତମ ଅଧ୍ୟାୟ)

## ଗୀତାର ପରମ ବାକ୍ୟ



## ଶେଖ ଅବଦୁଲ କାଶମ



ଗୀତା ଈଶ୍ୱରଙ୍କ ଉପରେ ତଥା ମାନବରୂପୀ ଭଗବାନଙ୍କ ଉପରେ ଗୁରୁତ୍ୱ ଦେଇ ତା'ର ବକ୍ତବ୍ୟକୁ ଆଗେଇ ନେଇଛି । ଏହା ଆମକୁ ବାରଂବାର ସ୍ମରଣ କରାଇ ଦେଇଛି ଯେ ଭଗବାନ୍ ହେଉଛନ୍ତି ସର୍ବଲୋକର ମହେଶ୍ୱର । ସେ ହେଉଛନ୍ତି ସର୍ବବ୍ୟାପୀ ସତ୍ତା ଯିଏ କି ମାନବାତ୍ମାର ପ୍ରଭୁ ଏବଂ ଏପରିକି ଅକ୍ଷର ସତ୍ତା ଅପେକ୍ଷା ମଧ୍ୟ ମହତ୍ତର । ନୈର୍ବ୍ୟକ୍ତିକ ଅକ୍ଷର ସତ୍ତା (Immutable Self ବା Impersonal Self)ଙ୍କ ଊର୍ଦ୍ଧ୍ୱରେ ଈଶ୍ୱର ରହିଛନ୍ତି ଯିଏ କି ମନୁଷ୍ୟ ଭିତରେ ବି ବିଦ୍ୟମାନ ଅଛନ୍ତି ଏବଂ ମନୁଷ୍ୟର ରୂପ ମଧ୍ୟ ଧାରଣ କରନ୍ତି । ମନୁଷ୍ୟମାନେ ନିଜ ନିଜ ସାମର୍ଥ୍ୟ ଓ ଅଭୀପ୍ସା ଅନୁସାରେ ଭିନ୍ନ ଭିନ୍ନ ମାର୍ଗ ଅବଲମ୍ବନ କରି ଅନନ୍ତ ଭଗବାନଙ୍କ ଅଭିମୁଖରେ ଅଗ୍ରସର ହୁଅନ୍ତି । ତେବେ ଯିଏ ଯେଉଁ ଭାବରେ ଭଗବାନଙ୍କୁ ଲୋଡ଼ିଥାଏ ଭଗବାନ୍ ତାହାକୁ ସେହି ଭାବରେ ଗ୍ରହଣ କରନ୍ତି ଏବଂ ତାହାର ଅଭୀପ୍ସା ଅନୁସାରେ ତା' ଆଗରେ ନିଜକୁ ଉନ୍ମୋଚିତ କରନ୍ତି (ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ – ୪/୧୧) । ଭଗବାନଙ୍କ ବିଷୟରେ ଯାହାର ଯେଉଁ ପ୍ରକାର ଧାରଣା ଓ ପ୍ରତ୍ୟୟ ରହିଥାଏ ସେହି ଅନୁସାରେ ସେ ତା'ର ମାର୍ଗ ବାଛି ନେଇଥାଏ ଏବଂ ତା'ର ଉପଲବ୍ଧି ମଧ୍ୟ ତଦନୁରୂପ ହୋଇଥାଏ । ଜଣକର ମାର୍ଗ ବା ଭଗବତ୍ ସମ୍ବନ୍ଧୀୟ ଧାରଣା ଯାହା ହୋଇଥାଉ ନା କାହିଁକି ଏକଥା ନିଶ୍ଚିତ ଯେ ପ୍ରତ୍ୟେକ ମନୁଷ୍ୟ ହେଉଛି ଏକ ସୀମିତ ସତ୍ତା ଏବଂ ଭଗବାନ୍ ହେଉଛନ୍ତି ଅନନ୍ତ ଅସୀମ ସତ୍ତା । ତେଣୁ ସସୀମ ଓ ଅସୀମ ମଧ୍ୟରେ ଏକ ପ୍ରକାର ସମ୍ବନ୍ଧ ସେତୁ ଆବଶ୍ୟକ ଯାହା ମଧ୍ୟ ଦେଇ ସସୀମ ମନୁଷ୍ୟ ଅସୀମ ଭଗବାନଙ୍କ ସହିତ ମିଳିତ ହେବ ।

ଦାର୍ଶନିକ ସ୍ୱଭାବ (Philosophic mind)ର ବ୍ୟକ୍ତିମାନେ ଜ୍ଞାନ ମାର୍ଗକୁ ଅନୁସରଣ କରନ୍ତି । ସେମାନେ ଧାରଣା ବା ତତ୍ତ୍ୱ (idea or concept)ର ଅପସାରଣ (Abstraction) ପଦ୍ଧତି ଅବଲମ୍ବନ କରିଥା'ନ୍ତି ଅର୍ଥାତ୍ ସେମାନେ 'ନେତି' 'ନେତି' (Universal negation)ର ଭାବ ନେଇ ଅନିର୍ଦ୍ଦେଶ୍ୟ ସତ୍ୟ (Indeterminable ବା Indefinable)ର ଅନୁସନ୍ଧାନ କରନ୍ତି । ଅନିର୍ବଚନୀୟ ଶାଶ୍ୱତ ସତ୍ୟ ପାଖରେ ପହଞ୍ଚିବା ପାଇଁ ସେମାନେ ପାର୍ଥିବ ବସ୍ତୁସକଳକୁ ଗୋଟି ଗୋଟି କରି ବାଦ୍ ଦେଇ ଚାଲନ୍ତି । ବ୍ରହ୍ମ ଓ ମାୟା ମଧ୍ୟରେ, କର୍ମ ଓ ନିର୍ବାଣ ମଧ୍ୟରେ ବିରୋଧ ହିଁ ସେମାନଙ୍କୁ ଦୃଶ୍ୟ ହୁଏ । ଅପ୍ରମେୟ ସତ୍ୟକୁ ଲାଭ କରିବା ପାଇଁ ସେମାନେ ଜୀବନକୁ ଅସ୍ୱୀକାର କରନ୍ତି । ସେମାନଙ୍କ ମାର୍ଗ ଯେହେତୁ ନିବୃତ୍ତିର ମାର୍ଗ ସେଥିରେ ମନର ଧାରଣା, ହୃଦୟ ଓ ଇନ୍ଦ୍ରିୟଗୁଡ଼ିକର ବାସନା ତଥା ଇଚ୍ଛାଶକ୍ତିର କ୍ରିୟାଗୁଡ଼ିକୁ ବର୍ଜନ କରାଯାଏ । ଯାହାକିଛି ଅନିତ୍ୟ ଓ ଅସ୍ଥାୟୀ ସେଥିରୁ ସେମାନେ ନିଜକୁ ଦୂରକୁ ହଟାଇ ନିଅନ୍ତି । ପରିଶେଷରେ ସ୍ୱୟଂ ଜ୍ଞାନକୁ ମଧ୍ୟ ସେମାନେ ସେହି ଅଜ୍ଞେୟ ସତ୍ତା ମଧ୍ୟରେ ନିର୍ବାପିତ କରି ଦିଅନ୍ତି । କେତେକ ଅସାଧାରଣ ପ୍ରକୃତିର ଲୋକ ହିଁ ଏହି ମାର୍ଗରେ ଶେଷ ପର୍ଯ୍ୟନ୍ତ ଯାଇ ପାରନ୍ତି ।

ଆଉ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ହୃଦୟର ଭାବ ଓ ଆବେଗକୁ ନେଇ ସତ୍ୟର ସନ୍ଧାନ କରନ୍ତି । ଏହା ହେଉଛି ଭକ୍ତିର ମାର୍ଗ । ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ସକ୍ରିୟ ଇଚ୍ଛା ଓ ବ୍ୟାବହାରିକ ମନ ନେଇ ସତ୍ୟକୁ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରନ୍ତି । ଏହା ହେଉଛି କର୍ମର ମାର୍ଗ । ଏହିପରି ଭାବରେ ଭକ୍ତିମୂଳକ ଓ କର୍ମମୂଳକ ଧର୍ମସବୁ ଉତ୍ପନ୍ନ ହୁଏ ଯେଉଁଥିରେ ମନୁଷ୍ୟମାନେ ସେମାନଙ୍କ ସକ୍ରିୟ ଓ ବିକଶିତ ବୃତ୍ତିସବୁକୁ ଚରିତାର୍ଥ କରନ୍ତି ଏବଂ ସେଗୁଡ଼ିକୁ ଭଗବାନଙ୍କ ଆଡ଼କୁ ନେଇ ଯାଆନ୍ତି । ଏହି ମାର୍ଗ ଦ୍ୱୟରୁ ଆରମ୍ଭ କଲେ ଜ୍ଞାନ ମଧ୍ୟ ଫଳପ୍ରଦ ହୋଇଥାଏ । ଏପରିକି ବୌଦ୍ଧଧର୍ମ ଯାହା ନିବୃତ୍ତି

ମୂଳକ ଓ ନେତି ମୂଳକ ଦୃଷ୍ଟିକୋଣ ନେଇ ଆଭ୍ୟନ୍ତରୀଣ ଆତ୍ମା ଓ ବାହ୍ୟ ବସ୍ତୁଗୁଡ଼ିକୁ ବର୍ଜନ କରିଥିଲା ତାହା ମଧ୍ୟ କର୍ମର ଦିବ୍ୟ ସାଧନା ଓ ସାର୍ବଜନୀନ ପ୍ରେମ ଓ କରୁଣାର ଆଧ୍ୟାତ୍ମିକ ଆବେଗ-ପ୍ରବଣତାକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲା । ମାୟାବାଦ ଯାହା ଜଗତକୁ ଭ୍ରମ ବୋଲି କହି କର୍ମ ଓ ମାନସିକ ସୃଷ୍ଟିସବୁକୁ ବାଦ୍ ଦେଇଥିଲା ତାକୁ ମଧ୍ୟ ଜଗତର ବ୍ୟାବହାରିକ ବାସ୍ତବତାକୁ ସ୍ୱୀକାର କରିବାକୁ ପଡ଼ିଛି ।

ଭକ୍ତି ମାର୍ଗ ଓ କର୍ମ ମାର୍ଗର ଦୁର୍ବଳତା ହେଉଛି ଏହାର ସାଧକମାନେ ଭଗବାନଙ୍କର କୌଣସି ବିଶେଷ ବ୍ୟକ୍ତି ରୂପ ଓ ସସୀମ ଦିବ୍ୟଭାବ ସବୁରେ ଅତିମାତ୍ରାରେ ନିଜକୁ ବୁଡ଼ାଇ ରଖନ୍ତି । ସେମାନେ ଯଦିଓ ଅନନ୍ତ ଭଗବତ୍ ସତ୍ତା ସମ୍ପର୍କରେ ଜାଣିବାକୁ ଚାହାନ୍ତି ମାତ୍ର ସେହି ଜ୍ଞାନର ଚୂଡ଼ାନ୍ତ ପର୍ଯ୍ୟାୟ ପର୍ଯ୍ୟନ୍ତ ଯିବା ପାଇଁ ସେମାନଙ୍କର ଅଭୀପ୍ସା ନ ଥାଏ । ଅନ୍ୟ ପକ୍ଷରେ ଧ୍ୟାନ ଓ ନିବୃତ୍ତିମୂଳକ ଆଧ୍ୟାତ୍ମିକତାକୁ ଅବଲମ୍ବନ କରି ଜ୍ଞାନ ମାର୍ଗରେ ଚାଲୁଥିବା ବ୍ୟକ୍ତିଗଣଙ୍କର ଦୁର୍ବଳତା ହେଉଛି ସେମାନେ ଅତ୍ୟନ୍ତ ବ୍ୟତିରେକୀ ତାତ୍ତ୍ୱିକତା (abstractive knowledge) ଭିତରେ ବୁଡ଼ି ରହି ମାନବାତ୍ମାକୁ ହିଁ ଏକ ଅବାସ୍ତବ ମିଥ୍ୟା କଳ୍ପନା ବୋଲି ଧାରଣା କରି ବସନ୍ତି । ସେମାନେ ବୁଝିପାରନ୍ତି ନାହିଁ ଯେ ଆତ୍ମା ଓ ତାହାର ଅଭୀପ୍ସା ବିନା ମୁକ୍ତି ବା ମିଳନର କୌଣସି ଅର୍ଥ ନାହିଁ । ସମର୍ଥ ଇଚ୍ଛାଶକ୍ତି, ପ୍ରେମର ତୀବ୍ର ଆବେଗ, ସଚେତ ମନର ବ୍ୟାବହାରିକ ଜ୍ଞାନ ଓ ସର୍ବତୋମୁଖୀ ବୋଧ୍ (all-embracing intuition) – ଏସବୁ ମଧ୍ୟ ଭଗବାନଙ୍କଠାରୁ ଆସିଛି ବୋଲି ସେମାନେ ଜାଣି ପାରନ୍ତି ନାହିଁ । ପ୍ରକୃତରେ ସେଗୁଡ଼ିକ ଭଗବାନଙ୍କ ମୂଳ ଶକ୍ତିର ପ୍ରତିନିଧିତ୍ୱ କରୁଥିବାରୁ ନିଶ୍ଚିତ ଭାବେ ଆତ୍ମପୂର୍ଣ୍ଣତା ଲାଭ କରିବେ ଏବଂ ସେଥିରେ ହିଁ ସେଗୁଡ଼ିକର ସାର୍ଥକତା ନିହିତ ।

ଭକ୍ତି ମାର୍ଗରେ ଭକ୍ତ କେବଳ ଭଗବାନଙ୍କ ଭିତରେ ଏପରି ନିମଜ୍ଜିତ ହୋଇଯାଏ ଯେ ତଦ୍ୱାରା ଏକ ପ୍ରକାର ଦ୍ୱୈତତା (duality) ସୃଷ୍ଟି ହୁଏ । ଅର୍ଥାତ୍ ଭକ୍ତ ଓ ଭଗବାନଙ୍କ ଭିତରେ, ଉପାସକ ଓ ଉପାସ୍ୟଙ୍କ ଭିତରେ ଏକ ଭିନ୍ନତା ଓ ପୃଥକତ୍ୱ ଭାବ ଅନୁଭବ କରାଯାଏ । କିନ୍ତୁ ଅଭିନ୍ନବୋଧ ଦ୍ୱାରା ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ରହିବା (union in identity), ଏହା ଏକ ସ୍ୱତନ୍ତ୍ର ଉପଲବ୍ଧି । ଏଥିରେ ବ୍ୟକ୍ତିର ବ୍ୟକ୍ତିତ୍ୱ ଅପସୃତ ହୋଇଯାଏ । ତେବେ ଭଗବତ୍ ଉପଲବ୍ଧିରେ ପୂର୍ଣ୍ଣତା ଆଣିବାକୁ ହେଲେ ଉପରୋକ୍ତ ଉଭୟ ପ୍ରକାର ଅନୁଭବ ବା ଉପଲବ୍ଧି ଆବଶ୍ୟକ । ଯେଉଁ ସାଧନାମାର୍ଗରେ ପରମସତ୍ତାର ଶାନ୍ତି ଭିତରେ ଲୀନ ହୋଇଯିବାର ଲକ୍ଷ୍ୟ ରହିଥାଏ ସେଥିରେ ସାଂସାରିକ ଜୀବନକୁ ଯଥାର୍ଥ ମୂଲ୍ୟ ଓ ଗୁରୁତ୍ୱ ଦିଆଯାଏ ନାହିଁ । କିନ୍ତୁ ଭକ୍ତି ଓ କର୍ମର ସାଧନା ମାର୍ଗରେ ବ୍ୟକ୍ତି ପ୍ରେମ ଓ ଇଚ୍ଛାଶକ୍ତି ମାଧ୍ୟମରେ ଭଗବାନଙ୍କ ସହିତ ଏକ ବାସ୍ତବ ସଂଯୋଗ ସ୍ଥାପନ କରିପାରେ । ଏଥିରେ ବ୍ୟକ୍ତିର ଗୁରୁତ୍ୱ ହ୍ରାସ ପାଏ ନାହିଁ, ପାର୍ଥିବ ଜୀବନ ସହିତ ମଧ୍ୟ ସମ୍ପର୍କ ଛିନ୍ନ ହୁଏ ନାହିଁ ।

ଅଦ୍ୱୈତ ତତ୍ତ୍ୱର ସାଧନାରେ ବ୍ୟକ୍ତିର ଗୁରୁତ୍ୱ ନ ଥାଏ କାରଣ ବ୍ୟକ୍ତି ନିଜର ପୃଥକ୍ ଅସ୍ତିତ୍ୱକୁ ଆଦୌ ଅନୁଭବ କରି ନ ଥାଏ । କିନ୍ତୁ ଭକ୍ତି ଓ କର୍ମ ଭଳି ଅନ୍ୟାନ୍ୟ ମାର୍ଗରେ ବ୍ୟକ୍ତି ନିଜର ପୃଥକ୍ ଅସ୍ତିତ୍ୱ ବିଷୟରେ ସଚେତନ ଥାଏ । ସେ ଅନୁଭବ କରେ ଯେ ସେ ଭଗବାନଙ୍କର ଏକ ଅବିଚ୍ଛେଦ୍ୟ ଅଂଶ (ମମୈବାଂଶଃ) ।

ଗୀତାର ସମନ୍ୱୟକାରୀ ଭାବନା ମାନବାତ୍ମାର ସମଗ୍ର ପ୍ରକୃତିକୁ ସ୍ୱୀକାର କରେ । ମନୁଷ୍ୟ ତା' ଆତ୍ମାର ସହଜାତ ସ୍ୱଭାବ ଯୋଗୁଁ ଊର୍ଦ୍ଧ୍ୱତମ ଆନନ୍ଦ, ଶକ୍ତି, ଶାନ୍ତି, ଅମୃତତ୍ୱ ଓ ପୂର୍ଣ୍ଣତାର ସନ୍ଧାନ କରିଥାଏ । ସେହି ସନ୍ଧାନରେ ତାହାର ଯେଉଁ ବହୁମୁଖୀ ପ୍ରୟୋଜନ ରହିଛି ତାହାକୁ ଗୀତା ଏକ ବ୍ୟାପକ ଓ ବିଜ୍ଞ ଐକ୍ୟ ସାଧନ ଦ୍ୱାରା ସାର୍ଥକତା ପ୍ରଦାନ କରେ । ଶ୍ରୀଅରବିନ୍ଦଙ୍କ ମତରେ ଗୀତାରେ ରହିଛି ଭଗବାନ୍, ମାନବ ଓ ବିଶ୍ୱଜଗତ୍ ସମ୍ପର୍କରେ ବ୍ୟାପକ ଆଧ୍ୟାତ୍ମିକ ଦୃଷ୍ଟି ଲାଭ ପାଇଁ ଏକ ସମର୍ଥ ଓ ବିଶାଳ ପ୍ରୟାସ । ଉପନିଷଦ୍‌ରେ ଆତ୍ମା, ମାନବ ଓ ବିଶ୍ୱଜଗତ୍ ସମ୍ବନ୍ଧରେ ଯେଉଁ ପ୍ରଶସ୍ତତମ ଓ ଗଭୀରତମ ସମନ୍ୱୟର ଦୃଷ୍ଟି ରହିଛି ତାହାକୁ ଗୀତା ସରଳ ଓ ବୋଧଗମ୍ୟ କରି ପ୍ରକାଶ କରିଛି ।

ଅନିର୍ଦ୍ଦେଶ୍ୟ ପରମର ସନ୍ଧାନରେ ଯିବା ପାଇଁ ନେତିମୂଳକ ନିଷ୍କ୍ରିୟତା, ନୀରବ ନିଶ୍ଚଳତା, ଜୀବନ ଓ କର୍ମର ସନ୍ନ୍ୟାସ ଭଳି ଯେଉଁ ପନ୍ଥାଗୁଡ଼ିକ ରହିଛି ଗୀତା ସେଗୁଡ଼ିକୁ ଅନୁମୋଦନ କରିଛି, କିନ୍ତୁ ସେଗୁଡ଼ିକୁ ମୁଖ୍ୟ ଗୁରୁତ୍ୱ ଦେଇ ନାହିଁ । ବ୍ୟାବହାରିକ ସତ୍ୟ ଓ ସମ୍ବନ୍ଧସବୁର ସତ୍ୟ ଉପରେ ଗୀତା ଜୋର୍ ଦେଇଛି ଯାହାକି ପରମାର୍ଥ ବା ଉଚ୍ଚତମ ଆଧ୍ୟାତ୍ମିକ ସତ୍ୟର ସମ୍ପୂର୍ଣ୍ଣ ବିପରୀତ ନୁହେଁ । ଭଗବାନ୍ ସହସ୍ର ସମ୍ବନ୍ଧ ଭିତର ଦେଇ ମାନବସତ୍ତା ସହିତ ନିଗୂଢ଼ ଭାବେ ସମ୍ବନ୍ଧିତ ହୋଇ ରହିଛନ୍ତି । ତେଣୁ ମନୁଷ୍ୟ ତା'ର ପ୍ରକୃତିର ଓ ବିଶ୍ୱ ପ୍ରକୃତିର ସମସ୍ତ ମୂଳଭାବ ନେଇ (ସର୍ବଭାବେନ) ସେହି ସମ୍ବନ୍ଧ ବା ସଂଯୋଗକୁ ଅନୁଭବ କରି ପାରିବ । ଏହି ଅନୁଭବ ଆତ୍ମା, ହୃଦୟ, ଇଚ୍ଛାଶକ୍ତି, ବୁଦ୍ଧି ଓ

ଆତ୍ମଚେତନା ନିକଟରେ ପ୍ରତ୍ୟକ୍ଷ ଓ ବାସ୍ତବ ହୋଇ ପାରିବ । ତେଣୁ ଏହି ଅନ୍ୟ ମାର୍ଗଟି ମନୁଷ୍ୟ ପାଇଁ ସ୍ୱାଭାବିକ ଓ ସହଜ ଅଟେ (ସୁଖମ୍ ଆପ୍ତୁମ୍) । ଅଦମ୍ୟ ସଂକଳ୍ପ ଏବଂ ତୀବ୍ର ନିରବଚ୍ଛିନ୍ନ ଆସ୍ପୃହା ଥିଲେ ଭଗବାନଙ୍କୁ ଲାଭ କରିବା କଠିନ ନୁହେଁ । ଗୀତା ପୂର୍ଣ୍ଣତର ସତ୍ୟର ଉପଲବ୍ଧି ଦିଗରେ ଆମକୁ ଧୀରେ ଧୀରେ ପ୍ରସ୍ତୁତ କରେ । ଅକ୍ଷର ଆତ୍ମାର ଉପଲବ୍ଧି ବିଷୟ ଆଲୋଚନା ବେଳେ ଆମେ ବୁଝିପାରିବା ଯେ ଗୀତା ପ୍ରତ୍ୟେକ ପ୍ରକାର ଉପଲବ୍ଧିର ଗଭୀରତର ଅର୍ଥ ପ୍ରକାଶ କରିଛି । ଆମକୁ କୁହାଯାଇଛି ଯେ ଅକ୍ଷର ଆତ୍ମା ପ୍ରକୃତିର କର୍ମରେ ସକ୍ରିୟ ହସ୍ତକ୍ଷେପ ନ କରି ସାକ୍ଷୀ ହୋଇ ରହିଥାଏ । ମାତ୍ର ଏହା ବି ଆମେ ଜାଣିପାରୁ ଯେ ଅକ୍ଷର ଆତ୍ମା ସମ୍ପୂର୍ଣ୍ଣ ରୂପେ ସମସ୍ତ ସମ୍ପର୍କରୁ ନିଜକୁ ବର୍ଜିତ କରି ରଖେ ନାହିଁ । ଏହା ନୀରବ ଓ ନୈର୍ବ୍ୟକ୍ତିକ ଭାବେ ବିଭିନ୍ନ କ୍ରିୟାକୁ ଅନୁମତି ଦେଇଥାଏ, ଉଦାସୀନ ହୋଇ ରହି ମଧ୍ୟ ଏହା ଉପଭୋଗର ଆସ୍ୱାଦନ ଲାଭ କରିଥାଏ । ନିଷ୍କ୍ରିୟ, ନୀରବ ଆତ୍ମା ଭଗବାନଙ୍କର ସମଗ୍ର ସତ୍ୟ ନୁହେଁ, ଏହା ତାଙ୍କର କେବଳ ଗୋଟିଏ ଦିଗ ।

ଅପରିବର୍ତ୍ତନୀୟ ଆତ୍ମା ରୂପେ ଭଗବାନ୍ ଜଗତରେ ସର୍ବବ୍ୟାପ୍ତ ହୋଇ ଏହାର ସକଳ ପରିବର୍ତ୍ତନକୁ ଧାରଣ କରି ରହିଥା'ନ୍ତି । ସେ ପୁଣି ପ୍ରତ୍ୟେକ ମନୁଷ୍ୟ ଭିତରେ ନିବାସ କରୁଛନ୍ତି, ସର୍ବଭୂତର ହୃଦୟରେ ଅଧିଷ୍ଠିତ ଈଶ୍ୱର ହେଉଛନ୍ତି ସେ । ମନୁଷ୍ୟର ସମସ୍ତ ଆନ୍ତର ବିକାଶ, ସମସ୍ତ ଅନ୍ତର୍ମୁଖୀ ଓ ବହିର୍ମୁଖୀ ବାସ୍ତବ କର୍ମ ଧାରାରେ ସେ ହେଉଛନ୍ତି କାରଣ, ନିୟାମକ ଓ ପ୍ରଭୁ । ସେହି ଏକ ପରମେଶ୍ୱର ହିଁ ଯୋଗୀମାନଙ୍କ ପାଖରେ ଈଶ୍ୱର ରୂପେ ଏବଂ ଜ୍ଞାନମାର୍ଗୀମାନଙ୍କ ପାଖରେ ବ୍ରହ୍ମ ରୂପେ ଅନୁଭୂତ ହୁଅନ୍ତି ।

ଭଗବାନଙ୍କର ଅସଂଖ୍ୟ ନାମ ଓ ରୂପ ରହିଛି । ସେ ସମସ୍ତ ଧର୍ମର ବିଶ୍ୱଜନୀନ ଈଶ୍ୱର । ଜଗତରେ ଦିବ୍ୟ ପ୍ରକୃତିର ଯେଉଁ କ୍ରିୟା ଚାଲିଛି ତାହା ଏକ ଭ୍ରାନ୍ତି ବା ମାୟା ନୁହେଁ । ମାୟା ବୋଲି ଯଦି କିଛି ଅଛି ତାହା ହେଉଛି ଆମ ନିମ୍ନ ପ୍ରକୃତିର ଅଜ୍ଞତା । ଜଗତ୍ ହେଉଛି ଭଗବାନଙ୍କର ଆତ୍ମ ବିସ୍ତାର । ସମସ୍ତ ପ୍ରାଣୀ ଓ ସମସ୍ତ ବସ୍ତୁ ଭଗବାନଙ୍କର ହିଁ ଏକ ଏକ ରୂପ । ସମସ୍ତ ଜୀବନ ସେହି ଏକ ଈଶ୍ୱରଙ୍କ ଶକ୍ତିର ଲୀଳା । ସମଗ୍ର ପ୍ରକୃତି ହେଉଛି ଅନନ୍ତ ଭଗବତ୍ ସତ୍ତାଙ୍କର ଏକ ପ୍ରକାଶ ।

ଭଗବାନ୍ ସୃଷ୍ଟି ମଧ୍ୟରେ ଏକ ଅପରିବର୍ତ୍ତନୀୟ ଅବିନଶ୍ୱର ଆତ୍ମା ରୂପେ ରହିଛନ୍ତି । ସେହି ଆତ୍ମାକୁ ଉପଲବ୍ଧି କରିବାକୁ ହେବ । ଆମ ନିଜର ଆନ୍ତର ନୈର୍ବ୍ୟକ୍ତିକ ସତ୍ତାକୁ ତାଙ୍କ ସହିତ ସଂଯୁକ୍ତ କରିବାକୁ ହେବ । ଆମେ ଅପୂର୍ଣ୍ଣ ଓ ମରଣଶୀଳ ଜୀବନରୁ ହଟି ଆସି ମୂଳ ଅଧ୍ୟାତ୍ମ ପ୍ରକୃତି ଆଡ଼କୁ ଯାତ୍ରା କରିବା ଆବଶ୍ୟକ । ସମସ୍ତ ପ୍ରାଣୀଙ୍କ ସହ ଆମର ଯେଉଁ ଆଧ୍ୟାତ୍ମିକ ଐକ୍ୟ ରହିଛି ତାକୁ ଆବିଷ୍କାର ତଥା ଉପଲବ୍ଧି କରିବାକୁ ହେବ । ସମସ୍ତ ବସ୍ତୁ ଓ ସମସ୍ତ ପ୍ରାଣୀଙ୍କୁ ସ୍ୱୟଂ ନିଜେ ବୋଲି ଦେଖି ପାରିବା ହେଉଛି ସାଧନାର ଏକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି (''ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ'' (*୬/୩୨*) । ଏହି ସାଧନାର ସର୍ତ୍ତ ହେଉଛି ନିଜର ମନରେ ଭଗବାନଙ୍କୁ ହିଁ ସର୍ବଦା ଚିନ୍ତା କରିବା, ନିଜର ଇଚ୍ଛାକୁ ତାଙ୍କର ଇଚ୍ଛା ସହିତ ସଂଯୁକ୍ତ କରି ରଖିବା, ସକଳ କର୍ମରେ ତାଙ୍କର ପ୍ରେରଣା ଓ ଶକ୍ତିକୁ ଅନୁଭବ କରିବା ଏବଂ ତାଙ୍କରି ନିମିତ୍ତ ହିଁ କର୍ମ କରିବା । ଏହା ସର୍ବଦା ସ୍ମରଣୀୟ ଯେ ଭଗବାନ୍ ହିଁ ସବୁକିଛିର ଉତ୍ସ ଏବଂ ତାଙ୍କର ଦିବ୍ୟପ୍ରକୃତି ଦ୍ୱାରା ସମସ୍ତେ ଜୀବନ ବା ଅସ୍ତିତ୍ୱ ପ୍ରାପ୍ତ ହୋଇଛନ୍ତି (ଅଭୂତ୍ ସର୍ବଭୂତାନି) । ସୁତରାଂ ''ବାସୁଦେବଃ ସର୍ବମିତି'' – ଏହି ତତ୍ତ୍ୱଟିକୁ ବୁଝି ସକଳ ବସ୍ତୁ ଓ ପ୍ରାଣୀଙ୍କ ଭିତରେ ଭଗବାନଙ୍କୁ ଦର୍ଶନ କରି ଆମକୁ ତାଙ୍କର ପୂଜା ଓ ଆରାଧନା କରିବାକୁ ହେବ । କୁହାଯାଏ – ''କସ୍ମୈ ଦେବାୟ ହବିଷା ବିଧେମ'' – ''କେଉଁ ଦେବତାଙ୍କୁ ଆମେ ଆମର ସମଗ୍ର ଜୀବନ ଓ କର୍ମକୁ ଏକ ନୈବେଦ୍ୟ ରୂପେ ଅର୍ପଣ କରିବୁ ?'' ଏହାର ଉତ୍ତର ହେଲା ସେହି ସର୍ବମୟ ସର୍ବଭୂତାନ୍ତରାତ୍ମା ସର୍ବଶକ୍ତିମାନ୍ ଏକମେବ ଭଗବାନ୍ ହିଁ ଆମର ପରମ ଆରାଧ୍ୟ ଯାହାଙ୍କଠାରେ ଆମର ମନ, ପ୍ରାଣ, ଶରୀର ଓ ଆତ୍ମା ତଥା ସକଳ ଗତିବୃତ୍ତିକୁ ସମର୍ପଣ କରିବାକୁ ହେବ । ସେ ହିଁ ଆମର ସମଗ୍ର ସମର୍ପଣର ଈଶ୍ୱର, ଯଜ୍ଞେଶ୍ୱର । ଏକ ନିଶ୍ଚେଷ୍ଟ, ସମ୍ବନ୍ଧରହିତ ଏକତ୍ୱରେ ପ୍ରେମ, କର୍ମ, ଭକ୍ତି ତଥା ତଜ୍ଜନିତ ଆନନ୍ଦର କୌଣସି ସ୍ଥାନ ନାହିଁ । ଆମେ ଯଦି ଭଗବାନ୍ ଓ ବିଶ୍ୱଜଗତ୍ ସହିତ ଏକ ବିଶାଳତର ଓ ସମୃଦ୍ଧତର ଏକତ୍ୱ ଚାହୁଁ ତେବେ ଆମେ ସକଳ କର୍ମରେ, ସକଳ ସମ୍ବନ୍ଧରେ ସେହି ଏକ ହିଁ ଭଗବାନଙ୍କୁ ଅନୁଭବ କରିବାକୁ ହେବ । ସେଥିପାଇଁ ଭକ୍ତି ହିଁ ସର୍ବଶ୍ରେଷ୍ଠ ଉପାୟ ଯାହା ଏହି ସମୃଦ୍ଧତର ଏକତ୍ୱକୁ ସମ୍ଭବ କରି ପାରିବ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"...bhakti is the very soul and heart and summit of this richer, completer, more intimate union." (*Essays on the Gita*, P. 344)

ଅର୍ଥାତ୍, ''ଭକ୍ତି ହେଉଛି ଏହି ସମୃଦ୍ଧତର, ପୂର୍ଣ୍ଣତର ଓ ନିବିଡ଼ତର ମିଳନର ଆତ୍ମା, ହୃଦୟ ଓ ଶିଖର ।'' ଜଣେ ଭକ୍ତ ପକ୍ଷରେ ଭଗବାନ୍ ହିଁ ପିତା, ମାତା, ପ୍ରେମିକ, ସ୍ୱାମୀ ଓ ବନ୍ଧୁ । ତାଙ୍କରି ଭିତରେ ହିଁ ସମସ୍ତ ସମ୍ବନ୍ଧ ସାର୍ଥକତା ଓ ପରିପୂର୍ଣ୍ଣତା ଲାଭ କରେ । ସକଳ ଜୀବଙ୍କର ସେହିଁ ଏକମାତ୍ର ପରମ ଆଶ୍ରୟ ।

ଭଗବାନ୍ ହେଉଛନ୍ତି ପରମ ଦେବ ଓ ବିଶ୍ୱ ଦେବ । ଗୁହ୍ୟବିଦ୍ୟା ଅନୁସାରେ ସେ ହେଉଛନ୍ତି ଆତ୍ମା, ପୁରୁଷ, ବ୍ରହ୍ମ ଓ ଈଶ୍ୱର । ସୃଷ୍ଟିର ଅଗଣିତ ଜୀବ ମୂଳ ସ୍ୱରୂପରେ ତାଙ୍କ ସହିତ ଏକ । ଭଗବାନ୍ ମଧ୍ୟ ସମସ୍ତଙ୍କ ମଧ୍ୟରେ ଅନେକ ରୂପରେ ଓ ଅନେକ ଭାବରେ ଏକ । ଏହା ଭଗବାନଙ୍କ ଦିବ୍ୟ ଯୋଗର ପରିଣତି । ତାଙ୍କ ଯୋଗମାୟା ଶକ୍ତି ବଳରେ ଏହା ସମ୍ଭବ ହୋଇଛି । ସେହି ଦିବ୍ୟ ଯୋଗରେ ଅଂଶ ଗ୍ରହଣ ନିମିତ୍ତ ମନୁଷ୍ୟକୁ ଭଗବାନଙ୍କ ଆତ୍ମ ପ୍ରକଟନ ଓ ଅନନ୍ତ ଆତ୍ମ ବିସ୍ତାରର ତତ୍ତ୍ୱଟିକୁ ହୃଦୟଙ୍ଗମ କରିବାକୁ ହେବ ।

ଦିବ୍ୟଗୁରୁ ଓ ଦିବ୍ୟ ଅବତାର ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ଶିଷ୍ୟ ଅର୍ଜୁନଙ୍କ ମାଧ୍ୟମରେ ବିଶ୍ୱବାସୀଙ୍କ ସମକ୍ଷରେ ଏହି ପରମ ସତ୍ୟକୁ ଉନ୍ମୋଚିତ କରି ଦେଇଛନ୍ତି । ଏହା ହିଁ 'ପରମଂ ବଚଃ' ବା ପରମ ବାକ୍ୟ । ସେ ଅତ୍ୟନ୍ତ ଗୁରୁତ୍ୱ ସହକାରେ ଏହି କଥା ପ୍ରତି ଅର୍ଜୁନଙ୍କ ଦୃଷ୍ଟି ବାରଂବାର ଆକର୍ଷଣ କରିଛନ୍ତି । ସେ କହୁଛନ୍ତି – ''ଭୂୟ ଏବ ଶୃଣୁ ମେ ପରମଂ ବଚଃ'' ଅର୍ଥାତ୍, ''ପୁଣି ଥରେ ମୋର ପରମ ବଚନକୁ ଶୁଣ ।''

ଗୀତାର ପରମ ବାକ୍ୟ ଆମକୁ ଶାଶ୍ୱତଙ୍କ ସମଗ୍ର ସ୍ୱରୂପ ବିଷୟରେ ଅବଗତ କରାଏ । ଭଗବାନ୍ ହେଉଛନ୍ତି ସୃଷ୍ଟିର ସମସ୍ତ ବସ୍ତୁ ଓ ପ୍ରାଣୀଙ୍କର ପରମ ଦିବ୍ୟ ଉତ୍ସ, ତାଙ୍କଠାରୁ ସବୁକିଛି ଉତ୍ପନ୍ନ ହୋଇଛନ୍ତି ଏବଂ ସେ ସକଳଙ୍କ ମହାନ୍ ପ୍ରଭୁ ଓ ଅଧୀଶ୍ୱର । ସେ ଉଭୟ କାଳଗତ ଓ କାଳାତୀତ, ବିଶ୍ୱଗତ ଓ ବିଶ୍ୱାତୀତ । ସେ ହେଉଛନ୍ତି ଅଜ, ଶାଶ୍ୱତ ଓ ଅନାଦି । ତାଙ୍କ ପୂର୍ବରୁ ଏପରି କୌଣସି ବସ୍ତୁ ନ ଥିଲା ଯେଉଁଥିରୁ ତାଙ୍କର ଉତ୍ପତ୍ତି ହୋଇଛି ବୋଲି କୁହାଯିବ । ମହର୍ଷିଗଣ ଓ ଦେବଗଣ ମଧ୍ୟ ତାଙ୍କର କୌଣସି ଜନ୍ମ ବିଷୟରେ କିଛି ହେଲେ ଜାଣନ୍ତି ନାହିଁ । ମାନୁଷୀ ମନ ଦ୍ୱାରା ତାଙ୍କର ଧାରଣା କରାଯାଇ ପାରେନା, କାରଣ ସେ ଅଚିନ୍ତ୍ୟ ରୂପ । ଭଗବାନଙ୍କ ସ୍ୱରୂପ ଓ ସ୍ୱଭାବ ସମ୍ବନ୍ଧରେ ଯେଉଁ ଜ୍ଞାନ ଲାଭ ସମ୍ଭବ ତାହା ମାନସିକ ନୁହେଁ, ତାହା ଶୁଦ୍ଧ ଆଧ୍ୟାତ୍ମିକ ଜ୍ଞାନ । ସେହି ପ୍ରକୃତ ଜ୍ଞାନ ଯିଏ ଲାଭ କରେ ସେ ସମସ୍ତ ମୋହ, ପାପ, ଦୁଃଖ ଓ ମନ୍ଦରୁ ମୁକ୍ତ ହୋଇଯାଏ (ଯୋ ବେତ୍ତି ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ) । ସର୍ବେଶ୍ୱରବାଦ (Pantheism) – ବିଶ୍ୱର ସବୁକିଛି ହେଉଛନ୍ତି ଈଶ୍ୱର ଏଇ ତତ୍ତ୍ୱ), ବିଶ୍ୱରୂପ-ଏକେଶ୍ୱରବାଦ (ଭଗବାନ୍ ବିଶ୍ୱ ସହିତ ଏକ ବୋଲି ବିଶ୍ୱାସ କରିବା) ଏବଂ ବିଶ୍ୱାତୀତ ତତ୍ତ୍ୱ (ଭଗବାନ୍ କେବଳ ବିଶ୍ୱର ଅତୀତ ହୋଇ ରହିଛନ୍ତି ଏଇ ଧାରଣା) – ଏହି ପ୍ରତ୍ୟେକଟି ତତ୍ତ୍ୱ ସ୍ୱତନ୍ତ୍ର ରୂପେ ଭଗବାନଙ୍କ ବିଷୟରେ କଳ୍ପନା ଓ ଅନୁଭୂତିକୁ ସୀମାବଦ୍ଧ କରି ଦିଏ । ଗୀତା ପରମସତ୍ତାଙ୍କ ବିଷୟରେ ଏହି ସମସ୍ତ ତତ୍ତ୍ୱକୁ ସମନ୍ୱିତ କରି ପ୍ରକାଶ କରିଛି । ଏହି ମହାନ୍ ଶାସ୍ତ୍ର ଆମକୁ ଏପରି ଏକ ଅଧ୍ୟାତ୍ମ ଜ୍ଞାନ ଦିଏ ଯଦ୍ଦ୍ୱାରା ଆମେ ଦେଶ ଓ କାଳର ଅତୀତ ଶାଶ୍ୱତଙ୍କ ମଧ୍ୟରେ ମୁକ୍ତିଲାଭ କରିପାରିବା । ଈଶ୍ୱରଙ୍କ ସମ୍ବନ୍ଧରେ ରହିଥିବା ସମସ୍ତ ନିମ୍ନତର ଜ୍ଞାନ ବିଶ୍ୱାତୀତ ଭଗବାନଙ୍କର ଅନିର୍ବଚନୀୟ ସତ୍ୟ ଉପରେ ଆଶ୍ରିତ । ବିଶ୍ୱାତୀତ ଭଗବତ୍ ସତ୍ତା କେବଳ ଏକ ନେତି ନୁହଁନ୍ତି, ସେ ବିଶ୍ୱ ସହିତ ସମ୍ପର୍କ ଶୂନ୍ୟ ନୁହନ୍ତି, ବରଂ ସେ ବିଶ୍ୱ ସହିତ ଅଖଣ୍ଡ ଓ ଅବିଚ୍ଛେଦ୍ୟ ରୂପେ ସମ୍ବନ୍ଧିତ ।

ଭଗବାନ୍ ହେଉଛନ୍ତି ପରମ ଅସ୍ତିବାଚକ ସଦ୍‌ବସ୍ତୁ । ସେ ସମସ୍ତ ପୂର୍ଣ୍ଣତାର ପୂର୍ଣ୍ଣତା । ସମସ୍ତ ଦେବଗଣ ଓ ମହର୍ଷିଗଣ ତାଙ୍କ ମଧ୍ୟରୁ ସମ୍ଭୂତ ହୋଇଛନ୍ତି । ଦେବତାମାନେ ସେହି ପରମ ଆଦି ଦେବଙ୍କର ହିଁ ବିଭିନ୍ନ ରୂପ, ଯେଉଁମାନେ ତାଙ୍କଠାରୁ ଉତ୍ପନ୍ନ ହୋଇ ଜଗତର ବହୁମୁଖୀ କ୍ରିୟାଧାରା ମଧ୍ୟରେ ଲୀଳାରତ । ମହର୍ଷିଗଣ ଓ ମନୁଗଣ ହେଉଛନ୍ତି ପରମାତ୍ମାଙ୍କର ନିତ୍ୟ ମାନସ ସତ୍ତା । ସେହି ପରମସତ୍ତା ହେଉଛନ୍ତି ପ୍ରତ୍ୟେକ ବସ୍ତୁ ଓ ପ୍ରାଣୀର ମୂଳ ଆଧ୍ୟାତ୍ମିକ ହେତୁ (ଅହମ୍ ଆଦିଃ ସର୍ବଶଃ) । ବିଶ୍ୱର କୌଣସି ବସ୍ତୁ ବା କ୍ରିୟାର ମୂଳ କାରଣ ବିଶ୍ୱ ଭିତରେ ପ୍ରାପ୍ତ ହୋଇପାରେ ନାହିଁ, କାରଣ ସବୁକିଛି ସେଇ ବିଶ୍ୱାତୀତ ସତ୍ତା ଭିତରୁ ହିଁ ଉଦ୍ଭୂତ ହୋଇଛି ।

ସେହି ଦିବ୍ୟ ପରମସତ୍ତାଙ୍କ ବିଷୟରେ ଏକ ଚମତ୍କାର ବର୍ଣ୍ଣନା ଦେଇ ଶ୍ରୀଅରବିନ୍ଦ କହନ୍ତି –

"Spirit of all spirits, Soul of all souls, Mind of all mind, Life of all life, Substance of all form, this transcendent Absolute is no complete opposite of all we are, but on the contrary the originating and illuminating

Absolute of all the principles and powers of our and the world's being and nature."

(Essays on the Gita, P. 347)

ଅର୍ଥାତ୍, ''ସମସ୍ତ ଅଧ୍ୟାତ୍ମସତ୍ତାର ଅଧ୍ୟାତ୍ମସତ୍ତା, ସମସ୍ତ ଆତ୍ମାର ଆତ୍ମା, ସମସ୍ତ ମନର ମନ, ସମସ୍ତ ଜୀବନର ଜୀବନ, ସମସ୍ତ ରୂପର ସାର ଉପାଦାନ, ଏହି ବିଶ୍ୱାତୀତ ପରମ ପୁରୁଷ, ଆମେ ଯାହାକିଛି ସେ ତାହାର ସମ୍ପୂର୍ଣ୍ଣ ବିପରୀତ ନୁହନ୍ତି, ବରଂ ଅନ୍ୟ ପକ୍ଷରେ ସେ ହେଉଛନ୍ତି ଆମର ଓ ଜଗତର ସତ୍ତା ଓ ପ୍ରକୃତିର ସମସ୍ତ ସୂତ୍ର ଓ ସମସ୍ତ ଶକ୍ତିର ସୃଜନକାରୀ ଓ ଉଦ୍ଭାସକ ପରମସତ୍ୟ ।'' (ଗୀତା ନିବନ୍ଧମାଳା, ପୃ. ୪୨୮)

ପରମ ସତ୍ତା (Being) ତାଙ୍କର ସମ୍ଭୂତି (Becoming) ଦ୍ୱାରା ସୀମାବଦ୍ଧ ନୁହନ୍ତି । ଅସୁମାରୀ ସମ୍ବନ୍ଧର ଏହି ଯେଉଁ ବିଶ୍ୱଜଗତ୍ ତା' ଦ୍ୱାରା ସେ କୌଣସି ଭାବରେ ବି ଆବଦ୍ଧ ନୁହନ୍ତି । ଜଗତର ସବୁକିଛି ଆସିଛି ଭଗବାନଙ୍କଠାରୁ । ଶ୍ରୀକୃଷ୍ଣ କହୁଛନ୍ତି – ''ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତ୍ତତେ'' ଅର୍ଥାତ୍, ''ମୁଁ ହେଉଛି ସମସ୍ତର ଉତ୍ପତ୍ତିସ୍ଥଳ, ମୋ ଭିତରୁ ହିଁ ବାହାରି ସମସ୍ତେ କର୍ମ ଓ ଗତିର ବିକାଶରେ ପ୍ରବୃତ୍ତ ହେଉଛନ୍ତି ।'' ଗୀତା ସ୍ପଷ୍ଟ କରି ଦେଇଛି ଯେ ପରମ ସତ୍ତା (Being) ଓ ସମ୍ଭୂତି (Becoming) ଭିତରେ କୌଣସି ବିରୋଧିତା ନାହିଁ । ଗୀତା ଭିତରେ ଆମେ ଆବିଷ୍କାର କରୁ ସକଳ ଅସ୍ତିତ୍ୱର ସମନ୍ୱୟ ସାଧକ ଗୋପନ ସତ୍ୟ । ଜ୍ଞାନ, ପ୍ରେମ ଓ ଭକ୍ତି ଏବଂ କର୍ମ ଭିତରେ ସମନ୍ୱୟ ସାଧନ କରିବାକୁ ଯାଇ ଗୀତା ଆମକୁ ଭଗବାନ୍, ମନୁଷ୍ୟ ଓ ବିଶ୍ୱ ସମ୍ବନ୍ଧରେ ଏକ ସର୍ବସମାବେଶୀ ଆଧ୍ୟାତ୍ମିକ ଅବବୋଧ ପ୍ରଦାନ କରିଛି । ମନୁଷ୍ୟ ବିଶ୍ୱର ଏକ ଅଭିନ୍ନ ଅଂଶ ରୂପେ ବିଶ୍ୱରେ ବାସ କରୁଛି ଏବଂ ଭଗବାନ୍ ଉଭୟ ମନୁଷ୍ୟ ଓ ବିଶ୍ୱର ପ୍ରଭୁ, ନିୟାମକ ଓ ପରିଚାଳକ ରୂପେ ରହିଛନ୍ତି । ମନୁଷ୍ୟ ମଧ୍ୟ ଭଗବାନଙ୍କର ଏକ ଅବିଚ୍ଛେଦ୍ୟ ଅଂଶ (ମମୈବାଂଶଃ) । ସୁତରାଂ ଗୀତା ଏଇ ତିନୋଟି ତତ୍ତ୍ୱ (ମନୁଷ୍ୟ, ବିଶ୍ୱ ଓ ଭଗବାନ୍) ମଧ୍ୟରୁ ପ୍ରତ୍ୟେକଟି ଉପରେ ସମାନ ଗୁରୁତ୍ୱ ଓ ମହତ୍ତ୍ୱ ପ୍ରଦାନ କରିଛି ।

ଗୀତାର ପରମ ବାକ୍ୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ଆମ ଦୃଷ୍ଟିକୁ ଆସେ । ଜ୍ଞାନ ଓ ଭକ୍ତିର ଏକୀଭୂତ ସମନ୍ୱୟକୁ ଶ୍ରେଷ୍ଠତମ ଯୋଗ ରୂପେ ଗୀତାରେ ଘୋଷଣା କରାଯାଇଛି । ଭଗବାନଙ୍କ ସହିତ ମିଳିତ ହେବା ନିମନ୍ତେ ଏହା ମନୁଷ୍ୟ ପାଇଁ ସବୁଠାରୁ ସ୍ୱାଭାବିକ ପନ୍ଥା । ମନୁଷ୍ୟ ଭଗବାନଙ୍କ ପ୍ରତି ଯେଉଁ ପ୍ରେମ ଓ ଭକ୍ତି ପୋଷଣ କରିବ ତାହା ଜ୍ଞାନ ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ, ତାହା ଜ୍ଞାନ ଆଡ଼କୁ ହିଁ ପରିଚାଳିତ କରି ନେବା ଉଚିତ । ପୁନଶ୍ଚ ସେହି ଭକ୍ତି ଭଗବତ୍ ନିର୍ଦ୍ଦିଷ୍ଟ କର୍ମର ଭିତ୍ତି ହୋଇ ରହିଥିବ । ଭକ୍ତି ହିଁ କର୍ମକୁ ପ୍ରେରିତ କରୁଥିବ । ଅର୍ଜୁନଙ୍କ ହୃଦୟ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ ପ୍ରୀତି ଅନୁଭବ କରିଥିବାରୁ ହିଁ ଭଗବାନ୍ ତାଙ୍କୁ ଏହି ପରମ ବାକ୍ୟ କହିଛନ୍ତି (ତେ ପ୍ରିୟମାଣାୟ ବକ୍ଷ୍ୟାମି) ଯାହା ତାଙ୍କର ଆତ୍ମାର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ସୁତରାଂ ଭଗବାନଙ୍କଠାରେ ହୃଦୟର ପ୍ରୀତି ହିଁ ଭକ୍ତିର ସାରନିର୍ଯ୍ୟାସ ।

ଗୀତାରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ପ୍ରକଟିତ ହୋଇଛି ତାହା ହେଲା – ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ଆମକୁ ଅନ୍ୟ ସମ୍ବନ୍ଧଗୁଡ଼ିକୁ ଅସ୍ୱୀକାର କରିବାକୁ ହେବ ନାହିଁ । ଜଗତରେ ଅନ୍ୟମାନଙ୍କ ସହିତ ଆମର ସମ୍ପର୍କକୁ ଶୁଦ୍ଧତର ଓ ସୂକ୍ଷ୍ମତର କରିବା ଦ୍ୱାରା ଆମେ ଭଗବାନଙ୍କ ସହିତ ଆମର ସମ୍ବନ୍ଧକୁ ଆହୁରି ନିବିଡ଼ତର ଓ ପୂର୍ଣ୍ଣତର କରି ପାରିବା ।

ପ୍ରକୃତି ତା'ର ମୂଳ ସ୍ୱରୂପରେ ଭଗବାନଙ୍କର ହିଁ ଆତ୍ମ ଶକ୍ତି ବା ଆଧ୍ୟାତ୍ମିକ ଶକ୍ତି । ଜଗତରେ ଯାହା କିଛି ରହିଛି ତାହା ଭଗବାନଙ୍କ ଆତ୍ମ ଶକ୍ତିର ହିଁ ବହିଃପ୍ରକାଶ । ସକଳ ଦୃଶ୍ୟମାନ ଜଗତ୍ ତଥା ଅଦୃଶ୍ୟମାନ ସୂକ୍ଷ୍ମ ଜଗତର ମୂଳ ଉତ୍ସ ଓ ମୂଳ କାରଣ ହେଉଛନ୍ତି ଭଗବାନ୍ । ସବୁକିଛି ଭାଗବତ ଶକ୍ତି ଓ ଚେତନାର ଆଧାରରେ ଏକତ୍ୱର ସୂକ୍ଷ୍ମ ସୂତ୍ରରେ ଆବଦ୍ଧ । ଭଗବାନ୍ ନୈର୍ବ୍ୟକ୍ତିକ ଆତ୍ମା ରୂପେ ସାକ୍ଷୀ ସ୍ୱରୂପରେ ରହିଥା'ନ୍ତି । ଏହି ନୈର୍ବ୍ୟକ୍ତିକ ଆତ୍ମା ମଧ୍ୟ ପ୍ରକୃତରେ ସମ୍ପର୍କରହିତ ନୁହନ୍ତି । ସେ ନୀରବ ଦ୍ରଷ୍ଟା ରୂପେ ପ୍ରକୃତିର ସକଳ କ୍ରିୟାର ସମର୍ଥନ ଓ ପୃଷ୍ଠପୋଷକତା କରୁଥା'ନ୍ତି ତଥା ନିର୍ଲିପ୍ତ ଭାବରେ ସବୁକିଛି ଉପଭୋଗ ମଧ୍ୟ କରୁଥା'ନ୍ତି । ଭଗବାନଙ୍କ ମଧ୍ୟରେ ଯେଉଁ ଅନନ୍ତ ସମ୍ଭାବନା ରହିଛି ତନ୍ମଧ୍ୟରୁ କେତୋଟି ସମ୍ଭାବନା ନିମ୍ନତର ଜଗତରେ ପରିବର୍ତ୍ତନଶୀଳ ବିକାଶକ୍ରମ ମଧ୍ୟ ଦେଇ ଅଭିବ୍ୟକ୍ତ ହୋଇଥାଏ । ଏହି ସସୀମ ଜଗତ୍ ଭଗବାନଙ୍କ ଉଚ୍ଚତର ପ୍ରକୃତିରୁ ବିଚ୍ଛିନ୍ନ ହୋଇ ନିମ୍ନ ସ୍ତରରେ ନାନା ବିକୃତି ଭିତରେ ଜଡ଼ିତ ହୋଇ ରହିଛି । ନିମ୍ନ ପ୍ରକୃତିର ଅଜ୍ଞାନ ଓ ମାୟା ଦ୍ୱାରା ବଶୀଭୂତ ହୋଇ ମନୁଷ୍ୟ ଭଗବାନଙ୍କ ପୂର୍ଣ୍ଣ ସ୍ୱରୂପକୁ ଜାଣିପାରେ ନାହିଁ । ସେ ଭାବେ ଯେ ଈଶ୍ୱର ଓ ବ୍ରହ୍ମ ହେଉଛନ୍ତି ପରସ୍ପରଠାରୁ ଭିନ୍ନ ତତ୍ତ୍ୱ । ମାୟାବାଦ ଅନୁସାରେ ଈଶ୍ୱର ହେଉଛନ୍ତି ମାୟା ଭିତରେ ବ୍ରହ୍ମଙ୍କର ଏକ ପ୍ରତିଫଳନ ମାତ୍ର, ଅର୍ଥାତ୍ ଈଶ୍ୱରଙ୍କର କୌଣସି

ବାସ୍ତବ ଅସ୍ତିତ୍ୱ ନାହିଁ । କିନ୍ତୁ ଏହା ସତ୍ୟ ନୁହେଁ । ପ୍ରକୃତରେ ଈଶ୍ୱର ଓ ବ୍ରହ୍ମ ହେଉଛନ୍ତି ଏକ ହିଁ ତତ୍ତ୍ୱ, କେବଳ ସ୍ଥିତି (Poise)ରେ ପାର୍ଥକ୍ୟ ରହିଛି ।

ଗୀତାରେ ଯେଉଁ ପୁରୁଷୋତ୍ତମଙ୍କ ବିଷୟରେ ଆଲୋଚନା କରାଯାଇଛି ସେ ଦୃଷ୍ଟିରୁ ସେ ବିଭିନ୍ନ ଧର୍ମ ଶାସ୍ତ୍ରରେ ବର୍ଣ୍ଣିତ କେବଳ ବ୍ୟକ୍ତିକ ଭଗବାନ୍ (personal god) ନୁହନ୍ତି । ବରଂ ସେ ହେଉଛନ୍ତି ପରମ ଦେବ, ଦେବମାନଙ୍କର ଦେବ (ଦେବାନାଂ ଦେବଃ) । ସେ ହେଉଛନ୍ତି ମହାନ୍ ଈଶ୍ୱର, ଲୋକ-ମହେଶ୍ୱର, ବିଶ୍ୱାତୀତ ପରମପୁରୁଷ । ସେ କେବଳ ଜଗତ୍ ମଧ୍ୟରେ ରହି ନୁହେଁ, ଜଗତର ଊର୍ଦ୍ଧ୍ୱରେ ରହି ସବୁକିଛିକୁ ଶାସନ ଓ ନିୟନ୍ତ୍ରଣ କରୁଛନ୍ତି । ଜଗତ୍ ସମୂହ କୌଣସି ଅନ୍ଧ ନିୟତିର ଯାନ୍ତ୍ରିକ ବିଧାନ ଦ୍ୱାରା ପରିଚାଳିତ ହେଉ ନାହିଁ । ପୁରୁଷୋତ୍ତମ ଜଗତରୁ ପୃଥକ୍ ହୋଇ ରହି ନାହାନ୍ତି, ସେ ଏକ ଉଦାସୀନ ସାକ୍ଷୀ ମାତ୍ର ନୁହନ୍ତି । ସେ ବିଶ୍ୱାତୀତ ପରମ ପଦରୁ ଜଗତକୁ ନିରୀକ୍ଷଣ କରୁଛନ୍ତି, ଜଗତର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି । ସେ ନିଜେ ଏହି ସୃଷ୍ଟିରେ ପରିଣତ ହୋଇଛନ୍ତି, ମାତ୍ର ସୃଷ୍ଟିକୁ ଅତିକ୍ରମ କରି ରହିଛନ୍ତି । ପରବ୍ରହ୍ମ ଓ ପରମେଶ୍ୱର ଦୁଇଟି ଭିନ୍ନ ତତ୍ତ୍ୱ ନୁହନ୍ତି, ଏକ ହିଁ ତତ୍ତ୍ୱ ।

ସମସ୍ତ ସୃଷ୍ଟି ହେଉଛି ଭଗବାନଙ୍କ ସମ୍ଭୂତି । ଭଗବାନ୍ ନିଜେ ହିଁ ସବୁକିଛି ହୋଇଛନ୍ତି (ଭୂତାନି) । ସୁଖ, ଦୁଃଖ, ଜନ୍ମ, ମୃତ୍ୟୁ, ଭୟ, ଅଭୟ, ଯଶ, ଅଯଶ, ବୁଦ୍ଧି, ଜ୍ଞାନ, ସତ୍ୟ, ଶାନ୍ତି ଇତ୍ୟାଦି ଭିନ୍ନ ଭିନ୍ନ ଭାବ ଓ ଅବସ୍ଥା ସବୁ ଭଗବାନଙ୍କ ମଧ୍ୟରୁ ହିଁ ଆସିଛନ୍ତି । ମାତ୍ର ଏସବୁଥିରେ ସେ ଜଡ଼ିତ ହୋଇ ପଡ଼ନ୍ତି ନାହିଁ । ଏସବୁ ଏକ ମହାନ୍ ଦିବ୍ୟ ସମ୍ଭୂତିର ଧାରାର ଅନ୍ତର୍ଗତ । ସମଗ୍ର ଜୀବନ ପରାପ୍ରକୃତିର ଖେଳା ମାତ୍ର । ପରାପ୍ରକୃତି ହେଉଛି ଭଗବାନଙ୍କ ପରମ ଶକ୍ତି ଯାହା ସବୁକିଛିକୁ ସୃଷ୍ଟି କରିଛି ।

ନିମ୍ନ ପ୍ରକୃତିର ସ୍ୱଭାବ ଓ ବୃତ୍ତିଚୟ ପରାପ୍ରକୃତିର ଦିବ୍ୟ ଗୁଣ ଧର୍ମକୁ ଗ୍ରହଣ କରି ଦିନେ ରୂପାନ୍ତରିତ ହେବ । ବିଶ୍ୱ-ଜଗତର ସମସ୍ତ ନାମ ରୂପ ଏକ ହିଁ ଅନନ୍ତଙ୍କର ବିବିଧ ଅଭିବ୍ୟକ୍ତି । ବହୁତ୍ୱ ଭିତରେ ଭଗବାନଙ୍କ ଏକତ୍ୱ କ୍ରିୟାଶୀଳ ହୋଇ ରହିଛି । ଭଗବାନ୍ ମନୁଷ୍ୟ ଭିତରେ ଜୀବାତ୍ମା ରୂପେ ରହିଛନ୍ତି । ସେ ବିଶ୍ୱ ଭିତରେ ମଧ୍ୟ ବିଶ୍ୱାତ୍ମା ରୂପେ ରହିଛନ୍ତି । ଜୀବାତ୍ମା ଓ ବିଶ୍ୱାତ୍ମା ମୂଳତଃ ଏକ ହିଁ ତତ୍ତ୍ୱ । ଦେଶ ଓ କାଳ ମଧ୍ୟରେ ଯାହାକିଛି ପରିବ୍ୟାପ୍ତ ଓ ଦୃଶ୍ୟମାନ ତାହା ଭଗବାନଙ୍କର ହିଁ ଆତ୍ମପ୍ରସାର । ପୁଣି ଦେଶ ଓ କାଳକୁ ଅତିକ୍ରମ କରି ଯେଉଁ ସୂକ୍ଷ୍ମ ଅଦୃଶ୍ୟ ଜଗତସବୁ ରହିଛି ତାହା ମଧ୍ୟ ଭଗବାନଙ୍କ ଅଧ୍ୟାତ୍ମ ଶକ୍ତିର ହିଁ ଆତ୍ମ-ବିସ୍ତାର । ଏକମେବ ଭଗବାନ୍ ବିଭିନ୍ନ ସ୍ଥିତିରେ ନିଜର ପୂର୍ଣ୍ଣ ସ୍ୱରୂପକୁ ଧାରଣ କରି ରହିଛନ୍ତି । ସେ ସ୍ରଷ୍ଟା ରୂପେ, ସାକ୍ଷୀ ରୂପେ ତଥା ପ୍ରଭୁ ବା ଈଶ୍ୱର ରୂପେ ସର୍ବତ୍ର ବିରାଜମାନ କରୁଛନ୍ତି ବା ପରିବ୍ୟାପ୍ତ ହୋଇ ରହିଛନ୍ତି ।

ଏ ସମସ୍ତ ଜ୍ଞାନକୁ ହୃଦୟଙ୍ଗମ କଲେ ବ୍ୟକ୍ତି ଆଧ୍ୟାତ୍ମିକ ମୁକ୍ତି ଦିଗରେ ଅଗ୍ରସର ହୁଏ । ତା'ର ହୃଦୟ ଭଗବାନଙ୍କ ପ୍ରତି ପ୍ରେମ ଓ ଭକ୍ତିରେ ପରିପୂର୍ଣ୍ଣ ହୋଇଉଠେ । ସେ ସର୍ବତ୍ର ଭଗବାନଙ୍କୁ ଦର୍ଶନ କରି କୃତାର୍ଥ ହୁଏ । ମହାନ୍ ଈଶ୍ୱରଙ୍କ ସହିତ ଏହି ମଧୁର ଅନ୍ତରଙ୍ଗ ମିଳନ ନିରନ୍ତର ଓ ଅବ୍ୟାହତ ହୋଇ ରହେ । ବ୍ୟକ୍ତିର ପ୍ରତ୍ୟେକ ମୁହୂର୍ତ୍ତ ଭଗବତ୍ ଚିନ୍ତନ ଓ ସ୍ମରଣରେ ଅତିବାହିତ ହୁଏ । ସମର୍ପଣ ଓ କୃତଜ୍ଞତାର ଆନନ୍ଦ ହିଁ ସମଗ୍ର ଜୀବନର ଏକମାତ୍ର ବାସ୍ତବତା ହୋଇଉଠେ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"The whole consciousness becomes full of the Godhead and replete with his answering consciousness; the whole life flows into one sea of bliss-experience."

(Essays on the Gita, P. 353)

ଅର୍ଥାତ୍, ''ସମଗ୍ର ଚେତନା ଭଗବତ୍‌ମୟ ହୋଇଉଠେ ଏବଂ ଭଗବାନଙ୍କର ପ୍ରତ୍ୟୁତ୍ତରମୟ ଚେତନାରେ ପୂର୍ଣ୍ଣ ହୋଇଉଠେ; ସମଗ୍ର ଜୀବନ ଆନନ୍ଦାନୁଭୂତିର ଏକ ସମୁଦ୍ର ଭିତରକୁ ପ୍ରବାହିତ ହୁଏ ।''

(ଗୀତା ନିବନ୍ଧମାଳା, ପୃଷ୍ଠା. ୪୩୫)

ଜଣେ ବ୍ୟକ୍ତି ନିଜର ସ୍ୱଭାବ, ଗୁଣ ଓ ସାମର୍ଥ୍ୟ ଅନୁସାରେ ଜ୍ଞାନ, କର୍ମ ଓ ଭକ୍ତି ଏଇ ତିନି ମାର୍ଗ ମଧ୍ୟରୁ ଯେକୌଣସି ଏକ ସାଧନା ମାର୍ଗ ଅବଲମ୍ବନ କରି ଭଗବାନଙ୍କ ସହିତ ମିଳିତ ହୋଇପାରିବ । ମାତ୍ର ସେ ସାଧନାର ଯେଉଁ ବିନ୍ଦୁରୁ ଯାତ୍ରା ଆରମ୍ଭ କଲେ ମଧ୍ୟ ଯଦି ତାହାର ଗ୍ରହଣଶୀଳତା ଓ ଉନ୍ମୁକ୍ତତା ଥିବ, ଯଦି ତାହାର ଏକ ସର୍ବସମାବେଶୀ ଦୃଷ୍ଟି ଓ ଲକ୍ଷ୍ୟ ରହିଥିବ ତାହା ହେଲେ ସେ ଏଇ ତିନିମାର୍ଗକୁ ଯଥାର୍ଥ ରୂପେ ସମନ୍ୱିତ କରିପାରିବ ଏବଂ ସମ୍ପୂର୍ଣ୍ଣ ସମର୍ପଣର ଶ୍ରେଷ୍ଠ ଉପାୟ ଅବଲମ୍ବନ କରି ପରମପ୍ରଭୁଙ୍କୁ ସକଳ ଭାବ ଓ ବିଭାବ ସହିତ ('ସର୍ବଭାବେନ' ଓ 'ତତ୍ତ୍ୱତଃ') ଉପଲବ୍ଧି କରି ପାରିବ ।

(କ୍ରମଶଃ) ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୬)

### 'ଗୋଲକୁଣ୍ଡ' ନିର୍ମାଣର ପ୍ରସ୍ତୁତି-ପର୍ବ :

ଏଣ୍ଟୋନିନ୍ ରେମଣ୍ଡଙ୍କର 'ଆତ୍ମ-ଜୀବନୀ'ରୁ :

''ମୁଁ ପଣ୍ଡିଚେରୀକୁ ଯିବାର କିଛି ମାସ ପୂର୍ବରୁ ସେତେବେଳେ ମୋ ଟୋକିଓ ଅଫିସରେ ଅଟ୍ଟାଳିକା ନିର୍ମାଣ ସକାଶେ ନକ୍ସା ଇତ୍ୟାଦି ପ୍ରସ୍ତୁତ କରିବା କାର୍ଯ୍ୟରେ ମୋର ସହକର୍ମୀ (Site Architect) ଜର୍ଜ ନାକାଶିମା*ଙ୍କୁ ସେଠାକୁ ଆଗତୁରା ପଠାଇଲି । ସେ ସେଠାରେ ପହଞ୍ଚି ଅଟ୍ଟାଳିକା ନିର୍ମାଣ ହେବାର ଅବସ୍ଥିତି ଅର୍ଥାତ୍ ସେହି ସ୍ଥାନ ଓ ତା'ର ପାରିପାର୍ଶ୍ୱିକ ସ୍ଥିତି ସମ୍ବନ୍ଧେ ସର୍ବେକ୍ଷଣ (ସର୍ଭେ) କରିବେ ଓ ଆମ ଅଫିସକୁ ତଥ୍ୟସବୁର ଲିଖିତ ବିବରଣ ପଠାଇବେ ଯଦ୍ଵାରା ଆମେ ଟୋକିଓ ଅଫିସରୁ ହିଁ ନୂତନ ଅଟ୍ଟାଳିକାଟିର ସମସ୍ତ ନକ୍ସା (ରେଖାଙ୍କିତ ଚିତ୍ର) ସମାପ୍ତ କରି ପାରିବୁ ।...''

ଜର୍ଜ ନାକାଶିମା ୧୯୩୫ର ପ୍ରାରମ୍ଭରେ 'ଗୋଲକୁଣ୍ଡ' ନିର୍ମାଣର ଜଣେ 'ସାଇଟ୍ ଆର୍କିଟେକ୍ଟ ଏବଂ ୱାର୍କସ୍ ସୁପରଭାଇଜର୍'ର ଭାର ଗ୍ରହଣ କରି ପଣ୍ଡିଚେରୀ ଆଶ୍ରମରେ ପହଞ୍ଚିଲେ ।

ଜର୍ଜ ନାକାଶିମା ତାଙ୍କ 'ଆତ୍ମ-ଚରିତ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି :

''ଏହା ଥିଲା ତିରିଶ ଦଶକର ମଧ୍ୟ ଭାଗ । ଟୋକିଓରେ ଥିବା ରେମଣ୍ଡ ତାଙ୍କ ଅଫିସରୁ ଭାରତର ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମରେ ଏକ ଉଚ୍ଚକୋଟୀର ଅଟ୍ଟାଳିକାର ନକ୍ସା ଓ ନିର୍ମାଣ-ପରିକଳ୍ପନାର ପୂରା ଦାୟିତ୍ୱ ବହନ କରି ଭାରତକୁ ଅଗ୍ରୀମ ପଠାଇବା ସକାଶେ ଜଣେ ସ୍ୱେଚ୍ଛା ସେବକ ଚାହୁଁଥିଲେ । ଅଫିସରୁ କେହି ଜଣେ ହେଲେ ଏଥିରେ ଆଗ୍ରହ ନ ଦେଖାଇବାରୁ ମୁଁ ସେଠାକୁ ଯିବି ବୋଲି ନିଜ ତରଫରୁ ପ୍ରସ୍ତାବ ଦେଲି, କାରଣ ଅନେକ ଦିନରୁ ଭାରତ ପ୍ରତି ମୋର ସର୍ବଦା ଅପ୍ରତିହତ ଭାବରେ ଏକ ଆକର୍ଷଣ ରହିଥିଲା । ଜାପାନୀ ପ୍ରଥାନୁଯାୟୀ ଅଫିସର ସହକର୍ମୀଗଣ ତଥା ବନ୍ଧୁବାନ୍ଧବ ସମସ୍ତେ ମୋତେ ଏହି ଯାତ୍ରାରେ ବିଦାୟ ଦେବା ସକାଶେ ଏକତ୍ର ହେଲେ ।... ଟୋକିଓରୁ ମୁଁ ଜାହାଜରେ ଯାତ୍ରାରମ୍ଭ କରି ସିଂହଳର କଲମ୍ବୋ ବନ୍ଦରରେ ପହଞ୍ଚିଲି, ସେଠାରୁ ଟ୍ରେନ୍‌ରେ ଭାରତର ପୂର୍ବ-ଉପକୂଳ ଦେଇ ତିରୁଚିନ୍ନାପଲ୍ଲୀ ହୋଇ ପଣ୍ଡିଚେରୀରେ ପହଞ୍ଚିଲି ।

---

* ଜର୍ଜ ନାକାଶିମା (୨୪ ମେ ୧୯୦୫ – ୧୫ ଜୁନ୍ ୧୯୯୦) ୱାଂଶିଟନ୍‌ର ସ୍ପୋକେନ୍‌ରେ ଜନ୍ମ ଗ୍ରହଣ କରିଥିଲେ । ଏହାଙ୍କର ଜନ୍ମ ପୂର୍ବରୁ ତାଙ୍କ ମାତାପିତା ନିଜ ଦେଶ ଜାପାନରୁ ଆସି ୱାଶିଂଟନରେ ବସବାସ କରୁଥିଲେ । ଛାତ୍ରାବସ୍ଥାରେ ନାକାଶିମା 'ବୟ୍ ସ୍କାଉଟ୍'ରେ ଯୋଗ ଦେଇ ପଦବ୍ରଜରେ ଦୂରବର୍ତ୍ତୀ ସ୍ଥାନକୁ ବୁଲିଯିବା ଏବଂ ବିଭିନ୍ନ ସ୍ଥାନରେ ତମ୍ବୁ ପକାଇ ରହିବା – ଏହିସବୁ ପର୍ଯ୍ୟଟନ ତାଙ୍କ ମଧ୍ୟରେ ପ୍ରକୃତି-ମା'ର ଶୋଭାସମ୍ଭାର ତଥା ବୃକ୍ଷରାଜି ପ୍ରତି ତୀବ୍ର ସୌହାର୍ଦ୍ଦ୍ୟ ଜନ୍ମାଇଥିଲା ଯାହାକି ସମଗ୍ର ଜୀବନ ବ୍ୟାପୀ ଅକ୍ଷୁଣ୍ଣ ରହିଥିଲା ।

ପଢ଼ାପଢ଼ି ଶେଷ କରି ସେ ନିଜ କାର୍‌କୁ ବିକ୍ରୀ କରି ସମଗ୍ର ପୃଥିବୀ (around-the-world) ପରିଭ୍ରମଣ ସକାଶେ ଏକ ଷ୍ଟିମ୍‌ସିପ୍ ଟିକେଟ ଖରିଦ କଲେ । ତଦ୍ଵାରା ସେ ଫ୍ରାନ୍ସ, ଉତ୍ତର ଆଫ୍ରିକା, ଆମେରିକା ଏବଂ ପରିଶେଷରେ ଜାପାନରେ ବେଶ୍ କିଛି ଦିନ ଅତିବାହିତ କରିଥିଲେ । ଏହି ଭ୍ରମଣ ତାଙ୍କୁ ସ୍ଥପତି ବିଦ୍ୟାରେ ନକ୍ସା ଅଙ୍କନ, ସେଥିରେ ବ୍ୟବହୃତ ବସ୍ତୁ ବା ଉପାଦାନସବୁର କଳା-କୌଶଳର ପ୍ରୟୋଗ ସମ୍ବନ୍ଧରେ ବିପୁଳ ଜ୍ଞାନ ପ୍ରଦାନ କରିଥିଲା । ଏହା ପରେ ସେ ଯୋଗ ସମ୍ବନ୍ଧେ ଅଧ୍ୟୟନ କରିବା ଦ୍ୱାରା ତାଙ୍କ ଜୀବନଯାପନର ଧାରାରେ ଏକ ସ୍ଥାୟୀ ପ୍ରଭାବ ପଡ଼ିଥିଲା । ୧୯୩୪ରେ ସେ ଜାପାନରେ ଥିବା ଏଣ୍ଟୋନିନ୍ ରେମଣ୍ଡଙ୍କର ସ୍ଥାପତ୍ୟ-ଶିଳ୍ପର ବ୍ୟବସାୟିକ ପ୍ରତିଷ୍ଠାନରେ ଯୋଗ ଦେଇଥିଲେ ।

– ସଂଗ୍ରାହକ

''ବଡ଼ି ଭୋରରୁ ମୁଁ ଆଶ୍ରମରେ ପହଞ୍ଚିବା ମାତ୍ରେ ମା ମୀରାଙ୍କ ସହିତ ଆଶ୍ରମର ଅନ୍ତେବାସୀଗଣ ମୋତେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଲେ । ଖୁବ୍ ଶୀଘ୍ର ମୁଁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆଶ୍ରମର ସରଳ, ପବିତ୍ର ଜୀବନଧାରାରେ ନିଜକୁ ଆନ୍ତରିକତାର ସହିତ ଉତ୍ସର୍ଗ କଲି । କହିବାକୁ ଗଲେ, ମୁଁ ଆଶ୍ରମରେ ପହଞ୍ଚିବା ମୁହୂର୍ତ୍ତରୁ ହିଁ ଆଶ୍ରମବାସୀଙ୍କ ସହ ଅତି ଆପଣାର ହୋଇ ଉଠିଲି । ସେମାନଙ୍କ ସହିତ ବସି ଆଶ୍ରମର ଭୋଜନାଳୟରେ ଆହାର କଲି, ଆନୁଷଙ୍ଗିକଭାବେ ନିତି ହେଉଥିବା କେତୋଟି ଅନୁଷ୍ଠାନରେ ଯଥା : ମା'ଙ୍କ ସହିତ ସାନ୍ଧ୍ୟ-ଧ୍ୟାନରେ ଯୋଗ ଦେଲି ଏବଂ ମୋ ସକାଶେ ବନ୍ଦୋବସ୍ତ କରାଯାଇଥିବା ବାସଭବନରେ (ଆଶ୍ରମର ଅନତି ଦୂରରେ, ଉତ୍ତର ଦିଶାରେ) ବସି ମୋର କର୍ତ୍ତବ୍ୟ-କର୍ମରେ, ଅର୍ଥାତ୍ 'ଗୋଲକୁଣ୍ଡ' ଅଟ୍ଟାଳିକାର ନକ୍ସା ଅଙ୍କନ ଏବଂ ନିର୍ମାଣର ପ୍ରାରମ୍ଭିକ ପୂର୍ବ-କର୍ମସବୁରେ ମନୋଯୋଗପୂର୍ବକ ଲାଗି ପଡ଼ିଲି ।

''ଇତି ମଧ୍ୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କର 'ଦର୍ଶନ ଦିବସ' ଉପସ୍ଥିତ ହେଲା ।... ଦର୍ଶନ ଦିବସମାନଙ୍କରେ ପ୍ରାୟତଃ ପାଗ ତଥା ବାୟୁମଣ୍ଡଳର ଅବସ୍ଥା ସର୍ବଦା ଉତ୍ତମ ରହୁଥିଲା । ସେହିସବୁ ଦିନରେ ପ୍ରାତଃକାଳରୁ ଦର୍ଶନ ନିମନ୍ତେ ଆମେ ସମସ୍ତେ ଅତ୍ୟନ୍ତ ବ୍ୟଗ୍ର ଭାବରେ ଅପେକ୍ଷା କରି ରହିଥାଉ । ସାଧକମାନେ ଶୁଭ୍ର ଧୋତି ଓ ମହିଳାମାନେ ଶାଢ଼ୀ ପିନ୍ଧି ଉଜ୍ଜ୍ୱଳ ସୌରଦୀପ୍ତ ପରିବେଶରେ ଧୀର, ଶାନ୍ତ ଚିତ୍ତରେ ଧାଡ଼ିରେ ଅପେକ୍ଷା କରି ରହିଥା'ନ୍ତି । ଆମେମାନେ ଏହି ଦିନମାନଙ୍କରେ ସୋଫାରେ ଉପବିଷ୍ଟ ଅପୂର୍ବ ଯୁଗଳ ମୂର୍ତ୍ତି, ଶ୍ରୀମାଶ୍ରୀଅରବିନ୍ଦଙ୍କର ନିକଟ ସାନ୍ନିଧ୍ୟରେ ଉପନୀତ ହେଉ । ପ୍ରଥମେ ଆମେ ମା'ଙ୍କୁ ଏକ ପୁଷ୍ପ, ସାଧାରଣତଃ ପଦ୍ମପୁଷ୍ପ ଅର୍ପଣ କରି ଆଶୀର୍ବାଦ ପାଇବା ସକାଶେ ତାଙ୍କ କୋଳରେ ମଥା ରଖୁ । ସେ ତାଙ୍କର ବରଦ ହସ୍ତ ଆମ ମସ୍ତକରେ କୋମଳ ଭାବରେ ସ୍ଥାପନ କରନ୍ତି; ମସ୍ତକରୁ ସେ ତାଙ୍କ ହସ୍ତ ଉଠାଇ ନେବା ପରେ ଆମେ ତାଙ୍କ କୋଳରୁ ମଥା ଉଠାଇ ତାଙ୍କୁ ଚାହୁଁ, ସେ ହୃଦୟଜିଣା ମନ୍ଦ ମଧୁର ହସରେ ଆମ ହାତରେ ଏକ ପୁଷ୍ପ ଦିଅନ୍ତି । ଏହା ପରେ ଆମେ ଶ୍ରୀଅରବିନ୍ଦଙ୍କ କୋଳରେ ମଥା ରଖି ତାଙ୍କର ଆଶୀର୍ବାଦ ଲାଭ କରୁ । ଏହି ଦର୍ଶନରେ ମନ-ପ୍ରାଣ-ହୃଦୟ ସହିତ ଶରୀରର ପ୍ରତିଟି କୋଷାଣୁରେ ଦିବ୍ୟ ସ୍ପନ୍ଦନ ଅନୁପ୍ରବେଶ କଲା ଭଳି ଅନୁଭବ ହୁଏ । ଅବର୍ଣ୍ଣନୀୟ ଏହି ଅନୁଭୂତି । ବାସ୍ତବିକ ଏହିସବୁ ଦର୍ଶନ ଦିବସ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ ଓ ବିସ୍ମୟକର ।...''

ଇତିମଧ୍ୟରେ ନାକାଶିମା ଗୋଲକୁଣ୍ଡ ସମ୍ବନ୍ଧେ ମା'ଙ୍କର ମନୋଭାବ ବିଷୟରେ ଅବଗତ ହୋଇଛନ୍ତି : ''ଗୋଲକୁଣ୍ଡ ଏକ ଅତିଥିଭବନ (ଗେଷ୍ଟ୍ ହାଉସ୍) ନୁହେଁ । ଏହା ଏକ ବହୁ ଶଯ୍ୟା ବିଶିଷ୍ଟ ବିଶ୍ରାମସ୍ଥଳ (ଡର୍‌ମିଟୋରୀ) ଯେଉଁଠି ନିବାସ କରୁଥିବା ଅନ୍ତେବାସୀଗଣ ବିଶୁଦ୍ଧ ନିର୍ମଳ ତଥା ନିରାଡ଼ମ୍ବର କକ୍ଷମାନଙ୍କରେ ଏକ ମନୋରମ ଶାନ୍ତ ପରିବେଶରେ ରହି ଧ୍ୟାନ-ଧାରଣା କରି ପାରିବେ ଏବଂ ସେମାନଙ୍କ ସାଧନାରେ ନିର୍ବିଘ୍ନରେ ବ୍ରତୀ ହୋଇ ପାରିବେ । ଏଠାରେ ସେମାନଙ୍କ ସକାଶେ ନିତ୍ୟ ନୈମିତ୍ତିକ (ବେଶ୍ କତିପୟ ଛୋଟ ଛୋଟ ସାଧାରଣ) କାମସବୁ କରି ଦିଆଯାଉଥିବ ଯଦ୍ଦ୍ୱାରା ଅଧିକ ସ୍ୱାଚ୍ଛନ୍ଦ୍ୟ ଭାବରେ ସେମାନେ ସେମାନଙ୍କ ସାଧନାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ନିୟୋଜିତ କରି ପାରିବେ ।... ପ୍ରାଚୀନ ଯୁଗରେ ପର୍ବତ ଗୁହାରେ ମୁନିଋଷିଗଣ ବାସ କରୁଥିଲେ ଏବଂ ସେହିସବୁ ପର୍ବତ ମଧ୍ୟରେ ଥିବା ଗୁମ୍ଫାସବୁରେ ସେମାନଙ୍କର ଶିଷ୍ୟଗଣ ରହୁଥିଲେ । ଅଧୁନା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଯୋଗରେ 'ଗୋଲକୁଣ୍ଡ' ହେଉଛି ସେଇ ଗୁମ୍ଫାସବୁର ଅଧୁନାତନ ରୂପରେଖ ।''

ନାକାଶିମା ଇତି ମଧ୍ୟରେ 'ଗୋଲକୁଣ୍ଡ'ର ପ୍ରାରମ୍ଭିକ ସର୍ଭେ ଏବଂ ରିପୋର୍ଟ ପ୍ରସ୍ତୁତ କରି ୧୯୩୫ର ଅକ୍‌ଟୋବରରେ ଟୋକିଓକୁ ଫେରି ଯାଇଥିଲେ । ଟୋକିଓରେ ରେମଣ୍ଡଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଟ୍ଟାଳିକାର ଟିକିନିଖି ଓ ଅଧିକ ପୂର୍ଣ୍ଣାଙ୍ଗ ନକ୍ସାଟି ପ୍ରସ୍ତୁତ କରି ସେ ୧୯୩୬ର ପ୍ରାରମ୍ଭରେ ଆଶ୍ରମକୁ ଫେରି ଶ୍ରୀମାଶ୍ରୀଅରବିନ୍ଦଙ୍କୁ ସେଇଟିକୁ ଅର୍ପଣ କରିଥିଲେ । ଶ୍ରୀମାଶ୍ରୀଅରବିନ୍ଦ ନକ୍ସାଟିର ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କର ଅନୁମୋଦନ ଦେଇଥିଲେ ।

ଏଥର ଆଶ୍ରମରେ ରହି ନାକାଶିମା ମର୍ମେ ମର୍ମେ ଅନୁଭବ କରିଛନ୍ତି ଯେ ଆଜି ପର୍ଯ୍ୟନ୍ତ ବହୁ ଦେଶ-ବିଦେଶ ଭ୍ରମଣ କରି ଅନ୍ତରରେ ସେ ଯେଉଁ ବସ୍ତୁର ଅନ୍ୱେଷଣ କରୁଥିଲେ, ତାହା ଏହି ସ୍ଥାନରେ ଆଶାତୀତ ଭାବରେ ସର୍ବଦା ତାଙ୍କ ଉପରେ ବର୍ଷଣ ହେଉଛି । ତାଙ୍କ ଉକ୍ତିରେ, ''ଆଶ୍ରମ କର୍ମରେ ମୁଁ ସାଧ୍ୟମତେ ନିଜକୁ ଅର୍ପଣ କରିବା ବଦଳରେ ପାଉଛି ତତୋଽଧିକ ।'' ଏବେ ନିଜକୁ ଏକ ମହତ୍ ଉଦ୍ଦେଶ୍ୟରେ ସର୍ବାନ୍ତଃକରଣରେ ଉତ୍ସର୍ଗ କରିଦେବା ହିଁ ତାଙ୍କ ଜୀବନଧାରଣର ଯଥାର୍ଥ ମହତ୍ତ୍ୱ । ଏ ସମ୍ବନ୍ଧେ ଏକ ସ୍ଥିର ଅବିଚଳ ଉପଲବ୍ଧି ହେବା ପରେ ସେ ଶ୍ରୀମା'ଙ୍କୁ ଜଣାଇଛନ୍ତି – ଆଶ୍ରମର କର୍ମ

କରି ମୁଁ ବେତନ ନେବାକୁ ଚାହେଁ ନାହିଁ; ମୋତେ ଜଣେ ଅନ୍ତେବାସୀ ହିସାବରେ ଗ୍ରହଣ କରନ୍ତୁ । ଶ୍ରୀଅରବିନ୍ଦ ପରେ ତାଙ୍କର ନୂତନ ନାମକରଣ କଲେ 'ସୁନ୍ଦରାନନ୍ଦ' ('One who delights in beauty') ଅର୍ଥାତ୍ ସୌନ୍ଦର୍ଯ୍ୟରେ ଯିଏ ଆନନ୍ଦ ପାଏ ।...

ସୁନ୍ଦରାନନ୍ଦଙ୍କର ସାଧକ ଜୀବନର ଆରମ୍ଭ ହେଲା । ପ୍ରତି ମାସରେ ଆଶ୍ରମର ଅନ୍ତେବାସୀଗଣଙ୍କୁ ଶ୍ରୀମା 'ପ୍ରସ୍ପରିଟି' ବିତରଣ କରୁଥିଲେ । ସେ ଏହି ବିତରଣ ସମୟରେ ଆଶ୍ରମର ଅନ୍ୟାନ୍ୟ ଅନ୍ତେବାସୀଙ୍କ ସଦୃଶ ଶ୍ରୀମା'ଙ୍କ ସ୍ୱହସ୍ତରୁ ଅତ୍ୟାବଶ୍ୟକୀୟ ବ୍ୟବହାର୍ଯ୍ୟ ବସ୍ତୁ ସହିତ ଦୁଇ ଟଙ୍କା ଗ୍ରହଣ କରୁଥିଲେ । ସେହି ମୁହୂର୍ତ୍ତରେ ସେ ନିଜକୁ ଦ୍ୱିଗୁଣିତ ଆଶୀର୍ବାଦାହ ବୋଲି ଅନୁଭବ କରୁଥିଲେ ।

ଏବେ ନାକାଶିମାଙ୍କର ବର୍ଣ୍ଣନାରୁ : ''ଶ୍ରୀମା ଆଶ୍ରମର ଅନ୍ୟାନ୍ୟ ଗୁରୁ ଦାୟିତ୍ୱ ତୁଲାଉ ଥିବା ବେଳେ ନିର୍ମାଣାଧୀନ ଥିବା ଗୋଲକୁଣ୍ଡର ସମସ୍ତ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ପର୍ଯ୍ୟବେକ୍ଷଣ କରୁଥିଲେ ।... ଆଶ୍ରମର ପ୍ରତ୍ୟେକ ସାଧକ/ସାଧିକା ଶ୍ରୀମା'ଙ୍କୁ ନିଜ ନିଜର ସମସ୍ୟାସବୁ 'ନୋଟ୍ ବୁକ୍'ରେ ଲିଖିତ ଆକାରରେ ଜଣାଇ ତାଙ୍କର ପରାମର୍ଶ ଲୋଡୁଥିଲେ । ମୋର ମଧ ସେମିତି 'ନୋଟ୍ ବୁକ୍'ଟିଏ ଥିଲା । ସେଥିରେ ମୁଁ ଅଟ୍ଟାଳିକା ନିର୍ମାଣ ଜନିତ ଟିକିନିଖି ବ୍ୟାପାରରେ ଡ୍ରଇଂ କରି, ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ତାଙ୍କର ପରାମର୍ଶ ଲୋଡୁଥିଲି ଏବଂ ମୋର ବ୍ୟକ୍ତିଗତ ସମସ୍ୟାସବୁର ସମାଧାନ ମଧ ଚାହୁଁଥିଲି ।...''

ତାଙ୍କର ସେଇ 'ନୋଟ୍ ବୁକ୍'ଟି 'Divine Mother' –ଏହି ଶିରୋନାମାରେ ପରେ ପ୍ରକାଶିତ ହୋଇଛି । ସେଇଟିରେ ଲିପିବଦ୍ଧ ହୋଇଥିବା ତାଙ୍କର ପ୍ରଥମ ପ୍ରାର୍ଥନାଟି ଏହିପରି :

''ମଧୁମୟୀ ମା,

ଗୋଲକୁଣ୍ଡର ଯାବତୀୟ ନିର୍ମାଣ-କର୍ମ ସମ୍ବନ୍ଧରେ ଏକ 'ନୋଟ୍ ବୁକ୍' ରଖିବା ସମ୍ବନ୍ଧେ ପବିତ୍ର ମୋତେ କହିଛନ୍ତି । ଏକଥା ଶୁଣି ମୁଁ ବେଶ୍ ଆନନ୍ଦ ଅନୁଭବ କଲି । ମା, ତୁମକୁ ଏତିକି ପ୍ରାର୍ଥନା କରୁଛି ଯେ ମୁଁ ଅଧିକରୁ ଅଧିକ ଏକ ନିମିତ୍ତ ମାତ୍ର ହୋଇ ତୁମର ଉପଯୁକ୍ତ ଯନ୍ତ୍ରଟିଏ ହୋଇ ଉଠିପାରେ । ଯଦ୍ଦ୍ୱାରା ଏହି 'ଦିବ୍ୟ କର୍ମ'ଟିକୁ ଠିକ୍ ଠିକ୍ ସମ୍ପାଦନ କରିପାରେ । ମା, ମୁଁ ଯେମିତି ମୋର ଅହଂଭାବକୁ ନିଜର ଆୟତ୍ତରେ ରଖିପାରେ, ସେଥିରୁ କ୍ରମଶଃ ପୂର୍ଣ୍ଣ ମୁକ୍ତ ହୋଇ ଉଠିପାରେ ।

ତୁମର ବିଶ୍ୱସ୍ତ

ସୁନ୍ଦରାନନ୍ଦ''

ପ୍ରାର୍ଥନାଟିର ନିମ୍ନରେ ଶ୍ରୀମା'ଙ୍କର ସ୍ୱହସ୍ତ ଲିଖିତ ଉତ୍ତର :

''ତୁମର ଏହି ନିଷ୍ପାପର ଉଦ୍ୟମରେ **ଆମର** (ଶ୍ରୀମାଶ୍ରୀଅରବିନ୍ଦଙ୍କର) ଆଶୀର୍ବାଦ ତୁମ ସହ ରହିଛି ।''

— ଶ୍ରୀମା

ଏହାପରେ ନାକାଶିମା 'ଗୋଲକୁଣ୍ଡ'ର ଚୂଡ଼ାନ୍ତ ନକ୍ସା ଏବଂ ଏହାର ନିର୍ମାଣ କାର୍ଯ୍ୟର ପ୍ରାରମ୍ଭିକ ଭିତ୍ତି ପ୍ରତିଷ୍ଠା କରିବା ପୂର୍ବରୁ ରେମଣ୍ଡଙ୍କର ପରାମର୍ଶ ଅନୁଯାୟୀ ପଣ୍ଡିଚେରୀର ସ୍ଥାନୀୟ ବିନାୟକ ମନ୍ଦିର ସମ୍ମୁଖସ୍ଥ ଆଶ୍ରମର ୫୧ ନଂ. 'ଗଣପତି ହାଉସ୍'ରେ ଥିବା ଅଗଣାରେ 'ଗୋଲକୁଣ୍ଡ'ର ଏକ 'ନମୁନା-କକ୍ଷ' ('model house')ର ଡିଜାଇନ୍ ପ୍ରସ୍ତୁତ କରି ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଅର୍ପଣ କଲେ । ସେମାନଙ୍କର ସନ୍ତୋଷଜନକ ଅନୁମୋଦନ ଏବଂ ଆଶୀର୍ବାଦ ଲାଭ କରି ନାକାଶିମା ଆଶ୍ରମର ତିନି ଜଣ ଅନ୍ତେବାସୀଙ୍କ ସହାୟତାରେ ଅକ୍ଲାନ୍ତ ପରିଶ୍ରମ କରି 'ମଡ଼େଲ୍ ହାଉସ୍'ର ନିର୍ମାଣ କରିଥିଲେ ।...

ଇତି ମଧ୍ୟରେ ୧୯୩୭ର ଡିସେମ୍ବର ମାସରେ ଟୋକିଓରୁ ରେମଣ୍ଡ ତାଙ୍କର ସ୍ତ୍ରୀ 'ନୋଏମି', ପ୍ରାୟ ଏଗାର ବର୍ଷର ପୁତ୍ର 'କ୍ଲଡ୍' ଏବଂ ତାଙ୍କର ଅନ୍ୟତମ ବିଶ୍ୱସ୍ତ ଉତ୍ସାହୀ ସ୍ଥପତି ଫ୍ରାଁସୁଆ ସ୍ୟାମାରଙ୍କ ସହିତ ପଣ୍ଡିଚେରୀ ଅଭିମୁଖରେ ଯାତ୍ରାରମ୍ଭ କଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. George Nakashima ('ଆତ୍ମ-ଚରିତ' ଗ୍ରନ୍ଥ) : "The Soul of a Tree : A Wood-worker's Reflections" -1981

୨. Sundarananda : 'Divine Mother'.

# ଆଧ୍ୟାତ୍ମିକ ଅନ୍ୱେଷା

## ସନ୍ତୋଷ ରଥ

ସୁଅ ଧାରେ ଧାରେ ନାଆଟି ବହୁଛି
ପବନ ରହିଛି ସାଥେ
ଅଝାଲ ଉଡ଼ାଇ ନାଉରି ଚାଲିଛି
ଧରିଛି ମଙ୍ଗ ହାତେ ।

ଜୀବନ ନଈରେ କେତେ ଝଡ଼ ଝଞ୍ଜା
ଭଉଁରି ରହିଛି ଜଗି
ନାଉରି ବାପୁଡ଼ା ନେହୁରା ହେଉଛି
ଯାତନା ଜିଇଁବା ଲାଗି ।

ଆଧ୍ୟାତ୍ମିକ ସୁଏ ହେଲେ ଆଗୁସାର
ଉଜାଣି ବହଇ ନଈ
ପ୍ରତିଟି ମୁହୂର୍ତ୍ତ ଶଙ୍କା ସଙ୍କୁଳ
ଘାଟ ପାରିହେବା ପାଇଁ ।

କେତେ ମାନସିକ ବ୍ରତ ଉପବାସ
ମାଗୁଣିର ଶେଷ ନାହିଁ



ଉତ୍କୋଚ ଦେଇ ପ୍ରାର୍ଥନା ପରଶେ
ଆପଦେ ଆତୁର ହୋଇ ।

ସ୍ରୋତ ଅନୁକୂଳେ ଯାତ୍ରା ସରଳ
ନାହିଁ ରାତି ନାହିଁ ଭୀତି
ପ୍ରତିକୂଳ ସ୍ରୋତେ ନାଆ ବାହିବାରେ
ସାଧନାରେ ଅଗ୍ରଗତି ।

ଥିଲେ ଥାଉ ପଛେ ଜୁଆର ଭଟ୍ଟା
ଜୀବନର ହଟହଟା
ଆଧ୍ୟାତ୍ମିକ ପଥେ ବାଦଲ ଉହାଡୁ
ଦିଶେ ଅରୁଣିମା ଛଟା ।

ମଙ୍ଗୁଆଳ ସାଜି କେହି ଜଣେ ଆସି
ନାଆକୁ ବୁହାଇ ନିଏ
ମୁହାଣ ଡିଆଁଇ ନଈ ଆରପାରି
ସାଗରକୁ ଛୁଇଁ ଯାଏ । ❑

He who would win high spiritual degrees, must pass endless tests and examinations. But most are anxious only to bribe the examiner.

(Thoughts and Aphorisms : 272) – Sri Aurobindo
(CWM. Vol. 10, p. 291)

ଯିଏ ଆଧ୍ୟାତ୍ମିକତାର ଉଚ୍ଚତର ସୋପାନଗୁଡ଼ିକୁ ହାସଲ କରିବାର ଇଚ୍ଛା ରଖିଛି, ତାହାକୁ ଅଗଣିତ ଅନେକ ପରୀକ୍ଷା ମଧ୍ୟଦେଇ ଯିବାକୁ ପଡ଼ିବ । ମାତ୍ର, ଅଧିକାଂଶ ମନୁଷ୍ୟ ତ କେବଳ ପରୀକ୍ଷକଙ୍କୁ ଲାଞ୍ଚଦେଇ ପାର ହୋଇ ଯିବାକୁ ବ୍ୟାକୁଳ ହେଉଥା'ନ୍ତି ।

– ଶ୍ରୀଅରବିନ୍ଦ

# ମେ ଚାରି ତାରିଖ ଦର୍ଶନ
## (୪.୫.୬୭)
## ରାମକୃଷ୍ଣ ଦାସ

ମେ ୪ ତାରିଖରେ ଶ୍ରୀମା କାହିଁକି ଦର୍ଶନ ଦେଉଛନ୍ତି ?* ଏହାର ବିଶେଷତ୍ୱ କ'ଣ ? ଏହି ପ୍ରଶ୍ନ ବହୁତ ବ୍ୟକ୍ତି ପତ୍ର ଦ୍ୱାରା ପଚାରୁଛନ୍ତି ଏବଂ ଏଠାକୁ ଆସିବା ବ୍ୟକ୍ତି ପ୍ରଥମେ ଏହି ସମସ୍ୟା ଉପସ୍ଥାପନ କରୁଛନ୍ତି । ଏହି ବିଷୟଟି ଆଲୋଚନା କରିବା ପୂର୍ବରୁ ଏହା ସ୍ପଷ୍ଟରୂପେ କହିଦେବା ଉଚିତ ହେବ,– ଶ୍ରୀମା ଯେକୌଣସି କାର୍ଯ୍ୟ କରନ୍ତି, ସେଥିରେ ଥାଏ ମହତ୍ତ୍ୱପୂର୍ଣ୍ଣ ରହସ୍ୟ ତଥା ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହେବାର ଉପାୟ । ଏହି ଅତିମାନସ ଶକ୍ତିକୁ ଗ୍ରହଣ କରିବା ବ୍ୟକ୍ତିର ମନ-ପ୍ରାଣ-ଶରୀର ଭଗବତ୍ ତତ୍ତ୍ୱରେ ରୂପାନ୍ତରିତ ହେବ, ସେ ଜରା-ରୋଗ-ମୃତ୍ୟୁ ଅଧୀନରୁ ମୁକ୍ତ ହେବ, ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବ, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ଏହାରି ପ୍ରଭାବରେ ସଂସାରରୁ ସମସ୍ତ ପ୍ରକାର ଅନ୍ୟାୟ ଦୂର ହେବ । ଏହି ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠିତ ହେବ । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି । ଏହାହିଁ ଭଗବାନଙ୍କ ସଂକଳ୍ପ । ଏହି ଉଦ୍ଦେଶ୍ୟରେ ଭଗବାନ୍ ସଂସାର ସର୍ଜନା କରିଛନ୍ତି । ଭଗବାନଙ୍କ ସେହି ସଂକଳ୍ପ ସିଦ୍ଧ ହେବାର ସମୟ ଆସିଛି । ସଂସାର ସର୍ଜନା ହେବା ସମୟରୁ ଜ୍ଞାତ ବା ଅଜ୍ଞାତ ଭାବରେ ସମସ୍ତ ପ୍ରାଣୀ, ମୁନିଋଷି ଯେଉଁ ସମୟର ଶୁଭାଗମନକୁ ଅପେକ୍ଷା କରି ଆସୁଛନ୍ତି, ସେହି ସମୟ ଏହି ବର୍ଷ ଆରମ୍ଭ ହୋଇଛି । ଏହି ବର୍ଷ ଯୁଗପରିବର୍ତ୍ତନର ପ୍ରାଥମିକ ଅବସ୍ଥା, ପୃଥିବୀରେ ସତ୍ୟ-ସ୍ଥାପନାର ପ୍ରଥମ ପଦକ୍ଷେପ । ବର୍ତ୍ତମାନ ରୂପାନ୍ତରକାରୀ ଅତିମାନସ ସତ୍ୟ ପୃଥିବୀପୃଷ୍ଠରେ ବିଦ୍ୟମାନ । ପୂର୍ବପରି ବ୍ୟକ୍ତି ଅନ୍ୟାୟ, ଅସତ୍ୟ ଆଚରଣରେ ବହୁତ ଦିନ ସଫଳତା ପାଇପାରିବ ନାହିଁ । ସେହି ସକାଶେ ଶ୍ରୀମା ଏହି ନବବର୍ଷର ଆରମ୍ଭରେ ଘୋଷଣା କରିଛନ୍ତି : ''ମନୁଷ୍ୟ, ଦେଶ, ମହାଦେଶ ସକଳ ! ବାଛିନିଅ – ଅନ୍ୟ ପନ୍ଥା ନାହିଁ – ପୂର୍ଣ୍ଣସତ୍ୟ ଅଥବା ରସାତଳ !''

ଶ୍ରୀଅରବିନ୍ଦ ଶରୀର ଧାରଣ କରି ଏହି ପୃଥିବୀକୁ ଆସିବା ଦିନରୁ ଯେବେ ଯେବେ କ୍ରମାନ୍ୱୟରେ ଚାରିଟି ଅଙ୍କ ପଡ଼ିଛି ସେହି ବର୍ଷ ପୃଥିବୀରେ ଅତିମାନସ ସ୍ଥାପନ କାର୍ଯ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ବା ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟିଅଛି ।

୧.୨.୩୪ – ଏହି କ୍ରମାନ୍ୱୟ ଅଙ୍କ ପଡ଼ିଥିଲା ୧୯୩୪ ସାଲରେ । ସେତେବେଳେ ଶ୍ରୀଅରବିନ୍ଦଙ୍କର ଥିଲା ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବାର ପ୍ରୟାସ ବା ସାଧନା । ଭଗବାନଙ୍କ ସଂକଳ୍ପ ବା ଶ୍ରୀଅରବିନ୍ଦଙ୍କ ରୂପାନ୍ତର ସିଦ୍ଧି ପୂର୍ଣ୍ଣ ରୂପେ ନିର୍ଭର କରେ ଅତିମାନସ ଶକ୍ତି ଏହି ପୃଥିବୀକୁ ଉତରି ଆସିବା ଉପରେ । ସେହି ସମୟରେ ଶ୍ରୀଅରବିନ୍ଦଙ୍କ ସାଧନାରେ ହୋଇଥିଲା ବିଶେଷ ପ୍ରଗତି । ଅତିମାନସ ଶକ୍ତି ପୃଥିବୀକୁ ସ୍ପର୍ଶ କରିବା ଭଳି କେତେ ଥର ନିକଟକୁ ଆସିଥିଲା । ପୃଥିବୀ ଏବଂ ମନୁଷ୍ୟଜାତି ସେହି ଶକ୍ତିକୁ ଗ୍ରହଣ କରିବାକୁ ଏକେବାରେ ତୟାର ନ ଥିଲେ । ଅତିମାନସର ଅବତରଣର ସମୟ ଦେଖି ଅବଚେତନାରୁ ପଥରୋଧକାରୀ ଅଶୁଦ୍ଧ ପ୍ରତିକୂଳ ଶକ୍ତିସମୂହ ପୃଥିବୀକୁ ଉଠି ଆସିବାକୁ ଚେଷ୍ଟା କଲେ । ଏହା ଫଳରେ ପୃଥିବୀରେ ଅଧିକ ବିପର୍ଯ୍ୟୟ ଘଟିବା ସ୍ୱାଭାବିକ ଥିଲା । ଏହିସବୁ ଅସାଧାରଣ ବାଧା ଦୂର କରିବା ସକାଶେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀରେ ଉତାରି ଆଣିବା ପ୍ରଯତ୍ନ ସ୍ଥଗିତ ରଖି ଅବଚେତନାକୁ ପରିଶୋଧିତ କରିବା ସକାଶେ ସାଧନା କରିଥିଲେ ।

୨.୩.୪୫ – ଏହି କ୍ରମାନ୍ୱୟ ଅଙ୍କ ପଡ଼ିଥିଲା ୧୯୪୫ ସାଲରେ । ସେହି ବର୍ଷ ହୋଇଥିଲା ବିଶ୍ୱଯୁଦ୍ଧରେ ବିଜୟ । ସେହି ବିଶ୍ୱଯୁଦ୍ଧର ବିଜୟ ଉପରେ ଅଧିକ ପରିମାଣରେ ନିର୍ଭର କରିଥିଲା ଏହି ପୃଥିବୀରେ ଅତିମାନସ ଶକ୍ତିର ସ୍ଥାପନା । ଏହି କାର୍ଯ୍ୟର ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଯୋଗର ଗୋଟିଏ ପ୍ରଧାନ ଅଙ୍ଗ ଥିଲା ବିଦେଶୀ ଶାସନରୁ ଭାରତର ମୁକ୍ତି । ଭାରତରେ ହିଁ ସତ୍ୟ ସ୍ଥାପନା ହେବ ଏବଂ ସେହି ଭାରତ ସମସ୍ତ ପୃଥିବୀକୁ ଶିକ୍ଷା ଦେବ । ହିଟଲର ବିଜୟୀ ହୋଇଥିଲେ ଭାରତର ସ୍ୱତନ୍ତ୍ରତା

* ପ୍ରବନ୍ଧଟିର ରଚନାକାଳ ୧୯୬୭ ମସିହା, ୨୪ ଏପ୍ରିଲ ଦର୍ଶନ ସଂଖ୍ୟା (ନବଜ୍ୟୋତି ପତ୍ରିକା) ।

ସ୍ଥଗିତ ହୋଇଥା'ନ୍ତା ଏବଂ ଅନ୍ଧକାର ଶକ୍ତି ନିଜ ପ୍ରଭାବ ବିସ୍ତାର କରିଥା'ନ୍ତା ପୃଥିବୀରେ । ଏହାରି ଦ୍ୱାରା ପୂର୍ଣ୍ଣରୂପେ ହୋଇଥା'ନ୍ତା ଅତିମାନସ ଶକ୍ତିର ମାର୍ଗ ରୁଦ୍ଧ । ସେହି ସକାଶେ ଶ୍ରୀମା ଏବଂ ଶ୍ରୀଅରବିନ୍ଦ ଅଧ୍ୟାତ୍ମ ଶକ୍ତି ପ୍ରୟୋଗ କରିଥିଲେ ବିଶ୍ୱଯୁଦ୍ଧର ବିଜୟରେ । ପ୍ରକାଶ୍ୟରେ ମଧ୍ୟ ଯୁଦ୍ଧକୁ ଦାନ କରିଥିଲେ ଅର୍ଥ । ୧୯୪୫ ସାଲରେ ବିଶ୍ୱଯୁଦ୍ଧରେ ବିଜୟ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ ସିଦ୍ଧିର ମହାନ୍ ବାଧା ଦୂର ହୋଇଥିଲା ।

୩.୪.୫୬ – ଏହି କ୍ରମାନ୍ୱୟ ଚାରିଟି ଅଙ୍କ ପଡ଼ିଥିଲା ୧୯୫୬ ସାଲରେ । ସେହି ବର୍ଷ ଅତିମାନସ ଶକ୍ତିର ଅବତରଣ ଘଟିଥିଲା ପୃଥିବୀରେ । ମା ବାଣୀ ଦେଇଥିଲେ :

"Lord, Thou hast willed, and I execute.
A new light breaks upon the earth.
A new world is born.
The things that were promised are fulfilled."

''ହେ ପ୍ରଭୋ, ତୁମେ ସଂକଳ୍ପ କରିଛ ଏବଂ ମୁଁ ତାହା କାର୍ଯ୍ୟରେ ପରିଣତ କରିଛି । ଗୋଟିଏ ନୂତନ ଜ୍ୟୋତିଃ ପୃଥିବୀପୃଷ୍ଠରେ ଅବତରଣ କରିଛି । ଗୋଟିଏ ନୂତନ ଜଗତ୍ ଜନ୍ମଲାଭ କରିଛି । ଯାହାସବୁ ତୁମର ସଂକଳ୍ପ ଥିଲା, ସେସବୁ ସମ୍ପନ୍ନ ହୋଇଛି ।''

ପୁଣି ଅନ୍ୟ ବାଣୀ ଦେଇଥିଲେ ଶ୍ରୀମା :

"The manifestation of the Supramental upon earth is no more a promise, but a living fact, a reality.

It is at work here, and one day will come when the most blind, the most unconscious even the most unwilling shall be obliged to recognise it."

(24.04.56) – The Mother

''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ, ବର୍ତ୍ତମାନ ଏହା ଏକ ବାସ୍ତବ ସତ୍ୟ, ଏକ ଜୀବନ୍ତ ଘଟଣା ।

ବର୍ତ୍ତମାନ ଏଠାରେ ଏହା କାର୍ଯ୍ୟ କରୁଛି ଓ ଦିନ ଆସିବ ଯେତେବେଳେ କି ସବୁଠୁ ଅନ୍ଧ, ସବୁଠୁ ଅଚେତନ, ଏପରିକି ସବୁଠୁ ଅନିଚ୍ଛୁକ ବ୍ୟକ୍ତି ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ୍ୟ ହେବ ।''

(୨୪.୦୪.୫୬) – ଶ୍ରୀମା

(During the common meditation on wednesday, the 29th Feb. 1956.)

"This evening the Divine Presence, concrete and material, was there present amongst you. I had a form of living gold, bigger than the universe, and I was facing a huge and massive golden door which separated the world from the Divine.

As I looked at the door, I knew and willed, in a single movement of consciousness, that *"the time has come"*, and lifting with both hands a mighty golden hammer I struck one blow, one single blow on the door and the door was shattered to pieces.

Then the supramental Light and Force and Consciousness rushed down upon earth in an uninterrupted flow."

(CWM. Vol.13, pp. 51 - 52) – The Mother

(୧୯୫୬ ସାଲ ଫେବ୍ରୁଆରୀ ୨୯, ବୁଧବାରର ସମବେତ ଧ୍ୟାନରେ)

''ଆଜି ସନ୍ଧ୍ୟାରେ ଭଗବାନଙ୍କ ସାନ୍ନିଧ୍ୟ ତୁମ୍ଭମାନଙ୍କ ମଧ୍ୟରେ ସଶରୀର ଓ ବାସ୍ତବ ହୋଇ ଦେଖା ଦେଇଥିଲା । ମୋର ଶରୀର ହୋଇଥିଲା ଏକ ଜୀବନ୍ତ ସ୍ୱର୍ଣ୍ଣର ରୂପ – ବିଶ୍ୱଠାରୁ ବୃହତ୍ତର । ଦେଖିଲି ଏକ ବିଶାଳ, ବିପୁଳ ସ୍ୱର୍ଣ୍ଣ ଦ୍ୱାର ସମ୍ମୁଖରେ ମୁଁ ଛିଡ଼ା ହୋଇଛି, ଯାହା ଜଗତକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା ।

''ସେହି ଦ୍ୱାର ଆଡ଼କୁ ମୁଁ ଦୃଷ୍ଟି ଦେଇ ଜାଣି ପାରିଲି ଏବଂ ସଂକଳ୍ପ କଲି – ଯାହା ଏକ ହିଁ ଚେତନାରେ ଯୁଗପତ୍ କ୍ରିୟା – 'ଏଥର ସମୟ ଆସିଛି' – ଏବଂ ଗୋଟିଏ ସୁବୃହତ୍ ସ୍ୱର୍ଣ୍ଣ ହାତୁଡ଼ି ହାତରେ ଧରି ସେହି ଦ୍ୱାର ଉପରେ ଏକ ଆଘାତ କଲି – ଗୋଟିଏ ମାତ୍ର ଆଘାତ ଯେଉଁଥିରେ ଦ୍ୱାରଟି ସମ୍ପୂର୍ଣ୍ଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

''ସେହି ମୁହୂର୍ତ୍ତରୁ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଚେତନା ଅବିଚ୍ଛିନ୍ନ ଧାରାରେ ପୃଥିବୀ ଉପରେ ପ୍ରବଳ ବେଗରେ ପ୍ରବାହିତ ହେବାକୁ ଲାଗିଲା ।'' – ଶ୍ରୀମା

୧୯୫୬ ସାଲ ଫେବ୍ରୁଆରୀ ୨୯ ତାରିଖ ବୁଧବାର ସମବେତ ଧ୍ୟାନ ସମୟରେ ଅତିମାନସ ଶକ୍ତି ପୃଥିବୀରେ ଅଭିବ୍ୟକ୍ତ ହୋଇଥିଲା ଏବଂ ସ୍ଥାୟୀରୂପେ ପ୍ରତିଷ୍ଠା ହେବା ସକାଶେ ପୃଥିବୀ ବାତାବରଣରେ କ୍ରମଶଃ କ୍ରିୟା କରିବାକୁ ଆରମ୍ଭ କରିଥିଲା । ସ୍ଥାୟୀ ହୋଇ ପାରିଲା ୧୯୬୭ ସାଲରେ । ଏହି ବିଷୟ ମା ତାଙ୍କ 'ବାଣୀ'ରେ ପ୍ରକାଶ କରିଛନ୍ତି ।

ଶ୍ରୀଅରବିନ୍ଦ ୧୯୫୦ ସାଲରେ ଅତିମାନସ ଶକ୍ତିକୁ ପୃଥିବୀ ବାତାବରଣରେ ଉତାରି ଆଣି ଶରୀର ତ୍ୟାଗ କରିଥିଲେ । ସେହି ଅତିମାନସ ଶକ୍ତି ପୃଥିବୀରେ ପ୍ରକାଶ ହୋଇଥିଲା ୨୯ ଫେବ୍ରୁଆରୀ ୧୯୫୬ ସାଲରେ । ଏହା ସ୍ପଷ୍ଟ ହୋଇଅଛି ଶ୍ରୀମା'ଙ୍କ 'ବାଣୀ'ରେ । ଯେଉଁ ଅତିମାନସ ଶକ୍ତି ସମ୍ବନ୍ଧେ ମା 'ବାଣୀ' ଦେଇଛନ୍ତି ତାହା ଘଟିଛି ଆମ୍ଭମାନଙ୍କ ସ୍ଥୂଳ ଦୃଷ୍ଟିର ପଶ୍ଚାତରେ । କିନ୍ତୁ ଆମ୍ଭେମାନେ ଯଦି ଅର୍ଥହୀନ ତାର୍କିକ ବୁଦ୍ଧିର ପଶ୍ଚାତକୁ ଯାଇ ନିରପେକ୍ଷ ବିଚାର କରିବା, ତେବେ ବାହ୍ୟ ଜାଗତିକ ଘଟଣାରେ ବି କୌଣସି ଅଦୃଶ୍ୟ ଶକ୍ତିର ହସ୍ତକ୍ଷେପ ବୁଝିପାରିବା ।

୧୯୫୦ରୁ ଅତିମାନସ ଶକ୍ତି ପୃଥିବୀ ବାତାବରଣରେ ଆସିବା ଦିନଠାରୁ ଦୁଇଟି ଶକ୍ତିର କ୍ରିୟା ସ୍ପଷ୍ଟଭାବେ ବୁଝା ଯାଉଛି,— ପ୍ରଥମଟି ଅନ୍ଧକାର ଶକ୍ତିର ଓ ଅନ୍ୟଟି ଜ୍ୟୋତିର୍ମୟୀ ଅତିମାନସ ଶକ୍ତିର । ଅତିମାନସ ଶକ୍ତିର ପଥରୋଧ କରିବା ସକାଶେ ଅନ୍ଧକାର ଶକ୍ତି ପୂର୍ଣ୍ଣ ପରାକ୍ରମରେ ଦଳବଳ ସହ ପୃଥିବୀ ଧ୍ୱଂସ କରିବାକୁ ଚାହୁଁଅଛି ଏବଂ ଅସତ୍ୟର ବୃଦ୍ଧି କରୁଅଛି । ଅନ୍ୟ ପକ୍ଷରେ ଧ୍ୱଂସକାରୀ ଅସ୍ତ୍ର ଥିବା ସତ୍ତ୍ୱେ ଭାଗବତୀ ଶକ୍ତି ଧ୍ୱଂସରୁ ରକ୍ଷା କରୁଛି । ଏହା ସ୍ପଷ୍ଟଭାବେ ଦେଖାଯାଏ ସୁଏଜ୍ କେନାଲ୍, କ୍ୟୁବା, ଚୀନ୍-ଭାରତ, ପାକିସ୍ତାନ-ଭାରତ, ଭିଏତ୍‌ନାମ୍ ଯୁଦ୍ଧରେ । ଏହି ଘଟଣା ସଂସାରରେ ଯେପରି ଘଟୁଛି, ବ୍ୟକ୍ତି ଭିତରେ ମଧ୍ୟ ସେହିପରି ଘଟୁଛି ।

ବହୁତ କମ୍ ବ୍ୟକ୍ତି, ସଂଖ୍ୟାରେ ଖୁବ୍ କମ୍ — ଯେଉଁମାନଙ୍କର ଆତ୍ମା ଜାଗ୍ରତ୍ ହୋଇଛି, ଭାଗବତୀ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଛି; ଏହି ସଂସାରରେ ଅସତ୍ୟ, ଅନ୍ୟାୟ ମହାନ୍ ପ୍ରବଳ ଥିବା ଅବସ୍ଥାରେ ବି ସେହିମାନଙ୍କ ଆଧାରରେ ଅତିମାନସ ଶକ୍ତି କ୍ରିୟା କରୁଅଛି । ସେହିମାନେ ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହେବା ମାର୍ଗରେ ଅଗ୍ରସର ହେଉଛନ୍ତି ।

ଯେଉଁ ବ୍ୟକ୍ତିର ସ୍ୱଭାବତଃ ଅନ୍ୟାୟ ପ୍ରବୃତ୍ତି, ତା'ର ସତ୍ତାକୁ ପୂର୍ଣ୍ଣରୂପେ ଅଧିକାର କରିବାକୁ ଚେଷ୍ଟା କରୁଛି ଅନ୍ଧକାର ଶକ୍ତି ଏବଂ ତାକୁ ଯନ୍ତ୍ର କରି ସତ୍ୟର ପ୍ରତିକୂଳ କାର୍ଯ୍ୟ କରାଉଛି । ତା'ର ଆଧାର ଆବୃତ ହୋଇଛି ଅନ୍ଧକାର ଶକ୍ତି ଦ୍ୱାରା । ତଥାପି ଅତିମାନସ ଶକ୍ତିର ପ୍ରଭାବ କ୍ରମଶଃ ଅଧିକାଧିକ ସଂସାର ବାତାବରଣରେ ପ୍ରତିଷ୍ଠା ହେବାରୁ ପ୍ରତ୍ୟେକ ବ୍ୟକ୍ତି ଶ୍ୱାସ-ପ୍ରଶ୍ୱାସ ଦ୍ୱାରା ଗ୍ରହଣ କରୁଅଛନ୍ତି ଅତିମାନସ ଶକ୍ତିର ପ୍ରଭାବ । ତାହା ସ୍ପର୍ଶ କରୁଛି ବ୍ୟକ୍ତିର ଆତ୍ମାକୁ । ଏହି ସ୍ପର୍ଶ ଯୋଗୁଁ ବ୍ୟକ୍ତି ଅନ୍ୟାୟ, ଅସତ୍ୟ ଆଚରଣ କରି ପୂର୍ବ ପରି ସନ୍ତୋଷ ଲାଭ କରିପାରୁ ନାହିଁ । ସେମାନେ ଅଶାନ୍ତି, ଦ୍ୱନ୍ଦ୍ୱ, ବିଶୃଙ୍ଖଳା, ଅଭାବ ଅନୁଭବ କରୁଛନ୍ତି ଏବଂ ଅଜ୍ଞାତରେ ନୂତନ କିଛି ଚାହୁଁଛନ୍ତି ।

ଯେଉଁ ବ୍ୟକ୍ତିର ସତ୍ତା ଟିକିଏ ମାତ୍ର ଭଗବାନଙ୍କ ପ୍ରତି ଉନ୍ମୁକ୍ତ ହୋଇଛି, ତା'ର ଅନ୍ୟାନ୍ୟ ଅଧିକାଂଶ ସତ୍ତା ଅସତ୍ୟରେ ପ୍ରବୃତ୍ତ ହୋଇ ଅନ୍ୟାୟ, ଅସତ୍ୟ ପଥରେ ଅର୍ଥ ସଂଗ୍ରହ ଆଦି କୁକର୍ମ କରୁଥିବା ସତ୍ତ୍ୱେ ତାହାର ଭଗବତ୍ ପ୍ରାପ୍ତି ପ୍ରତି ଆଗ୍ରହ ଜନ୍ମିଛି । ଏହି କାରଣରୁ କେତେକ ବ୍ୟକ୍ତି ଜ୍ଞାତ ଭାବରେ ବା ଅଜ୍ଞାତ ଭାବରେ ଭିନ୍ନ ଭିନ୍ନ କାରଣବଶତଃ ଭଗବତ୍ ଅଭିମୁଖୀ ହେଉଛନ୍ତି । ଏହି ତିନି ପ୍ରକାର ବ୍ୟକ୍ତିଙ୍କୁ ଯନ୍ତ୍ର କରିବା ସକାଶେ ଉଭୟ ଶକ୍ତି ପ୍ରଯତ୍ନଶୀଳ ହୋଇଛନ୍ତି । ଘୋର ଅନ୍ଧକାର ମଧ୍ୟରେ କ୍ଷୀଣ ଜ୍ୟୋତିଶିଖା ସଦୃଶ ସଂସାର ଏବଂ ବ୍ୟକ୍ତିର ଅସତ୍ୟ-ଅନ୍ୟାୟଯୁକ୍ତ ଆଧାରରେ ଭଗବତ୍ ଶକ୍ତିର ପ୍ରଭାବ ପଡ଼ୁଛି । ସଂସାର ଅସତ୍ୟର ଚରମ ସୀମାରେ ପହଞ୍ଚି ଥିବା ସତ୍ତ୍ୱେ ଖୁବ୍ ଅଳ୍ପ ସଂଖ୍ୟକ ବ୍ୟକ୍ତି ସତ୍ୟର ଆଶ୍ରୟ ନେଇଛନ୍ତି ।

ଅନ୍ଧକାର ଶକ୍ତିର ଅଦିବ୍ୟ ବା ଅସତ୍ୟ ପ୍ରଭାବ ଏବଂ ଅତିମାନସ ଶକ୍ତିର ଦିବ୍ୟ ପ୍ରଭାବ ପ୍ରତି ଉନ୍ମୁକ୍ତତା — ଏହି ଉଭୟ କାର୍ଯ୍ୟ ବ୍ୟକ୍ତିର ସମର୍ଥନ ଅନୁସାରେ ୧୯୫୦ରୁ ୧୯୬୭ ପର୍ଯ୍ୟନ୍ତ କ୍ରମଶଃ ଦ୍ରୁତ ଗତିରେ ବୃଦ୍ଧି ଲାଭ କରି ଆସୁଛି । ଏପର୍ଯ୍ୟନ୍ତ ଅନ୍ଧକାର ଶକ୍ତିର ପ୍ରୟାସ ଥିଲା ଅତିମାନସ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା ହେବାକୁ ନ ଦେବା ଏବଂ ତା'ର ପଥରୋଧ କରି ସଂସାରରୁ ତାକୁ ବିତାଡ଼ିତ କରିଦେବା । ଏପର୍ଯ୍ୟନ୍ତ ପ୍ରବଳତା ବା ଆଧିପତ୍ୟ ଥିଲା ଅନ୍ଧକାର ଶକ୍ତିର । ବ୍ୟକ୍ତି ଅସତ୍ୟ, ଅନ୍ୟାୟ କରି ସହଜରେ ସଫଳତା ଲାଭ କରି ପାରୁଥିଲା । ସତ୍ୟ ଆଚରଣ କରୁଥିବା ବ୍ୟକ୍ତିର ସଫଳତା ଲାଭ ହେଉଥିଲା ଯଦ୍ୟପି ଶେଷରେ, ତଥାପି ମାର୍ଗରେ ପଦେ ପଦେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଥିଲା ।

କିନ୍ତୁ ବର୍ତ୍ତମାନ ସେସମୟର ପରିବର୍ତ୍ତନ ହୋଇ ସାରିଛି । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ଲାଭ କରିଛି । ଅନ୍ଧକାର

ଶକ୍ତିର ପ୍ରଭାବ ମ୍ଳାନ, ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର କ୍ରମଶଃ ଖୁବ୍ କମ୍ ମାତ୍ରାରେ ଆରମ୍ଭ ହୋଇଛି । ଆଉ ଅନ୍ୟାୟ, ଅସତ୍ୟର ସଫଳତା ହୋଇପାରୁ ନାହିଁ । ଏହି ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଛି ଏହି ୧୯୬୭ରୁ । ବର୍ତ୍ତମାନ ଯଦିଓ ଅସତ୍ୟ, ଅନ୍ୟାୟ ପୂର୍ବର ଅନ୍ଧକାର ସଦୃଶ ଘନୀଭୂତ ପ୍ରତୀତ ହେଉଛି, ତଥାପି ଏହା ପଛରେ ରହିଛି ଅତିମାନସ-ସୂର୍ଯ୍ୟ । ଏହି ବର୍ଷକୁ ନୂତନ ଯୁଗର ଆଗମନ ବା ଉଷାକାଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସକାଶେ ଏହି ବର୍ଷ ବିଶେଷ ମହତ୍ତ୍ୱପୂର୍ଣ୍ଣ । ଏହି କାରଣରୁ ମା ମେ ୪ରେ ଦର୍ଶନ ଦେଉଛନ୍ତି ।

ସଂସାରର ବିଭିନ୍ନ ଘଟଣାରୁ ଏହା ଅନୁମେୟ ଯେ ଅଧିକାଂଶ ବା କେତେକ ସାଧାରଣ ଜନତାଙ୍କ ଉପରେ ସତ୍ୟର ଗୋଟିଏ ଅସ୍ପଷ୍ଟ ପ୍ରଭାବ ଦୂରରୁ ପଡ଼ିଅଛି । ସେମାନେ ଅର୍ଥଲୋଭ ବା ଅନ୍ୟାନ୍ୟ ସୁଖସୁବିଧା ଲାଳସାରେ ନ ପଡ଼ି ଅଜ୍ଞାତ ଭାବରେ ଅଦୃଶ୍ୟ ଶକ୍ତିର ପ୍ରେରଣାରେ ଅନ୍ୟାୟ, ମିଥ୍ୟାଚାରର ପ୍ରଲୋଭନକୁ ବର୍ଜନ କରିବାକୁ ଚେଷ୍ଟା କରୁଛନ୍ତି ।

ପୂର୍ବେ ଅନ୍ୟାୟ, ଅସତ୍ୟ ଆଚରଣରେ ବ୍ୟକ୍ତି ଯେପରି ରାଜନୀତି, ସମାଜନୀତି ତଥା ବିଚାର ବିଭାଗରେ ଆଧିପତ୍ୟ ବିସ୍ତାର କରି ପାରୁଥିଲା, ବାଣିଜ୍ୟ ବ୍ୟବସାୟ ତଥା ଅନ୍ୟାନ୍ୟ କାର୍ଯ୍ୟରେ ଅସତ୍ୟ ଆଚରଣରେ ଲାଭବାନ୍ ହୋଇ ପାରୁଥିଲା, ବର୍ତ୍ତମାନ ଆଉ ସେପରି ହେବ ନାହିଁ । ଯେପର୍ଯ୍ୟନ୍ତ ରାଜନୀତି, ସମାଜନୀତି, ବିଚାର ବିଭାଗ ତଥା ବ୍ୟବସାୟ ବାଣିଜ୍ୟ ସତ୍ୟ ଉପରେ ପ୍ରତିଷ୍ଠା ନ ହେବ, ସତ୍ୟର ଆଶ୍ରୟ ନ ନେବ ସେପର୍ଯ୍ୟନ୍ତ ବର୍ତ୍ତମାନ ସଦୃଶ ଚକଟାମନ୍ଥା ଦ୍ୱନ୍ଦ୍ୱ, ବିରୋଧ ଚାଲିଥିବ । କୌଣସି ସଂସ୍ଥା ସ୍ଥାୟୀ ହୋଇ ନିରାପଦରେ ତିଷ୍ଠି ପାରିବ ନାହିଁ । ବ୍ୟକ୍ତି ତଥା ସଂସ୍ଥା ଏବଂ ସମାଜ ବାଧ୍ୟ ହୋଇ ସତ୍ୟକୁ ଗ୍ରହଣ କରିବେ । ତେବେ ସୁଖଶାନ୍ତିରେ ରହିପାରିବେ । ଏହାଛଡ଼ା ଆଉ ଅନ୍ୟ ଉପାୟ ନାହିଁ । ଏହି ନୂତନ ବର୍ଷର ମା'ଙ୍କ 'ବାଣୀ'ରେ ଏହାହିଁ ସୁସ୍ପଷ୍ଟ :

"Men, countries, continents !
The choice is imperative :
Truth or the abyss."

''ମନୁଷ୍ୟ, ଦେଶ, ମହାଦେଶସକଳ ! ବାଛିନିଅ – ଅନ୍ୟ ପନ୍ଥା ନାହିଁ – ପୂର୍ଣ୍ଣସତ୍ୟ ଅବା ରସାତଳ !''

ପୂର୍ବେ କୁହା ହୋଇଛି ଯେ ଯେଉଁ ବର୍ଷ କ୍ରମାନ୍ୱୟରେ ଚାରିଟି ଅଙ୍କ ପଡ଼ିଛି ସେହି ବର୍ଷ ବା ସେହି କାଳ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଅତିମାନସ ପ୍ରତିଷ୍ଠା କାର୍ଯ୍ୟ ବିଶେଷ ରୂପେ ଅଗ୍ରଗତି ଲାଭ କରିଛି ଏବଂ ବିଶେଷ ଘଟଣା ଘଟିଛି । ୧୯୬୭ ମସିହାରେ ସେହି କ୍ରମାନ୍ୱୟ ଅଙ୍କ ୪.୫.୬୭ ପଡ଼ିଛି, ଏହି ମେ ମାସ ଚାରି ତାରିଖରେ । ଏହି ଦିନଟି ସକାଶେ ଏହି ବର୍ଷଟି ବିଶେଷ ମହତ୍ତ୍ୱପୂର୍ଣ୍ଣ ହୋଇଉଠିଛି । ଏହି ବର୍ଷର ମହତ୍ତ୍ୱ ସମ୍ବନ୍ଧେ ଶ୍ରୀମା-ଶ୍ରୀଅରବିନ୍ଦ ଯାହା ଘୋଷଣା କରିଥିଲେ ତାହା ନିମ୍ନରେ ପ୍ରଦତ୍ତ ହେଲା ।

୧୯୬୩ ସାଲ ମାର୍ଚ୍ଚ ମାସରେ ଶ୍ରୀମା'ଙ୍କ ସଙ୍ଗେ ଜଣେ ବ୍ୟକ୍ତିଙ୍କର ସାକ୍ଷାତ୍ ସମୟରେ ସେ ଶ୍ରୀମା'ଙ୍କୁ ନିମ୍ନୋକ୍ତ ପ୍ରଶ୍ନ କରିଥିଲେ :

''ମା, ୧୯୪୫ ସାଲ ଅଗଷ୍ଟ ୩୦ ତାରିଖରେ ଆପଣ କହିଥିଲେ, 'ବର୍ତ୍ତମାନର ମାନବ ସଭ୍ୟତାକୁ ରକ୍ଷା କରିବା ଯେ ଭଗବାନଙ୍କ ଇଚ୍ଛା, ମୁଁ ତୁମକୁ ଏ ପ୍ରତିଶ୍ରୁତି ଦେଇପାରିବି ନାହିଁ । (I can not promise you that the Divine's will is to preserve the present human civilisation.)' ବର୍ତ୍ତମାନ କ'ଣ ଆପଣ କହିବେ ଯେ ଭଗବାନ୍ ବର୍ତ୍ତମାନର ମାନବ ସଭ୍ୟତାକୁ ରକ୍ଷା କରିବା ପାଇଁ ସ୍ଥିର କରିଛନ୍ତି ?''

ଏହି ପ୍ରଶ୍ନ ଶୁଣି ଶ୍ରୀମା ଦୀର୍ଘ ସମୟ ଧରି ଚକ୍ଷୁ ବନ୍ଦ କରି ଏକାଗ୍ର ରହିଲେ ଏବଂ ତା'ପରେ ଚକ୍ଷୁ ଉନ୍ମୀଳିତ କରି ସ୍ପଷ୍ଟ କଣ୍ଠରେ କହିଲେ, ''ଏହା ୧୯୬୭ରେ **ସ୍ଥିର** ହେବ ।'' (It will be settled in 1967) । ଶ୍ରୀମା ଏହି ସ୍ଥିର (settled) ଶବ୍ଦ ଉପରେ ବିଶେଷ ଜୋର୍ ଦେଲେ ଏବଂ ପୁଣି ଥରେ କହିଲେ, ''ମୋ ବାକ୍ୟରେ କୌଣସି ପରିବର୍ତ୍ତନ କରିବ ନାହିଁ, ଏହା ୧୯୬୭ରେ ହିଁ **ସ୍ଥିର** ହେବ (Do not change my words : it will be settled in 1967.) ।''

୧୯୫୮ ସାଲରେ ଶ୍ରୀମା ଘୋଷଣା କରିଥିଲେ :

"This new realisation is proceeding with what one might call a lightning speed, for if we consider time in the ordinary way, only two years have passed – a little more than two years – from the time the supramental substance penetrated into the earth atmosphere to the time the change in the quality of the earth atmosphere took place.

If things go on advancing at this speed, it seems more than possible, almost evident, that what Sri Aurobindo wrote in a letter is a prophetic announcement : The supramental consciousness will enter a phase of realising power in 1967.[1]"

(CWM. Vol.9, p.315) – The Mother

([1]"4-5-67 is the year of complete realisation." *Letters on Yoga*, SABCL, Vol. 22, p. 35)

''କହିବାକୁ ଗଲେ ଏହି ନୂତନ ସିଦ୍ଧି ବୈଦ୍ୟୁତିକ ପ୍ରଖର ଗତିରେ ତା'ର କାର୍ଯ୍ୟ କରିଚାଲିଛି । କାରଣ ଯଦି ଆମ୍ଭେମାନେ ସାଧାରଣ ଅର୍ଥରେ ସମୟକୁ ଧରୁ, ତେବେ ଏହି ପାର୍ଥିବ ପରିବେଶ ମଧ୍ୟରେ ଅତିମାନସ ଦିବ୍ୟ ତତ୍ତ୍ୱ ଯେବେ ପ୍ରବେଶ କରିଛି, ତାହା ଦୁଇ ବର୍ଷ, ଦୁଇ ବର୍ଷରୁ କିଛି ଅଧିକ ହେବ; ଏହା ଭିତରେ ପାର୍ଥିବ ବାତାବରଣରେ ଯେଉଁସବୁ ପରିବର୍ତ୍ତନ ଦେଖାଦେଇଛି, ଯଦି ଏହି ପରିବର୍ତ୍ତନ ଏହିପରି ଗତିରେ ଅଗ୍ରସର ହୁଏ, ତେବେ ଏହା ନିଶ୍ଚୟ ସମ୍ଭବ ଓ ଏହା ଏକେବାରେ ସୁସ୍ପଷ୍ଟ ଯେ ଯାହା ଶ୍ରୀଅରବିନ୍ଦ ଗୋଟିଏ ପତ୍ରରେ ଲେଖିଥିଲେ, ତାହା ହେବ ଏକ ଦିବ୍ୟ ଘୋଷଣା : 'ଅତିମାନସ ଚେତନା ୧୯୬୭ ସାଲରେ ନିଜକୁ ସଂସିଦ୍ଧ ବା ପ୍ରତିଷ୍ଠା କରିବାର ସାମର୍ଥ୍ୟର ପର୍ଯ୍ୟାୟରେ ଉପନୀତ ହେବ' ।''

– ଶ୍ରୀମା

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୭୮୬ -୭୯୦) ❑

# ପୂର୍ଣ୍ଣତା

## ହୃଷୀକେଶ ପଣ୍ଡା

ପୂର୍ଣ୍ଣତାର ପିଛା କରି
କିଏ କେତେ ଚଢ଼ିଲେଣି ଦୁର୍ଗମ ପାହାଡ଼
କାହାରିକୁ ଜଣା ନାହିଁ
ଆଉ କେତେ ବାଟ ଅଛି
ଗିରି ଶୃଙ୍ଗ ପର୍ବତ ଶିଖର ।

ଏବେ ତଳକୁ ଚାହିଁଲେ ଆଉ ଦିଶୁ ନାହିଁ
କେମିତି ଅଛନ୍ତି ମଣିଷ
ଦୁଃଖସବୁ ବଢୁଛି ନା ଫେରିଲାଣି ହସ;
ପୁଣି ଉପରକୁ ଚାହିଁଲେ ବି ଦିଶୁ ନାହିଁ
ଆକାଶର ସୂର୍ଯ୍ୟ ଏବେ ବାଳୁତ ନା ବୃଦ୍ଧ
ସୁନେଲି କିରଣ ତା'ର ପୀତ ନା ଲୋହିତ !
ଜହ୍ନର ଆକାର ଏବେ ଗୋଲ ନା
ଦାଆ ପରି ବଙ୍କା ପାଲଟିଛି
ସାରା ପୃଥିବୀରେ ଏବେ
ପୂର୍ଣ୍ଣିମା ନା ଅମାବାସ୍ୟା ତିଥି !

ସୂର୍ଯ୍ୟ ଚନ୍ଦ୍ର ତାରାମାନେ କିରଣ ବାଣ୍ଟୁଛନ୍ତି ନା
ବାଦଲର ଉହାଡ଼ରେ ଲୁଚି ରହିଛନ୍ତି,
ଧରଣୀରେ କେଉଁ ଋତୁ କିପରି ଚାଲିଛି
ଗ୍ରୀଷ୍ମ ଜଳାଉଛି ନା ବର୍ଷା ଭିଜାଉଛି
ଶୀତ କନ୍ଦାଉଛି ନା ବସନ୍ତ ରଙ୍ଗାଉଛି
ପାହାଡ଼ ଚଢ଼ିବା ବେଳେ ଘାରୁଥିବା ପ୍ରଶ୍ନସବୁ
କାଳକ୍ରମେ ନୀରବି ଯାଉଛି ।

ଉପର ପାହାଚସବୁ ହାତ ଠାରି କହୁଛନ୍ତି,
ଆମକୁ ଆଶ୍ରୟ କରି ଧୀରେ ଧୀରେ ଉଠ
ଖୋଜ ନାହିଁ ଜାଣିବାକୁ କେଉଁ ଦିନ ମିଳିଯିବ
କେଉଁଠାରେ ପୂର୍ଣ୍ଣତାର ଶେଷ ପୂର୍ଣ୍ଣଚ୍ଛେଦ ।
ପୂର୍ଣ୍ଣତା ବୁଝିବା ଲୋକ ପୂର୍ଣ୍ଣତା ଖୋଜନ୍ତି ନାହିଁ
ଚାଲିବାର ଆନନ୍ଦ ହିଁ ତାଙ୍କ ପାଇଁ ପରମ ପୂର୍ଣ୍ଣତା
ଅଗଣିତ ପୂର୍ଣ୍ଣଚ୍ଛେଦ ଭେଟ ହେବା ପରେ
ତଥାପି ଚାଲନ୍ତି ବାଟ ଅତିକ୍ରମ କରିବାକୁ
ଜୀବନର ଅସମାପ୍ତ ପଥ ।

ତାହା ହିଁ ତ ଆଶ୍ଚର୍ଯ୍ୟ-ଆଶ୍ୱାସ,
ଦିବ୍ୟ ଏକ ପ୍ରେରଣାର ଭିତ୍ତି
ଶିଖରକୁ ଛୁଇଁବାର ପୂର୍ଣ୍ଣ ପ୍ରତିଶ୍ରୁତି !! ❑

କାହାଣୀ :

# ଭିନ୍ନ ବିଚାର

## ମନୋଜ ଦାସ

ତିନି-ଚାରି ପୁରୁଷ ତଳର କଥା । କୁମାର ଦିନେ ତା' ମାମୁ ଘରକୁ ଯାଉଥାଏ । ତା' ବିଦ୍ୟାଳୟରେ ପୂଜା ଛୁଟି । ମାମୁ ଘରେ ମଜାରେ ସେ ବିତାଇବ କିଛି ଦିନ ।

ଧୀରେ ଧୀରେ ସେ ବାଟ ଚାଲୁଥାଏ; କେତେବେଳେ ଗୀତ ବୋଲୁଥାଏ ତ କେତେବେଳେ ସିଟି ମାରୁଥାଏ । ବାଟରେ ଲୋକବାକ ବିଶେଷ କେହି ନ ଥା'ନ୍ତି । ହଠାତ୍ ତା' ଆଖି ପଡ଼ିଗଲା ଗୋଟାଏ ଆମ୍ବଗଛ ଉପରେ । ବହୁତ ଉଚ୍ଚରେ ପେଣ୍ଠା ପେଣ୍ଠା ପାଚିଲା ଆମ୍ବ ଝୁଲି ରହିଛି । ସେ ଆମ୍ବ ଅବଶ୍ୟ ଖୁବ୍ ସୁସ୍ୱାଦୁ ହୋଇଥିବ । କାରଣ ତାହା ରାଜାଙ୍କ ଫଳ ବଗିଚାର ଗଛ । ବଗିଚା ଚାରିପଟେ କଣ୍ଟାବାଡ଼ । ଗଛଟିର ଗୋଟାଏ ଅଂଶ ରାସ୍ତା ଉପରକୁ ଢଳି ରହିଥାଏ । ଆମ୍ବଟାଏ ଖସିଲେ ତାହା ରାସ୍ତାରେ ପଡ଼ିବ ।

କୁମାର ଏଣେ ତେଣେ ଅନାଇଲା । ଅଳ୍ପ ଦୂରରେ କେତେ ଖଣ୍ଡି ଭଙ୍ଗା ଇଟା ପଡ଼ିଛି । ସେ ତହିଁରୁ ଗୋଟାକୁ କଚାଡ଼ି ଖଣ୍ଡ ଖଣ୍ଡ କଲା । ଚାରି ପାଞ୍ଚଗୋଟି ଢେଲା ତିଆରି ହୋଇଗଲା ।

ତା'ର ଲକ୍ଷ୍ୟଭେଦ ମନ୍ଦ ନୁହେଁ । ସେ ଗୋଟାଏ ଆମ୍ବ ପେଣ୍ଠାକୁ ଲକ୍ଷ୍ୟ କରି ଢେଲାଟିଏ ଫୋପାଡ଼ିଲା । ସୁନ୍ଦର ଆମ୍ବଟିଏ ଖସି ପଡ଼ିଲା । ସେ ତାକୁ ଥଳିରେ ପୂରାଇଲା । ଏଥର ସେ ଆଉ ଗୋଟାଏ ଆମ୍ବକୁ ଲକ୍ଷ୍ୟ କରି ଢେଲା ଫୋପାଡ଼ିଲା । କିନ୍ତୁ ଏଥର ଢେଲାଟି ଆମ୍ବ ଦେହରେ ବାଜିଲା ନାହିଁ । ବାଡ଼ ସେପଟେ ବଗିଚା ଭିତରେ ଯାଇ ପଡ଼ିଲା ।

''ଛାଡ଼ ! ଗୋଟାଏ ଆମ୍ବ ମୋ କପାଳରେ ଥିଲା । ଆଉ ନାହିଁ !'' ସେ ମନକୁ ମନ ଏହା କହି ପୁଣି ବାଟ ଚାଲିବାକୁ ଆରମ୍ଭ କରୁଛି, ବାଡ଼ ସେପାରିରୁ ଦୁଇଜଣ ହୃଷ୍ଟପୁଷ୍ଟ ଯୁବକ ଫାଟକ ଖୋଲି ଦୁଇ ଚାରି ଲମ୍ଫରେ କୁମାର ପାଖରେ ପହଞ୍ଚି ଗଲେ ଏବଂ ତାକୁ ଧରି ପକାଇଲେ ।

କୁମାର ଭୟରେ କାକୁସ୍ଥ ହୋଇ ସେମାନଙ୍କ ଆଡ଼େ ଅନାଇଲା ।

''ତୋ'ର ଏଡ଼େ ବହପ, ଟୋକା, ତୁ ରାଜାଙ୍କ ମୁଣ୍ଡକୁ ଢେଲା ମାରିବୁ ? ତୋ' କପାଳରେ ପ୍ରାଣଦଣ୍ଡ ଅଛି ।'' ଏହା କହି ସେ ଦୁଇଜଣ ତାକୁ ବଗିଚା ଭିତରକୁ ଟାଣି ନେଇଗଲେ । ସେମାନଙ୍କ କଥାବାର୍ତ୍ତାରୁ କୁମାର ବୁଝିଲା, ରାଜା ବଗିଚା ଭିତରେ ନିର୍ଜନରେ ମଧ୍ୟେ ମଧ୍ୟେ ବିଶ୍ରାମ କରନ୍ତି । ସେଦିନ ମଧ୍ୟ ଗୋଟାଏ ଖଟିଆ ଉପରେ ଶୋଇ ସୁଲୁସୁଲୁ ବାଆ ଉପଭୋଗ କରୁଥିଲେ । ଅଳ୍ପ ଦୂରରେ ରହି ତାଙ୍କ ଦେହରକ୍ଷୀମାନେ ତାଙ୍କ ଉପରେ ଆଖି ରଖିଥିଲେ । କୁମାରର ଦ୍ୱିତୀୟ ଢେଲାଟି ରାଜାଙ୍କ ମୁଣ୍ଡ ଉପରେ ପଡ଼ିଥିଲା । ଅବଶ୍ୟ ତାଙ୍କର ବିଶେଷ କ୍ଷତି ହୋଇ ନ ଥିଲା । ସେ ଚମକି ପଡ଼ିଥିଲେ ।

ଦେହରକ୍ଷୀମାନେ କୁମାରକୁ ନେଇ ରାଜାଙ୍କ ଆଗରେ ହାଜର କରାଇଲେ । ରାଜା ହାତରେ ଢେଲାଟି ଧରି ଖଟିଆ ଉପରେ ବସିଥିଲେ ।

କୁମାରର ପିଳେହି ପାଣି ହେଲାଣି । ସେ ଯାଇ ରାଜାଙ୍କୁ ଜୁହାର ହୋଇ ହାତଯୋଡ଼ କରି ଠିଆ ହେଲା । ପ୍ରାଣଦଣ୍ଡ ନ ହେଲେ ବି କାରାଦଣ୍ଡ ଅଥବା ଖାସ୍ ମାଡ଼ ଦଣ୍ଡ ଯେ ତାକୁ ମିଳିବ ସେ ବିଷୟରେ ତା'ର ସନ୍ଦେହ ନ ଥିଲା । ରାଜା ତା'ର ନାମ ଧାମ ପଚାରିଲେ । ତା'ପରେ ପଚାରିଲେ, ''ତୁମେ କେତୋଟି ଆମ୍ବ ଝଡ଼ାଇଲ ?''

''ଆଜ୍ଞା, ମାତ୍ର ଗୋଟାଏ ।'' ଏହା କହି କୁମାର ନିଜ ଥଳିରୁ ଆମ୍ବଟି ବାହାର କରି ଦେଖାଇଲା ।

''ଆଉ ପାରିଲ ନାହିଁ ? ତେବେ ତ ତୁମ ଲକ୍ଷ୍ୟଭେଦ ଖୁବ୍ ଭଲ ନୁହେଁ !'' ଏହା କହି ରାଜା ତାଙ୍କର ଜଣେ ଦେହରକ୍ଷୀକୁ ଦୁଇ ପେଣ୍ଠା ଆମ୍ବ ତୋଳି ଆଣିବାକୁ ଆଦେଶ ଦେଲେ । ଆମ୍ବ ତୋଳା ହୋଇ ଆସିଲା । ରାଜା କହିଲେ, ''ନିଅ । ଯାଅ ଏଥର ।''

କୁମାର କଥା କହିପାରୁ ନ ଥାଏ । ସେ ନିଜ କାନକୁ ବି ବିଶ୍ୱାସ କରିପାରୁ ନ ଥାଏ । ସେ ଖାଲି କହିଲା, ''ଆଜ୍ଞା ?''

''ଦେଖ ପୁଅ, ତୁମେ ଗଛକୁ ଢେଲା ମାରିଲ, ସେ ତୁମକୁ ଆମ୍ବଟାଏ ଦେଇ ପକାଇଲା । ଆମକୁ ଭଗବାନ୍ ରାଜା କରିଛନ୍ତି । ଆମେ ଢେଲା ମାଡ଼ ଖାଇ ଗଛ ତୁଳନାରେ କିଛି ଅଧିକ ଦେବା ନା ନାହିଁ ?''

ଏହାପରେ ରାଜା ହୋ ହୋ ହସି ଚାଲିଗଲେ । କୁମାର ଦୁଇ ପେଛା ଆମ୍ବ ଧରି ପୁଣି ବାଟ ଚାଲିଲା । ସେଦିନ ସେ ମଣିଷର ମହତ୍ତ୍ୱ ସମ୍ପର୍କରେ ଯେଉଁ ଶିକ୍ଷା ପାଇଲା, ତାହା ତାକୁ ଜୀବନସାରା ବାଟ ଦେଖାଇଲା । ସେ ବୁଝିଲା, ପ୍ରତି ଘଟଣାକୁ ସାଧାରଣ ଭାବରେ ଦେଖା ଯାଇପାରେ, ପୁଣି ଅତି ଉଚ୍ଚ ଓ ମହତ୍ ସ୍ତରରୁ ମଧ୍ୟ ଦେଖା ଯାଇପାରେ । ❑

## ବିଶ୍ୱାସ ଓ ଉଦ୍ୟମ

ନିଜର ବିଶ୍ୱାସକୁ ସୁରକ୍ଷିତ କରି ରଖିବା ଲାଗି, ଅନ୍ତରରେ ଏହାର ବୃଦ୍ଧି କରାଇବା ଲାଗି ଏକ ବ୍ୟକ୍ତିଗତ ଉଦ୍ୟମ ଦରକାର । ପରେ – ବହୁ ପରେ – ଦିନେ, ପଛକୁ ଚାହିଁ ଆମେ ଦେଖିପାରୁ ଯେ ଯାହାକିଛି ଘଟିଥିଲା, ଏପରିକି ଆମକୁ ଯାହା ସବୁଠାରୁ ମନ୍ଦ ବୋଲି ମନେ ହେଉଥିଲା, ପଥରେ ଅଗ୍ରସର ହେବା ଲାଗି ତାହା ହିଁ ଭଗବତ୍ କୃପା ଥିଲା; ଏବଂ ତା'ପରେ ଆମେ ବୁଝିପାରୁ ଯେ ବ୍ୟକ୍ତିଗତ ଉଦ୍ୟମ ମଧ୍ୟ ଭଗବତ୍ କୃପା ଥିଲା । କିନ୍ତୁ ସେହି ସ୍ଥାନରେ ପହଞ୍ଚିବା ପୂର୍ବରୁ, ଜଣକୁ ବହୁତ ଆଗେଇବାକୁ ହୁଏ, ବହୁତ ସଂଘର୍ଷ କରିବାକୁ, ଏପରିକି ସମୟେ ସମୟେ ବହୁତ କଷ୍ଟ ଭୋଗିବାକୁ ପଡ଼େ ।

ନିଶ୍ଚେଷ୍ଟ ନିଷ୍କ୍ରିୟତାରେ ବସି ରହି କହିବାଟା, ''ମୋର ଯଦି ବିଶ୍ୱାସ ରଖିବା କଥା ତାହା ମୋ ପାଖକୁ ଆସିବ, ଭଗବାନ ହିଁ ଏହା ମୋତେ ଦେବେ'', ହେଉଛି ଅଳସୁଆମି, ଅଚେତନା ଓ ପ୍ରାୟ ଅସଦିଚ୍ଛାର ଏକ ମନୋଭାବ । ଅନ୍ତରର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ରଖିବା ଲାଗି ବ୍ୟକ୍ତିକୁ ଇନ୍ଧନ ଯୋଗାଇବାକୁ ହେବ; ବ୍ୟକ୍ତି ସେହି ଅଗ୍ନିକୁ ଜଗି ରହିବ । ଯେତେସବୁ ଭୁଲ୍‌ଭ୍ରାନ୍ତି ରହିଛି, ଯାହାକୁ ସେ ପରିତ୍ୟାଗ କରିବାକୁ ଚାହେଁ, ପ୍ରଗତି ପଥରେ ଯାହାସବୁ ବିଳମ୍ବ ଘଟାଏ, ଯାହାସବୁ ରାସ୍ତା ଅନ୍ଧକାର କରେ, ସେସବୁକୁ ହିଁ ଇନ୍ଧନଭାବେ ବ୍ୟକ୍ତିକୁ ଏହି ଅଗ୍ନିଶିଖା ମଧ୍ୟରେ ନିକ୍ଷେପ କରିବାକୁ ହେବ । ବ୍ୟକ୍ତି ଯଦି ଅଗ୍ନିକୁ ଇନ୍ଧନ ନ ଯୋଗାଏ, ତେବେ ଏହା ନିଜର ଅଚେତନା ଓ ନିଷ୍କ୍ରିୟତାର ଭସ୍ମ ମଧ୍ୟରେ କୁହୁଳିବ, ଏବଂ ତା'ପରେ ସେ ଲକ୍ଷ୍ୟରେ ପହଞ୍ଚିବା ପୂର୍ବରୁ ଖାଲି କେତେ ବର୍ଷ ନୁହେଁ, କିନ୍ତୁ ଜନ୍ମ ପରେ ଜନ୍ମ, ଅନେକ ଶତାବ୍ଦୀ ଅତିବାହିତ ହୋଇଯିବ ।

**ଅସୀମଭାବେ** କୌଣସି ଅମୂଲ୍ୟ ପଦାର୍ଥର ଜନ୍ମ ଉପରେ ଜଣେ ଯେପରି ସତର୍କ ନଜର ରଖିଥାଏ, ସେହିପରି ନିଜର ବିଶ୍ୱାସକୁ ଜଣେ ସତର୍କ ନଜର ରଖିବ ଏବଂ ଯାହାସବୁ ଏହାକୁ ଦୁର୍ବଳ, କ୍ଷୀଣ କରିଦିଏ ସେଥିରୁ ଯତ୍ନ ସହକାରେ ଏହାକୁ ସୁରକ୍ଷିତ କରି ରଖିବାକୁ ହେବ ।

ପ୍ରାରମ୍ଭର ଅଜ୍ଞାନତା ଓ ଅନ୍ଧକାର ମଧ୍ୟରେ, ବିଶ୍ୱାସ ହେଉଛି ଭଗବତ୍ ଶକ୍ତିର ସର୍ବଶ୍ରେଷ୍ଠ ପ୍ରତ୍ୟକ୍ଷ ପରିପ୍ରକାଶ ଯାହା ଯୁଦ୍ଧ କରିବା ସକାଶେ ଓ ବିଜୟ ହାସଲ କରିବା ସକାଶେ ହିଁ ଆସିଥାଏ ।

– ଶ୍ରୀମା

# ସାମାଜିକ ପୁନର୍ଗଠନରେ ଛାତ୍ରମାନଙ୍କର ଭୂମିକା

## ପ୍ରପତ୍ତି

ବର୍ତ୍ତମାନ ସମାଜ, ସାମାଜିକ ଜୀବନ ଓ ସାମାଜିକ ଆଚାର-ବିଚାର ନଷ୍ଟଭ୍ରଷ୍ଟ ହୋଇ ଯାଇଛି । ନୀତି, ନିୟମ, ଶୃଙ୍ଖଳା ବା ମୂଲ୍ୟବୋଧ ବୋଲି କିଛି ନାହିଁ । ଧର୍ମ ଓ ନୈତିକତା ବହୁଦିନଠାରୁ ସାମାଜିକ ଜୀବନରୁ ବିଦାୟ ନେଇଛି । କେଉଁ ନୀତି ଓ କେଉଁ ବିଚାର ଉପରେ ସାମାଜିକ ଜୀବନ ପରିଚାଳିତ ହେଉଛି ତାହା ବୁଝିବା କଷ୍ଟକର । ବିଶୃଙ୍ଖଳା, ବିକ୍ଷୋଭ, ଦ୍ୱନ୍ଦ୍ୱ, ଅସ୍ଥିରତା ଓ ଅଶାନ୍ତି ସାମାଜିକ ଜୀବନକୁ ଖଣ୍ଡବିଖଣ୍ଡ କରି ଦେଇଛି । ଏପରି ଏକ ବିଶୃଙ୍ଖଳ ଓ ବିପର୍ଯ୍ୟସ୍ତ ସାମାଜିକ ଜୀବନରେ ଛାତ୍ରଛାତ୍ରୀ, ତରୁଣ ଓ ଯୁବକମାନଙ୍କର ଯେଉଁ ଦୁର୍ଦ୍ଦଶା ଦେଖା ଦେବ ତାହାକୁ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରିବା କେବଳ କଷ୍ଟସାଧ୍ୟ ନୁହେଁ, ଅସମ୍ଭବ ମଧ୍ୟ । କାରଣ ମନୁଷ୍ୟ ସାଧାରଣତଃ ପାରିପାର୍ଶ୍ୱିକ ଅବସ୍ଥାର ଦାସ । ବହୁତ ଅଳ୍ପ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟେ । ଅଧିକାଂଶ ସ୍ଥଳରେ ମନୁଷ୍ୟ ତା'ର ଚାରିପାଖ ବାତାବରଣର ପରିସ୍ଥିତି ଲକ୍ଷ୍ୟ କରି ଗଢ଼ିଉଠେ । ସମାଜ ଯେ ବ୍ୟକ୍ତିଗତ ଜୀବନ ଉପରେ ଗଭୀର ଚାପ ଓ ପ୍ରଭାବ ପକାଏ ଏଥିରେ ସନ୍ଦେହ ନାହିଁ । ବ୍ୟକ୍ତି ମଧ୍ୟ ବେଳେ ବେଳେ ନିଜର ଅସାମାନ୍ୟ ଚିନ୍ତା ଓ ବୈପ୍ଳବିକ କର୍ମଧାରା ଦ୍ୱାରା ସମଗ୍ର ସାମାଜିକ ଜୀବନକୁ ନୂଆ କରି ଗଢ଼ିତୋଳେ । କିନ୍ତୁ ଶେଷୋକ୍ତ ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ ।

ବର୍ତ୍ତମାନ ସାମାଜିକ ଜୀବନ ଯେ ଭୁଶୁଡ଼ି ପଡ଼ିଛି ତାହାର ପ୍ରଧାନ କାରଣ ହେଲା ତାହା ମୂଳରେ ଥିବା ସତ୍ୟ ବହୁତ ଦିନରୁ ଅଚଳ ଓ ଅକାମୀ ହୋଇ ଗଲାଣି । ଦ୍ୱିତୀୟତଃ, ଏକ ନୂତନ ସମାଜ ଓ ଜୀବନଧାରାର ଅଭ୍ୟୁଦୟ କାଳରେ ଏହିପରି ଘଟିଥାଏ । ପୁରାତନ ସମସ୍ତ ନୀତିନିୟମ ଓ ବିଧିବିଧାନ ଆପେ ଆପେ ଅଚଳ ଓ ଅକାମୀ ହୋଇଯାଏ । ପୁରାତନ ସମାଜର ମୂଳଭିତ୍ତି ଥିଲା ଧର୍ମ ଓ ନୈତିକତା – ଏହି ଧର୍ମ ମନ-ନିର୍ମିତ, ନୈତିକତା ମଧ୍ୟ ମନଃ-ପ୍ରସୂତ । ଧର୍ମ ମୂଳତଃ ମନୁଷ୍ୟକୁ ଏକ ଭୂମା, ବିଶାଳ, ଅନନ୍ତ ଓ ଶାଶ୍ୱତଙ୍କର ସନ୍ଧାନ ଦିଏ, କିନ୍ତୁ କାଳକ୍ରମେ ଏହା ଏପରି କ୍ରିୟା-କର୍ମ ଓ ବାହ୍ୟ ଉପଚାର, ପୂଜା-ପଦ୍ଧିତର ରୂପ ଗ୍ରହଣ କରି ସାମ୍ପ୍ରଦାୟିକ ହୋଇଉଠେ ଯେ ମନୁଷ୍ୟ କେବଳ ଶେଷରେ ଧର୍ମର ଆବରଣଟିକୁ ଧରି ରହିଥାଏ, ଆଉ ଧର୍ମର ମୂଳ ରହସ୍ୟ ଲୁପ୍ତ ହୋଇ ଯାଇଥାଏ । ଧର୍ମ କୁସଂସ୍କାର ଓ ଭଣ୍ଡାମିରେ ପୂର୍ଣ୍ଣ ହୋଇଉଠେ । ମନୁଷ୍ୟ ନିଜ ବୁଦ୍ଧି ବଳରେ ତାହାର ପରିବର୍ତ୍ତନ କରିବାକୁ ଚାହିଁଲେ ମଧ୍ୟ ତାହା ପରିବର୍ତ୍ତିତ ହୋଇପାରେ ନାହିଁ । ସେଥିପାଇଁ ଧର୍ମର ସକଳ ବାହ୍ୟ କର୍ମାନୁଷ୍ଠାନ ଥିଲେ ମଧ୍ୟ, ସକଳ ଶାସ୍ତ୍ର ଓ ଗ୍ରନ୍ଥ ଥିଲେ ମଧ୍ୟ, ମନୁଷ୍ୟ ସେଥିପ୍ରତି ଆକୃଷ୍ଟ ହେଉ ନାହିଁ । ମନୁଷ୍ୟର ଅନ୍ତରାତ୍ମା ସେହିସବୁ ଜରାଜୀର୍ଣ୍ଣ ଅସ୍ଥିକଙ୍କାଳସାର ଧର୍ମ-ଜୀବନର ଗଣ୍ଡି ମଧ୍ୟରୁ ବାହାରି ଯାଇ ବା ତାକୁ ଅତିକ୍ରମ କରି ଅନ୍ୟ ଏକ ଭୂମିରେ ଉତ୍ତୀର୍ଣ୍ଣ ହେବାକୁ ପ୍ରସ୍ତୁତ ହୁଏ । ଯଥାର୍ଥରେ କହିବାକୁ ଗଲେ ନୂତନ ସତ୍ୟର ଅଭ୍ୟୁଦୟ କାଳରେ ଏହିପରି ବିପର୍ଯ୍ୟୟ ଦେଖାଦିଏ । ବର୍ତ୍ତମାନ ଯୁଗ-ପରିବର୍ତ୍ତନର ବେଳ । ନୂତନ ଯୁଗର ଆବିର୍ଭାବ ହେବ, ନୂତନ ସମାଜର ପ୍ରକାଶ ହେବ, ନୂତନ ମାନବଜାତିର ପ୍ରତିଷ୍ଠା ହେବ । ପୁରାତନ ଯୁଗ, ପୁରାତନ ରୀତିନୀତି, ବିଧିବିଧାନ ପ୍ରାୟ ଧ୍ୱଂସ ପାଇଯିବ । ପୃଥିବୀର ବିବର୍ତ୍ତନଧାରାରେ ଏହିପରି ବରାବର ହିଁ ଘଟିଥାଏ । କିନ୍ତୁ ମନୁଷ୍ୟ ସାଧାରଣତଃ ଯେଉଁ ନୂତନ ଜିନିଷ ଆସୁଛି ସେ ସମ୍ବନ୍ଧରେ ଅଜ୍ଞ ଥାଏ, ଅଚେତନ ଥାଏ । ପରିସ୍ଥିତି ଜଟିଳ ହୋଇଥିବାରୁ ତାହା ବୁଝିବାକୁ କଠିନ ହୁଏ । ଏପରି ପରସ୍ପର ବିରୋଧୀ କଥାକୁ ଏକ ସଙ୍ଗରେ ଗ୍ରହଣ କରିବା ଏବଂ ବାହ୍ୟ ରୂପ ବା ଘଟଣାବଳିରେ ଭୁଲି ନ ଯାଇ ଅନ୍ତର୍ନିହିତ ସତ୍ୟକୁ ବୁଝିବା ସାଧାରଣ ବ୍ୟକ୍ତିଙ୍କ ପକ୍ଷରେ ଖୁବ୍ କଷ୍ଟକର ହୋଇଉଠେ । ସୁତରାଂ ମନୁଷ୍ୟର ଚିନ୍ତା ବ୍ୟାହତ ହୁଏ ଏବଂ ବୁଦ୍ଧି ବିବ୍ରତ ହୁଏ ।

ସାମାଜିକ ଜୀବନର ଏହିପରି ଏକ ଦୁର୍ଦ୍ଦିନରେ, ଆନ୍ତର ବିଲୟ କାଳରେ (Inner dissolution) ସେହି ସମାଜରେ ବାସ କରୁଥିବା ଯୁବକଯୁବତୀ ତଥା ଛାତ୍ରଛାତ୍ରୀମାନଙ୍କର ଭୂମିକା କ'ଣ ? ପ୍ରଥମତଃ ସେମାନେ ଯେଉଁ ଶିକ୍ଷା ଲାଭ କରୁଛନ୍ତି ତାହା ସେମାନଙ୍କୁ ଯଥାର୍ଥ ମନୁଷ୍ୟ କରି ଗଢ଼ି ତୋଳି ପାରିବ କି ? ପ୍ରତ୍ୟେକ ସମୟରେ ସାମାଜିକ ପରିସ୍ଥିତି ପ୍ରଚଳିତ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ଶିକ୍ଷା ମଧ୍ୟ ସାମାଜିକ ଜୀବନଧାରା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଅତଏବ ଶିକ୍ଷାକୁ ବଦଳାଇବାକୁ ହେଲେ ସମାଜକୁ ବଦଳାଇବାକୁ ହେବ ଏବଂ

ସମାଜକୁ ବଦଳାଇବାକୁ ହେଲେ ଶିକ୍ଷାକୁ ବଦଳାଇବାକୁ ହେବ । କିନ୍ତୁ ଆମ୍ଭେମାନେ କେଉଁଠାରୁ ଆରମ୍ଭ କରିବା ? ବ୍ୟକ୍ତି ହିଁ ଏହି ପରିବର୍ତ୍ତନର ଅଗ୍ରଦୂତ ହେବ ଏବଂ ସାମାଜିକ ଜୀବନକୁ ପରିବର୍ତ୍ତିତ କରିବା ପାଇଁ ପ୍ରଥମ ପଦକ୍ଷେପ ନେବ । ଅର୍ଥାତ୍ ପ୍ରଥମେ କେତେକ ବ୍ୟକ୍ତି ଏହି ନୂତନ ଆଦର୍ଶକୁ ଗ୍ରହଣ କରିବେ ଏବଂ ନିଜ ଜୀବନ ଓ କର୍ମରେ ଏହାକୁ ଫୁଟାଇ ତୋଳିବେ । ଦ୍ୱିତୀୟରେ ଏହି ନୂତନ ଆଦର୍ଶ ସମାଜରେ ପ୍ରସାରିତ ହେବା ଦ୍ୱାରା ସମାଜରେ ଧୀରେ ଧୀରେ ପରିବର୍ତ୍ତନ ଆସିବ । ଏହି ପରିପ୍ରେକ୍ଷୀରେ ଆମ୍ଭେମାନେ ଏହି ନୂତନ ଆଦର୍ଶ ଓ ପରିବର୍ତ୍ତନର ନୂତନ ଭିତ୍ତି ସମ୍ବନ୍ଧରେ ଆଲୋଚନା କରିବା । ସମାଜକୁ ଏହି ନୂତନ ଆଦର୍ଶରେ ଗଢ଼ିବାକୁ ହେଲେ ଛାତ୍ରଛାତ୍ରୀମାନଙ୍କର କ'ଣ କରିବା ଉଚିତ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିବା ।

ନୂତନ ଆଦର୍ଶର ସ୍ୱରୂପ, ଧାରା ଓ ବିଧିବିଧାନ କ'ଣ ? ବର୍ତ୍ତମାନ ପୃଥିବୀ ନୂତନ ଆଦର୍ଶ ନାମରେ ଏତେ କଥା ଓ କଳ୍ପନାଜଳ୍ପନା ଶୁଣି ସାରିଲାଣି ଯେ ଆଉ ନୂତନ କିଛି ଅଛି ବୋଲି ମନେ ହେବ ନାହିଁ । ଏଠାରେ ଯେଉଁ ନୂତନ ଆଦର୍ଶର ବିଷୟ ଆମ୍ଭେମାନେ ଉଲ୍ଲେଖ କରିବୁ ତାହା ବାହ୍ୟ ନୁହେଁ ବରଂ ଏକାନ୍ତ ଆନ୍ତରିକ, ମନୋଗତ । ମନୁଷ୍ୟ ତାହାର ବିକାଶ ଧାରାରେ ଆଉ ଗୋଟିଏ ପରିମିତି, ପାବଚ୍ଛରେ ଉଠିଯିବ ଏବଂ ଏକ ନୂତନ ଚେତନା, ଶକ୍ତି, ଜ୍ୟୋତିଃ ଓ ଜ୍ଞାନ ମଧ୍ୟରେ ପ୍ରବିଷ୍ଟ ହେବ । ଏହା ହିଁ ମନୁଷ୍ୟ ବ୍ୟକ୍ତିତ୍ୱର ଚତୁର୍ଥ ପରିମିତି (Fourth Dimension) । ମନୁଷ୍ୟ ତିନୋଟି ପରିମିତି (Three Dimension) ମଧ୍ୟରେ ବାସ କରୁଛି; ଏଥର ଆଉ ଗୋଟିଏ ପାବଚ୍ଛ ଯୋଡ଼ା ହେବ । ଏହି ନୂତନ ବିକାଶଟି ହେବ ତା' ଅନ୍ତରାତ୍ମାର ବିକାଶ, ଚୈତ୍ୟ ଚେତନାର ବିକାଶ, ଅଧ୍ୟାତ୍ମ ସତ୍ତାର ବିକାଶ । ମନର ବିକାଶ ଫଳରେ ଯେପରି ବୁଦ୍ଧି, ବିବେକ, ଚିନ୍ତା ଓ କଳ୍ପନାର ଅଭ୍ୟୁଦୟ ଘଟିଛି, ସେହିପରି ଚୈତ୍ୟ ଚେତନାର ବିକାଶ ଫଳରେ ଅନ୍ୟ କେତେକ ମହାନ୍ ବୃତ୍ତି ଯଥା – ପୂର୍ଣ୍ଣଜ୍ଞାନ, ଚେତନା, ସାମର୍ଥ୍ୟ, ସୌନ୍ଦର୍ଯ୍ୟ ଓ ଆନନ୍ଦର ବିକାଶ ଘଟିବ । ବୁଦ୍ଧି ସୀମିତ, ସଂକୀର୍ଣ୍ଣ, ଅର୍ଦ୍ଧଦୀପ୍ତ ଓ ବାହ୍ୟ ଘଟଣାବଳୀ ଉପରେ ନିର୍ଭର କରି ନିଜର ଯୁକ୍ତି ଓ ପ୍ରମାଣ ସ୍ଥିର କରେ, କିନ୍ତୁ ଅନ୍ତରସ୍ଥ ଚୈତ୍ୟ ଚେତନା ସ୍ୱୟଂ ଜ୍ୟୋତିର୍ମୟ, ପ୍ରଦୀପ୍ତ ଏବଂ ଜ୍ଞାନମୟ । ଏହା ପରମାତ୍ମାଙ୍କ ଅଂଶ ସ୍ୱରୂପ, ଭାଗବତୀ ଚିତ୍‌ଶକ୍ତିଙ୍କ ପ୍ରତିନିଧି, ସୁତରାଂ ଏପରି ଏକ ନୂତନ ଚେତନାର ଯଦି ବିକାଶ ଘଟେ ତେବେ ମନୁଷ୍ୟର ସମଗ୍ର ବ୍ୟକ୍ତିତ୍ୱ ପରିବର୍ତ୍ତିତ ହୋଇଯାଏ, ଦୃଷ୍ଟିକୋଣ ବଦଳି ଯାଏ । ଆପେ ଆପେ ଜ୍ଞାନ, ଶକ୍ତି, ଆନନ୍ଦ, ଶାନ୍ତି, ସମତା ଓ ପ୍ରେମର ଉଦ୍ଭବ ହୁଏ । ମାନସିକ ସ୍ତରରେ ଆମ୍ଭେମାନେ ନାନା ଘାତ-ପ୍ରତିଘାତ ସହି ଯେଉଁ ଆଦର୍ଶ ହାସଲ ନିମିତ୍ତ ଅଣ୍ଟାଳି ହେଉଛୁ, ତାହା ଏହି ନୂତନ ଚେତନାର ବିକାଶ ଫଳରେ ଆପେ ଆପେ ଦେଖାଦିଏ । ପ୍ରତ୍ୟେକ ଚେତନାର ଗୁଣଧର୍ମ ଅଛି, ନିଜସ୍ୱ ପ୍ରକୃତି ଓ ସ୍ୱଧର୍ମ ଅଛି । ଯେଉଁ ଚେତନା ଭଗବତ୍ ଚେତନାର ପ୍ରତିଭୂ, ପ୍ରତିନିଧି; ତାହାର ସ୍ୱଭାବ ଓ ସ୍ୱଧର୍ମ ମଧ୍ୟ ତଦ୍ରୂପ ହେବ । ଭଗବାନ୍ ହେଲେ ପରମ ଜ୍ଞାନ, ପରମ ଜ୍ୟୋତିଃ, ପରମ ଶକ୍ତି, ପରମ ଆନନ୍ଦ । ଆମ୍ଭମାନଙ୍କ ମଧ୍ୟରେ ଅନ୍ତରର ଗଭୀରରେ ସେ ଚୈତ୍ୟ ଚେତନା ରୂପେ ବାସ କରନ୍ତି । ଆମର ଦେହ-ପ୍ରାଣ-ମନ ସବୁକିଛିର ଉଦ୍ଦେଶ୍ୟ ଏହି ବୃହତ୍ତର ଓ ବିଶାଳତର ଚେତନାର ବାହନ ବା ଯନ୍ତ୍ର ସ୍ୱରୂପ ହେବା । କିନ୍ତୁ ବର୍ତ୍ତମାନ ମନୁଷ୍ୟ ଏହି ବାହ୍ୟ ଦେହ, ମନ, ପ୍ରାଣ ଚେତନାରେ ବାସ କରୁଛି । ତାହାର ଯଥାର୍ଥ ସତ୍ତା ଓ ସତ୍ୟ ହେଲା ତାହା ମଧ୍ୟସ୍ଥ ଉଚ୍ଚତର ଚେତନା, ଶକ୍ତି ଓ ଜ୍ଞାନ । କ୍ରମବିକାଶର ଧାରାରେ ଏହି ଉନ୍ନତ ଚେତନାର ଏକ ବିକାଶ ହେବା ନିଶ୍ଚିତ ଘଟଣା । ଏହା ହେଉଛି ମନୁଷ୍ୟ ମଧ୍ୟରେ ଅମୃତତ୍ୱ, ଅବିନାଶୀ ସଦ୍‌ବସ୍ତୁ । ଭବିଷ୍ୟତରେ ମନୁଷ୍ୟର ଯେଉଁ ଆତ୍ମବିକାଶ ହେବ ତାହା ଏହି ଦିଗରେ ହିଁ ହେବ । ଏହି ହେଲା ନୂତନ ମନୁଷ୍ୟ, ଦେବ ଜାତି (Race of gods) ବା ଅତିମାନବ ଜାତି (Race of supermen) । ଏହାର ଯଥାର୍ଥ ସ୍ୱରୂପ ଓ ପୂର୍ଣ୍ଣ ପରିଣତି ବିଷୟ ଏଠାରେ ଆଲୋଚନା କରିବା ଅନାବଶ୍ୟକ ।

ସୁତରାଂ ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନଙ୍କର ତଥା ସାଧାରଣ ମନୁଷ୍ୟର ଏ କ୍ଷେତ୍ରରେ କର୍ତ୍ତବ୍ୟ କ'ଣ ? ମନୁଷ୍ୟ ସମାଜର ଶିକ୍ଷା, ରାଜନୀତି, ଶିଳ୍ପ, ବାଣିଜ୍ୟର ଲକ୍ଷ୍ୟ କ'ଣ ? ଯଥାର୍ଥରେ ଏହି ଜୀବନର ବିଭିନ୍ନ କର୍ମ ମଧ୍ୟରେ ଯେଉଁ ଜିନିଷ ଫୁଟି ଉଠିବାକୁ ଚେଷ୍ଟା କରୁଛି ତାହା ହିଁ ତା'ର ଅଧ୍ୟାତ୍ମ ସତ୍ତା, ଆନ୍ତର ଚୈତ୍ୟସତ୍ତା । ଯେଉଁ ସମାଜ ଏହି ଭବିଷ୍ୟତ୍ ପ୍ରତି ଲକ୍ଷ୍ୟ ରଖି କାର୍ଯ୍ୟ କରିବ, ତାହା ହିଁ ଏହି ନୂତନତ୍ୱର ଦିଗକୁ ଖୋଲି ଦେବ ଏବଂ ଏହି ଅନାଗତ ନୂତନତ୍ୱକୁ ରୂପ ଦେବ । ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନଙ୍କର କର୍ତ୍ତବ୍ୟ ହେଲା ଏହି ନୂତନ ଚେତନା, ଜ୍ଞାନ ଓ ଶକ୍ତି ପ୍ରତି ଉନ୍ମୁଖ ହେବା; ନିଜ

ମଧ୍ୟରେ ଥିବା ଏହି ନୂତନ ସତ୍ୟ ଓ ଜ୍ଞାନକୁ ଜାଗ୍ରତ୍ କରାଇବା, ତାକୁ ପରିପୋଷଣ କରିବା ଏବଂ ପ୍ରତିପାଳନ କରିବା । ଯେଉଁ ନୂତନ ମନୁଷ୍ୟକୁ ଆମ୍ଭେମାନେ ଖୋଜୁଛୁ, ଯେଉଁ ଦେବତାର ଜନ୍ମ ନିମିତ୍ତ ଆମ୍ଭେମାନେ ଚାହୁଁଛୁ, ତାହା ଆମ ନିଜ ମଧ୍ୟରେ ଅଛି । ସାମାଜିକ ଜୀବନର ପୁନର୍ଗଠନରେ ମାନବ ଜୀବନର ଏହି ଦିଗଟିକୁ ବିକାଶ ପାଇଁ ବିଶେଷ ଦୃଷ୍ଟି ଦେବାକୁ ହେବ । ଅନ୍ୟ ସମସ୍ତ ବିଭବ ମନୁଷ୍ୟ ପାଇଛି ମାତ୍ର ଏହି ଦିଗଟି ସମ୍ବନ୍ଧରେ ସେ ଏବେ ବି ସଚେତନ ନୁହେଁ ।

ଶ୍ରୀଅରବିନ୍ଦ ଦୀର୍ଘକାଳ ଧରି ତପସ୍ୟା କରିଥିଲେ ମନୁଷ୍ୟ ସମାଜକୁ ଏକ ନୂତନ ରୂପ ଦେବାକୁ । ମନୁଷ୍ୟ ତା'ର ଦେବ-ସ୍ୱରୂପରେ ଯେ ଦିନେ ପ୍ରତିଷ୍ଠିତ ହେବ ଏବଂ ନୂତନ ଚେତନା, ଶକ୍ତି ଓ ଜ୍ଞାନ ଲାଭ କରିବ, ଏ ସମ୍ବନ୍ଧରେ ସେ ଏକେବାରେ ସ୍ପଷ୍ଟ ଥିଲେ । ସାମାଜିକ ଜୀବନର ପୁନର୍ଗଠନ ହେଲେ ଏତାଦୃଶ ମନୁଷ୍ୟ ସମାଜ କିପରି ଗଠିତ ହେବ ତାହା ସେ ଅତି ପରିଷ୍କାର ଭାବରେ ତାଙ୍କ ପ୍ରଣୀତ 'ମାନବ-ଯୁଗଚକ୍ର' ପୁସ୍ତକରେ ଆଲୋଚନା କରି ଯାଇଛନ୍ତି । ଏହା ଭବିଷ୍ୟତ୍ ସମାଜ-ବିପ୍ଳବର ମନ୍ତ୍ରମୟ ଗ୍ରନ୍ଥ ଏବଂ ଏଥିରୁ ଆମ୍ଭେମାନେ ଶିକ୍ଷା କରିପାରିବା, ବୁଝିପାରିବା ଯେ ଭାବୀ ସମାଜର ପୁନର୍ଗଠନ କିପରି କରାଯିବ ଏବଂ ବର୍ତ୍ତମାନ ସାମାଜିକ ସ୍ଥିତି କିପରି ଏକ ଅବକ୍ଷୟ ମଧ୍ୟ ଦେଇ ଗତି କରୁଛି ।

ଶ୍ରୀଅରବିନ୍ଦ ଯେଉଁ ଦିଗରେ ମାନବଜାତିର ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ଦେଖିଛନ୍ତି ତାହା ନିଶ୍ଚୟ ସଂଘଟିତ ହେବ । କିନ୍ତୁ ଏ ପରିବର୍ତ୍ତନ କାର୍ଯ୍ୟତଃ ମନୁଷ୍ୟ ସଚେତନ ଭାବେ ଗ୍ରହଣ କରିବ ନା ବାହ୍ୟ ଘାତ-ପ୍ରତିଘାତ ଦ୍ୱାରା ଶିକ୍ଷା କରିବ ? ବେଶୀ ଦିନ ଅଚେତନ ଅବସ୍ଥାରେ ରହିଲେ, ବାହ୍ୟ ପରିସ୍ଥିତି ବିଭିନ୍ନ ଘଟଣା ଦେଇ ମନୁଷ୍ୟକୁ ପରିବର୍ତ୍ତିତ ହେବା ନିମିତ୍ତ ବାଧ୍ୟ କରିବ, ଜୋର୍ କରିବ । ଏଥିପାଇଁ ମନୁଷ୍ୟ ନିଜ ବୁଦ୍ଧି, ବିବେକ ବଳରେ ଏହା ବୁଝିବାକୁ ଚେଷ୍ଟା କରୁ — ଆମର ଏହି ସଦିଚ୍ଛା ବରାବର ରହିଛି ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୫୨-୧୫୫) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୧)

## ମହେନ୍ଦ୍ରନାଥ ସ୍ୱାଇଁ

**ହୃଦୟର ଭାଷା :**

୧୯୧୩ ମସିହା, ନଭେମ୍ବର ୨୮ ପ୍ରତ୍ୟୁଷର ସୂର୍ଯ୍ୟୋଦୟକୁ ଅଭିନନ୍ଦନ ଜଣାଇ ଶ୍ରୀମା ଲେଖିଛନ୍ତି :

"IN this calm concentration which comes before day-break, more than at any other moment, my thought rises to Thee, O Lord of our being, in an ardent prayer.

Grant that this day which is about to dawn may bring to the earth and to men a little more of pure light and true peace; may Thy manifestation be more complete and Thy sweet law more widely recognised; may something higher, nobler, more true be revealed to mankind; may a vaster and deeper love spread abroad so that all painful wounds may be healed; and may this first sunbeam dawning upon the earth be the herald of joy and harmony, a symbol of the glorious splendour hidden in the essence of life."

(Prayers and Meditations, Page. 37)

''ହେ ଆମ୍ଭମାନଙ୍କ ସତ୍ତାର ପ୍ରଭୁ, ଏହି ନୀରବ ନିଶ୍ଚଳ ଧ୍ୟାନମଗ୍ନ ଅବସ୍ଥା ଯାହା ଆସିଥାଏ ସୂର୍ଯ୍ୟୋଦୟ ପୂର୍ବରୁ, ଅନ୍ୟ ଯେକୌଣସି ମୁହୂର୍ତ୍ତଠାରୁ ଯଥେଷ୍ଟ ଅଧିକ ଭାବରେ ମୋ ଚିନ୍ତା-ଭାବନା ଆପଣଙ୍କ ପାଖକୁ ଉଠି ଚାଲିଛି, ଏକ ଦୃଢ଼ ପ୍ରାର୍ଥନାର ସହ ।

ହେ ପ୍ରଭୁ, ଏହି କଥାଟି ପ୍ରଦାନ କରନ୍ତୁ ଯେପରି ଆଜି ଦିନଟି ଯାହାର ଶୁଭାରମ୍ଭ ବର୍ତ୍ତମାନ ହେବାକୁ ଯାଉଛି ତାହା ଏହି ପୃଥିବୀ ନିମନ୍ତେ ଏବଂ ମାନବଜାତି ନିମନ୍ତେ ବହନ କରି ଆଣୁ କିଞ୍ଚିତ୍ ପରିମାଣରେ ଅଧିକ ବିଶୁଦ୍ଧ ଆଲୋକ ଏବଂ ସତ୍ୟତର ଶାନ୍ତି; ଆପଣଙ୍କର ପରିପ୍ରକାଶ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ହେଉ ଏବଂ ଆପଣଙ୍କର ମଧୁର ବିଧାନ ବିସ୍ତୃତ ଭାବରେ ସମସ୍ତେ ଆପଣାଇ ନିଅନ୍ତୁ; ଅଧିକତର ଉଚ୍ଚ, ମହନୀୟ, ଅଧିକତର ସତ୍ୟ ମାନବସମାଜ ସମ୍ମୁଖରେ ଉଦ୍ଭାସିତ ହୋଇ ଉଠୁ; ଏକ ସୁବିସ୍ତୃତ ଗଭୀରତର ପ୍ରେମ ସର୍ବତ୍ର ବିସ୍ତାରିତ ହୋଇଯାଉ, ଫଳତଃ ସକଳ ପ୍ରକାର ଯନ୍ତ୍ରଣାଦାୟକ କ୍ଷତର ଯନ୍ତ୍ରଣା ଉପଶମ ହୋଇ ଭଲ ହୋଇଯିବ; ଏବଂ ଧରିତ୍ରୀ ଉପରକୁ ଅବତରଣ କରି ଆସୁଥିବା ପ୍ରଥମ ସୂର୍ଯ୍ୟକିରଣ ଆନନ୍ଦ ଏବଂ ସଙ୍ଗତିର ବାର୍ତ୍ତାବହ ହେଉ; ଜୀବନ-ନିର୍ଯାସର ଆଭ୍ୟନ୍ତରରେ ଲୁକ୍କାୟିତ ଭାବରେ ସ୍ଥିତ ଗୌରବୋଜ୍ଜ୍ୱଳ ଚମତ୍କାରିତାର ପ୍ରତୀକ ହୋଇ ଉଭା ହେଉ ।''

ପ୍ରାର୍ଥନାର ପ୍ରଥମ ଅନୁଚ୍ଛେଦଟି ଦିବ୍ୟ ଜନନୀ ଶ୍ରୀମାଙ୍କର ମାନବଜାତି, ମାନବସମାଜ ଓ ସମଗ୍ର ଜଗତ୍ ନିମନ୍ତେ ଏକ ସର୍ବୋତ୍ତମ ଅଭୀପ୍ସା । ଉକ୍ତ ଅଭୀପ୍ସା ଭିତରେ ରହିଛି ମାନବ ସମାଜ ନିମନ୍ତେ ଉଚ୍ଚତର ସତ୍ୟ ଓ ଗଭୀରତର ପ୍ରେମର ପ୍ରାର୍ଥନା । ପୁନଶ୍ଚ ସକଳ ପ୍ରକାର ଯନ୍ତ୍ରଣାରୁ ଉପଶମ ଲାଭର ଉପାୟ । ପୂର୍ବାକାଶର ଚକ୍ରବାଳ ତଳେ ତପନ ଉଦୟ ହୋଇ ପ୍ରଥମ କିରଣ ବିଛାଡ଼ି ଦିଅନ୍ତି । ସେହି ଅଦ୍ଭୁତ ଜ୍ୟୋତିର୍ମୟ ରଶ୍ମି ନିଷ୍ପ୍ରଭ ଜୀବନରେ ଶକ୍ତି ଓ ଉଷ୍ମତାର ସ୍ପର୍ଶ ପ୍ରଦାନପୂର୍ବକ ନବ ଜୀବନ ପ୍ରଦାନ କରିଥାଏ । ସେଥିପାଇଁ ବୈଦିକ ମୁନି, ଋଷିମାନେ ପ୍ରାତଃ ସମୟରେ ସ୍ନାନ କରି ଜଳପୂର୍ଣ୍ଣ ଆଞ୍ଜୁଳାରେ ଉଦୀୟମାନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟ ନିବେଦନପୂର୍ବକ ଗାଇ ଉଠନ୍ତି,

''ଜବାକୁସୁମସଂକାଶଂ କାଶ୍ୟପେୟଂ ମହାଦ୍ୟୁତିମ୍ ।
ଧ୍ୱାନ୍ତାରିଂ ସର୍ବପାପଘ୍ନଂ ପ୍ରଣତୋଽସ୍ମି ଦିବାକରମ୍ ।।''

ପ୍ରଭୁ ଶ୍ରୀଅରବିନ୍ଦ ମନ୍ତ୍ରମୟୀ ସାବିତ୍ରୀ ମହାକାବ୍ୟର ପ୍ରଥମ ଖଣ୍ଡ, ପ୍ରଥମ ଅଧ୍ୟାୟରେ ଦେବୀ ଉଷାଙ୍କ ଆଗମନୀର ଏକ ଅପୂର୍ବ ଚିତ୍ରକଳ୍ପ ପ୍ରଦାନ କରିଛନ୍ତି । ତାହାହେଲା –

"Insensibly somewhere a breach began :
A long lone line of hesitating hue

Like a vague smile tempting a desert heart
Troubled the far rim of life's obscure sleep."
(Savitri, P. 2)

''ଘନ ଅନ୍ଧକାର ପ୍ରାଚୀର ଦେହରେ ଅଜଣା ଅଜ୍ଞାତ ସ୍ଥାନେ
ଘାଇଟିଏ ପୁଣି ସୃଷ୍ଟି ହୋଇଗଲା କେଉଁଠି ବା କିଏ ଜାଣେ :
ସେହି ବାଟ ଦେଇ ଭିତରେ ପ୍ରବେଶେ
କ୍ଷୀଣ ଆଲୋକର ରେଖା
ଅତି ସନ୍ତର୍ପଣେ ପ୍ରବେଶ କରଇ ରଙ୍ଗ ଅଟେ ତା'ର ଫିକା
ମଳିନ ଅସ୍ପଷ୍ଟ ସ୍ମିତହାସ୍ୟ ରେଖା ସଦୃଶ ସେ ଦିଶୁଥିଲା
ଶୁଷ୍କ ହୃଦୟରେ ଉନ୍ମାଦନା ତୋଳି ଅନ୍ଧକାରେ ବ୍ୟାପୁଥିଲା
ଘନ ଅନ୍ଧକାର ନିଘୋଡ଼ ନିଦରେ ମଗ୍ନ
ହୋଇ ଶୋଇ ଅଛି
ତା' ଭିତରେ ପଶି ଆଲୋକର ରଶ୍ମି
ଅସ୍ତବ୍ୟସ୍ତ କରୁଅଛି ।''

ଏହା ହିଁ "Dawn-Goddess" ବା ଦେବୀ ଉଷାଙ୍କର ଆଗମନୀର ପ୍ରାକ୍ ଅବସ୍ଥା । ପ୍ରବହମାନା ଖରସ୍ରୋତା ଆଲୋକ-ନଦୀର ପାର୍ଶ୍ୱସ୍ଥ ବନ୍ଧରେ ''ଘାଇ'' ସୃଷ୍ଟି ହୋଇଛି ଏବଂ ସେହି ଘାଇ ମଧ୍ୟ ଦେଇ ଆଲୋକ ସ୍ରୋତର ପ୍ଲାବନ ଛୁଟି ଆସୁଛି ପୃଥିବୀର ବକ୍ଷ ଦେଶକୁ । ଏହା ଏକ ନିତ୍ୟ ନୈମିତ୍ତିକ ଘଟଣା । ଆଲୋକ ଓ ଉଷ୍ମତାର ପ୍ରଭାବରେ ସକଳ ଜୀବସତ୍ତା, ବୃକ୍ଷଲତା, ପୁଷ୍ପ, ଫଳ ଉଲ୍ଲସି ଉଠୁଛନ୍ତି, ନବଜୀବନ ପ୍ରାପ୍ତ ହେଉଛନ୍ତି ।

ଆଲୋଚ୍ୟ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ଶ୍ରୀମା ସେହି ଦିବସ : ନଭେମ୍ବର ୨୮, ୧୯୧୩ ଦିନଟିକୁ ଏକ ପବିତ୍ର ଦିବସ ଭାବରେ ଗ୍ରହଣ କରି ପ୍ରଭୁଙ୍କ ନିକଟରେ ନିବେଦନ କରି କହୁଛନ୍ତି,

''ହେ ମୋର ଦିବ୍ୟପ୍ରଭୁ, ଆଜି ଦିନଟିକୁ ଏକ ବିଶେଷ ଦିନ ହିସାବରେ ଗ୍ରହଣ କରି ଆମକୁ ଏହି ବରଦାନ କରନ୍ତୁ ଯେପରି ଏହା ଆମ ନିମନ୍ତେ ଆପଣଙ୍କ ଇଚ୍ଛାଶକ୍ତିର ଏକ ସମ୍ପୂର୍ଣ୍ଣ ନିବେଦିତ ଭାବ ବହନ କରି ନେଇ ଆସୁ । ଆମେ ଯେପରି ଅଧିକରୁ ଅଧିକ ପରିମାଣରେ ଆପଣଙ୍କ କାର୍ଯ୍ୟରେ ନିୟୋଜିତ ହୋଇପାରୁ; ନିଜକୁ, ନିଜର ଅହଂ କୈନ୍ଦ୍ରିକ ବ୍ୟକ୍ତିତ୍ୱକୁ ଭୁଲିଯାଉ, ଆମେ ଅଧିକ ଆଲୋକିତ ହେଉ ଏବଂ ବିଶୁଦ୍ଧତର ପ୍ରେମକୁ ପ୍ରାପ୍ତ ହେଉ । ହେ ପ୍ରଭୁ ! ଆମକୁ କୃପା କରନ୍ତୁ ଆମେ ଯେପରି ଆପଣଙ୍କ ସହିତ ଗଭୀରରୁ ଅଧିକ ଗଭୀରତର ଭାବରେ ନିରବଚ୍ଛିନ୍ନ ଏବଂ ସମ୍ପୂର୍ଣ୍ଣ ରୂପେ ଏକାକାର ହୋଇଯିବା ପାଇଁ ପ୍ରସ୍ତୁତ ହୋଇଉଠୁ; ଆପଣଙ୍କ ସହିତ ଅଧିକରୁ ଅଧିକ ନିବିଡ଼ ଭାବରେ ଲାଗି ରହୁ ଏବଂ ଆପଣଙ୍କର ଜଣେ ଉପଯୁକ୍ତ ସେବାକାରୀ ହୋଇଯାଉ । ଆମ୍ଭମାନଙ୍କର ସକଳ ଅହଂକାର ଦୂରୀଭୂତ କରି ଦିଅନ୍ତୁ, କ୍ଷୁଦ୍ର କ୍ଷୁଦ୍ର ଗର୍ବ, ଲୋଭ ଏବଂ ଅଜ୍ଞାନତାର ମୂଳୋତ୍ପାଟନ କରି ଦିଅନ୍ତୁ । ଆମେ ଯେପରି ଆପଣଙ୍କ ଦିବ୍ୟ ପ୍ରେମର ଜ୍ୟୋତିଃରେ ଉଦ୍ଭାସିତ ହୋଇଉଠୁ; ଏହି ଜଗତରେ ଆମ୍ଭମାନଙ୍କୁ ଏକ ପ୍ରଦୀପ୍ତ ମଶାଲରେ ପରିଣତ କରି ଦିଅନ୍ତୁ ।

''ପ୍ରାଚ୍ୟ ଭୂଖଣ୍ଡରେ ବ୍ୟବହୃତ ଧୂପ କାଠିର ଶୁଭ୍ର, ସୁବାସିତ, ଧୂମ୍ର-ଶିଖାଟିଏ ସଦୃଶ ମୋର ହୃଦୟରୁ ଏକ ନୀରବ ସ୍ତୁତିର ମୂର୍ଚ୍ଛନା ଊର୍ଦ୍ଧ୍ୱାରୋହଣ କରୁଛି ।

''ସମ୍ପୂର୍ଣ୍ଣ ସମର୍ପଣର ନମ୍ର କୋମଳ ପ୍ରଶାନ୍ତି ମଧ୍ୟରେ, ଊର୍ଦ୍ଧ୍ୱଗାମୀ ଦିବସଟିର ଆଲୋକରେ ମୁଁ ଆପଣଙ୍କ ସମ୍ମୁଖରେ ନତମସ୍ତକ ହୋଇ ପ୍ରଣାମ ଜଣାଉଛି ।''

ଏହି ସମ୍ପୂର୍ଣ୍ଣ ସମର୍ପଣ ସମ୍ପର୍କରେ ଗୋଟିଏ କଥା ମନେ ପଡ଼େ, ତାହା ହେଲା –

'' 'ପି' ନାମକ ଜନୈକା ସାଧିକା ଆଶ୍ରମରେ ଯୋଗଦାନ କରିବା ସମୟରେ ନିଜ ହସ୍ତ-ପ୍ରସ୍ତୁତ ଏକ ସୁନ୍ଦର କାର୍ପେଟ୍ ଶ୍ରୀମା'ଙ୍କୁ ଉପହାର ସ୍ୱରୂପ ନିବେଦନ କରିଥିଲେ । ଶ୍ରୀମା କାର୍ପେଟ୍‌ଟିକୁ ଭାରି ପସନ୍ଦ କରିଥିଲେ । ଥରେ ଶ୍ରୀମା ଜଣେ ସାଧିକାଙ୍କୁ କହିଲେ, '' 'ପି'ଙ୍କୁ ପଚାର ସେ ଗୋଟିଏ ପୁରୁଣା କାର୍ପେଟ୍ ମରାମତି କରିପାରିବେ କି ?'' ଏହା ଶୁଣି 'ପି' ତତ୍‌କ୍ଷଣାତ୍ କହିଲେ, ''ହଁ, ମୁଁ ପାରିବି ।'' ଶ୍ରୀମା ତାଙ୍କୁ ଗୋଟିଏ ଖୁବ୍ ବଡ଼ କାର୍ପେଟ୍ ମରାମତି କରିବାକୁ ଦେଇଥିଲେ ।

'ପି'ଙ୍କର ଖୁସି କହିଲେ ନ ସରେ । ଆଶ୍ରମରେ ଯୋଗ ଦେବାର ମାସେ, ଦୁଇ ମାସ ମଧ୍ୟରେ ଦିବ୍ୟଜନନୀ ଶ୍ରୀମାଙ୍କ କକ୍ଷରେ ଯାଇ କାର୍ଯ୍ୟ କରିବାର ସୁଯୋଗ ପ୍ରାପ୍ତ ହେବା କମ୍ ସୌଭାଗ୍ୟର କଥା ନୁହେଁ ।

କାମ ଚାଲିଥିଲା ବେଳେ ଯେବେ ଉଲ୍ କିଂବା ସୂତା ଆବଶ୍ୟକ ହୁଏ, 'ପି' ଯାଇ ଦ୍ୟୁମାନ୍ ଭାଇଙ୍କୁ କହନ୍ତି, ଦ୍ୟୁମାନ୍ ଭାଇ ଏକଥା ମା'ଙ୍କୁ ଯାଇ କହନ୍ତି । ଦିନେ ମା ଦ୍ୟୁମାନ୍‌ଙ୍କୁ କହିଲେ, ''ମୁଁ କୌଣସି ମଧ୍ୟସ୍ଥତା ଚାହେଁ ନାହିଁ । ତାଙ୍କୁ କହିଦିଅ, ତାଙ୍କର ଯେତେବେଳେ ଯାହା ଆବଶ୍ୟକ ସିଧା ଆସି ମୋ'ଠାରୁ ନେଇଯିବେ ।'' 'ପି' ମା'ଙ୍କର ଏପରି କଥା ଶୁଣି ଟିକିଏ ବିଚଳିତ ହୋଇଗଲେ, କାରଣ ସେ ଇଂରାଜୀ ବା ଫରାସୀ

ଭାଷା ଜାଣି ନ ଥିଲେ । ସେ କହିଲେ, ''ମୁଁ ମା'ଙ୍କ ପାଖକୁ ଯାଇ ପ୍ରଣାମ କରିବି ଏବଂ ହିନ୍ଦୀରେ କହିବି ।'' ତାହା ହିଁ ହେଲା । 'ପି' ମା'ଙ୍କୁ ପ୍ରଣାମ କରି କୃତକୃତ୍ୟ ହେଲେ । ମା'ଙ୍କର କୃପା ଅହେତୁକୀ । ତାଙ୍କର ଆନନ୍ଦ କହିଲେ ନସରେ । ସେ ହିନ୍ଦୀରେ କଥାବାର୍ତ୍ତା କଲେ ଏବଂ ବିଭିନ୍ନ ଅଙ୍ଗଭଙ୍ଗୀ କରି ଆବଶ୍ୟକ ସୂତା ଓ ଉଲ୍‌ର ଆକାର, ପ୍ରକାର, ରଙ୍ଗ ଇତ୍ୟାଦି ନିମନ୍ତେ ମା'ଙ୍କୁ ନିବେଦନ କଲେ । ମା ହସିଲେ ଏବଂ ସବୁ ବୁଝି ପାରିଲେ ବୋଲି ପ୍ରକାଶ କଲେ ।

କିଛି ଦିନ ପରେ ଥରେ ମା ଜନୈକା ସାଧିକାଙ୍କୁ କହିଥିଲେ, ''ଯଦି କେହି ଜଣେ ତା'ର ହୃଦୟ ଦେଇ ମୋ ସହିତ କଥୋପକଥନ କରେ, ସେ ହିନ୍ଦୀରେ କହୁଥିଲେ ମଧ୍ୟ ମୁଁ ବେଶ୍ ବୁଝିପାରେ ।''

(ଦିବ୍ୟ ସମାଚାର ପୁସ୍ତକ, ପୃ. ୫୭-୫୮ରୁ ସଂଗୃହୀତ)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. Prayers and Meditations : The Mother

୨. Musing with the Prayers and Meditations of the Mother – Shyam Kumari


## ଜୀବନକୁ ଜାଣିବା

ତିବ୍ବତର ପ୍ରସିଦ୍ଧ ଧର୍ମ ଗୁରୁ କର୍ମା ପାଙ୍କ ନିକଟକୁ ଜଣେ ଆସି କହିଲେ – ମୋତେ ମୃତ୍ୟୁ ସମ୍ବନ୍ଧରେ କିଛି କୁହନ୍ତୁ ।

କର୍ମା ପା କହିଲେ, ଜୀବନ ସମ୍ବନ୍ଧରେ ପଚାରିବ ଯଦି କିଛି କହି ପାରିବି, କିନ୍ତୁ ମୃତ୍ୟୁ ସମ୍ବନ୍ଧରେ କିଛି ଜାଣି ନାହିଁ ।

ଆଗନ୍ତୁକ – ଆପଣ ଜଣେ ସିଦ୍ଧ ପୁରୁଷ । ଆପଣ ପୁଣି ଜାଣି ନାହାନ୍ତି ?

କର୍ମା ପା କହିଲେ, ଗପଟିଏ ଶୁଣନ୍ତୁ । ଥରେ 'ରାତ୍ରି' ଆସି ଭଗବାନଙ୍କ ନିକଟରେ ଅଭିଯୋଗ କଲା ଯେ 'ସୂର୍ଯ୍ୟ' ବୋଲି କେହି ଜଣେ ଆସି ସବୁବେଳେ ମୋତେ ଗୋଡ଼ାଉଛି । ମୋତେ ତା' କବଳରୁ ରକ୍ଷା କରନ୍ତୁ । ମୁଁ ଦୌଡ଼ି ଦୌଡ଼ି ହାଲିଆ ହେଲିଣି ।

ଏହା ଶୁଣି ଭଗବାନ୍ ସୂର୍ଯ୍ୟଙ୍କୁ କହିଲେ – ଆରେ ବାବୁ, ତୁମେ କାହିଁକି ରାତ୍ରି ଦେବୀଙ୍କୁ ହଇରାଣ କରୁଛ ?

ଏହା ଶୁଣି ସୂର୍ଯ୍ୟ ଚକିତ ହେଲେ । ସେ କହିଲେ – ଏମିତି କାହାକୁ ସେ କେବେ ଦେଖି ନାହାନ୍ତି କି ଜାଣି ନାହାନ୍ତି । ତାଙ୍କୁ ହଇରାଣ କରିବା କଥା ଦୂରେ ଥାଉ ।

ତା' ପରେ ସୂର୍ଯ୍ୟ ଭଗବାନଙ୍କୁ ଅନୁରୋଧ କରି କହିଲେ – ପ୍ରଭୁ, ମୋତେ ଟିକିଏ ରାତ୍ରିଙ୍କ ସହ ଭେଟ କରାଇ ଦିଅନ୍ତେ ନାହିଁ ? ସାମନା ସାମନି ହୋଇ ଗଲେ କଥାଟା ପରିଷ୍କାର ହୋଇ ଯାଆନ୍ତା । କଥା ସେତିକିରେ ସରିଗଲା । ଈଶ୍ୱର ସୂର୍ଯ୍ୟଙ୍କ ସହିତ ରାତ୍ରିର ଭେଟ କରାଇ ପାରିଲେ ନାହିଁ କି ବ୍ରହ୍ମାଣ୍ଡ ଥିବା ଯାଏ କରାଇ ପାରିବେ ନାହିଁ । କାରଣ ସୂର୍ଯ୍ୟ ଆସିଗଲା ମାତ୍ରକେ ରାତ୍ରି ଚାଲିଯିବାକୁ ବାଧ୍ୟ ହେବେ ।

ଏହା କହି ସାରି କର୍ମା ପା କହିଲେ – ସେମିତି କଥା । ଆମେ ବଞ୍ଚିଥିବା ଯାଏ ମୃତ୍ୟୁ ସହିତ ଭେଟ ହୋଇ ପାରିବ ନାହିଁ । ତେଣୁ ତା' ବିଷୟରେ ଜାଣିବା କେମିତି ଓ କାହିଁକି ?

ଆସ, ବଞ୍ଚିଥିବା ଯାଏ ଜୀବନ ବିଷୟରେ ଜାଣିବା ।

*(ସଂଗୃହୀତ...)*

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୯)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଚରିତ୍ର ପ୍ରାୟ ଅନ୍ୟ ସମସ୍ତଙ୍କ ପରି ଖୁବ୍ ଅଧିକ ଅହଂକୈନ୍ଦ୍ରିକ ଅଟେ ଏବଂ ସାଧନାର ପ୍ରଥମ ଅବସ୍ଥାରେ ପ୍ରାୟଶଃ ସମସ୍ତଙ୍କ କ୍ଷେତ୍ରରେ ହିଁ ଅହଂକୈନ୍ଦ୍ରିକ ହୋଇ ରହିଥାଏ । ତା' ଭିତରେ ପ୍ରଧାନ ମନୋଭାବ ଥାଏ ନିଜର ସାଧନା, ନିଜର ପ୍ରଚେଷ୍ଟା, ନିଜର ଉନ୍ନତି ଓ ସିଦ୍ଧି । ପ୍ରାୟ ସମସ୍ତଙ୍କ ପକ୍ଷେ ଏହା ହିଁ ଅପରିହାର୍ଯ୍ୟ, କାରଣ ବ୍ୟକ୍ତିଗତ ପ୍ରଚେଷ୍ଟା ବ୍ୟତୀତ ପ୍ରାଥମିକ ପରିବର୍ତ୍ତନ ପାଇଁ ସଂକଳ୍ପ ଅଥବା ପ୍ରେରଣା ଯଥେଷ୍ଟ ଶକ୍ତିଶାଳୀ ହୁଏ ନାହିଁ । କିନ୍ତୁ ଉନ୍ନତି, ତ୍ରୁଟିହୀନ ସମ୍ପୂର୍ଣ୍ଣତା ଅଥବା ସିଦ୍ଧି ଏଗୁଡ଼ିକରୁ କୌଣସିଟା ବି ଆସି ପାରେ ନାହିଁ ସେଗୁଡ଼ିକର ସମ୍ପୂର୍ଣ୍ଣତାର କୌଣସି ପର୍ଯ୍ୟାୟ ବା ଅବିମିଶ୍ର ପୂର୍ଣ୍ଣତାରେ; ଯେତେବେଳ ପର୍ଯ୍ୟନ୍ତ ଏଇ ଅହଂକେନ୍ଦ୍ରୀୟ ମୂଳଭାବ ଭଗବତ୍ କେନ୍ଦ୍ରୀୟ ନ ହୋଇଛି । ଯେତେଦିନ ପର୍ଯ୍ୟନ୍ତ ଏଇ ଉନ୍ନତି, ପରିଶୁଦ୍ଧି, ସିଦ୍ଧି ଭଗବତ୍ ଚେତନା ଦ୍ୱାରା ପର୍ଯ୍ୟବସିତ ନ ହୋଇଛି, ଏଇ ଶରୀରରେ ସେଗୁଡ଼ିକ ତା'ର ସଂକଳ୍ପ ଓ ଯନ୍ତ୍ରସ୍ୱରୂପ ହୋଇ ଉଠେ । ତାହା ହୋଇପାରେ ସେତେବେଳେ, ଯେତେବେଳେ ଏହାସବୁ ଗୌଣ ରୂପେ ପ୍ରତିପାଦିତ ହୁଏ ଏବଂ ଭଗବାନଙ୍କ ପ୍ରତି ଭକ୍ତି, ଭଗବାନଙ୍କ ପ୍ରତି ଭଲ ପାଇବା, ଚେତନାରେ ସଂକଳ୍ପ ଏବଂ ହୃଦୟରେ ଏବଂ ଶରୀରରେ ଭଗବାନଙ୍କ ସଙ୍ଗେ ଏକାତ୍ମତା ପ୍ରଧାନ ଲକ୍ଷ୍ୟ ହୋଇଉଠେ ଏବଂ ଅବଶିଷ୍ଟ ହୋଇଉଠେ ଭଗବାନଙ୍କ ଶକ୍ତି ଦ୍ୱାରା ତାଙ୍କର ହିଁ ଇଚ୍ଛାର ପୂରଣ ମାତ୍ର । ଏଇ ମୂଳଭାବ କେବେହେଲେ ବି ଚୈତ୍ୟସତ୍ତା ପକ୍ଷେ ଖୁବ୍ ଶକ୍ତ ହୋଇପାରେ ନାହିଁ, ଏହା ତା'ର ସ୍ୱାଭାବିକ ଅବସ୍ଥା ଓ ଅନୁଭୂତି । ଏବଂ ଯେତେବେଳେ ତୁମର ଚୈତ୍ୟପୁରୁଷ ସମ୍ମୁଖରେ ରହିଥାଏ ତାହା ତୁମର କେନ୍ଦ୍ରୀୟ ଚେତନାରେ ଅବସ୍ଥିତ ଥାଏ । କିନ୍ତୁ ବାହ୍ୟ ମନ, ପ୍ରାଣ, ଶରୀର ମଧ୍ୟ ଥିଲା ଯେଉଁମାନେ ବାସନା ଏବଂ ଅହଂର ସମ୍ମିଶ୍ରଣ ନେଇ ଆସନ୍ତି ଏବଂ ଫଳରେ ଜୀବନରେ ଏବଂ ତା'ର କର୍ମରେ କୌଣସି ଫଳପ୍ରଦ ମୁକ୍ତି ମିଳେ ନାହିଁ ଯେତେଦିନ ପର୍ଯ୍ୟନ୍ତ ଏଗୁଡ଼ିକ ସବୁ ମୁକ୍ତ ନ ହୋଇଛନ୍ତି । ଖୁବ୍ ଅଧିକ ବାଧା ବ୍ୟତୀତ ଚିନ୍ତାଶୀଳ ମନ ଏବଂ ଉଚ୍ଚତର ପ୍ରାଣ ଏହାକୁ ଗ୍ରହଣ କରିପାରେ, କିନ୍ତୁ ମୁସ୍କିଲ ହେଉଛି ନିମ୍ନ ପ୍ରାଣ ଏବଂ ଶରୀରକୁ ନେଇ ଏବଂ ବିଶେଷ କରି ଏମାନଙ୍କର ସ୍ଥୂଳ ଅଂଶଗୁଡ଼ିକୁ ନେଇ । କାରଣ ଏମାନଙ୍କର ବାରଂବାର ଫେରି ଆସିବାର ଗତିବିଧି ଓ ଜିଦ୍‌ଖୋର ମନୋବୃତ୍ତିରୁ ଜଣାଯାଏ ଏମାନେ ନିହାତି ଅଭ୍ୟାସର ଅଧୀନ । ଏଇ ଅଭ୍ୟାସ ଏତେ ଅନ୍ଧ ଏବଂ ଅବାଧ ଯେ ନିଜକୁ ଅଟଳ ଭାବରେ ଏପରି ରଖିଥାଏ ଯେପରି ମନେ ହୁଏ ଏହା ପ୍ରାୟ ଅଜେୟ, ବିଶେଷତଃ ଯେତେବେଳେ ଅଜ୍ଞାନତାର ଶକ୍ତିମାନଙ୍କ ଦ୍ୱାରା ଏମାନଙ୍କୁ ଏହିପରି ସନ୍ଧିକ୍ଷଣରେ ବ୍ୟବହାର କରାଯାଇ ଥାଏ, ଯାହା ସେମାନଙ୍କର ଶେଷ ଆଶ୍ରୟ କିଂବା ଶେଷ ଆକ୍ରମଣର ମୁହୂର୍ତ୍ତ ହିସାବରେ । କିନ୍ତୁ ଆପାତପ୍ରତୀୟମାନ ଅଜେୟତା ସତ୍ୟ ନୁହେଁ । ସର୍ବାଧିକ ଅହଂକୈନ୍ଦ୍ରିକ ବ୍ୟକ୍ତିତ୍ୱ ମଧ୍ୟ ଚୈତ୍ୟିକ ଆଦର୍ଶ ଦ୍ୱାରା ବାହ୍ୟ ପ୍ରକୃତିରେ ପ୍ରତିଷ୍ଠିତ ହେବା ଫଳରେ ପରିବର୍ତ୍ତିତ ହୋଇପାରେ ଏବଂ ହୋଇଥାଏ ମଧ୍ୟ । ଏହା ସତ୍ୟ ଯେ ଏସବୁ ହୋଇପାରେ ଏକମାତ୍ର ଭାଗବତ ପ୍ରସାଦ ଦ୍ୱାରା ଓ ଶକ୍ତି ଦ୍ୱାରା (ସବୁ ଆଧ୍ୟାତ୍ମିକ ପରିବର୍ତ୍ତନ ସମ୍ବନ୍ଧରେ ଏହା ହିଁ ସତ୍ୟ), କିନ୍ତୁ ସତ୍ତାର ପୂର୍ଣ୍ଣ ସମ୍ମତି ରହିବା ଆବଶ୍ୟକ । ଆନ୍ତର ଚେତନାରେ ଯେପରି ଏହା ହୋଇଥିଲା ସେଇ ପ୍ରକାର ବହିଃସତ୍ତାରେ ମଧ୍ୟ ହୋଇପାରେ । ତୁମର ସଂକଳ୍ପର ପୂର୍ଣ୍ଣ ସମର୍ଥନ ଏବଂ ବିଶ୍ୱାସରେ ଦୃଢ଼ ନିଶ୍ଚୟତା ରଖ, ବାଧା ଯେତେ ବି ଆସୁନା କାହିଁକି ତାହା ନିଶ୍ଚିତ ରୂପେ ସମ୍ପନ୍ନ କରାଯିବ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତାହା ଖୁବ୍ ଭଲ ଅଗ୍ରଗତି । ପ୍ରତିରୋଧକ ଅଂଶ ସମ୍ବନ୍ଧରେ କୁହାଯାଏ ଯେ ବହୁକାଳ ଧରି ଶରୀରର କିଛି କିଛି ସ୍ତରରେ ପ୍ରତିରୋଧ ଚାଲୁଥିଲା – ଗୋଟିଏ ସ୍ତର ଖୋଲିଲେ ମଧ୍ୟ ତା'ର ନିମ୍ନ ସ୍ତର ଥାଏ ଅନ୍ଧକାରାଚ୍ଛନ୍ନ । କିନ୍ତୁ ଯଦି ଉର୍ଦ୍ଧ୍ୱରୁ ଚାପ ଦେବା ନିରନ୍ତର ରହିଥାଏ ତା'ହେଲେ ପରିଶେଷରେ ପ୍ରତିରୋଧ ନିଃଶେଷ ହୋଇଯିବ ।

ଧ୍ୟାନରେ ତୁମେ ଯେଉଁ ସ୍ଥିରତା କଥା ଲେଖିଛ ତାହା

ଖୁବ୍ ଭଲ ଲକ୍ଷଣ । ସାଧାରଣତଃ ତାହା ସେଇ ପ୍ରକାରେ ବ୍ୟାପକ ଭାବେ ଆସିବା ସମ୍ଭବ ହୁଏ ସେତେବେଳେ ଯେତେବେଳେ ଯଥେଷ୍ଟ ପରିମାଣରେ ପରିଶୁଦ୍ଧି ହୋଇଥାଏ । ଅନ୍ୟ ଦିଗରେ ଏହି ଅବସ୍ଥାଟି ନିଜେ ହିଁ ହେଉଛି ଉଚ୍ଚତର ଆଧ୍ୟାତ୍ମିକ ଭିତ୍ତିସ୍ଥାପନର ଏକ ସୂତ୍ରପାତ ।

ମୋର ମନେ ହୁଏ ତୁମେ ଠିକ୍ ହିଁ କହିଛ ଯେ ଅନେକଙ୍କ ଭିତରେ ପରିବର୍ତ୍ତନ ଆସୁଛି । ପୁରାତନ ପ୍ରକୃତିର କିଛି ଅବଶିଷ୍ଟାଂଶ ଏବଂ ସେମାନଙ୍କର ପୁନରାଗମନ ସତ୍ତ୍ୱେ ମଧ ଅଗ୍ରଗତି ଅବ୍ୟାହତ ରହିଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମ ପତ୍ରରେ ତୁମେ ଯାହା ସବୁ ଲେଖିଛ ତାହା ସମ୍ପୂର୍ଣ୍ଣ ସାରକଥା ଏବଂ ସତ୍ୟ । ଯୋଗର ଉଦ୍ଦେଶ୍ୟ ହେଉଛି ଚେତନାର ପରିବର୍ତ୍ତନ – ନୂତନ ଚେତନା ଲାଭ ଦ୍ୱାରା ବା ଅନ୍ତରର ସତ୍ୟ ସତ୍ତାର ନିଭୃତ ଚେତନାକୁ ଅନାବୃତ କରି ତା'ର ପ୍ରଗତିଶୀଳ ବିକାଶ ଓ ପୂର୍ଣ୍ଣତା ସାଧନ ଦ୍ୱାରା ହିଁ ଭଗବାନଙ୍କ ସହ ପ୍ରଥମେ ହୁଏ ଯୋଗାଯୋଗ ଏବଂ ତା'ପରେ ମିଳନ । ଆନନ୍ଦ ଓ ଭକ୍ତି ହେଉଛି ସେଇ ଗଭୀର ଚେତନାର ଅଂଶ ଏବଂ ଯେତେବେଳେ ତା' ମଧ୍ୟରେ ବାସ କରାଯାଏ ଏବଂ ପୂର୍ଣ୍ଣତର ହୋଇ ଉଠେ ସେତେବେଳେ ହିଁ ଆନନ୍ଦ ଓ ଭକ୍ତିର ଅନୁଭୂତି କେବଳ ଚିରସ୍ଥାୟୀ ହୋଇପାରେ । ସେତେଦିନ ପର୍ଯ୍ୟନ୍ତ ଆନନ୍ଦ ଓ ଭକ୍ତିର ଅନୁଭୂତି ହୋଇପାରେ, କିନ୍ତୁ ଅବିଚ୍ଛିନ୍ନ ଚିରସ୍ଥାୟୀ ଅବସ୍ଥା ପ୍ରାପ୍ତ ହୁଏ ନାହିଁ । ତେବେ ଭକ୍ତିର ଅବସ୍ଥା ଏବଂ ନିରନ୍ତର ବୃଦ୍ଧିଶୀଳ ସମର୍ପଣ ସମସ୍ତଙ୍କର ସାଧନାର ପ୍ରଥମ ଅବସ୍ଥାରେ ହୁଏ ନାହିଁ, ଅନେକଙ୍କର, ଅଧିକାଂଶଙ୍କର ତ ନିଶ୍ଚୟ ହିଁ, ତାହା ଖୋଲିବା ପୂର୍ବରୁ ଯିବାକୁ ହୁଏ ଶୁଦ୍ଧିର ଓ ତପସ୍ୟାର ଦୀର୍ଘ ପଥ ଯାତ୍ରାରେ, ଏବଂ ଏଇ ପ୍ରକାର ଅଭିଜ୍ଞତା ଯାହା ପ୍ରଥମେ ବିରଳ ଏବଂ ମଝି ମଝିରେ କେବେ କେମିତି ଏବଂ ପରେ ଘନ ଘନ ଏଇ ଅବସ୍ଥା ହୁଏ ଯାହା ସେମାନଙ୍କର ପ୍ରଗତିର ଲକ୍ଷଣ । ଏହା ନିର୍ଭର କରେ କେତେଗୁଡ଼ିଏ ଅବସ୍ଥା ଉପରେ ଯାହା ସହ ଉଚ୍ଚ କିଂବା ନିମ୍ନ ଶ୍ରେଣୀର ଯୋଗ କ୍ଷମତାର କୌଣସି ସମ୍ପର୍କ ହିଁ ନାହିଁ, ବରଂ ତୁମେ ଯେପରି କହୁଛ, ଅନ୍ତରରେ ଖୋଲିବାର, ପୂର୍ବରୁ ହିଁ ପ୍ରବଣତା ଥାଏ ଦିବ୍ୟ ପ୍ରଭାବର ସୂର୍ଯ୍ୟ ନିକଟରେ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

## ବିଶେଷ ସୂଚନା

ଭାରତୀୟ ଡାକ ବିଭାଗର ସୂଚନା ଓ ନିର୍ଦ୍ଦେଶ ଅନୁଯାୟୀ ଆମେ 'ନବପ୍ରକାଶ' ପତ୍ରିକା ପଠାଉ ଥିବା ଖୋଳ(Cover) ଉପରେ ଠିକଣା ବ୍ୟତୀତ ଅନ୍ୟ କିଛି ଲେଖିପାରିବୁ ନାହିଁ । ସାଧାରଣତଃ ଆମେ ଠିକଣା ସହ ଗ୍ରାହକ ନମ୍ବର ଓ ଯେଉଁ ମାସରେ ଆପଣ ପତ୍ରିକା ନବୀକରଣ କରିବା ଆବଶ୍ୟକ ତାହା ସୂଚାଇ ଦେଇଥାଉ । ବର୍ତ୍ତମାନ ଠିକଣା ସହ ତାହା ଲେଖିବା ସମ୍ଭବ ନୁହେଁ । ଆପଣ ଯଦି ପତ୍ରିକାର ଗ୍ରାହକ ନମ୍ବର ଓ ପତ୍ରିକାର ଦେୟ କେବେ ଜମା କରିବେ ତାହା ଲେଖି ନରଖି ଥା'ନ୍ତି ତେବେ ନବଜ୍ୟୋତି କାର୍ଯ୍ୟାଳୟକୁ ସକାଳ ୯.୩୦ରୁ ୧୧.୩୦ ସମୟର ଅବଧି ଭିତରେ ଫୋନ୍ କରି ତାହା ସଂଗ୍ରହ କରିପାରନ୍ତି ଏବଂ କାର୍ଯ୍ୟାଳୟ ସହ ସମ୍ପର୍କ ରଖିବା ପାଇଁ ମୋବାଇଲ ନମ୍ବରଟି ଦେବା ଉପଯୋଗୀ ହେବ । ଏତଦ୍ ବ୍ୟତୀତ ଯେଉଁମାନେ ନୂତନ ଗ୍ରାହକ ହେଉଛନ୍ତି ସେମାନେ ତାଙ୍କର ଠିକଣା ସହ ମୋବାଇଲ ନମ୍ବର ଦେବାକୁ ଅନୁରୋଧ ।

ନବଜ୍ୟୋତି କାର୍ଯ୍ୟାଳୟ

**(୦୪୧୩ -୨୨୩୩୬୩୩)**

# ଅଭୀପ୍ସା ସମ୍ପର୍କରେ


## କୁମାର ଚନ୍ଦ୍ର ମିଶ୍ର


[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟ ଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣମାନଙ୍କ ମଧ୍ୟରୁ ''ଅଭୀପ୍ସା'' (Aspiration) ଅନ୍ୟତମ । ଶ୍ରୀମା ଶେଫାଳି ବା ଗଙ୍ଗଶିଉଳି (Botanical name : Nyctanthes afor-tristis) ପୁଷ୍ପକୁ ଅଭୀପ୍ସାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଅଭିହିତ କରିଛନ୍ତି । ''ଆସ୍ପୃହା ବା ଅଭୀପ୍ସା ଏପରି ଏକ ବିଷୟ ଯାହା ଅସଂଖ୍ୟ ଓ ଅତ୍ୟନ୍ତ ଜିଦ୍‌ଖୋର, ନିଜକୁ ଅବିଶ୍ରାନ୍ତ ପୁନରାବୃତ୍ତି କରିଚାଲେ । ଭଗବତ୍ ପ୍ରେମ ନିମିତ୍ତ ଶାରୀରିକ ସ୍ତରରେ ଆସ୍ପୃହା ବହୁରୂପୀ ଓ ତୀବ୍ର, ଯାହାକୁ ସନ୍ତୁଷ୍ଟ କରିବା ଏକ କଷ୍ଟକର ବ୍ୟାପାର ।'' (Ref : ଫୁଲ ଓ ସେମାନଙ୍କର ଆଧ୍ୟାତ୍ମିକ ମହତ୍ତ୍ୱ, ପୃ. ୩୨) ନିମ୍ନଲିଖିତ ଆଲୋଚନାଟିରେ ଅଭୀପ୍ସା ସମ୍ପର୍କରେ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ଦିନେ ଜଣେ ଶିଷ୍ୟ ଶ୍ରୀରାମକୃଷ୍ଣ ପରମହଂସଙ୍କୁ ପଚାରିଲେ : ''ଗୁରୁଦେବ ! ମୁଁ କିପରି ଭଗବାନଙ୍କୁ ସାକ୍ଷାତ୍ କରିପାରିବି ?'' ଗୁରୁଦେବ କହିଲେ : ''ଚାଲ ! ନଦୀରେ ଗାଧୋଇ ଆସିଲା ପରେ ମୁଁ ତୁମକୁ ଉପାୟଟି ବୁଝାଇ ଦେବି । ତୁମେ ଶୀଘ୍ର ଭଗବାନଙ୍କୁ ସାକ୍ଷାତ୍ କରିପାରିବ ।'' ଉଭୟେ ଗୁରୁ ଓ ଶିଷ୍ୟ ନଦୀତଟକୁ ଗଲା ପରେ ଗୁରୁ ଶିଷ୍ୟଙ୍କୁ କହିଲେ : ''ଏହି ପାଣି ଭିତରେ ମୁଣ୍ଡ ବୁଡ଼ାଅ ।'' ଗୁରୁଙ୍କ ଆଦେଶରେ ଶିଷ୍ୟ ଯେତେବେଳେ ଜଳ ମଧ୍ୟରେ ନିଜ ମସ୍ତକଟି ନିମଜ୍ଜିତ କରିଛନ୍ତି ଗୁରୁଦେବ ସଙ୍ଗେ ସଙ୍ଗେ ଦୁଇ ହାତରେ ତାଙ୍କ ମସ୍ତକକୁ ପାଣି ଭିତରେ ଚାପି ଧରିଲେ । ଶିଷ୍ୟଟି ଅଣନିଶ୍ୱାସୀ ହୋଇ ଚିତ୍କାର କଲା – ''ଗୁରୁଦେବ ! ଆପଣ ଏପରି କ'ଣ କରୁଛନ୍ତି । ମୋର ଶ୍ୱାସ ରୁଦ୍ଧ ହୋଇଯାଉଛି । ଦୟାପୂର୍ବକ ମୋର ମୁଣ୍ଡ ଉପରେ ଆଉ ଚାପ ପ୍ରୟୋଗ କରନ୍ତୁ ନାହିଁ ।'' କିଛି ସମୟ ପରେ ପରମହଂସ ହାତ ଦୁଇଟିକୁ ଅପସାରିତ କରି ଆଣିଲେ ଓ ଶିଷ୍ୟ ବିଚରା ସଙ୍ଗେ ସଙ୍ଗେ ଠିଆ ହୋଇଯାଇ ଗୁରୁଙ୍କୁ ପଚାରିଲା : ''ଆପଣ କ'ଣ ମୋତେ ମାରି ଦେବାକୁ ଚାହାନ୍ତି ?'' ପରମହଂସ ସ୍ମିତ ହସି ପଚାରିଲେ – ''ପାଣିରେ ମୁଁ ତୁମ ମସ୍ତକ ଚାପି ଧରିଲା ବେଳେ ତୁମେ କ'ଣ ଚାହୁଁଥିଲ ?'' ଶିଷ୍ୟଙ୍କର ଉତ୍ତର ଥିଲା – ''ଟିକିଏ ପବନ । ମୁଁ ଯେପରି ଟିକିଏ ନିଃଶ୍ୱାସ ନେଇପାରେ ସେଥିପାଇଁ ବିକଳ ହେଉଥିଲି ।'' ପରମହଂସ କହିଲେ : ''ଠିକ୍ ସେହିପରି ବ୍ୟାକୁଳତାର ସହ ତୁମେ ଯଦି ଭଗବାନଙ୍କୁ ଅବିଚ୍ଛିନ୍ନ, ଅବିରତ ଭାବେ ଚାହିଁବ ତେବେ ଯାଇ ଶୀଘ୍ର ଭଗବାନଙ୍କ ସହ ସାକ୍ଷାତ୍ ହୋଇପାରିବ ।''

ଭଗବତ୍ ଉପଲବ୍ଧି ନିମିତ୍ତ ଏହିପରି ବ୍ୟଗ୍ରତା, ବ୍ୟାକୁଳତା ବା ଉତ୍କଣ୍ଠାକୁ ଅଭୀପ୍ସା ବା ଆସ୍ପୃହା କୁହାଯାଏ । ଦିବ୍ୟଜନନୀ ଶ୍ରୀମା କହନ୍ତି : "Aspiration is the dynamic push of your whole nature behind the resolution to reach the Divine."

(MCW, Vol. 3 P. 168)

ଏହାର ଓଡ଼ିଆ ଭାବାନୁବାଦ ହେଲା :

''ଭଗବାନଙ୍କ ନିକଟରେ ଉପନୀତ ହେବା ପାଇଁ ତୁମ ସଂକଳ୍ପ ପଶ୍ଚାତରେ ଥିବା ତୁମ ସମଗ୍ର ପ୍ରକୃତିର ସକ୍ରିୟ ବ୍ୟଗ୍ରତା ହିଁ ଅଭୀପ୍ସା ଅଟେ ।''

ଭଗବାନଙ୍କୁ ଉପଲବ୍ଧି କରିବା ଲାଗି ତୁମେ ସଂକଳ୍ପ କଲ । ତାଙ୍କରି ସ୍ୱରୂପ ସମ୍ପର୍କରେ ଜାଣିବା ଲାଗି ତୁମ ମନରେ ପ୍ରବଳ ଆକାଂକ୍ଷା ଜାଗ୍ରତ୍ ହେଲା । ତୁମର ପ୍ରତ୍ୟେକ ସତ୍ତା – ମନ, ପ୍ରାଣ, ଶରୀର – ସେହି ଦିବ୍ୟ ସାନ୍ନିଧ୍ୟ ପ୍ରାପ୍ତ କରିବା ଲାଗି ଉଚ୍ଛନ୍ନ ହେଲା । ତାଙ୍କରି ସାନ୍ନିଧ୍ୟ ବ୍ୟତୀତ ଅନ୍ୟ ଯାବତୀୟ ବିଷୟ ନିରର୍ଥକ ମନେ ହେଲା । ସେତେବେଳେ କୁହାଯିବ ଯେ ଦିବ୍ୟ ଉପଲବ୍ଧି ଲାଗି ତୁମ ମଧ୍ୟରେ ଅଭୀପ୍ସା ଜାଗ୍ରତ୍ ହୋଇଛି ।

ଅଭୀପ୍ସାର ଆକ୍ଷରିକ ଅର୍ଥ ହେଲା ଆକାଂକ୍ଷା କରିବା, ଚାହିଁବା ବା ଇଚ୍ଛା କରିବା । କିନ୍ତୁ ମୁଁ ଯଦି କୁହେ – ମୁଁ ଆଜି ରସଗୋଲା ଖାଇବା ଲାଗି କିଂବା ସିନେମା ଦେଖିବା ଲାଗି ଅଭୀପ୍ସା କରୁଛି, ତେବେ ତାହା ଏକ ହାସ୍ୟାସ୍ପଦ ବକ୍ତବ୍ୟ ହେବ । କାରଣ ଅଭୀପ୍ସାର ଅର୍ଥ ଯାହାକିଛି ମହାନ୍, ଗରିମାମୟ, ମହତ୍, ଅସୀମ, ଶାଶ୍ୱତ ସେପରି ବିଷୟକୁ ଚାହିଁବା । ଅନ୍ୟସବୁ ଚାହିଁବା ବା ଇଚ୍ଛା କରିବା ହେଲା କାମନାବାସନାର ପରିପ୍ରକାଶ । ଭଗବାନଙ୍କ ବ୍ୟତୀତ କୌଣସି ଅଭୀପ୍ସା ନ ଥାଇପାରେ ।

ଆଧ୍ୟାତ୍ମିକ ଅଭୀପ୍ସା ମଣିଷର ପ୍ରକୃତି ସହ ସଂବୃତ ହୋଇ ରହିଛି ଯାହା ଅନ୍ୟ ଜୀବମାନଙ୍କଠାରେ ବିରଳ । କାରଣ ମଣିଷ

ତା'ର ଅପୂର୍ଣ୍ଣତା ଓ ସୀମିତତା ସମ୍ପର୍କରେ ସଚେତନ । ସେ ସର୍ବଦା ଅନୁଭବ କରେ ଯେ ସେ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି ତାକୁ ଅତିକ୍ରମ କରି ଉର୍ଦ୍ଧ୍ୱତର ସ୍ଥିତିରେ ଥିବା କିଛି ମହତ୍ତର ତଥା ବୃହତ୍ତର ଅବସ୍ଥାରେ ନିଜକୁ ଯେପରି ପ୍ରତିଷ୍ଠିତ କରିପାରେ ।

ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

"Man has seen that there can be a higher status of consciousness than his own; the evolutionary oestrus is there in his parts of mind and life, the aspiration to exceed himself is delivered and articulate within him."

(CWSA, Vol. 21, P. 876)

ଏହାର ଓଡ଼ିଆ ଭାବାନୁବାଦ ହେଲା –

''ମନୁଷ୍ୟ ଲକ୍ଷ୍ୟ କରିପାରିଛି ଯେ ତା' ନିଜର ଚେତନା ଅପେକ୍ଷା ଏକ ଉଚ୍ଚତର ସ୍ଥିତି ସମ୍ଭବପର ଓ ତାହାର ମନ ଓ ପ୍ରାଣର ପ୍ରତ୍ୟେକ ଭାଗରେ ଏଥିଲାଗି ବିବର୍ତ୍ତନଗତ ଏକ ଉନ୍ମାଦନା ରହିଛି – ଆପଣାକୁ ଅତିକ୍ରମ କରିଯିବା ଲାଗି ଏକ ଅଭୀପ୍ସା ତା'ଠାରେ ସ୍ୱଭାବଗତ ହୋଇ ରହିଛି ।''

ଅଭୀପ୍ସାର ସ୍ୱରୂପ କିପରି ହେବା ଉଚିତ ? ଏ ପ୍ରଶ୍ନର ଉତ୍ତର ଆମେ ଶ୍ରୀଅରବିନ୍ଦଙ୍କ ପ୍ରଣୀତ 'ମା' ବହିର ଦ୍ୱିତୀୟ ଅଧ୍ୟାୟରେ ବାରଂବାର ପଢ଼ି ଆସିଛୁ :

''ଅଭୀପ୍ସା ହେବା ଉଚିତ ସଦା ଜାଗ୍ରତ, ଅବିରାମ ଓ ଅବିଚ୍ଛିନ୍ନ; ଏହା ସକାଶେ ପ୍ରୟୋଜନ ହେଲା ମନର ଦୃଢ଼ ସଂକଳ୍ପ, ହୃଦୟର ଅନ୍ୱେଷଣ, ପ୍ରାଣସତ୍ତାର ସମ୍ମତି, ଆଉ ଦୈହିକ ଚେତନା ଓ ପ୍ରକୃତିକୁ ଉନ୍ମୁକ୍ତ ଓ ନମନୀୟ କରି ଗଢ଼ିବା ନିମିତ୍ତ ସଂକଳ୍ପ ।''

('ମା' ପୁସ୍ତିକା, ପୃଷ୍ଠା : ୯)

"Aspire intensely but without impatience."

– Sri Aurobindo

''ତୀବ୍ର ଭାବେ ଅଭୀପ୍ସା କର, କିନ୍ତୁ ଅଧୀରତା ବିନା ।''

– ଶ୍ରୀଅରବିନ୍ଦ

ସାଧକ ସର୍ବଦା ତୀବ୍ରଭାବେ ଅଭୀପ୍ସା କରିବା ଆବଶ୍ୟକ । ଅଥଚ ସେପରି ଅଭୀପ୍ସାରେ ବ୍ୟଗ୍ରତା ରହିବ ନାହିଁ । ଏକ ସ୍ଥିର ଅପ୍ରତିହତ ଅଚଞ୍ଚଳ ପ୍ରଶାନ୍ତ ମନରେ ଅଭୀପ୍ସା କରିବାକୁ ହେବ । ସେହି ଅଭୀପ୍ସାରେ ରହିଥିବ ଅସୀମ ଧୈର୍ଯ୍ୟ ଓ ସହନଶୀଳତା । ପ୍ରାଣ ସତ୍ତାର ବିକ୍ଷୋଭ ଆତ୍ମାର ଅଭୀପ୍ସାଗ୍ନିଟିକୁ ଯେପରି ନିର୍ବାପିତ କରି ନ ଦିଏ; କୌଣସି ବାହ୍ୟ ଆକର୍ଷଣ, ଘଟଣା ବା ଦୁର୍ଘଟଣା ଅଭୀପ୍ସାର ତୀବ୍ରତାକୁ ଯେପରି ହ୍ରାସ କରି ନ ଦିଏ । ଆଧ୍ୟାତ୍ମିକ ଅଭୀପ୍ସା ପ୍ରତିବନ୍ଧକ ବା ବିଳମ୍ବନଗୁଡ଼ିକୁ ଖାତିରି ନ କରି ଉର୍ଦ୍ଧ୍ୱକୁ ଉତ୍ଥିତ ହେବା ଆବଶ୍ୟକ ।

## ଅଭୀପ୍ସାର ଉପଯୋଗିତା :

(୧) ଅଭୀପ୍ସା ସର୍ବଦା ସମ୍ଭାବନାର ସଙ୍କେତ ଦିଏ ଓ ପ୍ରଯତ୍ନଶୀଳତା ଉପଲବ୍ଧିର ସୁନିଶ୍ଚିତତା ଦିଗରେ ଆଗେଇ ନିଏ । ଏକ ପୂର୍ଣ୍ଣ ଓ ଏକନିଷ୍ଠ ଅଭୀପ୍ସା ଭଗବାନଙ୍କଠାରୁ ପ୍ରତ୍ୟୁତ୍ତର ପାଇବା ସୁନିଶ୍ଚିତ । ଯଦି ମଣିଷଠାରେ ଅଭୀପ୍ସାର ବୀଜ ଯଥାର୍ଥ ଆଧ୍ୟାତ୍ମିକତା ରୂପକ ଜଳ ଦ୍ୱାରା ସିଞ୍ଚିତ ହୁଏ ତେବେ ମଣିଷ ଯେ ଦିବ୍ୟ ହେବ – ଏହା ନିଃସନ୍ଦେହ ।

(୨) ଦିବ୍ୟଜନନୀଙ୍କର ଅମୃତୋପମ ବାଣୀଟିଏ ହେଲା – "A constant aspiration conquers all defects." ''ଏକ ନିରନ୍ତର ଅଭୀପ୍ସା ସକଳ ତ୍ରୁଟି ଉପରେ ବିଜୟ ହାସଲ କରିପାରେ ।''

(୩) ତୀବ୍ର ଅଭୀପ୍ସା ସମ୍ମୁଖରେ ଅସମ୍ଭବ ବୋଲି କିଛି ନ ଥାଏ । ଯାହା ଆଜି କରାଯାଇ ପାରୁ ନାହିଁ ତାହା ଆସନ୍ତା କାଲି କରାଯାଇ ପାରିବ – ଯଦି ଅଭୀପ୍ସାର ଜ୍ୱଳନ୍ତ ଶିଖାଟି ଅବିକମ୍ପିତ ହୋଇ ଉର୍ଦ୍ଧ୍ୱକୁ ଉଠି ଚାଲିଥାଏ ।

(୪) ଅଭୀପ୍ସାର ତୀବ୍ରତା ଦ୍ୱାରା ଅନୁଭୂତିରେ ତୀବ୍ରତା ଆସେ । ବାରଂବାର ଅନୁଭୂତି ଦ୍ୱାରା ଆବଶ୍ୟକୀୟ ପରିବର୍ତ୍ତନ ହୁଏ । ଅବିରତ ସଦିଚ୍ଛା ସହ ଏକ ଆନ୍ତରିକ ଅଭୀପ୍ସା ବଜାୟ ରଖିବା ଦ୍ୱାରା ସକଳ ଭ୍ରାନ୍ତି, ସକଳ ତମିସ୍ରା, ସକଳ ଅଜ୍ଞାନ ଉପରେ ବିଜୟ ହାସଲ କରାଯାଇ ପାରେ । ତେବେ ଭାବନାଗୁଡ଼ିକ ଶୁଦ୍ଧ ଓ ଅଭୀପ୍ସାଟି ଜ୍ୱଳନ୍ତ ହେବା ଆକଶ୍ୟକ ।

ସକଳ ଅଜ୍ଞାନତାରୁ ମୁକ୍ତ ହେବା ପାଇଁ ଓ ଯଥାର୍ଥ ବିଶ୍ୱାସ ଲାଭ କରିବା ପାଇଁ ଅଭୀପ୍ସା ହିଁ ଏକମାତ୍ର ପାଥେୟ । ଅଭୀପ୍ସା ସାହାଯ୍ୟରେ ଆବଶ୍ୟକୀୟ ଅଗ୍ରଗତି କରିପାରିବା ସୁନିଶ୍ଚିତ ।

(୫) ''ଅଭୀପ୍ସାର ସୂର୍ଯ୍ୟ ଅହଂକାରର ମେଘକୁ ବିଲୀନ କରି ଦିଏ ।''

(୬) ଯୁଗ ଯୁଗର ଜ୍ୱଳନ୍ତ ଅଭୀପ୍ସା ହିଁ ଦିବ୍ୟକର୍ମ ସମ୍ପାଦନ କରିବା ଲାଗି ସୁଯୋଗଟିଏ ସୃଷ୍ଟି କରେ । ପରମେଶ୍ୱରଙ୍କର ଦିବ୍ୟ-ପାର୍ଥିବ ଲୀଳାରେ ଅଂଶ ଗ୍ରହଣ କରିବା

ଲାଗି ସୁଯୋଗ ମିଳେ । ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ଯେତେବେଳେ ପିତାଙ୍କ ସତ୍ୟ ରକ୍ଷା କରିବା ଲାଗି ଦଣ୍ଡକାରଣ୍ୟରେ ସତୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ବିଚରଣ କରୁଥିଲେ ସେତେବେଳେ ଅନେକ ମୁନି, ଋଷି, ତପସ୍ୱୀମାନଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା । ଉକ୍ତ ଅବସରରେ ଏହି ମୁନି, ଋଷି ଓ ତପସ୍ୱୀଗଣ ଅନେକ ସିଦ୍ଧି ପ୍ରାପ୍ତ କରିଥିଲେ ସୁଦ୍ଧା ଶ୍ରୀରାମଙ୍କର ସୌମ୍ୟ ଶାନ୍ତ ରୂପ ଦେଖିବାକୁ ଆକୁଳ ଅଭୀପ୍ସା କରିଥିଲେ, ଯେପରି ସେମାନେ ଏହି ଅବତାର ପୁରୁଷଙ୍କ ଦିବ୍ୟ ଲୀଳାରେ ସାମିଲ ହୋଇ ଅଲଭ୍ୟ, ଅପୂର୍ବ ମଧୁର ଭକ୍ତି ରସ ଆସ୍ୱାଦନ କରି ପାରିବେ । ସେମାନଙ୍କର ଏପରି ତୀବ୍ର ଅଭୀପ୍ସାର ପରିଣତି ସ୍ୱରୂପ ଦ୍ୱାପର ଯୁଗରେ ଭଗବାନ୍ ଶ୍ରୀକୃଷ୍ଣ ଅବତାର ନେଇ ଯେତେବେଳେ ଧରାପୃଷ୍ଠରେ ଅବତୀର୍ଣ୍ଣ ହେଲେ ସେମାନେ ଗୋପାଳ ଓ ଗୋପିକା ରୂପରେ ଗୋପପୁର ଓ ବୃନ୍ଦାବନରେ ଦିବ୍ୟ ଲୀଳାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ । ଯେଉଁ ଅନାବିଳ ଅହେତୁକୀ ଦିବ୍ୟପ୍ରେମ ମଧୁର ଭକ୍ତି ରସରେ ଭରି ରହିଥିଲା ସେହି ସରଳ ଗୋପାଳ ଓ ଗୋପିକାଗଣ ତାକୁ ଉପଲବ୍ଧି କରି ଜୀବନକୁ ସାର୍ଥକ କରିଥିଲେ । ତ୍ରେତୟା ଯୁଗରେ କରିଥିବା ଅଭୀପ୍ସା ଦ୍ୱାପର ଯୁଗରେ ଫଳପ୍ରସୂ ହେଲା । ତେଣୁ କୌଣସି ଯଥାର୍ଥ ଆନ୍ତରିକ ଅଭୀପ୍ସା ବ୍ୟର୍ଥ ହୁଏ ନାହିଁ ।

ସଂକ୍ଷେପରେ କହିବାକୁ ଗଲେ ଜ୍ୱଳନ୍ତ ଅଭୀପ୍ସା ଦ୍ୱାରା ସାଧନା ପଥର ଯାବତୀୟ ବାଧା ବା ପ୍ରତିବନ୍ଧକ ଅତିକ୍ରମ କରି ହୁଏ, ଯାବତୀୟ ଅଜ୍ଞାନତା ଓ ଅହଂକାର ଉପରେ ବିଜୟ ହାସଲ କରାଯାଇ ପାରେ, ଆବଶ୍ୟକୀୟ ଅଗ୍ରଗତିକୁ ତ୍ୱରାନ୍ୱିତ କରି ଦିଆଯାଇ ପାରେ ।

ଯୋଗ ପତ୍ରାବଳୀରୁ ମହାଯୋଗୀ ଶ୍ରୀଅରବିନ୍ଦଙ୍କର କେତୋଟି ବାଣୀ ନିମ୍ନରେ ଉଦ୍ଧାର କରାଗଲା –

"One has only to aspire sincerely and keep oneself as open as possible to the Mother's Force. Then whatever difficulties come, they will be overcome – it may take some time, but the result is sure."

(CWSA, Vol. 29, P. 55)

''ଜଣେ ଆନ୍ତରିକତାସହ ଅଭୀପ୍ସା କରିବାକୁ ହେବ । ଯେତେଦୂର ସମ୍ଭବ ମା'ଙ୍କ ଶକ୍ତି ପ୍ରତି ଆପଣାକୁ ଉନ୍ମୀଳିତ କରି ରଖିବାକୁ ହେବ । ତା'ପରେ ଯାହାକିଛି ପ୍ରତିବନ୍ଧକ ଆସିବ ସେଗୁଡ଼ିକୁ ଅତିକ୍ରମ କରି ହେବ – ଏହା ଆସିବା ପାଇଁ କିଛି ସମୟ ଲାଗିପାରେ, କିନ୍ତୁ ସଫଳତା ସୁନିଶ୍ଚିତ ।''

ଅବିଚ୍ଛିନ୍ନ ସଦିଚ୍ଛାସହ ଏକ ଆନ୍ତରିକ ଅଭୀପ୍ସା ବଜାୟ ରଖିଲେ ବିଜୟ ସୁନିଶ୍ଚିତ ହୁଏ । ଅଭୀପ୍ସା ସାହାଯ୍ୟରେ ସର୍ବୋଚ୍ଚ ସତ୍ୟ ଓ ପରିପୂର୍ଣ୍ଣ ପୂର୍ଣ୍ଣତାକୁ (perfect perfection) ଉପଲବ୍ଧି କରିବା ସମ୍ଭବ ହୋଇଥାଏ ।

"A simple, straight and sincere call and aspiration from the heart is the one important thing and more essential and effective than capacities."

(CWSA, Vol. 29, P. 55)

''ହୃଦ୍‌କନ୍ଦରରୁ ଉତ୍ଥିତ ଏକ ସରଳ, ସ୍ୱଷ୍ଟ ଓ ଆନ୍ତରିକ ଆବାହନ ଓ ଅଭୀପ୍ସା ହେଉଛି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ଯାବତୀୟ ସାମର୍ଥ୍ୟ ଅପେକ୍ଷା ଅଧିକ ଅତ୍ୟାବଶ୍ୟକ ଓ ଫଳପ୍ରଦ ।''

"When you are in full aspiration and joy, let nothing count, nothing be of any importance except the Divine and your aspiration. If one wants the Divine quickly, absolutely, entirely, that must be the spirit of approach, absolute, all-engrossing, making that the one point with which nothing else must interfere."

(CWSA, Vol. 29, P. 56)

''ତୁମେ ଯେତେବେଳେ ଉଲ୍ଲାସ ଓ ଅଭୀପ୍ସାରେ ଭରପୂର ହୋଇ ରହିଥାଅ, ସେତେବେଳେ ଭଗବାନ୍ ଓ ତୁମର ଅଭୀପ୍ସା ବ୍ୟତୀତ ଅନ୍ୟ କୌଣସି କିଛିର ଗୁରୁତ୍ୱ ନ ଥାଇପାରେ । ଯଦି ଜଣେ ଯଥାଶୀଘ୍ର ଓ ଚୂଡ଼ାନ୍ତ ରୂପେ, ପରିପୂର୍ଣ୍ଣ ଭାବେ ଭଗବାନଙ୍କୁ ଉପଲବ୍ଧି କରିବା ଲାଗି ଚାହୁଁଥାଏ ତେବେ ତା'ର ନିଶ୍ଚିତ ରୂପେ ନିବିଷ୍ଟ ବା ବ୍ୟାପୃତ କରି ରଖି ପାରୁଥିବା ଏକ ମନୋଭାବ ରହିଥିବା ଆବଶ୍ୟକ, ଯେଉଁଥିରେ ଅନ୍ୟ କୌଣସି ବିଷୟ ହସ୍ତକ୍ଷେପ କରିବା ସର୍ବାଦୌ ଅନୁଚିତ ।''

ଅଭୀପ୍ସା କରିବା ଓ ଆକର୍ଷଣ(pulling)କରିବା – ଏ ଦୁଇଟି ଭିନ୍ନ ପ୍ରକ୍ରିୟା, – ପ୍ରାୟ ବିପରୀତ ଦୁଇଟି ପ୍ରକ୍ରିୟା ।

ସ୍ୱାର୍ଥ ପ୍ରଣୋଦିତ ହୋଇ ନିଜ ଲାଗି କୌଣସି ବିଷୟ ଚାହିଁବା ହେଲା ଆକର୍ଷଣ କରିବା । ଅନ୍ୟପକ୍ଷେ ଅଭୀପ୍ସାରେ ରହିଥାଏ ଆତ୍ମନିବେଦନ (self-giving), ଆତ୍ମୋତ୍ସର୍ଗ (self-consecration) ଓ ଆତ୍ମସମର୍ପଣ (self-surrender) । ଉଚ୍ଚତର ଚେତନାକୁ ଅବତରଣ କରିବା ଲାଗି ଓ ସତ୍ତାଟିକୁ ତାହାରି ଅଧିକୃତ କରି ଦେବା ଲାଗି ଏକ ବ୍ୟାକୁଳ ଯାଚନାକୁ ହିଁ ଯଥାର୍ଥ ଅଭୀପ୍ସା କୁହାଯିବ । ଯଦି ଅଭୀପ୍ସାଟି ସହିତ ସ୍ୱାର୍ଥ ଓ ଅହଂଭାବ ମିଶ୍ରିତ ହୋଇ ରହିଥାଏ ତେବେ ତାହା ''ଆକର୍ଷଣ''ର ପର୍ଯ୍ୟାୟଭୁକ୍ତ ହୋଇ ରହିବ । ଉଚ୍ଚତମ ଚେତନା ନିକଟରେ ନିଜକୁ ଦେଇ ଦେବାରେ ହିଁ ଯଥାର୍ଥ ଅଭୀପ୍ସାର ସାର୍ଥକତା ନିହିତ ହୋଇ ରହିଥାଏ ।

"To give, but not to demand is the law of spiritual life."

''ଦାବି କରିବା ନୁହେଁ, ବରଂ ଅର୍ପଣ କରିବା ହେଲା ଆଧ୍ୟାତ୍ମିକ ଜୀବନର ନିୟାମକ ବା ବିଧାନ ।''

ଅତିମାନସ ଆଲୋକ (Supramental light)କୁ ଆମେ ଆକର୍ଷିତ କରି ନେଇ ଆସି ପାରିବା ନାହିଁ । ଏପରି ଧାରଣା କରିବା ହିଁ ଏକ ଭ୍ରମ । ସେହି ଉଚ୍ଚତମ ଚେତନାକୁ ସ୍ପର୍ଶ କରିବା ପୂର୍ବରୁ ଧୈର୍ଯ୍ୟ ଓ ନିଷ୍ଠାର ସହ ତୀବ୍ର ଭାବେ ଅଭୀପ୍ସା କରିବାକୁ ହେବ; ଯଥାର୍ଥ ମାର୍ଗରେ ବ୍ୟଗ୍ରତା ବା ଉତ୍ତେଜନା ବିନା ନୀରବରେ ଅନେକ ସାଧନା କରିବାକୁ ହେବ । ସେ କ୍ଷେତ୍ରରେ ପ୍ରାଣସତ୍ତାକୁ କୌଣସି ଆବେଗ କିଂବା ଉତ୍ତେଜନା ଯେପରି ସାଧକକୁ କବଳିତ କରି ନ ଦିଏ । ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି –

"...do not let the storms of the vital quench the aspiration of your soul."

(CWSA, Vol. 29, P. 71)

''ପ୍ରାଣ ସତ୍ତାର ଘୂର୍ଣ୍ଣିବାତ୍ୟା ତୁମର ଆତ୍ମାର ଅଭୀପ୍ସାଟିକୁ ନିର୍ବାପିତ କରି ନ ଦେଉ ।''

ଆପଣାର ସର୍ବୋଚ୍ଚ ସତ୍ୟ ଓ ପୂର୍ଣ୍ଣତମ ପୂର୍ଣ୍ଣତାକୁ ଉପଲବ୍ଧି କରିବା ଲାଗି ଏକ ଅଭୀପ୍ସୁର ଜୀବନଧାରଣ କରିବାକୁ ହେବ ।

ଶ୍ରୀମାଙ୍କୁ ଥରେ ପ୍ରଶ୍ନ ପଚରା ଯାଇଥିଲା – ମାନସିକ ଅଭୀପ୍ସା, ପ୍ରାଣିକ ଅଭୀପ୍ସା ଓ ଆଧ୍ୟାତ୍ମିକ ଅଭୀପ୍ସା ମଧ୍ୟରେ ପାର୍ଥକ୍ୟ କ'ଣ ?

ଶ୍ରୀମାଙ୍କ ଉତ୍ତର ଥିଲା – ''ତୁମେ ମନର କ୍ଷେତ୍ରରେ, ପ୍ରାଣର କ୍ଷେତ୍ରରେ ଓ ଆଧ୍ୟାତ୍ମିକ କ୍ଷେତ୍ରରେ କିପରି ଅଭୀପ୍ସା କର, ତୁମେ ସେହି କଥା ଜାଣିବାକୁ ଚାହୁଁଛ ନା ?

ଏକ ମାନସିକ ଅଭୀପ୍ସାର ଅର୍ଥ ହେଉଛି ଭାବନା ଶକ୍ତି, – ଉଦାହରଣସ୍ୱରୂପ ଜ୍ଞାନଲାଭ ଲାଗି ଆକାଙ୍କ୍ଷା ରହିଛି, ଅଥବା ଆପଣାର ଭାବକୁ ଉତ୍ତମ ରୂପେ ପ୍ରକାଶ କରିବା ପାଇଁ, ଭାବନାଗୁଡ଼ିକରେ ସ୍ୱଚ୍ଛତା ହାସଲ କରିବା ପାଇଁ ଏକ ତର୍କାନୁମୋଦିତ ବିଚାର ଶକ୍ତି ଅର୍ଜନ କରିବା ଲାଗି ଆକାଙ୍କ୍ଷା ରହିଛି; ଜଣେ ଅନେକ ବସ୍ତୁର ଅଭୀପ୍ସା ରଖିପାରେ, ମନର ଯାବତୀୟ ସାମର୍ଥ୍ୟ ଓ ଶକ୍ତି ବିକାଶ ଲାଭ କରି ଭଗବାନଙ୍କ କାର୍ଯ୍ୟରେ ନିୟୋଜିତ ହେଉ ବୋଲି ଅଭୀପ୍ସା ରଖିପାରେ ।

ଅଥବା, ପ୍ରାଣିକ କ୍ଷେତ୍ରରେ ମଧ୍ୟ ତୁମର ଏକ ଅଭୀପ୍ସା ଥାଇପାରେ; ଯଦି ତୁମର ନାନା ବାସନା ଥାଏ, ନାନା ସନ୍ତାପ ଥାଏ, କେତେବେଳେ ଅନ୍ତର୍ଗତ ଅସୁବିଧାର ବାତ୍ୟା ମଧ୍ୟ ଦେଇ ଯଦି ତୁମକୁ ଯିବାକୁ ହୋଇଥାଏ, ତେବେ ତୁମେ ସେହି କ୍ଷେତ୍ରରେ ହୁଏତ ଶାନ୍ତି ଲାଗି ଅଭୀପ୍ସା ରଖିବ ପକ୍ଷପାତଶୂନ୍ୟ ହୋଇ ପାରିବାକୁ; କୌଣସି ବାସନା ଅଥବା ଅଗ୍ରରୁଚି ଦ୍ୱାରା ତାଡ଼ିତ ନ ହେବାକୁ, ଆପଣାର ଯାବତୀୟ ବ୍ୟକ୍ତିଗତ ଖିଆଲଗୁଡ଼ିକୁ ଦୂର କରି ଏକ ଉତ୍ତମ ଓ ଶାନ୍ତ ନିମିତ୍ତ ହୋଇ ପାରିବାକୁ ଓ ସର୍ବଦା ପରମେଶ୍ୱରଙ୍କ ଇଚ୍ଛା ଦ୍ୱାରା ପରିଚାଳିତ ହୋଇପାରିବା ଲାଗି ଅଭୀପ୍ସା ରଖିପାର । ଏଇଟି ହେଉଛି ପ୍ରାଣ ସ୍ତରର ଅଭୀପ୍ସା ।

ଦେହ ସ୍ତରରେ ମଧ୍ୟ ତୁମର ଏକ ଅଭୀପ୍ସା ଥାଇପାରେ । ତୁମର ଶରୀର ହୁଏତ ଏପରି ଏକ ସାମଞ୍ଜସ୍ୟପୂର୍ଣ୍ଣ ଅବସ୍ଥାରେ ଅବସ୍ଥାନ କରିବାର ଆବଶ୍ୟକତାକୁ ଅନୁଭବ କରୁଥିବ, ଯେଉଁଥିରେ ସତ୍ତାର ସମସ୍ତ ଭାଗ ସୁଚାରୁ ରୂପେ ଭାରସାମ୍ୟ ଯୁକ୍ତ ହୋଇ ରହିପାରିବେ, ତୁମେ ଯେକୌଣସି ଅସୁସ୍ଥତାଠାରୁ ନିଜକୁ ଦୂରରେ ରଖିବାର କ୍ଷମତା ଅର୍ଜନ କରିପାରିବ ବା କୌଣସି ପ୍ରକାର କୌଶଳରେ ତାହା ତୁମ ଦେହ ଭିତରେ ଆସି ପଶିଗଲେ ମଧ୍ୟ ତୁମେ ତାହାକୁ ଯଥାଶୀଘ୍ର ଜୟ କରି ନେଇ ପାରିବାର ଶକ୍ତିଟିକୁ ମଧ୍ୟ ହାସଲ କରିବ; ତୁମ ଶରୀର ଯେପରି ସର୍ବଦା ସ୍ୱାଭାବିକ ସୌଷମ୍ୟଯୁକ୍ତ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଭାବରେ କ୍ରିୟାଶୀଳ ହୋଇ ରହିବ, ତୁମେ ସେହି ସାମର୍ଥ୍ୟଟିକୁ ଅର୍ଜନ କରିବ । ତାହାକୁ ଆମେ ଦେହ ସ୍ତରର ଏକ ଅଭୀପ୍ସା ବୋଲି କହିବା ।

ଏକ ଆଧ୍ୟାତ୍ମିକ ଅଭୀପ୍ସାର ଅର୍ଥ ହେଉଛି ଯେ ପରମ ଭାଗବତ ସତ୍ତା ସହିତ ସମ୍ମିଳିତ ହେବା ଲାଗି ତୁମ ଭିତରେ ଏକ ଗଭୀର ପ୍ରୟୋଜନ ଅନୁଭୂତ ହେଉଥିବ; ସେହି ଭାଗବତ ସତ୍ତା ନିକଟରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ରଖିବା, ତୁମର ସମଗ୍ର ସତ୍ତାଟି ମଧ୍ୟରେ ସେହି ଭଗବତ୍ ସତ୍ତା ହିଁ ତୁମ ଲାଗି ଯାହାକିଛି ହୋଇ ରହିଥିବ ଓ ତୁମେ ଯାହାକିଛି କରୁଛ, ସେଥିରେ ତୁମେ ଯେପରି ତାଙ୍କରି ସାନ୍ନିଧ୍ୟ ଓ ତାଙ୍କର ମାର୍ଗ ଦର୍ଶନକୁ ଅନୁଭବ କରିପାରିବ ଏବଂ ତୁମ ଜୀବନର ଯାବତୀୟ ଗତିସ୍ପନ୍ଦନକୁ ସେ (ଭଗବତ୍ ସତ୍ତା) ସୌଷମ୍ୟ ଯୁକ୍ତ କରି ରଖି ପାରିବେ, ସେଥିଲାଗି ଦିବ୍ୟ ପରମ ଚେତନାର ବାହାରେ କଦାପି ଆପଣାର ଜୀବନଟିକୁ ନ ବଞ୍ଚିବା, – ତାହାକୁ ହିଁ ଏକ ଆଧ୍ୟାତ୍ମିକ ଅଭୀପ୍ସା ବୋଲି କୁହାଯିବ ।''

(ମାତୃରଚନାବଳୀ - ୫, ୭ ଅକ୍ଟୋବର,
୧୯୫୩, ପୃ. ୪୪୪)

ଏହି ଅଭୀପ୍ସା କେବଳ ଚୈତ୍ୟସ୍ତରରୁ ଆସି ନ ଥାଏ । ଆମ ସତ୍ତାର ପ୍ରତ୍ୟେକ ଭାଗରେ ତାହାର ସ୍ୱକୀୟ ଅଭୀପ୍ସା ଅବଶ୍ୟ ରହି ପାରିବ । କେବଳ ମନର ନୁହେଁ, ଦେହ ଓ ପ୍ରାଣର ମଧ୍ୟ ସ୍ୱକୀୟ ଚେତନା ରହିଛି । ତେଣୁ କେବଳ ମନ ଅଭୀପ୍ସା କରେ ନାହିଁ, ଦେହ ଓ ପ୍ରାଣ ମଧ୍ୟ ସ୍ୱତନ୍ତ୍ର ଭାବେ ଅଭୀପ୍ସା କରି ପାରିବେ । କିନ୍ତୁ ଚୈତ୍ୟସତ୍ତା ହିଁ ମୂଳ ଉତ୍ସ ଯେଉଁଠୁ ଅଭୀପ୍ସା ଉଚ୍ଛଳିତ ହୋଇ ବିଭିନ୍ନ ସତ୍ତା ମାଧ୍ୟମରେ ଅଭିବ୍ୟକ୍ତ ହୋଇଥାଏ ।

"The fundamental seat of aspiration from which it radiates or manifests in one part of the being or another is the psychic centre."

(MCW, Vol. 3 P. 130)

''ଆପଣାର ଗୋଟିଏ କିଂବା ଅନ୍ୟ ଅଂଶଟିରେ ଯେଉଁଠାରୁ ଏହା (ଅଭୀପ୍ସା) ପ୍ରଭାସିତ ବା ବିକୀର୍ଣ୍ଣ ହେବାରେ ଲାଗିଥାଏ, ସେହି ଅଭୀପ୍ସାର ମୂଳ ଉତ୍ସଟି ହେଲା ଚୈତ୍ୟକେନ୍ଦ୍ର ।''

ପ୍ରଶ୍ନ : ଅଭୀପ୍ସା ଓ ଦାବି (aspiration and demand) ମଧ୍ୟରେ ପାର୍ଥକ୍ୟ କ'ଣ ?

ଅଭୀପ୍ସା ମଧ୍ୟରେ ଏପରି ଏକ ବସ୍ତୁ ରହିଥାଏ ଯାହାକୁ ହୁଏତ ଏକ ସ୍ୱାର୍ଥରହିତ ଶିଖା ବୋଲି କୁହାଯାଇପାରେ । ସେଥିରେ କାମନା ବାସନା ଆଦୌ ନ ଥାଏ, ଅଭୀପ୍ସା ଅହଂ ପ୍ରଣୋଦିତ ନୁହେଁ । ଅପରପକ୍ଷେ ଦାବି ଅହଂ ଦ୍ୱାରା ପ୍ରେରିତ ହୋଇ ରହିଥାଏ । ଅଭୀପ୍ସା ସର୍ବଦା ଏକ ଆତ୍ମନିବେଦନର ଭାବ ସହ ଜଡ଼ିତ ହୋଇ ରହିଥାଏ । ଅନ୍ୟ ପକ୍ଷେ ଦାବି କାମନା ବାସନା ଦ୍ୱାରା କଳୁଷିତ ହୋଇ ରହିଥାଏ ଓ ସବୁକିଛିକୁ ନିଜ ଆଡ଼କୁ ହିଁ ଟାଣି ଆଣିବାରେ ଲାଗିଥାଏ । ଅଭୀପ୍ସା ଭାବନା କ୍ଷେତ୍ରରେ, ପ୍ରତ୍ୟେକ ଗତି ସ୍ପନ୍ଦନରେ, ପ୍ରାଣ ସ୍ତରୀୟ ଆବେଗର କ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରି ରଖିଥାଏ ।

ଯଥାର୍ଥ ଅଭୀପ୍ସା ମସ୍ତିଷ୍କ ମଧ୍ୟରୁ ଆସେ ନାହିଁ, ତାହା ସତେ ଅବା ଏକ ଅଗ୍ନିଶିଖା ସଦୃଶ ହୃଦୟକେନ୍ଦ୍ରରୁ ଉଚ୍ଛଳିତ ହୋଇ ଆସିଥାଏ । ଅଭୀପ୍ସା ମଧ୍ୟରେ ଅଭିବ୍ୟକ୍ତ କରାଯାଉ-ଥିବା ପ୍ରେମ ଏବଂ ବାସନା ଦ୍ୱାରା ଅଭିବ୍ୟକ୍ତ ହେଉଥିବା ପ୍ରେମ ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ରହିଛି । ପ୍ରଥମଟି ଆପଣାକୁ ସମ୍ପୂର୍ଣ୍ଣ ରୂପେ ଦେଇଦିଏ ଏବଂ ତାହାର ପ୍ରତିବଦଳରେ କିଛି ମାଗେ ନାହିଁ – କୌଣସି ଦାବି କରି ବସେ ନାହିଁ । କିନ୍ତୁ ବାସନା ମଧ୍ୟରେ ଯେଉଁ ପ୍ରେମ ରହିଥାଏ ତାହା ଆପଣାକୁ ଯଥା ସମ୍ଭବ କମ୍ ଦେବା ଲାଗି ପ୍ରସ୍ତୁତ ଥାଏ, ଯଥା ସମ୍ଭବ ଅଧିକ ମାଗେ, ସବୁ କିଛିକୁ ଆପଣା ଆଡ଼କୁ ଟାଣି ନେଉଥାଏ ଓ ସର୍ବଦା କେତେ ନା କେତେ ଦାବି କରି ଚାଲିଥାଏ ।

ଅଭୀପ୍ସା ଆନନ୍ଦ ଦେଇପାରେ ସତ, କିନ୍ତୁ ତାହା ଏକ ବିଶେଷ ପ୍ରକାରର ଆନନ୍ଦ – ସେହି ଆନନ୍ଦ ମଧ୍ୟରେ କୌଣସି ଉତ୍ତେଜନା ନ ଥାଏ । ସେହି ଆନନ୍ଦ ମଧ୍ୟରେ ରହିଥାଏ ଏକ ବିପୁଳର ଅନୁଭୂତି, ସେଥିରେ ରହିଥାଏ ଶକ୍ତି ଓ ଜ୍ୱଳନ୍ତ ଶିଖାର ଉପସ୍ଥିତି ।

ଅଭୀପ୍ସା ସହିତ ବାସନା ଏପରି ନିବିଡ଼ ଭାବେ ଜଡ଼ିତ ହୋଇ ରହିଥାଏ ଯେ ତାହାକୁ ମୂଳୋତ୍ପାଟିତ କରିବା ଅସମ୍ଭବ ମନେ ହୁଏ । ତଥାପି ସାଧନା ଦ୍ୱାରା ବାସନାକୁ କ୍ଷୀଣ କରି ଦିଆଯାଇ ପାରେ । ଅଭୀପ୍ସା ଓ ଆଧାରର ଶୁଦ୍ଧିକରଣ ଯୁଗପତ୍ ଏକକାଳୀନ ସଂଘଟିତ ହେବା ଆବଶ୍ୟକ । ଏ ସଂକ୍ରାନ୍ତରେ ଦିବ୍ୟଜନନୀଙ୍କର ଏକ ମାର୍ଗଦର୍ଶନ –

''ମୁଁ ଏପରି ଲୋକଙ୍କୁ ଜାଣିଛି (ମୋଟେ ଅଳ୍ପ ସଂଖ୍ୟକ ନୁହେଁ, ଅନେକ ଲୋକଙ୍କୁ ଜାଣିଛି, ଅର୍ଥାତ୍ ଯୋଗ ସାଧନା କରୁଥିବା ଏପରି ଅନେକ ଲୋକ ଅଛନ୍ତି) ଯେଉଁମାନଙ୍କର କି ଏକ ଉତ୍ତମ ଅଭୀପ୍ସା ରହିଥିଲା, ସେମାନଙ୍କର ସେହି ଅଭୀପ୍ସାଟି ଅତି ଦୃଢ଼ ଥିଲା ଓ ସେମାନେ ଏ ଅଭୀପ୍ସାର ଏକ ଉତ୍ତର ମଧ୍ୟ ପାଇଥିଲେ । କିନ୍ତୁ ପ୍ରତି ଥର, ଠିକ୍ ସେହି ଦିନ କିଂବା ତହିଁ

ପର ଦିନ ସେମାନଙ୍କ ଚେତନାରେ ଏକ ସମ୍ପୂର୍ଣ୍ଣ ଗତିରୋଧ ଆସି ଉପସ୍ଥିତ ହେଉଥିଲା ଏବଂ ସେମାନଙ୍କୁ ସେମାନଙ୍କର ଅଭୀପ୍ସାର ଠିକ୍ ବିପରୀତ ଉପାଦାନଟିର ସମ୍ମୁଖୀନ ହେବାକୁ ପଡୁଥିଲା । ଏସବୁ କଥା ପ୍ରାୟ ନିରନ୍ତର ଘଟିଥାଏ । ହଁ, ଏହି ଲୋକମାନେ କେବଳ ସକାରାତ୍ମକ ଦିଗଟିର ହିଁ ବିକାଶ ଘଟାଇ ଥିଲେ । ସେମାନେ ଅଭୀପ୍ସାକୁ ନେଇ ଏକ ପ୍ରକାର ଶୃଙ୍ଖଳାର ରଚନା କରନ୍ତି, ସେମାନେ ସାହାଯ୍ୟ ଭିକ୍ଷା କରନ୍ତି, ଏଥିରେ ସଫଳତା ହାସଲ କରନ୍ତି ଏବଂ ଅନୁଭୂତିର ଅଧିକାରୀ ବି ହୁଅନ୍ତି । କିନ୍ତୁ ତେଣେ ଘରଟିକୁ ସଫା କରିବା କଥା ଏକାବେଳେକେ ଭୁଲି ଯାଇଥା'ନ୍ତି । ସେହି ଘରଟି ଠିକ୍ ଆଗପରି ମଇଳା ହୋଇ ରହି ଯାଇଥାଏ ଏବଂ ତେଣୁ, ସ୍ୱଭାବତଃ ଅନୁଭୂତିଟି ଚାଲି ଗଲାପରେ ଏହି ମଇଳା ଆଗ ଅପେକ୍ଷା ଆହୁରି ଅଧିକ ଅରୁଚିକର ହୋଇ ରହେ ।

ତେଣୁ ଆପଣା ଘରଟିକୁ ପରିଷ୍କାର ରଖିବା ବିଷୟରେ କଦାପି ଭୁଲିଯିବା ଉଚିତ ନୁହେଁ । ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ବିବେକାନନ୍ଦ ଲେଖିଛନ୍ତି (ମୂଳଟି କେଉଁଠି ଅଛି ମୋତେ ଜଣା ନାହିଁ, ମୁଁ ଏଇଟିକୁ ଫରାସୀ ଅନୁବାଦରୁ ପଢ଼ିଛି) : ପ୍ରତ୍ୟେକ ଦିନ ସକାଳେ ଆମର ଅନ୍ତଃସତ୍ତାକୁ ପରିଷ୍କାର କରିବାକୁ ହେବ; ଦେହକୁ ପରିଷ୍କାର କରିବାକୁ ହେବ; ମାତ୍ର ଯଦି ଦୁଇଟି ଲାଗି ତୁମ ପାଖରେ ଯଥେଷ୍ଟ ସମୟ ନ ଥାଏ ତେବେ ଆନ୍ତରସତ୍ତାକୁ ହିଁ (ନିଜକୁ) ପରିଷ୍କାର କରି ଦେବାକୁ ହେବ ।''

(ମାତୃରଚନାବଳୀ-୪, ପୃ. ୫୫୧)

ସୃଷ୍ଟିରେ ସମସ୍ତେ ଅଭୀପ୍ସା କରିଥା'ନ୍ତି; ଏପରିକି ନର, କିନ୍ନର, ରାକ୍ଷସ, ପିଶାଚ ସମସ୍ତେ ଅଭୀପ୍ସା କରନ୍ତି, ଯେଉଁଠି ଚେତନାର ଏକ କ୍ଷୀଣ ଆଭାସ ରହିଛି ସେଠାରେ ଅଭୀପ୍ସାର ଏକ ସମ୍ଭାବନା ରହିଛି । ଦିବ୍ୟଜନନୀ ଶ୍ରୀମା ଉଦ୍ଭିଦମାନଙ୍କ ଭିତରେ ରହିଥିବା ଅଭୀପ୍ସା ସମ୍ପର୍କରେ କହନ୍ତି –

''ତୁମେ କେବେ ଜଙ୍ଗଲ ଦେଖିଛ ? ଆଲୋକ ଲାଗି ସଂଗ୍ରାମ କରୁଥିବା ଅଗଣିତ ବୃକ୍ଷ ଏବଂ ଉଦ୍ଭିଦ ପରିପୂର୍ଣ୍ଣ ହୋଇ ରହିଥିବା କୌଣସି ଜଙ୍ଗଲ କେବେ ଦେଖିଛ ? ସେମାନେ କିପରି ସାମାନ୍ୟ ଟିକିଏ ସୂର୍ଯ୍ୟକିରଣ ପାଇବେ ସେଥିଲାଗି ଆପଣାକୁ କେତେ ପ୍ରକାରେ ମୋଡ଼ିଭାଙ୍ଗି ଶତ ଚେଷ୍ଟା କରୁଥା'ନ୍ତି, ତୁମେ ଅନାଇ ଦେଖିଛ ? ପ୍ରକୃତରେ ତାହା ହିଁ ହେଉଛି ଜଡ଼ର ଭୂମିରେ ଅଭୀପ୍ସାର ଏକ ଅନୁଭୂତି, ଆଲୋକକୁ ଏକ ପ୍ରବଳ ବାସନା ସହିତ ଆପଣାକୁ ଠେଲିପେଲି ଅଗ୍ରସର କରାଇ ଆଣିବା, ତାହା ହିଁ ଉଦ୍ଭିଦମାନଙ୍କର ଅଭୀପ୍ସା । ମଣିଷମାନଙ୍କ ତୁଳନାରେ ଉଦ୍ଭିଦମାନଙ୍କର ଏହି ଅଭୀପ୍ସା ସ୍ଥୂଳସତ୍ତାର ସ୍ତରରେ ହିଁ ଅଧିକ ରହିଛି । ସେମାନଙ୍କର ସମସ୍ତ ଜୀବନକୁ ପ୍ରକୃତରେ ଆଲୋକ ଲାଗି ଏକ ଉପାସନା ବୋଲି କୁହାଯାଇ ପାରିବ । ଏବଂ ଆଲୋକକୁ ହିଁ ଆମେ ଦିବ୍ୟ ପରମସତ୍ତାଙ୍କର ସ୍ଥୂଳ ପ୍ରତୀକ ବୋଲି ଜାଣିବା; ଏବଂ ଏହି ପୃଥିବୀ ପରିବେଶଟି ମଧ୍ୟରେ ସୂର୍ଯ୍ୟ ପ୍ରକୃତରେ ସେହି ସର୍ବୋଚ୍ଚ ପରମ ଚେତନାର ହିଁ ପ୍ରତିନିଧିତ୍ୱ କରନ୍ତି । ଉଦ୍ଭିଦମାନେ ଆପଣାର ସରଳ ଓ ଅନ୍ଧ ରୀତିରେ ଏହି କଥାଟିକୁ ବେଶ୍ ସ୍ପଷ୍ଟ ଭାବରେ ଅନୁଭବ କରିଛନ୍ତି । ଯଦି ତୁମେ ତା'ର ମର୍ମଭେଦ କରିବାର କଳାଟିକୁ ଶିଖି ପାରିବ ତେବେ ସେମାନଙ୍କ ଅଭୀପ୍ସା ଯେ କେତେ ପ୍ରଗାଢ଼, ତୁମେ ସେ କଥାଟିକୁ ନିଶ୍ଚୟ ଜାଣିବାକୁ ପାଇବ ।''

ଅଭୀପ୍ସା ଓ ପ୍ରାର୍ଥନା – ଏ ଦୁଇଟିଯାକ ସାଧନା କ୍ଷେତ୍ରରେ ସହାୟକ ହୋଇ ରହିଥା'ନ୍ତି । କାହାକୁ କେଉଁଟା ଅଧିକ ସହଜ ଓ ପସନ୍ଦଯୋଗ୍ୟ ହୋଇ ରହିଥାଏ । ତେବେ ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ଅଭୀପ୍ସା କରିପାରନ୍ତି ନାହିଁ; ତାହାର କାରଣ ହେଲା ସେମାନଙ୍କ ଭିତରେ ଇଚ୍ଛାଶକ୍ତିର କୌଣସି ଅଗ୍ନି ପ୍ରଜ୍ୱଳିତ ହୋଇ ରହି ନାହିଁ, ସ୍ୱଭାବରେ ବିନୟବୋଧ ମଧ୍ୟ ନାହିଁ । ଇଚ୍ଛାଶକ୍ତି ଓ ବିନୟବୋଧ ନ ଥିଲେ ଜଣେ ଅଭୀପ୍ସା କରିପାରେ ନାହିଁ । ଆଉ କେତେଜଣ ପ୍ରାର୍ଥନା କରି ପାରନ୍ତି ନାହିଁ, ତାହାର କାରଣ ହେଲା ଆପଣାର ଅହଂକାର ଓ ଦାମ୍ଭିକତା । ଶ୍ରୀମା କହନ୍ତି ଯେ ଦାମ୍ଭିକତା ଏକ ଅତି ନିକୃଷ୍ଟ ଗୁଣ ।

*ପ୍ରଶ୍ନ : ବାସନା ଓ ଅଭୀପ୍ସା ମଧ୍ୟରେ ପ୍ରଭେଦ କ'ଣ ?*

ଉତ୍ତର : ବାସନା ହେଉଛି ଏକ ପ୍ରାଣିକ ଗତିବୃତ୍ତି ବା କ୍ରିୟାଶୀଳତା ଏବଂ ଅଭୀପ୍ସା ହେଉଛି ଚୈତ୍ୟର ଏକ ଗତିବୃତ୍ତି ବା କ୍ରିୟାଶୀଳତା । ଯେତେବେଳେ ସ୍ୱାର୍ଥମୁକ୍ତ ଏବଂ ଆନ୍ତରିକତାଯୁକ୍ତ ଯଥାର୍ଥ ଅଭୀପ୍ସାଟିଏ ରହିଥାଏ ସେତେବେଳେ ଏପରି ପ୍ରଶ୍ନର କୌଣସି ଯଥାର୍ଥତା ନ ଥାଏ । କାରଣ ସନ୍ଦୀପିତ ତଥା ସ୍ଥିର ଏକ ଅଭୀପ୍ସାର ସ୍ପନ୍ଦନଗୁଡ଼ିକ ସହିତ ବାସନାର ସ୍ପନ୍ଦନଗୁଡ଼ିକର କୌଣସି ସମ୍ବନ୍ଧ ନ ଥାଏ । ବାସନାର ସ୍ପନ୍ଦନ ପ୍ରବଳ ଆବେଗଯୁକ୍ତ ହୋଇ ରହିଥାଏ, ଅନେକ ସମୟରେ ତାହା ତୀବ୍ର ଉତ୍ତେଜନାମୟ ହୋଇ ରହିଥାଏ ।

ବିଶ୍ୱାସଜନିତ ନିଶ୍ଚିତତାର ସହ ଆମେ ଅଭୀପ୍ସା କରି ପାରିବା ଆବଶ୍ୟକ । ଜଣେ ଯେତେବେଳେ କୌଣସି ବିଷୟ ବା ବସ୍ତୁ ଲାଗି ଅଭୀପ୍ସା କରେ, ଯଦି ଯଥାସମ୍ଭବ ସର୍ବୋତ୍ତମ

ଭାବରେ ସେହି ଅଭୀପ୍ସାଟି ଯଥା ସ୍ଥାନରେ ଯାଇ ପହଞ୍ଚିବ ଓ ପରିପୂର୍ଣ୍ଣ ହେବ ବୋଲି ଜଣେ ଯୁଗପତ୍ ଭାବରେ ଜାଣିଥାଏ, ତେବେ ତାହାରି ଦ୍ୱାରା ହିଁ ସତ୍ତା ମଧ୍ୟରେ ଏକ ଶାନ୍ତ ଓ ସ୍ଥିର ଭାବ ଉପଲବ୍ଧ ହୋଇଥାଏ । ଅନ୍ୟ ପକ୍ଷରେ ଯଦି କେଉଁଠି କୌଣସି ସନ୍ଦେହ ଛପି ରହିଥାଏ, ଅନିଶ୍ଚିତତା ରହିଥାଏ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଯଥାର୍ଥ ମାର୍ଗଟି ଅଜଣା ହୋଇ ରହିଥାଏ, ତେବେ ସେଇଥିରୁ ହିଁ ଅଶାନ୍ତି ଓ ଅସ୍ଥିରତା ଆମକୁ କବଳିତ କରି ପକାଏ । ତାହାରି ଫଳରେ ହିଁ ଅସଲ ଲକ୍ଷ୍ୟଟି ଅପହଞ୍ଚ ରହିଯାଏ । ଅନ୍ୟ ପକ୍ଷରେ ଯଦି ଆମ ଭିତରେ ଏକ କୋଳାହଳ-ଶୂନ୍ୟ ବିଶ୍ୱାସ ଦୃଢ଼ ହୋଇ ରହିଥାଏ ଯେ ଯାବତୀୟ ନିଷ୍ପାପର ଓ ଆନ୍ତରିକ ଅଭୀପ୍ସା କଦାପି କର୍ଣ୍ଣଗୋଚର ନ ହୋଇ ରହେ ନାହିଁ, ସେତେବେଳେ ଆମେ ଆପେ ଆପେ ସ୍ଥିର, ଶାନ୍ତ ହୋଇଯାଉ – ଅଧିକ ଉତ୍ସାହ ଓ ଶ୍ରଦ୍ଧାସହ ଅଭୀପ୍ସା କରିପାରୁ । ଆମେ ଯାହା ମାଗିଥିଲୁ ତାହା ଶୀଘ୍ର କାହିଁକି ପ୍ରାପ୍ତ ହେଉ ନାହିଁ ବୋଲି ଅଯଥା ପ୍ରଶ୍ନ କରି ସମୟର ଅପଚୟ କରି ନ ଥାଉ । ସେତେବେଳେ ଅପେକ୍ଷା କରିବାର କଳାଟି ଆମେ ଶିଖି ଯାଇଥାଉ । ଦିବ୍ୟଜନନୀ କହନ୍ତି – ‘‘ଯିଏ ଅପେକ୍ଷା କରି ଜାଣେ, କାଳ ସର୍ବଦା ତା’ରି ସପକ୍ଷରେ ଥାଏ; କାରଣ ବ୍ୟଗ୍ର ବା ଉତ୍ତେଜିତ ହୋଇ ପଡ଼ିଲେ ସମୟ ଓ ଶକ୍ତିର ଅପଚୟ ହିଁ ଘଟିଥାଏ – ଆମର କାର୍ଯ୍ୟଗୁଡ଼ିକ ମଧ୍ୟ ବୃଥା ହୋଇଯାଏ । ଆମେ ଯଦି ଶାନ୍ତ ଓ ସ୍ଥିର ହୋଇ ଅଟଳ ବିଶ୍ୱାସର ସହ ଆପଣା ରୀତିରେ ଯାହା ଘଟିବାର କଥା ବା ପ୍ରାପ୍ତ ହେବା କଥା ସେଥି ନିମନ୍ତେ ବାଟ ଛାଡ଼ି ଦେଉ ତେବେ ତାହା ପ୍ରକୃତରେ ବରଂ ସତ୍ୱର ଓ ଅଧିକ ଭଲ ଭାବରେ ହିଁ ସବୁ ଘଟିବ ବା ପ୍ରାପ୍ତ ହେବ ।’’

ପରିଶେଷରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ତାତ୍ପର୍ଯ୍ୟପୂର୍ଣ୍ଣ ବାଣୀଟିଏ ଉଦ୍ଧାର କରି ଆଲୋଚନାଟି ସମାପ୍ତ କରିବା ।

“The Soul that do not aspire are God’s failure.”

‘‘ଅଭୀପ୍ସା କରୁ ନ ଥିବା ଆତ୍ମାଗୁଡ଼ିକ ଭଗବାନଙ୍କର ବିଫଳତାର ନମୁନା ।’’

❑❑❑

*ପ୍ରଶ୍ନ : ମା, ‘‘ଏକ ଅହମାତ୍ମକ ଶ୍ରଦ୍ଧା..., ଯେଉଁ ଶ୍ରଦ୍ଧା କି ଉଚ୍ଚାଭିଳାଷ ଦ୍ୱାରା କଳୁଷିତ’’ ଏହାର ଅର୍ଥ କ’ଣ ?*

**ଶ୍ରୀମା :** ହଁ, ଉଦାହରଣସ୍ୱରୂପ ଜଣେ ଯଦି ଖୁବ୍ ବିରାଟ ପ୍ରଭାବଶାଳୀ ବ୍ୟକ୍ତି ହେବାକୁ ଚାହେଁ, ଉଚ୍ଚ ସମ୍ମାନ ଓ ପଦ-ପଦବୀର ଅଧିକାରୀ ହେବାକୁ ବା ନିଜ ଚାରିପାଖରେ ଥିବା ଲୋକମାନଙ୍କର ଖାତିର ଓ ପ୍ରଶଂସା ଆକର୍ଷଣ କରିବାକୁ ଚାହେଁ, ଜଣେ ବଡ଼ ସାଧକ, ଜଣେ ବିରାଟ ସନ୍ନ୍ୟାସୀ, ବିରାଟ ଯୋଗୀ ଆଦି ହେବାକୁ ଚାହେଁ, ଜଣେ ବିରାଟ ପ୍ରତିଷ୍ଠିତ ବ୍ୟକ୍ତି ହେବାକୁ ଚାହେଁ, ସେପରି କ୍ଷେତ୍ରରେ ଏହାକୁ କୁହାଯିବ ଉଚ୍ଚାଭିଳାଷ ଦ୍ୱାରା କଳୁଷିତ ଏକ ଶ୍ରଦ୍ଧା ବା ବିଶ୍ୱାସ । ତୁମର ଏହି ବିଶ୍ୱାସ ରହିଛି ଯେ ଏପରି ଘଟିବା ସମ୍ଭବ, ଏବଂ ଭଗବାନଙ୍କ ଉପରେ ତୁମର ଶ୍ରଦ୍ଧା ଓ ବିଶ୍ୱାସ ରହିଛି; କିନ୍ତୁ ଏହି ଶ୍ରଦ୍ଧା ଓ ବିଶ୍ୱାସ ତୁମ ନିଜର କ୍ଷୁଦ୍ର ବ୍ୟକ୍ତିଗତ ତୁଚ୍ଛ ବଡ଼ିମା, ଆତ୍ମଶ୍ଳାଘା ଓ ଅହଂର ପୁଷ୍ଟି ପାଇଁ, ଏହା ଆଉ ଶୁଦ୍ଧ, ଆନ୍ତରିକ ଓ ଏକ ସତ୍ ମହତ୍ ଭାବ ହୋଇ ରହିଲା ନାହିଁ । ଏହା ଏପରି ଏକ ଭାବ ଯାହା କେବଳ ପୂରାପୂରି ନିଜ ବ୍ୟକ୍ତିଗତ ଲାଭ ପାଇଁ ଉଦ୍ଦିଷ୍ଟ । ତେଣୁ ସ୍ୱାଭାବିକ ଭାବରେ ଏଥିରେ କୌଣସି ଆତ୍ମଦାନ ବା ଉତ୍ସର୍ଗର ପ୍ରଶ୍ନ ଉଠୁ ନାହିଁ । ଏହା ହେଉଛି ଶକ୍ତିର ପାଣ୍ଠି ଜମାଇବା, ତୁମ ପକ୍ଷେ ଯେତେ ଅଧିକ ସମ୍ଭବ ସେତେ ଅଧିକ ଶକ୍ତିସବୁକୁ ନିଜ ପାଇଁ ଜମାଇ ଠୁଳ କରିବା, ଅର୍ଥାତ୍ କୁହାଯାଇପାରେ ଯେ ଯଥାର୍ଥ ମନୋଭାବ ଓ ଗତିବୃତ୍ତିର ଏହା ଠିକ୍ ବିପରୀତ । ଆମେ ଯେତେଟା ଭାବୁ ପ୍ରକୃତରେ ତାହା ଅପେକ୍ଷା ଅନେକ ଅଧିକ କ୍ଷେତ୍ରରେ ଏପରି ଘଟେ... ଉଚ୍ଚାଭିଳାଷର ଗତିବୃତ୍ତି ପୂରାପୂରି ତୁମ ସତ୍ତାର ଗଭୀରରେ ଲୁଚ୍କାୟିତ ହୋଇ ରହିଥାଏ ଓ ତାହାହିଁ ତୁମକୁ ଏହିପରି ଭାବରେ ପଛରୁ ଠେଲୁଥାଏ... ଏହା ତୁମକୁ ଚାବୁକ ପ୍ରହାର କରୁଥାଏ ଯେପରି ତୁମେ ନିଜ ଉଚ୍ଚାଭିଳାଷ ନେଇ ଆଗକୁ ମାଡ଼ିଯିବ । ଏହା ଏକ ପ୍ରକାର ପରଦା ଢାଙ୍କି ହୋଇଥିବା ଦମ୍ଭ ଓ ବଡ଼ିମା ଛଡ଼ା ଅନ୍ୟ କିଛି ନୁହେଁ ।

# କବି ନିଶିକାନ୍ତ

## (୧୦)

ହେ ଚିରଦିନେର୍ ଦିନେର୍ ସୂର୍ଯ, ତୋମାୟ୍ ପ୍ରଣାମ୍ କରି;
ଦିବାବଲ୍ଲଭମୟ ମାଧୁର୍ଯ, ତୋମାୟ୍ ପ୍ରଣାମ୍ କରି;
ଭଗବାନ୍, ଅରବିନ୍ଦ-ଅଂଶୁମାଲୀ !
ତୋମାରି ଦିବାୟ୍ ଜ୍ୱାଲି'
ପ୍ରଣତି-ଶିଖାର୍ ପ୍ରସୂନଗୁଚ୍ଛ, ତୋମାୟ୍ ପ୍ରଣାମ୍ କରି ।
('ଦିନେର୍ ସୂର୍ଯ' କାବ୍ୟଗ୍ରନ୍ଥ) — ନିଶିକାନ୍ତ
(୧୫ ଅଗଷ୍ଟ ୧୯୪୬)

ଏକାଧାରରେ ସାଧକ ଓ ସୈନିକ କବି ନିଜର ଏକ ଜନ୍ମଦିନରେ ଗୁରୁଦେବଙ୍କ ଚରଣରେ ଉପରୋକ୍ତ 'ଜନ୍ମଦିନ' କବିତାଟି ଅର୍ପଣ କରିଛନ୍ତି । ସେଥିରେ ସେ ଲେଖିଛନ୍ତି : 'ଜନ୍ମଦିନେ କି ଦେବ ଆଜ୍, ବଲୋ ? ତୋମାର୍ ଦେଓୟା ଜନ୍ମ ତୋମାୟ୍ ଦିଲାମ୍' । ସର୍ବାନ୍ତଃକରଣରେ ଉତ୍ସର୍ଗୀକୃତ କବି-ଜୀବନର ବିଭିନ୍ନ ସଙ୍କଟ ମୁହୂର୍ତ୍ତରେ ଗୁରୁଦେବଙ୍କୁ ଲେଖି ପ୍ରାପ୍ତ ହୋଇଥିବା ତାଙ୍କରି ଉତ୍ତରସବୁରୁ କେତୋଟି ଏଠାରେ ଉଦ୍ଧାର କରୁଛୁ :

''ଶ୍ରୀମା ତୁମ ଚିଠି ପାଇବା ପରେ, 'କ'ଙ୍କୁ ତୁମର କାମ ବଢ଼ାଇ ଦେବା ବିଷୟରେ କହିଛନ୍ତି । କିନ୍ତୁ ଏବେ ତୁମର କହିବାନୁସାରେ କାମ କରିବାକୁ ଚାହଁ ନାହିଁ ଏବଂ କାମଟିକୁ ଛାଡ଼ି ଦେଇଛ । ତେଣୁ ଏ ବିଷୟରେ ଆଉ କିଛି କରିବାର ନାହିଁ । ପ୍ରକୃତରେ କହିବାକୁ ଗଲେ ପ୍ରାଣିକ ଦାବି, ଅସ୍ଥିରତା ବା ଅଶାନ୍ତି ଏବଂ ଉଦ୍‌ବେଗ ମନୋଭାବ ସହିତ ଯେକୌଣସି କର୍ମ କଲେ ଆଦୌ କିଛି ବି ଲାଭ ହୁଏ ନାହିଁ । ଏଥି ସହିତ ମୁଁ ଏହା ବି କହିପାରେ ଯେ ଶ୍ରୀମା'ଙ୍କର ତୁମ ପ୍ରତି ଅସନ୍ତୋଷ ପ୍ରକାଶର ନିଦର୍ଶନ ସ୍ୱରୂପ ତାଙ୍କର ଭ୍ରୂକୁଞ୍ଚିତ ଚାହାଣି ଏବଂ ତାଙ୍କର ଗମ୍ଭୀର ମୁଖମଣ୍ଡଳ କଥା ତୁମର ବିବ୍ରତ ବା ବିକ୍ଷୋଭିତ ଏବଂ ସହଜରେ ପ୍ରତିକ୍ରିୟାମୂଳକ, ଉତ୍ତେଜିତ ପ୍ରାଣିକ ମନର କଳ୍ପନା ବ୍ୟତୀତ ଅନ୍ୟ କିଛି ନୁହେଁ । ଶ୍ରୀମା'ଙ୍କର ନୟନ ଯୁଗଳ ଓ ମୁଖମଣ୍ଡଳରେ ତାଙ୍କ ଭିତରେ ଥିବା ସାଧକମାନଙ୍କ ପ୍ରତି ନିତ୍ୟ-ବିରାଜିତ ସହାନୁଭୂତି ଓ ଅଭିପ୍ରାୟରେ କେବେ ବି ଏସବୁ ପ୍ରତିକ୍ରିୟା ଘଟି ନ ପାରେ, ଏମିତି କିଛି ହାବଭାବର ପରିପ୍ରକାଶ ଏକେବାରେ ଅସମ୍ଭବ — ଏହା ତାଙ୍କର ସ୍ୱଭାବ-ବିରୁଦ୍ଧ ।

''ଯେହେତୁ ତୁମେ ସର୍ବାନ୍ତଃକରଣରେ ସାଧନା କରିବାର ଅଭିପ୍ରାୟ ଆମ ସମ୍ମୁଖରେ ପ୍ରକାଶ କରିଥିଲ, ତେଣୁ ଆମେ ତୁମକୁ ଏହି କଥାଟିକୁ ଜଣାଇ ଦେବା ଆବଶ୍ୟକ ବୋଲି ମନେ କଲୁ ଯେ କର୍ମରେ ନିଜକୁ ବ୍ୟାପୃତ ନ ରଖି କିଂବା କେବଳ ଏକାନ୍ତରେ ଧ୍ୟାନ-ଧାରଣା କରି ଏହି ସାଧନା କରାଯାଇ ପାରେ, କାହିଁକି ନା ଆମର ଏହି ସାଧନାର ବୈଶିଷ୍ଟ୍ୟ ସ୍ୱତନ୍ତ୍ର । ଆମେ ତୁମ ଉପରେ କୌଣସି ବିଶିଷ୍ଟ କର୍ମର ଆରୋପ କରି ନ ଥିଲୁ, କିନ୍ତୁ ତୁମେ ନିଜେ କେଉଁ କର୍ମ କରିବାକୁ ସ୍ୱତଃସ୍ଫୂର୍ତ୍ତଭାବେ ଆଗ୍ରହାନ୍ୱିତ ରହିଛ, ତା'ରି ଉପରେ ପୂରା ନିର୍ଭର କରିଥିଲୁ । ତୁମେ ନିଜେ ଭୋଜନାଳୟର ରୋଷେଇ-ଶାଳାରେ କାମ କରିବ ବୋଲି ପ୍ରସ୍ତାବ ଦେଇଥିଲ ଏବଂ ପରେ ଏହି କର୍ମକୁ ଆଉ ଟିକିଏ ବଢ଼ାଇ ଦେବା ସକାଶେ ଆଗରୁ ଜଣାଇଥିଲ ।

''ଯଦି ତୁମେ ତୁମର ପ୍ରାଣିକ ଅହଂକାର ତଥା ପ୍ରାଣିକ-ମନର ଅବାଧତା ଓ ଗଣ୍ଡଗୋଳ ସୃଷ୍ଟିକାରୀ ଗତିବିଧିରେ ତୁଷ୍ଟ ରୁହ, ବ୍ୟଗ୍ରତା ପ୍ରଦର୍ଶନରେ ସଦା ତତ୍ପର ରୁହ, ତା'ହେଲେ ତୁମେ କସ୍ମିନ୍‌କାଳେ ତୁମ ମନରେ ଶାନ୍ତି ଲାଭ କରି ପାରିବ ନାହିଁ । ଅଭିମାନ, ବିଦ୍ରୋହ, ନିଜର ଯାବତୀୟ ଦାବି — ଏସବୁ ହେଉଛି ଯୋଗ ସାଧନାର ଯଥାର୍ଥ ମନୋଭାବର ଏକେବାରେ ପରିପନ୍ଥୀ; ଏସବୁ କେବଳ ବିଶୃଙ୍ଖଳା, ଦୁଃଖକଷ୍ଟ ଓ ଅଶାନ୍ତି ଆଣି ଦେଇଥାଏ । ଯଦି ତୁମେ ମନରେ ଶାନ୍ତି ଚାହଁ ଏବଂ ଯଥାର୍ଥ ସାଧନା ଚାହଁ, ତୁମକୁ ସର୍ବପ୍ରଥମେ ଯେଉଁ କାମଟି କରିବାକୁ ହେବ, ସେଇଟି ହେଉଛି ଠିକ୍ ବୋଲି ସାବ୍ୟସ୍ତ କରୁଥିବା ଓ ନ୍ୟାୟସଙ୍ଗତ ବୋଲି ସମର୍ଥନ କରୁଥିବା ଏବଂ ଜିଗର ଧରୁଥିବା ତୁମର ଯାବତୀୟ ଗତିବିଧିକୁ ଏକେବାରେ ପ୍ରତ୍ୟାଖ୍ୟାନ କରି ଦେବା । ତୁମେ ନିଶ୍ଚିତ ରୂପେ ସ୍ୱୀକାର କରିବା ଉଚିତ ବା ତୁମର ହୃଦ୍‌ବୋଧ ହେବା ଉଚିତ ଯେ ଏହିସବୁ ବିରୋଧୀ ଗତିବିଧିକୁ ତୁମ ମଧ୍ୟରେ ସକ୍ରିୟ ବା କ୍ରିୟାଶୀଳ ହେବାକୁ ଅନୁମତି ବା ପ୍ରଶ୍ରୟ ଦେବା ଅର୍ଥ ତୁମେ ନିଜେ ହିଁ ନିଜ ଭିତରେ ଯେତେସବୁ ଅଶାନ୍ତି ଓ ଅପ୍ରୀତିକର ଜଞ୍ଜାଳ ସୃଷ୍ଟି କରିବା ଏବଂ ସେଇଥି ପାଇଁ ତୁମକୁ ନିଶ୍ଚିତ ରୂପେ ଦୃଢ଼ତାର

ସହିତ ସଂକଳ୍ପବଦ୍ଧ ହୋଇ ଏହିସବୁ ଗତିବିଧିରୁ ନିଜକୁ ପୃଥକ୍ କରି ନେବାକୁ ହେବ ଏବଂ ସେସବୁକୁ ନିଜ ଭିତରୁ ଅପସାରିତ କରି ଦେବାକୁ ହେବ । ଏସବୁ କରିବାରେ ତୁମେ ଦୃଢ଼ପ୍ରତିଜ୍ଞ ହୋଇ ନ ଉଠିବା ପର୍ଯ୍ୟନ୍ତ କିଛି ବି କରାଯାଇ ପାରିବ ନାହିଁ – ସେହି ମୁହୂର୍ତ୍ତ ନ ଉପୁଜିବା ପର୍ଯ୍ୟନ୍ତ କୌଣସି ଆଧ୍ୟାତ୍ମିକ ଅଗ୍ରଗତି ବା ଲକ୍ଷ୍ୟ-ସାଧନ ଏକେବାରେ ଅସମ୍ଭବ ।''

[CWSA, Vol. 29, P. 238-39]

*

''ରନ୍ଧନଶାଳାରେ ଅଧିକ କାମ କରିବା ସକାଶେ ତୁମେ ଯେଉଁ ପ୍ରସ୍ତାବ ଦେଇଛ, ସେ ସମ୍ବନ୍ଧେ ଆଜି ସନ୍ଧ୍ୟାରେ 'କ' ଶ୍ରୀମା'ଙ୍କୁ ଜଣାଇଲେ । କିନ୍ତୁ ତା' ପୂର୍ବରୁ ଆମେ (ଶ୍ରୀମା-ଶ୍ରୀଅରବିନ୍ଦ) ତୁମର ଚିଠିଟି ପାଇ ସାରିଥିଲୁ ଏବଂ ସେଥିରେ ତୁମେ ଯାହାସବୁ ଲେଖିଛ ସେ ସମ୍ବନ୍ଧେ କେତୋଟି ବିଷୟ ଉପରେ ନିର୍ଭୁଲ ଭାବରେ ଏବଂ ସ୍ପଷ୍ଟ ରୂପେ ତୁମକୁ ଜଣାଇ ଦେବା ଆବଶ୍ୟକ । ମୁଁ ଖବର ନେଇ ବୁଝିଲି ଯେ ତୁମେ ତୁମ କାମରେ ସ୍ୱାଧୀନ ହେବାକୁ ଚାହୁଁଛ; ପ୍ରଥମେ ପ୍ରଥମେ ତୁମେ 'କ'ଙ୍କ ପାଖରୁ ରନ୍ଧାରନ୍ଧି ସକାଶେ ତୁମର ଆବଶ୍ୟକ ମୁତାବକ ସାମଗ୍ରୀସବୁ ନେଉଥିଲ ଏବଂ କିଛି ଦିନ ପରେ ତୁମେ ତୁମର ବିଭିନ୍ନ ଧାରଣା ବା ଖିଆଲ ଅନୁସାରେ ରାନ୍ଧୁଥିବା ବ୍ୟଞ୍ଜନକୁ ଅଧିକ ସୁସ୍ୱାଦୁ କରିବାରେ ଲାଗିଛ (ତେଣୁ ଅଧିକ ସରଞ୍ଜାମର ଆବଶ୍ୟକତା ହେଉଥିଲା) । କିନ୍ତୁ ଏହି ବୁଝାମଣାରେ ତୁମକୁ ସେହି କାମ ଦିଆଯାଇ ନ ଥିଲା ଏବଂ ଏହା ବି ସମ୍ଭବ ନୁହେଁ । ପ୍ରକୃତରେ ବୁଝାମଣାଟି ଏହିପରି ଥିଲା – ରାନ୍ଧିବା ସକାଶେ ତୁମକୁ ପ୍ରଦତ୍ତ ଉପକରଣସବୁରେ ହିଁ ରାନ୍ଧିବ, ତା'ଠୁ ଅଧିକ ନେଇ ନୁହେଁ, ଯାହାକି ତୁମେ ବର୍ତ୍ତମାନ କରୁଛ । ଅଧିକନ୍ତୁ, ତୁମେ ଏମିତି କହୁଥିବାର ଜାଣିବାକୁ ପାଇଲୁ ଯେ 'କ'ଙ୍କର ନିୟନ୍ତ୍ରଣରେ କାମ କରିବା ତୁମ ପକ୍ଷରେ ଖୁବ୍ କଷ୍ଟକର ଏବଂ ଯଦି ତାଙ୍କ ସହିତ କଳହ ଉପୁଜେ ଏବଂ ଶ୍ରୀମା ତୁମ ବିରୋଧରେ ତାଙ୍କୁ ସମର୍ଥନ କରନ୍ତି ତେବେ ତୁମେ ଖୁବ୍ ଅପମାନିତ ବୋଧ କରିବ । ତା'ହେଲେ ଏମିତି ପରିସ୍ଥିତିରେ ତୁମେ ଅଧିକ କାମ ପାଇଁ ଯେଉଁ ପ୍ରସ୍ତାବ ବାଢ଼ିଛ ସେଥିରେ ଆଉ ଅଧିକ ନ ଆଗେଇବା ହିଁ ଭଲ । କାରଣ ଇତିପୂର୍ବରୁ ଭୋଜନାଳୟରେ ଓ ରନ୍ଧନଶାଳାରେ ବେଶ୍ ଅନେକ ଥର ପରସ୍ପର ଭିତରେ ଝଗଡ଼ା ଓ ମନୋମାଳିନ୍ୟ ସୃଷ୍ଟି ହୋଇଛି ଏବଂ ଶ୍ରୀମା ଚାହାଁନ୍ତି ଆଉ ଅଧିକ ନୁହେଁ, ବିଶେଷତଃ ଦୀର୍ଘ ଦିନ ଧରି ଧୈର୍ଯ୍ୟର ସହିତ ବେଶ୍ କଷ୍ଟ ସ୍ୱୀକାର କରି ସେଠାରେ ବିରାଜମାନ କରାଇଥିବା ଏକ ଅଧିକ ସୁସମଞ୍ଜସ ପରିବେଶରେ କାମ ଚାଲୁ ରହିଥିବା ବେଳେ ।

''(ଭୋଜନାଳୟରେ) କାମର ବ୍ୟବସ୍ଥା 'କ'ଙ୍କର ନୁହେଁ, ଶ୍ରୀମା'ଙ୍କର । ବେଶ୍ କିଛି ବର୍ଷ ପୂର୍ବରୁ ଶ୍ରୀମା ତାଙ୍କୁ ଖାଦ୍ୟ ସମ୍ବନ୍ଧୀୟ ବିଭାଗସବୁର ମୁଖ୍ୟ ହିସାବରେ ନିୟୋଜିତ କରିଥିଲେ ଏବଂ ସେସବୁ ବିଭାଗରେ ଶ୍ରୀମା କେବଳ ସାଧାରଣ ଭାବରେ ନୁହେଁ, କିନ୍ତୁ ସବିଶେଷ ଭାବରେ 'କ'ଙ୍କ ମାଧ୍ୟମରେ ନିଜ ଇଚ୍ଛାନୁସାରେ ଶୃଙ୍ଖଳିତ ଅବସ୍ଥାକୁ ଆଣି ପାରିଛନ୍ତି । ତା'ପରଠୁ ହୋଇଥିବା ପ୍ରତ୍ୟେକଟି ପରିବର୍ତ୍ତନ ସମାନ ଧାରାରେ ହୋଇ ଆସିଛି । 'କ'ଙ୍କୁ ସେଠାରେ ରଖାଯାଇଛି ଯଦ୍ୱାରା ସେଠାକାର ପ୍ରତିଟି ବିଭାଗର କର୍ମଧାରା ତାଙ୍କରି ମାଧ୍ୟମରେ, କେବଳ ଶ୍ରୀମା'ଙ୍କର ତତ୍ତ୍ୱାବଧାନରେ ପରିଚାଳିତ ହେବ । ଆଶ୍ରମର ପ୍ରତ୍ୟେକଟି ବିଭାଗରେ ଏହି ସମାନ ଧାରା ଏବଂ ଏଥିରେ ପରିବର୍ତ୍ତନ ଅଣାଯାଇ ପାରିବ ନାହିଁ । ବିଭାଗୀୟ ମୁଖ୍ୟଙ୍କର ତତ୍ତ୍ୱାବଧାନ ବିରୋଧରେ ସହକର୍ମୀମାନଙ୍କର ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ନେଇ, ସେମାନଙ୍କର ଯାବତୀୟ ଖିଆଲ ବା ପରିକଳ୍ପନା ଓ ବ୍ୟବସ୍ଥାକୁ ଆରୋପ କରିବା ନେଇ ଏବଂ ମୁଖ୍ୟଙ୍କ ସହିତ କଳହ କରିବା ଓ ତାଙ୍କୁ ଅପମାନିତ କରିବା ନେଇ ଇତିପୂର୍ବରୁ ବେଶ୍ ତୀବ୍ର ବାଧା ଓ ପ୍ରତିରୋଧ ଉପୁଜିଛି । କିନ୍ତୁ ଏସବୁ ଦ୍ୱାରା ପରସ୍ପରଙ୍କର ମତ ଓ ଅହଂକାର ମଧ୍ୟରେ ସଂଘର୍ଷ ଓ କଳହ ସୃଷ୍ଟି ହେବାକୁ ବାଟ ଫିଟାଇଥାଏ ମାତ୍ର ଏବଂ ତଦ୍ୱାରା ଅନବରତ ବିଶୃଙ୍ଖଳା ଲାଗି ରହିଥାଏ । ପରିଶେଷରେ ଶ୍ରୀମା ସେହିସବୁ ପରିସ୍ଥିତି ନ ଉପୁଜିବାରେ ଏବଂ ସେସବୁ ସ୍ଥାନରେ କେତେକ ପରିମାଣରେ ସଂଗତି ଓ ଶୃଙ୍ଖଳା ଆରୋପ କରିବାରେ ସାଫଲ୍ୟ ଅର୍ଜନ କରିଛନ୍ତି । ତେଣୁ ଏହା 'କ'ଙ୍କର ସ୍ୱାଧୀନ ନିୟନ୍ତ୍ରଣର କଥା ନୁହେଁ, କିନ୍ତୁ ଶ୍ରୀମା'ଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତିଙ୍କ ମାଧ୍ୟମରେ କର୍ମକ୍ଷେତ୍ରରେ ଶ୍ରୀମା'ଙ୍କର ହିଁ ନିୟନ୍ତ୍ରଣ ।

''ଏହି ପରିପ୍ରେକ୍ଷୀରେ ମୁଁ ତୁମକୁ ସ୍ମରଣ କରାଇ ଦେଇପାରେ ଯେ ସାଧନା ସକାଶେ ଶୁଭଙ୍କର ହୋଇ ଉଠୁଥିବା କେଉଁ ମନୋଭାବରେ କର୍ମ କରିବା ଉଚିତ ବୋଲି ଲେଖିଥିଲି । ଏହା ପ୍ରାଣିକ ଅହଂକାର ତଥା ସ୍ୱ-ଇଚ୍ଛାର ଦୃଢ଼ ସମର୍ଥନକୁ ବାଦ୍ ଦେଇ ଏକ ସମର୍ପଣ ଭାବ ସହ କରାଯିବା ଉଚିତ,

ନିଜର କର୍ମ ହିସାବରେ ନୁହେଁ, ଶ୍ରୀମା'ଙ୍କର କର୍ମ ହିସାବରେ କରାଯିବା ଉଚିତ । ନିଜର ନୁହେଁ, ତାଙ୍କରି ଧାରଣା ଓ ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବା ଉଚିତ । ଏହି ଧରଣର ମନୋଭାବ ସହିତ ସମ୍ପାଦିତ କର୍ମ ସାଧକର ପ୍ରାଣକୁ ତାଙ୍କ ପ୍ରତି ଉନ୍ମୁକ୍ତ କରିଦିଏ ଏବଂ ତାଙ୍କରି ଦିବ୍ୟ ଶକ୍ତିକୁ ନିଜ ସତ୍ତା ଓ ଚରିତ୍ରରେ କ୍ରିୟାଶୀଳ ହେବାକୁ ସହୃଦୟତାର ସହିତ ସମ୍ମତି ଦେଇଥାଏ ।''

– ୧୦ ଜୁନ୍ ୧୯୩୯

(CWSA, Vol. 32, P. 431 - 432)

*

''ପ୍ରାଣିକ ଗତିବିଧିକୁ ଦୂର କରିବାକୁ ହେଲେ ଏକ ଅତ୍ୟାବଶ୍ୟକୀୟ ପନ୍ଥା ହେଉଛି ତୁମେ ନିଜକୁ ସମ୍ପୂର୍ଣ୍ଣ ରୂପେ ଆମ ପ୍ରତି ଉନ୍ମୁକ୍ତ ରଖିବ । ଇତିପୂର୍ବରୁ ତୁମେ ଏପରି କରିପାରିଥିବାରୁ ତୁମେ ତୁମ ମନ ଓ ପ୍ରାଣରେ ଅନବରତ ଘାରି ହେଉଥିବା ଯୌନ-ବାସନାକୁ ସଫଳତାର ସହ ପ୍ରତ୍ୟାଖ୍ୟାନ କରି ପାରିଥିଲ । ଯଦି ପ୍ରାଣରୁ କୌଣସ ପ୍ରବୃତ୍ତି ଜାଗ୍ରତ୍ ଚେତନାକୁ ଉଠିଆସି ତୁମକୁ ବିବ୍ରତ କରିବାକୁ ଆଗଭର ହୁଏ ତେବେ ତୁମେ ସେଇ ମୁହୂର୍ତ୍ତରେ ସେଥିରୁ ନିଜକୁ ଯଦି ପୃଥକ୍ ରଖ, ସେଥିପ୍ରତି ଅନାସକ୍ତ ରୁହ ଏବଂ ତୁମକୁ ତାହା କରାଯତ୍ତ କରିବା ପୂର୍ବରୁ ସେଥିପ୍ରତି ସତର୍କ ଦୃଷ୍ଟି ରଖ ଏବଂ ସେଇଟିକୁ ପ୍ରତ୍ୟାଖ୍ୟାନ କର; କୌଣସି ପରିସ୍ଥିତିରେ ନିଜକୁ ତା'ର ଫାନ୍ଦରେ ପକାଅ ନାହିଁ ଏବଂ ତା'ର ପ୍ରଭାବର ସୁଅରେ ଭାସିଯିବାକୁ ପ୍ରଶ୍ରୟ ଦିଅ ନାହିଁ ।''

- ୨୧ ଜୁନ୍ ୧୯୩୮

(CWSA, Vol. 35, P. 721)

*

''ଏହା ଏକ ଉତ୍ତମ କଥା ଯେ ତୁମେ ଏଠାକୁ କ'ଣ ପାଇଁ ଆସିଛ, ତୁମର ଯଥାର୍ଥ ଅଭିପ୍ରାୟ କ'ଣ – ଏ ସମ୍ବନ୍ଧରେ ଏକାଗ୍ର ହେବାକୁ ସିଦ୍ଧାନ୍ତ ନେଇଛ; କିନ୍ତୁ ଯେମିତି କେବଳ ଚିତ୍ତବୃତ୍ତି ସମ୍ବନ୍ଧୀୟ ମାନସିକ କର୍ମରେ ଲିପ୍ତ ରହିବା ଏବଂ ସାମାଜିକ ମିଳାମିଶାରେ ମାତିବା ଯୋଗ-ସାଧନା ସକାଶେ ଅନୁକୂଳ ଅବସ୍ଥା ନୁହେଁ, ସେମିତି ଅତ୍ୟଧିକ ନିର୍ଜନବାସ ବା ନିଭୃତାବସ୍ଥାରେ ରହି ଜୀବନଯାପନ କରିବା ଫଳରେ ଆଧ୍ୟାତ୍ମିକ ପ୍ରତିକୂଳ ଅବସ୍ଥା ଉପୁଜିଥାଏ । ପରିବେଶର ବ୍ୟକ୍ତିଗଣଙ୍କ ସହିତ ଆବଶ୍ୟକୀୟ ଏକ ପରିମିତ ବାହ୍ୟ ସମ୍ପର୍କ ସ୍ଥାପନର ସହାୟତା ସହିତ ଏକ ଆନ୍ତର ଏକାଗ୍ରତା ହିଁ ଯୋଗ-ସାଧନା ନିମିତ୍ତ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଯଥେଷ୍ଟ । ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ସରସ ମନୋଭାବରେ କିଛି ବାହ୍ୟ କର୍ମରେ ନିଜକୁ ବ୍ୟାପୃତ ରଖିବା ହେଉଛି ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନ-ଯାପନ ସକାଶେ ମଧ୍ୟ ଏକ ଅତ୍ୟାବଶ୍ୟକ ଉପାଦାନ ।''

(CWSA, Vol. 29, P. 380)

*

''ମୁଁ ତୁମକୁ ନିର୍ଦ୍ଦିଷ୍ଟ ଭାବେ ସେମିତି କିଛି କହିବାର ନାହିଁ । ଶ୍ରୀମା ତୁମ ମନରେ ବା ସଂକଳ୍ପରେ ସମର୍ପଣ କରିବାକୁ ଏବଂ ରୂପାନ୍ତରିତ ହୋଇ ଉଠିବାକୁ ସଚେତନ ଭାବରେ କୌଣସି କିଛି ବିରୋଧ କରୁଥିବାର ବା ପ୍ରତିବନ୍ଧକ ସୃଷ୍ଟି କରୁଥିବାର ଦେଖିଲେ ନାହିଁ । କିନ୍ତୁ ହୁଏତ ବାଧାଟି ତୁମ ସ୍ୱଭାବର ଶିଳ୍ପୀ (କବି, ଚିତ୍ରକର ଇତ୍ୟାଦି) ପ୍ରାଣରେ (ମନରେ ନୁହେଁ) ତିଷ୍ଠି ରହିଛି; କାରଣ, ଶିଳ୍ପୀର ପ୍ରାଣ ତା'ର ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାରେ, ସ୍ୱ-ଧାରାରେ ଗତି କରିବାରେ, ନିଜ ସୃଷ୍ଟ ଜଗତରେ ନିତ୍ୟବାସ କରିବାରେ ଏବଂ ନିଜ ସ୍ୱଭାବର ପ୍ରରୋଚନା ବା ପ୍ରବୃତ୍ତିରେ ନିଜକୁ ନିୟୋଜିତ କରି ରଖିବାରେ ଅଭ୍ୟସ୍ତ ଥାଏ । ଯଦି ପ୍ରାଣର ଏହି ଅଂଶଟି ପରିବର୍ତ୍ତିତ ହୋଇଉଠେ, ତା'ହେଲେ ହୁଏତ ସମର୍ପଣ ଓ ରୂପାନ୍ତର ଅଧିକ ସତ୍ୱର ଘଟିପାରେ, କିନ୍ତୁ ହଠାତ୍ ଏହି ପରିବର୍ତ୍ତନ ସେତେ ସହଜରେ ଆସି ନ ଥାଏ; ସବୁ ପରିସ୍ଥିତିରେ ବା ସମସ୍ତଙ୍କ କ୍ଷେତ୍ରରେ ଏହି ପରିବର୍ତ୍ତନ ସାଧାରଣତଃ ଏକ ମନ୍ଥର ଗତିରେ ଏବଂ କହିବାକୁ ଗଲେ ଏକେବାରେ ଅପରିଜ୍ଞାତ ଭାବରେ ଆସିଥାଏ ।''

(CWSA, Vol. 31, P. 109)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ସୁସ୍ଥତାର ପରମ ଗୋପନୀୟତା

## (୧୧)

## ସୂର୍ଯ୍ୟକାନ୍ତି ମହାନ୍ତି

### ବଳ

ମନୁଷ୍ୟ ଶରୀରର ବାରଟି ମନଃଶକ୍ତି ମଧ୍ୟରୁ ବଳ ଅନ୍ୟତମ । ଏହା ଅବଚେତନ ମନର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ । ସୋଲାର୍ ପ୍ଲେକ୍ସସ୍‌ରେ ପାକସ୍ଥଳୀ କ୍ଷେତ୍ରରେ 'ବଳ' ଶକ୍ତି ଅବସ୍ଥିତ । ଭାରତୀୟ ଦର୍ଶନ ଅନୁଯାୟୀ ଏହା ମଣିପୁର ଚକ୍ର ଭାବରେ ପରିଚିତ; ଯାହାର ରଙ୍ଗ ହଳଦିଆ, ମୌଳିକ ଉପାଦାନ ଅଗ୍ନି ଏବଂ ଧ୍ୱନି ରାମ୍ ଅଟେ । ଜଣକର ଆବେଗିକ ପ୍ରକୃତିର କେନ୍ଦ୍ରରେ ଏହା ଅବସ୍ଥିତ ଥିବାରୁ ଦୀର୍ଘ ଦିନର ଗଭୀର ଅନୁଭୂତିଗୁଡ଼ିକୁ ଧରି ରଖିଥାଏ । ତଳିପେଟର ଉଭୟ ପାର୍ଶ୍ୱରେ ବୃକକ୍‌ର ପଛପଟେ Adrenal ଗ୍ରନ୍ଥିରେ ଏହାର ଅବସ୍ଥିତି । ପ୍ରାଚୀନ ଶାସ୍ତ୍ର ଅନୁଯାୟୀ ଏହି ଗ୍ରନ୍ଥିକୁ କୁହାଯାଏ ଆବେଗିକ କର୍ମର ଗନ୍ତାଘର । ଏହା କ୍ରୋଧ, ଭୟ, ଘୃଣା ଓ ଉତ୍ତେଜନା ପ୍ରତି ଖୁବ୍ ଶୀଘ୍ର ସୂକ୍ଷ୍ମାନୁଭୂତି ପ୍ରକାଶ କରିଥାଏ ।

ଶରୀରରେ ବା ପରିବେଶରେ କୌଣସି ନକାରାତ୍ମକ ଅବସ୍ଥା ଥିବା ସତ୍ତ୍ୱେ ନିଜର ଦକ୍ଷତା ଉପରେ ଭରସା ବା ବିଶ୍ୱାସ ରଖିବା ହେଉଛି ବଳ । ଏହା ଏପରି ଏକ ଶକ୍ତି ଯାହା ମନୁଷ୍ୟର ସୁସ୍ଥ ଓ ସୁନ୍ଦର ଭାବନା ଦ୍ୱାରା କାର୍ଯ୍ୟକାରୀ ବା ଗତିଶୀଳ ହୁଏ । ବ୍ୟକ୍ତି ଜୀବନର ଶାରୀରିକ, ମାନସିକ ଓ ଆଧାତ୍ମିକ ସ୍ତରରେ ଏହା କାର୍ଯ୍ୟ କରିଥାଏ । ବଳ ହେଉଛି ଶାରୀରିକ ଶକ୍ତିଠାରୁ ଯଥେଷ୍ଟ କିଛି ଅଧିକ, ଯାହା ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ଏପରି ଦେଖାଯାଏ ଯେ ବହୁ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେମାନଙ୍କ ଶରୀରରେ କିଛି ଅସୁବିଧା ନ ଥାଏ । ଏଥିରୁ ଜଣାଯାଏ ଯେ ଏ ପରିସ୍ଥିତିରେ ମାନସିକ, ଆବେଗିକ ଓ ଆଧାତ୍ମିକ ବଳର ଅଭାବ ଥାଇପାରେ । ବାସ୍ତବରେ ବଳର ଅର୍ଥ ହେଉଛି ସହିଷ୍ଣୁତା, ଅଧ୍ୟବସାୟ ଓ ଗଭୀର ଆତ୍ମ ବିଶ୍ୱାସ ।

ବଳ ତ୍ରି-ସ୍ତରୀୟ ଅଟେ । ଭୌତିକ ସ୍ତରରେ – ବଳ ହେଉଛି ସାମର୍ଥ୍ୟ, କାର୍ଯ୍ୟ କରିବାର ଶକ୍ତି ଓ ପ୍ରାଣଶକ୍ତି । ଏହା ଶାରୀରିକ ଦୁର୍ବଳତାରୁ ମୁକ୍ତିକୁ ବୁଝାଏ । ମାନସିକ ସ୍ତରରେ – କୌଣସି ଲକ୍ଷ୍ୟ ହାସଲ କରିବାର କ୍ଷମତା ଓ କଠିନ କାର୍ଯ୍ୟ କରିବାର ଦକ୍ଷତା । ଏହା ଆବେଗିକ ଦୁର୍ବଳତାରୁ ମୁକ୍ତିକୁ ସୂଚୀତ କରେ । ଆଧାତ୍ମିକ ସ୍ତରରେ – ବଳ ହେଉଛି ଦୃଢ଼ତା ଓ ସ୍ଥିରତା ଏବଂ ପ୍ରଲୋଭନକୁ ପ୍ରତିରୋଧ କରିବାର ସାମର୍ଥ୍ୟ । ସେତେବେଳେ କୌଣସି ଉଚ୍ଚତମ ସୋପାନ ନିକଟତମ ବୋଲି ଅନୁଭୂତ ହୁଏ । ଏଣୁ ଯେତେବେଳେ ମନଃଶକ୍ତି ରୂପକ ବଳ ଶୃଙ୍ଖଳିତ ଭାବରେ କ୍ରିୟାଶୀଳ ହୁଏ ସେତେବେଳେ ଉଚ୍ଚତମ ଜ୍ଞାନ ବା ଦିବ୍ୟଜ୍ଞାନର ଦ୍ୱାର ଜଣକ ପାଇଁ ଉନ୍ମୁକ୍ତ ହୋଇଯାଏ । କାରଣ, ମେରୁଦଣ୍ଡର ସ୍ନାୟବିକ ବ୍ୟବସ୍ଥା ସହିତ ବିଶ୍ୱାସ ଶକ୍ତି ସିଧାସଳଖ ଭାବରେ ସଂଯୁକ୍ତ ହୋଇଥାଏ ।

ଦର୍ଶନଶାସ୍ତ୍ର ଅନୁଯାୟୀ ବିଶ୍ୱାସ ଓ ବଳ ମଧ୍ୟରେ ଦୁଇ ଭାଇ ପରି ସମ୍ପର୍କ ରହିଥାଏ । ଅର୍ଥାତ୍, ବିଶ୍ୱାସ ଥିଲେ ବଳ ଲାଭ କରି ହୁଏ ଏବଂ ବଳ ଥିଲେ ବିଶ୍ୱାସକୁ ଧରି ରଖିହୁଏ । ଏହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଗଲା –

ଏକଦା ଜଣେ ବ୍ୟବସାୟୀ ଦୀର୍ଘଦିନ ଧରି ବ୍ୟବସାୟିକ କ୍ଷତି ସହୁଥିଲେ । ଏଣୁ ଘୋର ଆର୍ଥିକ ସଙ୍କଟରେ ଥିଲେ । କିଛି ଦିନ ପରେ ସେ ପିଠିରେ ଅସୁସ୍ଥତା ସଙ୍ଗେ ସଙ୍ଗେ ବୃକକ୍‌ରେ ଯନ୍ତ୍ରଣା ଅନୁଭବ କଲେ । ଧୀରେ ଧୀରେ ଯନ୍ତ୍ରଣା ଏପରି ଭାବରେ ବଢ଼ି ଚାଲିଲା ଯେ ସେ ଛିଡ଼ା ହୋଇ ପାରିଲେ ନାହିଁ, କି ଚାଲି ପାରିଲେ ନାହିଁ । ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଗଲା । ସେଠାରେ ଜଣା ପଡ଼ିଲା ଯେ ତାଙ୍କର ବୃକକ୍ ସଂକ୍ରମିତ ହୋଇଛି, ଫଳରେ ଜ୍ୱର ବି ଆରମ୍ଭ ହୋଇ ଯାଇଛି । ତେବେ ତାଙ୍କ ପତ୍ନୀ ବାରଟି ମନଃଶକ୍ତି ବିଷୟରେ ପଢ଼ି ଥିବାରୁ, ସ୍ୱାମୀଙ୍କର ଆର୍ଥିକ କାରଣରୁ ଏପରି ଅବସ୍ଥା ହୋଇଛି ବୋଲି ସେ ବୁଝିଗଲେ । ଏଣୁ ତାଙ୍କ ପତ୍ନୀ 'ବଳ' ରୂପକ ମନଃଶକ୍ତିକୁ ଗଭୀର ବିଶ୍ୱାସର ସହ ଆବାହନ କଲେ । କିଛି ଦିନ ପରେ ସ୍ୱାମୀଙ୍କର ଯନ୍ତ୍ରଣା କମ୍ ହେବାକୁ ଆରମ୍ଭ କଲା । ପରେ ଉଭୟ ବଳ ଲାଭ କରିବାକୁ ପ୍ରାର୍ଥନା କଲେ । ତା'ପରେ ସ୍ୱାମୀ କହିଲେ ତାଙ୍କୁ ଶାନ୍ତି ଲାଗୁଛି । ଅବଶ୍ୟ ଶାନ୍ତି ହେଉଛି ସୁସ୍ଥତାର ଅଗ୍ରଦୂତ । ଧୀରେ ଧୀରେ ସେ ବ୍ୟକ୍ତି ସୁସ୍ଥ ହୋଇଗଲେ ।

ବଳ-ଶକ୍ତିକୁ ଆବାହନ କରି କେବଳ ଯେ ସେ ସୁସ୍ଥ

ହେଲେ ତା’ ନୁହେଁ, ତାଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ହୋଇଥିଲା ।

ଦେଖାଯାଏ ଯେ ଆର୍ଥିକ ସଙ୍କଟ ଶରୀରର ବଳ କେନ୍ଦ୍ରର ଶକ୍ତିକୁ ନିଃଶେଷ କରି ଦେଇଥାଏ । ଯଦି ଜଣେ ଦୃଢ଼ତାର ସହିତ ବିଶ୍ୱାସ ରଖିପାରେ, ତା’ହେଲେ ଏଭଳି ସଙ୍କଟକୁ ସଫଳତାର ସହିତ ଅତିକ୍ରମ କରି ବିଜୟୀ ହୋଇପାରେ । ତା’ ସହ ଶାରୀରିକ ଓ ଆବେଗିକ ସ୍ତରରେ ସେ ଶକ୍ତିଶାଳୀ ହୋଇ ଉଠେ । ଏହି ପରି ଭାବରେ ମନଃଶକ୍ତି ବଳ ସହିତ ସମ୍ପର୍କ ସ୍ଥାପନ କରି ପାରିଲେ ସମୃଦ୍ଧି, ପ୍ରାଚୁର୍ଯ୍ୟ, ନୂତନ ଭାବନା, କଳ୍ପନା ଓ ସମ୍ଭାବନା ମଧ୍ୟ ପ୍ରକଟିତ ହେବା ସମ୍ଭବ ହେବ ।

ପୁନଶ୍ଚ ମେରୁଦଣ୍ଡ ସ୍ନାୟୁକେନ୍ଦ୍ରଗୁଡ଼ିକ ଦ୍ୱାରା ପୂର୍ଣ୍ଣ ହୋଇଥାଏ ଯାହା ସମଗ୍ର ଶରୀରର ପ୍ରତ୍ୟେକ ଅଂଶକୁ ବିସ୍ତାରିତ ହୋଇଥାଏ । ବଳକୁ ଆବାହନ କଲେ ଏହାର ଶକ୍ତି-ସ୍ରୋତ ସ୍ନାୟୁ ମଧ୍ୟ ଦେଇ ମୁକ୍ତ ଭାବରେ ପ୍ରବାହିତ ହୋଇଥାଏ । ଫଳରେ ପ୍ରତ୍ୟେକ କୋଷ ସତେଜ ଓ ସବଳ ହୋଇଥାଏ । ସେଥିପାଇଁ ଜଣେ ବାରଂବାର ନିଜକୁ ନିଜେ ଶାନ୍ତ ଭାବରେ କହିପାରେ, ‘‘ନୂତନ ବଳ ମୋ ଶରୀରର ପ୍ରତ୍ୟେକ ଅଙ୍ଗରେ ଓ ମୋ ମନର ପ୍ରତ୍ୟେକ ଭାବନାରେ ପ୍ରବାହିତ ହେଉଛି । ମୁଁ ପ୍ରଫୁଲ୍ଲତା ଅନୁଭବ କରୁଛି ।’’ ଏହିଭଳି ଭାବରେ ଲାଗି ରହିଲେ ଶରୀରର ସମସ୍ତ ପ୍ରକାର ସ୍ନାୟୁଗତ ଦୁର୍ବଳତା ଚାଲିଯାଏ । କାର୍ଯ୍ୟ କରିବା ପାଇଁ ବ୍ୟକ୍ତି ପ୍ରେରଣା ଲାଭ କରିଥାଏ । ନିଜ ଉପରେ ଥିବା କୌଣସି ଗୁରୁଦାୟିତ୍ୱ ପାଇଁ ଭାରାକ୍ରାନ୍ତ ଥିଲେ ତାହା ହାଲ୍‌କା ହେବା ପରି ଅନୁଭବ କରେ । ଏହି ଉପାୟ ଅତି ସରଳ ମନେ ହେଉଥିଲେ ମଧ୍ୟ ମହାଜାଗତିକ ସ୍ତରରେ ଏହାର ପ୍ରଭାବ ଅଧିକ ।

ପ୍ରତ୍ୟେକ ଶବ୍ଦର ଅଛି ଏକ ଗୁଣ, ଯାହା ମନୁଷ୍ୟ ମନ ମଧ୍ୟରେ ଥିବା ଏକ ସହଜାତ ଧାରଣା ସହିତ ସମ୍ପର୍କିତ । ଏ ଶବ୍ଦ ମୁଖନିଃସୃତ ହେଉ ବା ମନ ସୃଷ୍ଟ ବି ହେଉ । ଏହା ବିକିରିତ କରେ ଏକ ଶକ୍ତି, ଯାହା ଶରୀରର କୋଷଗୁଡ଼ିକୁ ସଙ୍କୁଚିତ ଓ ପ୍ରସାରିତ କରିଥାଏ । ଫଳରେ ମନୁଷ୍ୟ ଶାରୀରିକ ଓ ମାନସିକ ସ୍ତରରେ ଅଧିକ ଶକ୍ତିଶାଳୀ ହୋଇଥାଏ । ତେବେ ଯଦି ଜଣେ ଜୀବନରେ କୌଣସି ଗୁରୁଦାୟିତ୍ୱ ବହନ କରିଥାଏ ଏବଂ ସେଥିନିମିତ୍ତ ମନ ମଧ୍ୟରେ ଭାଙ୍ଗି ପଡୁଥାଏ, ତା’ ହେଲେ ତା’ କାନ୍ଧରେ ଯନ୍ତ୍ରଣା ଆରମ୍ଭ ହୁଏ । ସମୟ ସମୟରେ ବେକ ମୂଳ କୁଣ୍ଡାଇ ହୋଇ ଚର୍ମ ଶକ୍ତ ହୁଏ । କାନ୍ଧ ଦାୟିତ୍ୱ ଭାରରେ ଅଞ୍ଚଳ ଭାବରେ ପରିଚିତ । ଏଣୁ ସମସ୍ତ ପ୍ରକାର ଦାୟିତ୍ୱ ସତ୍ତ୍ୱେ ଯଦି ମନକୁ ହାଲ୍‌କା ରଖାଯାଏ, ତା’ହେଲେ କାନ୍ଧ ଏବଂ ବେକ ପରିସର ସୁସ୍ଥ ରହେ । ଯେପରି କାନ୍ଧ ସୂଚିତ କରେ ଦାୟିତ୍ୱ-ବୋଧତାକୁ, ସେହିପରି ମେରୁଦଣ୍ଡ ଓ ପିଠି ସୂଚିତ କରେ ଇଚ୍ଛା-ଶକ୍ତିକୁ । ଏଣୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଏବଂ ମାନସିକ ସ୍ତରରେ ଦୃଢ଼ ହେବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ ।

କଥିତ ଅଛି ଯେ ବଳର ଅନ୍ୟ ନାମ ଉତ୍ତମ ଗୁଣ ବା ସଦ୍‌ଗୁଣ । ଅର୍ଥାତ୍, ସଦ୍‌ଗୁଣ ସମ୍ପନ୍ନ ବ୍ୟକ୍ତି ବଳର ଅଧିକାରୀ ହୋଇଥାଏ । ପୃଥିବୀର ସମସ୍ତ ମଣିଷ ଅଧିକ ବଳ ପ୍ରାପ୍ତ କରିବା ପାଇଁ ଚାହାଁନ୍ତି । ଶିଶୁଟିଏ ହସିବା ଓ ଦୌଡ଼ିବା ପାଇଁ ଏବଂ ଯୁବକଟିଏ କଠିନ କାର୍ଯ୍ୟ କରିବା ପାଇଁ ଅଧିକ ବଳ ଆବଶ୍ୟକ କରୁଥାଏ । ସୁସ୍ଥ ଓ ସବଳ ବ୍ୟକ୍ତି ଖୁସିରେ ଥାଏ । ଅନ୍ୟ ପକ୍ଷରେ ଦୁର୍ବଳ ବ୍ୟକ୍ତିକୁ ଦେଖିଲେ ଦୁଃଖ ଓ ଦୟା ଲାଗେ । ସେ ନିଜ ଜୀବନରେ ବିଶେଷ କିଛି କାର୍ଯ୍ୟ କରିପାରେ ନାହିଁ । ଶାରୀରିକ ବଳ ନିମିତ୍ତ ମାନସିକ ବଳ ଆବଶ୍ୟକ ହୋଇଥାଏ । ଏହା ଲାଭ କରିବା ପାଇଁ ସହନଶୀଳତା, ଭୟଶୂନ୍ୟତା ଓ ଉତ୍ତମ ଚିନ୍ତାଧାରା ଆବଶ୍ୟକ ।

ଜଣେ ଆଶ୍ଚର୍ଯ୍ୟ ହୋଇପାରେ ଯେ ଉତ୍ତମ ବା ସକାରାତ୍ମକ ଭାବନାର ଏପରି କେଉଁ ଶକ୍ତି ଅଛି ଯାହାକି ମଣିଷକୁ ବଳବାନ୍ କରିପାରିବ ? ପ୍ରକୃତରେ ଏହିପରି ବ୍ୟକ୍ତି ଜୀବନରେ ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ସ୍ତରରେ ବଳ ଲାଭ କରିପାରିବ । ଉତ୍ତମ ଭାବନା ଦ୍ରବୀଭୂତ କରେ ଜୀବନର ସମସ୍ତ ପ୍ରକାର ମାନସିକ ଚାପ, ସନ୍ଦେହ, ଭୟ, ଈର୍ଷା, ଅଧୈର୍ଯ୍ୟ, ଘୃଣା, ପ୍ରତିହିଂସା ଆଦି ଭାବକୁ ।

ବାସ୍ତବରେ ଉତ୍ତମ ଚିନ୍ତାଧାରା ସୃଷ୍ଟି କରେ ଏକ ଦିବ୍ୟ ଶକ୍ତି; ଯାହା ପ୍ରବାହିତ ହୁଏ ମନ, ଶରୀର ଓ ପରିବେଶରେ । ଏଣୁ ବଳ ରୂପକ ମନଃଶକ୍ତିକୁ ଆବାହନ କରିବାକୁ ହେଲେ ନିଜ ଜୀବନରେ ଘଟୁଥିବା କୌଣସି ଅସ୍ୱସ୍ତିକର ପରିସ୍ଥିତି ଧୀରେ ଧୀରେ ଉତ୍ତମ ହୋଇ ଉଠୁଛି ବୋଲି ବିଶ୍ୱାସ ରଖିବାକୁ ହେବ । ଏଣୁ ନିଜକୁ ନିଜେ ବାରଂବାର କହି ହୁଅ, ‘‘ମୁଁ ଭଲରେ ଅଛି । ମୋ ଚତୁଃପାର୍ଶ୍ୱରେ ସବୁକିଛି ଉତ୍ତମ ଭାବରେ ସଂଘଟିତ ହେଉଛି’’ । ତା’ପରେ ଦେଖାଯାଏ – ଜୀବନରେ କିଛି ବିସ୍ମୟକର ଘଟଣା ଘଟିବ । ଏହିପରି ଭାବରେ ଉତ୍ତମ ଚିନ୍ତାଧାରା ପୃଥିବୀର ପ୍ରତ୍ୟେକ ସ୍ତରରେ ସୃଷ୍ଟି କରିଥାଏ ଅସୀମ ବଳ । ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ବି ସଦ୍‌ଭାବନାର ନିୟମକୁ ପ୍ରୟୋଗ କରିବାକୁ ହେବ ।

ଏହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଯାଉଛି ।

ଏକଦା ଜଣେ ଗୃହିଣୀଙ୍କ ପାରିବାରିକ ସମସ୍ୟା ଏପରି ଉତ୍କଟ ଅବସ୍ଥାରେ ପହଞ୍ଚି ଥିଲା ଯେ ସେ ଆଉ ବଞ୍ଚିବେ ବୋଲି ଆଶା କରି ପାରିଲେ ନାହିଁ । ତାଙ୍କ ସ୍ୱାମୀଙ୍କର ସ୍ୱାସ୍ଥ୍ୟଗତ ଦୁର୍ବଳତା ପାଇଁ ସେ ଗଭୀର ମାନସିକ ଚାପରେ ଥିଲେ । ତାଙ୍କର ବଡ଼ ପୁଅ ବାହାରେ କିଛି କାମ କରି ସେହି ସ୍ୱଳ୍ପ ଅର୍ଥରେ ନିଜର କଲେଜ ଖର୍ଚ୍ଚ ମେଣ୍ଟାଉ ଥିଲା । ଦ୍ୱିତୀୟ ପୁଅ ଅର୍ଦ୍ଧ ପାଗଳ ଥିଲା । ଯେକୌଣସି ସମୟରେ ସେ ଭୀଷଣଭାବେ ରାଗି ଯାଉଥିଲା ଏବଂ ଜିନିଷପତ୍ର ଫୋପଡ଼ା ଫୋପଡ଼ି କରୁଥିଲା । ସବା ସାନ ଝିଅ ଏସବୁ ଦେଖି ପ୍ରାୟତଃ ଚାପଗ୍ରସ୍ତ ରହୁଥିଲା । ତେଣୁ ସେ ତା'ର ଶିକ୍ଷକମାନଙ୍କ ସହ ସୁସମ୍ପର୍କ ରକ୍ଷା କରିପାରୁ ନ ଥିଲା । ଗୃହିଣୀଙ୍କର ନିଜର ଗୋଟିଏ ବୃକକ୍ ସଂକ୍ରମିତ ହୋଇଥିଲା । କେବଳ ଅନ୍ୟ ଗୋଟିଏ ବୃକକ୍‌କୁ ନେଇ ସେ ବଞ୍ଚୁଥିଲେ । ଡାକ୍ତର ତାଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ ।

ଏଭଳି ଅବସ୍ଥାରେ ଦିନେ ସେ ମନୁଷ୍ୟର ବାରଟି ମନଃଶକ୍ତି ବିଷୟରେ ଏକ ପୁସ୍ତକରୁ ପଢ଼ିଲେ । ତା'ପରେ ନିଜ ଜୀବନରେ ସେ ସକାରାତ୍ମକ ମନୋଭାବ ପୋଷଣ କଲେ ଏବଂ ପ୍ରାର୍ଥନା କଲେ ଓ ମନକୁ ଶାନ୍ତ କରିବାକୁ ମଧ୍ୟ ଚେଷ୍ଟା କଲେ । ଏହିପରି ଭାବରେ ପ୍ରାୟ ଦୁଇ ମାସ ଚାଲିଗଲା । ତା'ପରେ ଦିନେ ବଡ଼ ପୁଅ ପାଖରୁ ଖବର ଆସିଲା ଯେ ସେ ଏକ ବୃତ୍ତି ଲାଭ କରିଛି । ସାନ ପୁଅର ଉତ୍ତେଜନା ଧୀରେ ଧୀରେ ହ୍ରାସ ପାଇଲା, ସ୍ୱାମୀ ତାଙ୍କର ବିନା ସହାୟତାରେ ନିଜେ ସ୍ନାନ କରି ପାରିଲେ ଏବଂ ନିଜ କାମ ନିଜେ କରି ପାରିଲେ । ଝିଅ ତା'ର ବନ୍ଧୁ ଓ ଶିକ୍ଷକମାନଙ୍କ ସହ ଖୁସିରେ କଥାବାର୍ତ୍ତା କଲା ଏବଂ ସେ ନିଜେ ସମ୍ପୂର୍ଣ୍ଣ ଭାବରେ ବୃକକ୍ ରୋଗରୁ ମୁକ୍ତିଲାଭ କଲେ ।

ଏଣୁ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ଶକ୍ତି ଲାଭ କରିବା ପାଇଁ ପ୍ରତ୍ୟେକ ଦିନର ଆରମ୍ଭରୁ ପ୍ରାର୍ଥନା କର, ''ଆଜି ଦିନଟି ଏବଂ ଆଜିର ସମସ୍ତ କାର୍ଯ୍ୟ ଉତ୍ତମ ରୂପେ ସମ୍ପାଦିତ ହେଉ ।'' ପୁନଶ୍ଚ ଦିବସର ଶେଷରେ କୁହ, ''ଏହି ଦିନଟି ଉତ୍ତମ ଦିନ ଥିଲା ।''

ଏହି ସୂକ୍ଷ୍ମ, ସରଳ ପନ୍ଥାଟି ବାସ୍ତବିକ ଖୁବ୍ ଉତ୍ତମ ଓ ଫଳପ୍ରଦ । ଯେତେବେଳେ ତୁମେ ଅନୁଭବ କରିବ ଯେ ତୁମେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ବାସ କରୁଛ ସେତେବେଳେ ତୁମ ଜୀବନରେ ଏକ ସହୃଦୟପୂର୍ଣ୍ଣ ବିଶ୍ୱର ସୃଷ୍ଟି ହେବ ।

ବାସ୍ତବରେ ତୁମର ଶରୀର ହେଉଛି ଅତ୍ୟନ୍ତ ଗ୍ରହଣଶୀଳ ଓ ସହାନୁଭୂତି ସମ୍ପନ୍ନ ଯାହା ମନର ଗଭୀର ସ୍ତରରେ ଶକ୍ତି ସୃଷ୍ଟି କରେ । ଫଳରେ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭାବରେ ଠିକ୍ ରହେ ।

ଏଣୁ ପ୍ରତ୍ୟେକ ଦିନ କୁହ, ''ମୋ ହୃଦୟରୁ ସବୁ ଭୟ ଦୂର ହୋଇ ଯାଉଛି । ମୋର କାହାରି ପ୍ରତି ଈର୍ଷା, ଦ୍ୱେଷ, କ୍ରୋଧ ନାହିଁ । ମୁଁ ଦୟାଶୀଳ, କ୍ଷମାଶୀଳ । ମୋ ଜୀବନରେ ଦିବ୍ୟବଳ କାର୍ଯ୍ୟକାରୀ ହେଉଛି ।''

ଏହି ସରଳ ଉପାୟଟି ନିଜ ଜୀବନରେ ଅଭ୍ୟାସ କରାଯାଇ ପାରେ ।

(କ୍ରମଶଃ)

❑❑❑


**ତଥ୍ୟ ନିର୍ଦ୍ଦେଶିକା :**

୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.


କିନ୍ତୁ ଯଦି ଶରୀର ଅନ୍ତର୍ସତ୍ତାର ପ୍ରଗତିମୂଳକ ଗତିବୃତ୍ତିକୁ ଅନୁସରଣ କରୁଥାଆନ୍ତା, ଯଦି ଏହାର ଚୈତ୍ୟସତ୍ତା ସଙ୍ଗେ ସମାନ ଅଗ୍ରଗତି ଓ ପୂର୍ଣ୍ଣତାର ବୋଧ ଥାଆନ୍ତା ତା'ହେଲେ ମୃତ୍ୟୁ ପାଇଁ ଏହାର କୌଣସି ପ୍ରୟୋଜନ ନ ଥା'ନ୍ତା ।

— ଶ୍ରୀମା

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୨)

ଗୟାଧର ଦାଶ

### ଆଦର୍ଶ ମାତାପିତା ବା ଅଭିଭାବକମାନଙ୍କର କର୍ତ୍ତବ୍ୟ

ପୂର୍ଣ୍ଣାଙ୍ଗ ଶିକ୍ଷାରେ ଆଦର୍ଶ ମାତାପିତା ହେବା ଏକ କଷ୍ଟକର ବ୍ୟାପାର । ଏଥିପାଇଁ ମାତାପିତାମାନଙ୍କୁ ତପସ୍ୟା କରିବାକୁ ହେବ । ଅବଶ୍ୟ ଏଠାରେ ସଂସାର ତ୍ୟାଗ କରି ଜଙ୍ଗଲରେ ତପସ୍ୟା କରିବା କଥା କୁହାଯାଉ ନାହିଁ । ସଂସାରରେ ରହି ଶ୍ରେୟ ବା ତ୍ୟାଗର ଜୀବନ ବଞ୍ଚିବାକୁ ହେବ । ଅସଲ ତପସ୍ୱୀ ସେହିମାନେ ଯେଉଁମାନେ ଏକ ସଚେତନ ଜୀବନ-ଯାପନ କରନ୍ତି ଏବଂ ନିଜ ପ୍ରତି, ପରିବାର ପ୍ରତି, ସମାଜ ପ୍ରତି ସର୍ବୋପରି ଭଗବାନଙ୍କ ପ୍ରତି ନିଷ୍ଠାପର ହୋଇ ଜୀବନ ବଞ୍ଚିବାକୁ ଆଗ୍ରହ ପ୍ରକାଶ କରନ୍ତି । ପ୍ରକୃତରେ ଆଦର୍ଶ ମାତାପିତା କହିଲେ ଆମେ କ'ଣ ବୁଝିଥାଉ ? କେବଳ ପୁତ୍ର ଓ କନ୍ୟା ପ୍ରତି ଆମର ଦାୟିତ୍ୱ ନିର୍ବାହ କରିବା ଦ୍ୱାରା ଆମେ ଆଦର୍ଶ ମାତାପିତାରେ ଗଣ୍ୟ ହେବା କି ? ଯେଉଁ କର୍ମରେ ପାଇବାର ଲାଳସା ଥାଏ, ନ ପାଇଲେ କଷ୍ଟ ଲାଗେ, ତାହା କ'ଣ ଆଦର୍ଶ କର୍ମ ? ପୁତ୍ରକନ୍ୟାମାନଙ୍କୁ ଲାଳନପାଳନ କରି, ପାଠ ପଢ଼ାଇ, ଉଚ୍ଚ ପଦବୀରେ ଆସୀନ ହେବା ପରେ ବାହାସାହା କରାଇ, ସେମାନଙ୍କର ଭବିଷ୍ୟତ୍ ପାଇଁ ସମ୍ପତ୍ତି ଠୁଳ କରି ଏବଂ ଅନ୍ୟାନ୍ୟ ଭୌତିକ ସାହାଯ୍ୟ ଯୋଗାଇ ଦେବାରେ କୌଣସି ମାତାପିତା ନିଜ ପାଇଁ କି ଅନ୍ୟ ପାଇଁ ଦୃଷ୍ଟାନ୍ତ ବା ଆଦର୍ଶ ହୁଅନ୍ତି ନାହିଁ । ପୁନଶ୍ଚ କେତେ ଜଣ ମାତାପିତା ନିଜର ପୁତ୍ରକନ୍ୟା ଭଗବତ୍ ମାର୍ଗରେ ଯାଆନ୍ତୁ ଏବଂ ସତ୍ୟ ପଥରେ ଅଟଳ ରହି ସମାଜର ପଥ ପ୍ରଦର୍ଶକ ହୁଅନ୍ତୁ ବୋଲି ଚାହାଁନ୍ତି ? ଏପରିକି ପୁତ୍ରକନ୍ୟା ଯଦି ବେଶୀ ସମୟ ଧ୍ୟାନ, ପୂଜା ଓ ଆରାଧନାରେ ଦିଅନ୍ତି, ଆଧ୍ୟାତ୍ମିକ ପୁସ୍ତକମାନ ପାଠ କରନ୍ତି ବା ସତ୍ ସଙ୍ଗରେ ଯୋଗ ଦିଅନ୍ତି କିଂବା କିଛି ନିଃସ୍ୱାର୍ଥପର ସେବାରେ ସମୟ ଅତିବାହିତ କରନ୍ତି ତେବେ ସେମାନଙ୍କର ଜୀବନ ବରବାଦ ହେଲା ବୋଲି ମାତାପିତାମାନେ ବିକ୍ଷୋଦ୍‌ଗାର କରନ୍ତି । ସେମାନେ ଭାବନ୍ତି ଏସବୁ କାର୍ଯ୍ୟ କରିବାରେ କି ଲାଭ ମିଳିବ ? ଲାଭ ଓ କ୍ଷତିର ତରାଜୁରେ ଜୀବନକୁ ତଉଲୁଥିବା ମାତାପିତା ଆଦର୍ଶ ହୋଇପାରିବେ କି ? ନିଜେ ବଞ୍ଚିଲେ ବାପର ନାଆଁ ବୋଲି ଯେଉଁ ମାତାପିତା କୁହନ୍ତି ସେମାନେ କମ୍ ସ୍ୱାର୍ଥପର ନୁହଁନ୍ତି । ସବୁପ୍ରକାର ହୀନମନ୍ୟତା, ସ୍ୱାର୍ଥପରତା, ବିଭେଦତା, ସଂକୀର୍ଣ୍ଣତା, କୁସଂସ୍କାରମାନ ସେହିମାନେ ହିଁ ପିଲାକୁ ଶିକ୍ଷା ଦିଅନ୍ତି । ମା କହନ୍ତି, ମାତାପିତାମାନେ ହିଁ ପିଲାମାନଙ୍କ ପାଇଁ ସବୁଠାରୁ ବେଶୀ ବିପଦପୂର୍ଣ୍ଣ ଅଟନ୍ତି । କାରଣ ପିଲାମାନେ ଯାହା କରିବେ ତା' ଉପରେ ମାତାପିତାମାନେ ଅଙ୍କୁଶ ଲଗାନ୍ତି । ସେମାନେ ଯାହା କହିବେ ପିଲାମାନେ ତାହା କ'ଣ ମାନିବାକୁ ବାଧ ? ବାଧବାଧକତାର ଜୀବନଟା କ'ଣ ଆଦର୍ଶ ଜୀବନ ? ନାନା ଚାପ ମଧ୍ୟରେ ରହି ପିଲାଟି ବେଲୁନ୍ ପରି ଫୁଲି ଯାଇ ଶେଷରେ ଫାଟି ଯିବ ନାହିଁ କି ? ପୁନଶ୍ଚ ପିଲାମାନଙ୍କର ଭବିଷ୍ୟତକୁ ନେଇ ମାତାପିତାଙ୍କର କେତେ ଯେ ହିସାବ-ନିକାଶ ହୁଏ ତାହା କହିବା ଅନାବଶ୍ୟକ । ଏପରି ଜୀବନଟା ବହୁତ ଭଲ, ସେଇଟା ପଢ଼ିଲେ ଅମୁକ ଚାକିରି ମିଳିବ, ଏଇଟା କଲେ ଅମୁକ ହେବ, ସେଇଟା କଲେ ସମୁକ ହେବ, କ'ଣ କଲେ ବେଶୀ ଅର୍ଥ ଆସି ପାରିବ, ଏଇଟା ନିହାତି ଦରକାର ଇତ୍ୟାଦି ଇତ୍ୟାଦି । କୌଣସି ଫନ୍ଦି ଫିକର କରି ସେଇଟା ହାସଲ କରିବାକୁ ହେବ । ପିଲାଟି ଆଗରେ ନାନା ଭୋଗବାସନା ଓ ଉପଯୋଗିତାବାଦର ଆଦର୍ଶକୁ ରଖି ମାତାପିତା ଯଦି ନିଜର ପ୍ରଭାବ ବା ଆଧିପତ୍ୟ ସାବ୍ୟସ୍ତ କରନ୍ତି ତେବେ ପିଲା ତା'ର ସ୍ୱଭାବ ଓ ସ୍ୱଧର୍ମକୁ ଭୁଲି ଯିବ ଏବଂ ଯେତେବେଳେ ନିଜେ ଅର୍ଥ ରୋଜଗାର କରିବ ବା କୌଣସି ଉଚ୍ଚ ପଦବୀ ହାସଲ କରିବ ସେତେବେଳେ ସେ କଡ଼ା ଗଣ୍ଡା ହିସାବ କରି ବୃଦ୍ଧ ମାତାପିତାଙ୍କଠାରୁ ଆଦାୟ କରି ନେବ ।

ଅନେକ ମାତାପିତା ଅଛନ୍ତି ଯେଉଁମାନେ ନିଜର ପୁତ୍ର ଓ କନ୍ୟାକୁ ବାହାର ପିଲାଙ୍କ ସହିତ ମିଶିବାକୁ ଦିଅନ୍ତି ନାହିଁ ଅଥବା ମିଶିବା ପାଇଁ ସ୍ୱାଧୀନ ଭାବରେ ଛାଡ଼ି ଦିଅନ୍ତି । ପିଲାମାନଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧା ନ ଥାଏ କି କର୍ତ୍ତୃତ୍ୱ ନ ଥାଏ । ଯେଉଁ ମାତାପିତାମାନେ ସମାଜରେ ନିଜର ସ୍ୱାର୍ଥକୁ

ଜଗି ଏକ ସ୍ୱତନ୍ତ୍ର ସ୍ଥାନ ବାଛି ନିଅନ୍ତି ଏବଂ ଅନ୍ୟମାନଙ୍କ ସହିତ ସେମାନଙ୍କର କୌଣସି ଆନ୍ତରିକ ସମ୍ପର୍କ ନ ଥାଏ, ସେମାନେ କିପରି ଆଦର୍ଶ ହେବେ ?

ପିଲାଟିର କୌଣସି ବିଷୟ ବା ପାଠ ପଢ଼ିବାକୁ ଯଦି ଆଗ୍ରହ ନ ଥାଏ, ଜ୍ଞାନ ଓ ବୁଦ୍ଧିର ବିକାଶ ପାଇଁ ଯଦି ଇଚ୍ଛା ନ ଥାଏ ତେବେ ତାକୁ ବଡ଼ ବଡ଼ ଆଶା ଦେଖାଇ ଏଇଟା ପଢ଼, ସେଇଟା ପଢ଼ ବୋଲି ବାଧ କରିବାରେ ତା'ର ଜ୍ଞାନର ବିକାଶ ହେବ ନା ଅବନିତ ଘଟିବ ? ସବୁ ପିଲାମାନେ ଯେ ପାଠ ପଢ଼ି ବଡ଼ ଚାକିରି କରିବେ ଏହା କେଉଁ ଶାସ୍ତ୍ରରେ ଲେଖା ଅଛି ? ଏହା ଆଶା କରିବା ମଧ୍ୟ ଆମର ନିର୍ବୋଧତା । ଆଜିକାଲିର ପିଲାମାନେ ପରିଶ୍ରମକାତର ଅଟନ୍ତି । ଏହାର କାରଣ ହେଉଛି ମାତାପିତାଙ୍କର କାର୍ଯ୍ୟକଳାପ । ମାତାପିତା ଯଦି ଟଙ୍କା ପଛରେ ଗୋଡ଼ାନ୍ତି ତେବେ ପିଲାମାନଙ୍କ ପାଇଁ ସେମାନଙ୍କ ପାଖରେ ସମୟ ଆସିବ କେଉଁଠୁ ? ମାତାପିତାମାନେ ପାଠପଢ଼ି ଚାକିରି କଲେ ପାଠ ଘରେ ଚାବି ପଡ଼ିଯାଏ । ଶିକ୍ଷା କ'ଣ ସେମାନେ ଜାଣନ୍ତି ନାହିଁ । ନିଜେ ଶିକ୍ଷାଠାରୁ ଦୂରେଇ ରହି, ଅଜ୍ଞାନତା ମଧ୍ୟରେ ବୁଡ଼ି ରହି ଘରୋଇ ଶିକ୍ଷକ ଓ ବେତନଭୋଗୀ ଭୃତ୍ୟମାନଙ୍କ ହାତରେ ପିଲାକୁ ଛାଡ଼ି ଦେବା ଏବଂ ବଡ଼ ବଡ଼ ଉପଦେଶ ଦେବାରେ ଯଥାର୍ଥତା ଅଛି କି ନାହିଁ ତାହା ମାତାପିତାମାନେ କେବେ ବିଚାର କରନ୍ତି କି ? ଅନେକ ମାତାପିତା ଯୁକ୍ତି ରଖନ୍ତି ଯେ ପିଲାମାନେ ଯଦି ଭଲ ପାଠ ନ ପଢ଼ିବେ ତେବେ ଚାକିରି ମିଳିବ ନାହିଁ; କୌଣସି କାମ ମଧ୍ୟ କରି ପାରିବେ ନାହିଁ, ଯଦ୍ୱାରା ମୂର୍ଖ ଓ ଅକର୍ମା ହୋଇ ଘରେ ବସି ରହିବେ ଏବଂ ରୋଜଗାର କ୍ଷମ ନ ହେବା ଦ୍ୱାରା ତାଙ୍କର ଭବିଷ୍ୟତ୍ ମଧ୍ୟ ଅନ୍ଧକାରାଚ୍ଛନ୍ନ ହୋଇଯିବ ।

୧୩ ଜୁନ୍ ୧୯୫୬ ମସିହାରେ ଏକ କଥୋପକଥନରେ ଶ୍ରୀମା କହିଛନ୍ତି, '' 'ବୋକା ଓ ମୂର୍ଖ ହୋଇ ଯିବାକୁ ଯଦି ସେମାନଙ୍କୁ ଭଲ ଲାଗୁଛି ତେବେ ସେଥିରେ ହସ୍ତକ୍ଷେପ କରିବା ଲାଗି ତୁମର ବା କି ଅଧିକାର ଅଛି ।' ଜ୍ଞାନ ଓ ବୁଦ୍ଧିକୁ କେହି ବାଧ୍ୟତାମୂଳକ କରି ପାରିବେ ନାହିଁ । ପୁତ୍ର ଓ କନ୍ୟାଠାରେ ଆମର ଅଧିକାର ଅଛି ବୋଲି ଆମେ ଯାହା କହିବା ସେ ତାହା କରିବାକୁ ବାଧ କି ? ଯଦି ପିଲା ଆମ କଥା ନ ମାନେ ତେବେ ଆମକୁ ଦୁଃଖ ଲାଗିବା ସ୍ୱାଭାବିକ । କିନ୍ତୁ ଆମେ ପିଲାକୁ ହତାଦର କରି ପାରିବା କି ? ଅସଲ କଥା ହେଉଛି ପିଲାମାନେ ଯେପରି ନିଜକୁ ଜାଣି ପାରିବେ ଏବଂ ସେମାନଙ୍କର ନିଜ ଭବିଷ୍ୟତ୍ ଜୀବନଟିକୁ ବାଛି ନେଇ ପାରିବେ କେବଳ ସେହି ଗୋଟିଏ ବିଷୟ ଲାଗି ଆମକୁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବାକୁ ହେବ । ସେମାନେ ଯେଉଁ ପଥରେ ଯିବେ ସେଇଟିକୁ ସେମାନେ ଯେପରି ବାଛି ନେଇ ପାରିବେ ସେଥିଲାଗି ଆମକୁ ଅବିରତ କାର୍ଯ୍ୟ କରିବାକୁ ହେବ ।''

(CWM, Vol. VIII,
13 June : 1956 ରେ ଶ୍ରୀମାଙ୍କ ଆଲୋଚନା ଦ୍ରଷ୍ଟବ୍ୟ)

ଆଜିକାଲି ମାତାପିତାମାନେ ନିଜର ପିଲାମାନଙ୍କୁ ବ୍ୟୟବହୁଳ ସ୍କୁଲମାନଙ୍କରେ ପାଠ ପଢ଼ାଇବା ପାଇଁ ବ୍ୟଗ୍ର ହୋଇ ଉଠୁଛନ୍ତି । ଏଥିସକାଶେ ସେମାନେ ଅନେକ ଟଙ୍କା ଖର୍ଚ୍ଚ କରନ୍ତି । ପାଠପଢ଼ାରେ ଆମେ ଯେତେ ପ୍ରାଧାନ୍ୟ ଦେଇଥାଉ ପିଲାର ଶାରୀରିକ, ପ୍ରାଣିକ, ନୈତିକ ତଥା ଚରିତ୍ର ଗଠନରେ ସେତେ ଗୁରୁତ୍ୱ ଦେଇ ନ ଥାଉ । ଭଲ ପାଠ ପଢ଼ିଲେ ପିଲାର ସବୁ ଦୋଷକୁ ମଧ୍ୟ ମାଫ୍ କରି ଦେଉ । ଏହା ଆମର କେଉଁ ପ୍ରକାର ଦୃଷ୍ଟିଭଙ୍ଗୀ ?

ଯେଉଁ ମାତାପିତାଙ୍କଠାରେ କୌଣସି ଆଦର୍ଶ ନାହିଁ କିଂବା ସେମାନେ କୌଣସି ଆଦର୍ଶ ଜୀବନ ବଞ୍ଚନ୍ତି ନାହିଁ, ସେମାନେ ପିଲାର ଆଦର୍ଶ ହେବେ କିପରି ? କେବଳ କୌଣସି ଧର୍ମ, ସମ୍ପ୍ରଦାୟ ବା ଗୋଷ୍ଠୀଭୁକ୍ତ ହୋଇ କିଛିଟା ଧରାବନ୍ଧା ନିୟମରେ ବାନ୍ଧି ହେବାକୁ ଆଦର୍ଶ ଜୀବନ କୁହାଯାଇ ପାରିବ ନାହିଁ । ଏକ ଉଚ୍ଚତର ସତ୍ୟ ପ୍ରତି, ଲକ୍ଷ୍ୟ ଓ ଆଦର୍ଶ ପ୍ରତି ଅନୁରାଗ ଓ ଆନୁଗତ୍ୟ ନ ଥିଲେ କେଉଁ ଆଦର୍ଶକୁ ନେଇ ଆମେ ଆଦର୍ଶ ମାତାପିତା ହୋଇପାରିବା ? ନିଜେ ଯଦି ଭୋଗରେ ବୁଡ଼ି ରହିବା, ଅନ୍ୟ ଜଣେ ତ୍ୟାଗ କରୁ ବୋଲି କହିପାରିବା କି ? ନିଜେ ଯଦି ଅଜ୍ଞାନତା, ସଂକୀର୍ଣ୍ଣତା, କୁସଂସ୍କାର, ଅନ୍ଧବିଶ୍ୱାସ, ମିଥ୍ୟା, ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତିଆଦିକୁ ପ୍ରଶ୍ରୟ ଦେବା ତେବେ ଅନ୍ୟମାନେ ଆଦର୍ଶ ହୁଅନ୍ତୁ ବୋଲି କହିପାରିବା କି ? ଅନ୍ୟ ପ୍ରତି ଆମର ଶ୍ରଦ୍ଧା, ଆତ୍ମୀୟତା ନ ରହିଲେ, ଅନ୍ୟକୁ ଆପଣାର କରି ନ ପାରିଲେ ତେବେ କେଉଁ ଗୁଣକୁ ନେଇ ଆମେ ସମାଜରେ ଆଦର୍ଶ ହୋଇ ରହିବା ? ଆମ ଚରିତ୍ରର ପ୍ରଭାବ ଆମର ପୁତ୍ର ଓ କନ୍ୟା ଉପରେ ପଡ଼ିବା ସ୍ୱାଭାବିକ ।

ଫେବ୍ରୁଆରୀ ୧୪, ୧୯୬୩ରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶ୍ରୀମା ଯାହା କହିଥିଲେ ତା'ର ମର୍ମାର୍ଥ ଏହିପରି, ''ଅନ୍ୟ ସମସ୍ତ ବାଧାବିପତ୍ତିଠାରୁ, ଅନ୍ୟ ସମସ୍ତଙ୍କଠାରୁ

ମାତାପିତାଙ୍କର ପ୍ରଭାବ ହିଁ ସବୁଠାରୁ ବଳି ବଡ଼ ବାଧା ରୂପେ ଦଣ୍ଡାୟମାନ ହୋଇଛି, ଏବଂ ଆମେ ଯଦି ସେମାନଙ୍କର ସେହି ପ୍ରଭାବକୁ ମୂଳପୋଛ କରିବାକୁ ଚାହୁଁ ତେବେ ମାତାପିତାମାନେ ଆମକୁ ଘୃଣା କରିବାକୁ ଆରମ୍ଭ କରିବେ ଏବଂ ତଦ୍ୱାରା ପରିସ୍ଥିତି ପୂର୍ବାପେକ୍ଷା ଅଧିକ ଖରାପ ହୋଇଯିବ, କାରଣ ସେମାନେ ଆମ ବିରୋଧରେ ନାନା ଅପ୍ରୀତିକର କଥା କହିବାକୁ ଲାଗିବେ । ତାହା ହେଉଛି ସମସ୍ୟା ।

''ଏହା ହେଉଛି ମୋର ଅନୁଭୂତି ଯେ ଶହେରୁ ଅନେଶତ କ୍ଷେତ୍ରରେ ପିଲାମାନେ ମାତାପିତାଙ୍କ ଯୋଗୁଁ ହିଁ ଭୁଲ୍ ପଥ ବାଛି ନିଅନ୍ତି ।''

(CWM, Vol. 12, P. 432)

ପୁନଶ୍ଚ ଶ୍ରୀମା କହନ୍ତି :

"This has been my experience for so many, so many, so many years, so many years ! The danger is not the children, it is not laziness, it is not even that the children are rebellious : the danger, the great danger is the parents." (CWM, Vol. 12, P. 433)

ଅର୍ଥାତ୍, ''ଅନେକ ଅନେକ ବର୍ଷ ହେଲା ଏହି ଅନୁଭୂତି ମୋର ହୋଇଛି ! ପିଲାମାନେ ଅସଲ ବିପଦ ନୁହନ୍ତି, ଆଳସ୍ୟ ବି ନୁହେଁ, ପିଲାମାନେ ଯେ ବିଦ୍ରୋହୀ ସେଇଟି ମଧ୍ୟ ଅସଲ ବିପଦ ନୁହେଁ : ମାଆବାପାମାନେ ହେଉଛନ୍ତି ବିପଦ, ସବୁଠାରୁ ବଡ଼ ବିପଦ ।''

ପିଲାଟି ବିଦ୍ୟାଳୟରେ ପ୍ରାୟ ଛଅ ଘଣ୍ଟା ରହେ; କିନ୍ତୁ ଘରେ ଅବଶିଷ୍ଟ ଅଠର ଘଣ୍ଟା ମାଆବାପାଙ୍କ ତଥା ଅଭିଭାବକମାନଙ୍କ ସହ ରହେ । ସେମାନେ ଦିନକୁ ଅଠର ଘଣ୍ଟା ପିଲାଙ୍କ ସହିତ ରହି ଯଦି ଉପଯୁକ୍ତ ଶିକ୍ଷା ଦେଇ ନ ପାରିଲେ ତେବେ ଛଅ ଘଣ୍ଟା ମଧ୍ୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କଠାରୁ ଆମେ ଅଧିକ ଆଶା କରିବା କାହିଁକି ?

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀରେ ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀମାନଙ୍କର ମାତାପିତା ତଥା ଅଭିଭାବକମାନଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ ବୋଲି ଶ୍ରୀମାଙ୍କୁ ପ୍ରଶ୍ନ କରାଯାଇଥିଲା । ତା'ର ଉତ୍ତରରେ ଶ୍ରୀମା କହିଥିଲେ, ''ମାତାପିତା ବା ଅଭିଭାବକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ଶିକ୍ଷାକେନ୍ଦ୍ରରେ ପିଲାମାନଙ୍କୁ ଯେଉଁ ଶିକ୍ଷା ଦିଆଯାଉଛି ସେମାନେ ନିଜର କଥାରେ ହେଉ ବା ଉଦାହରଣରେ ହେଉ କଦାପି ତାହାର ପ୍ରତିକୂଳ ମନୋଭାବ ଦେଖାଇବେ ନାହିଁ । ଏବଂ ଏକ ସକାରାତ୍ମକ ଦୃଷ୍ଟିରୁ, ଶାନ୍ତ ଓ ଶୃଙ୍ଖଳିତ ହୋଇ ରହିବା ଲାଗି ନିଜର ପିଲାମାନଙ୍କୁ ଉତ୍ସାହିତ କରି ସେମାନେ ନିଜର ସର୍ବୋତ୍ତମ କାର୍ଯ୍ୟ କରି ପାରିବେ ।''

(CWM, Vol. 12, P. 365 - 66)

ପୁନଶ୍ଚ ଆମେ ଏହା ମଧ୍ୟ ଜାଣି ରଖିବା ଯେ ଯେଉଁ ମାତାପିତା ବା ଅଭିଭାବକମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ତାଙ୍କରି ଆଦର୍ଶରେ ନିଜକୁ ଗଢ଼ିବା ପାଇଁ ଆନ୍ତରିକ ଭାବେ ପ୍ରୟାସ କରନ୍ତି, ସେହିମାନଙ୍କର ପିଲାମାନଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଠପଢ଼ିବା ପାଇଁ ସୁଯୋଗ ଦେବା ଉଚିତ । ଏହି ପରିପ୍ରେକ୍ଷୀରେ ଶ୍ରୀମା କହନ୍ତି :

"We should write a circular letter saying : "Parents who want their children to be educated in the ordinary way and learn in order to get a good job, to earn their living and have brilliant careers, should not send them here." (CWM, Vol. 12, P. 432)

''ଆମେ ଏପରି ଗୋଟିଏ ଚିଠି ସମସ୍ତଙ୍କ ପାଖକୁ ପଠାଇବା ଯେଉଁଥିରେ ଲେଖା ହୋଇଥିବ : 'ଯେଉଁ ମାତା-ପିତାମାନେ ସେମାନଙ୍କର ପିଲାମାନଙ୍କୁ ସାଧାରଣ ମାର୍ଗରେ ଶିକ୍ଷା ଦିଆଯାଉ ବୋଲି ଇଚ୍ଛା କରୁଛନ୍ତି, ସେମାନେ ପାଠପଢ଼ି ଏକ ଭଲ ଚାକିରି ପାଆନ୍ତୁ, ନିଜର ଜୀବନ ନିର୍ବାହ କରି ପାରନ୍ତୁ ଏବଂ ଭବିଷ୍ୟତ୍ ଜୀବନ ଉଜ୍ଜ୍ୱଳ ହେଉ ବୋଲି ଇଚ୍ଛା କରୁଛନ୍ତି, ସେମାନେ ନିଜର ପିଲାମାନଙ୍କୁ ଏଠାକୁ ପଠାଇବା ଉଚିତ ନୁହେଁ ।' ''

ସୁତରାଂ ମାତାପିତା ଓ ଅଭିଭାବକମାନେ ଏହା ଜାଣି ରଖିବା ଉଚିତ ଯେ ଅନ୍ୟ ଶିକ୍ଷାନୁଷ୍ଠାନ ଅପେକ୍ଷା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ଅଟେ । ଏହି ଅନୁଷ୍ଠାନ ଏକ ନୂତନ ଆଦର୍ଶକୁ ରୂପାୟିତ କରିବାର ଏକ ପ୍ରୟୋଗଶାଳା । କିଛି ନୂତନ ସମ୍ଭାବନାକୁ ରୂପ ଦେବାରେ ପ୍ରତ୍ୟେକ ଅନୁଷ୍ଠାନ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛି । ପ୍ରଶ୍ନ ହେଉଛି, କିଏ କେଉଁ ମନୋଭାବ ନେଇ ଏବଂ କି ଉପାୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ନିଜ ଅନୁଷ୍ଠାନରେ ପ୍ରୟୋଗ କରିବାକୁ ଚାହୁଁଛି । ଅନୁଷ୍ଠାନର ଶିକ୍ଷକ/ଶିକ୍ଷୟିତ୍ରୀ, ପରିଚାଳକ ବା ସଙ୍ଗଠକମାନଙ୍କର ନିଷ୍ଠା, ତ୍ୟାଗ ଓ ଆଦର୍ଶ ପ୍ରତି ଅନୁରକ୍ତି ଉପରେ ଅନୁଷ୍ଠାନର ଭବିଷ୍ୟତ୍ ନିର୍ଭର କରେ । ଯେଉଁ

ମାତାପିତା ଏହି ନୂତନ ଆଦର୍ଶକୁ ସମ୍ମାନ ଦିଅନ୍ତି ଏବଂ ଆଦର୍ଶ ପ୍ରତି ଅନୁରକ୍ତି ପ୍ରକାଶ କରନ୍ତି, ସେମାନେ ନୂତନ କିଛି ଶିକ୍ଷା କରିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ।

ଶ୍ରୀମା କହନ୍ତି : "I would like the attitude of our school to be made known to people before they send their children, because it is a pity when the children are happy and the parents are not; and that creates situations that are ridiculous and sometimes dangerous. This is very important, very important !"

(CWM, Vol. 12, P. 433)

''ମୋର ଇଚ୍ଛା ଯେ ଲୋକମାନେ ନିଜ ପିଲାମାନଙ୍କୁ ଏଠାକୁ ପଠାଇବା ପୂର୍ବରୁ ଆମ ବିଦ୍ୟାଳୟର ଦୃଷ୍ଟିକୋଣଟି ବିଷୟରେ ସେମାନଙ୍କୁ ଭଲ ଭାବେ ଜଣାଇ ଦିଆଯିବା ଉଚିତ, କାରଣ ଏହା ଅତ୍ୟନ୍ତ ଦୁଃଖର କଥା ଯେ ଯେତେବେଳେ ପିଲାମାନେ ଏଠାରେ ବହୁତ ଖୁସିରେ ଥିବେ, ମାତ୍ର ମାତାପିତାମାନେ ଖୁସି ନ ଥିବେ; ଏବଂ ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଅନେକ ସମୟରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରେ । ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ !''

(କ୍ରମଶଃ)

❑❑❑

# ତୁମ ବନ୍ଦନା ଗାଏ

## ସୁନାମଣି ରାଉତ

ଯାହା ମୁଁ ଦେଖୁଛି ଦୁନିଆରେ ପ୍ରଭୁ
ସବୁ ତ ତୁମରି ଦାନ,
ତୁଚ୍ଛାଟାରେ ଖାଲି ତୋର-ମୋର ଭାବ
ରାଗ, ରୋଷ, ଅଭିମାନ ।

ଅଢ଼େଇ ଦିନର ରହଣି ଭିତରେ
ବଢ଼େଇ କେଜାଣି କେତେ,
ଲୋଭ ମୋହଗ୍ରସ୍ତ ମଣିଷ ବୁଝୁନି
ବୁଝାଇ କହିଲେ ଯେତେ ।

ତୁମରି ଇଚ୍ଛାରେ ମୁକୁଳିତ ହୁଏ
କଅଁଳ କଢ଼ିର ମନ,
ଦିବସ ନିଶିରେ ପ୍ରତିଭାତ ହୁଏ
ଆକାଶେ ସୁରୁଜ, ଜହ୍ନ ।

ପାହାନ୍ତି ପହର ଶିଶିର ବିନ୍ଦୁରେ
ଉକୁଟେ ତୁମର ଛବି,
କେତେ ରୂପ ରଙ୍ଗ ଛନ୍ଦରେ ତୁମକୁ
ଆଙ୍କେ କାରିଗର, କବି ।

କସ୍ତୁରୀ ପରି ଯେ ମହକୁଛ ତୁମେ
ନାଭି ମଣ୍ଡଳରେ ଥାଇ,
କାଠ ପଥରରେ ଖୋଜୁଛି କିଏ ସେ
କିଏ ବା ଶୂନ୍ୟକୁ ଚାହିଁ ।

ସୁମନ ସୁବାସେ ମୃଦୁ ସମୀରଣ
ତୁମକୁ ବି ଖୋଜୁଥାଏ,
ସସାଗରା ଧରା ଓଁକାର ନାଦରେ
ତୁମ ବନ୍ଦନା ଗାଏ !! ❑



# ଦିବାସ୍ୱପ୍ନ

## (୫)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପାଇଁ ମଧ୍ୟ ପନ୍ଥା ଉଦ୍ଭାବନ କରିବାକୁ ପ୍ରୟାସୀ ହୋଇ ଉଠିଛନ୍ତି । ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି । ବିଗତ ସଂଖ୍ୟାରେ ଆମେ ପଢ଼ିଛେ, ଶ୍ରେଣୀଗୃହର ଦଣ୍ଡ ପ୍ରତି ପିଲାମାନଙ୍କ ପ୍ରଚଳିତ ମନୋଭାବର ପରିବର୍ତ୍ତନ, ସାଧାରଣ ଭାବରେ ପରିଷ୍କାର ପରିଚ୍ଛନ୍ନତା, ସଙ୍ଗୀତ ପ୍ରତି ଆନ୍ତରିକ ଆଗ୍ରହ ସର୍ବୋପରି ଶିକ୍ଷକ ଓ ଶିକ୍ଷା ପ୍ରଣାଳୀ ପ୍ରତି ପିଲାମାନଙ୍କର ଭଲ ପାଇବା ଓ ଆସ୍ଥା ସୃଷ୍ଟି କରିବାରେ ସେ କିପରି ସଫଳ ହୋଇଛନ୍ତି । କୌଣସି ଧରାବନ୍ଧା ନିୟମର ଅନୁଶୀଳନରେ ନୁହେଁ, ବରଂ ହୃଦୟର ଆନ୍ତରିକ ଅନ୍ୱେଷଣ ହିଁ ଶିକ୍ଷକଙ୍କୁ ପଥ ଦେଖାଇଛି ପିଲାମାନଙ୍କୁ ସାଥୀ କରି ଚାଲିବା ପାଇଁ ।... ...]

### ପ୍ରୟୋଗର ପ୍ରଗତି

(VI)

ଦିନେ ଆମ ସ୍କୁଲକୁ ଜଣେ ପରମହଂସ ସାଧୁବାବା ଆସିଥିଲେ । ତାଙ୍କ ସହ ପ୍ରଧାନ ଶିକ୍ଷକ ମଧ୍ୟ ଥିଲେ । ପ୍ରଧାନ ଶିକ୍ଷକ ତାଙ୍କ ପରିଚୟ ଦେବାକୁ ଯାଇ ମୋତେ କହିଲେ, ‘‘ଏ ମହାରାଜ ଧର୍ମ ବିଷୟରେ ଜଣେ ଭଲ ଆଲୋଚକ । ପିଲାମାନଙ୍କୁ ସେ ବହୁତ ଭଲ ପାଆନ୍ତି । ରାଜ୍ୟର ପ୍ରତ୍ୟେକ ସ୍କୁଲରେ ଯାଇ ଉପଦେଶ ଦେବା ପାଇଁ ତାଙ୍କୁ ଅନୁମତି ମିଳିଛି । ଆଜି ଅଧିକାରୀଙ୍କ ଚିଠି ନେଇ ସେ ଆମ ସ୍କୁଲରେ ଉପଦେଶ ଦେବା ପାଇଁ ଆସିଛନ୍ତି ।’’

ମୁଁ ତାଙ୍କୁ ଆଦରପୂର୍ବକ ନମସ୍କାର କରି ବସିବାକୁ ଚଉକି ଛାଡ଼ିଦେଲି ଓ କହିଲି, ‘‘ମହାଶୟ, ଆପଣ ଆପଣଙ୍କ କାର୍ଯ୍ୟ ଆରମ୍ଭ କରନ୍ତୁ ।’’

ପିଲାମାନେ ସାଧୁବାବାଙ୍କ ଲଣ୍ଡାମୁଣ୍ଡ ଓ ମୁହଁକୁ ଅନାଇ ରହିଥିଲେ । ତାଙ୍କର ପତଳା ଦେହ, ଉଜ୍ଜ୍ୱଳ ମୁହଁ ଏବଂ ହାତର କମଣ୍ଡଳୁ ସେମାନଙ୍କ ପାଇଁ ବଡ଼ କୌତୁହଳର ଜିନିଷ ଥିଲା ।

ମୁଁ ପିଲାମାନଙ୍କୁ କହିଲି, ‘‘ଦେଖ, ମନ ଧ୍ୟାନ ଦେଇ ସାଧୁବାବାଙ୍କ ଉପଦେଶ ଶୁଣ ।’’ ମୋ କଥା ମାନି ପିଲାମାନେ ଚୁପ୍‌ଚାପ୍ ବସିଗଲେ ।

ସାଧୁବାବା ଆରମ୍ଭ କଲେ, ‘‘ପିଲାମାନେ, ଏ ଜଗତରେ ଈଶ୍ୱର ହିଁ ସର୍ବ ଶକ୍ତିମାନ୍ । ଏ ଦୁନିଆକୁ ସେ ହିଁ ଗଢ଼ିଛନ୍ତି । ଆମେ ସମସ୍ତେ ଆସିଛେ ତାଙ୍କଠୁ । ତାଙ୍କ ବିନା କିଛି ରହିବ ନାହିଁ ।’’

ଏହିଭଳି ସେ ଈଶ୍ୱରଙ୍କ ଗୁଣଗାନ କରି ଚାଲିଥିଲେ । ମୁଁ ଚୁପ୍‌ଚାପ୍ ବସିଥିଲି । ପିଲାମାନେ ମଧ୍ୟ ଶାନ୍ତ ହୋଇ ବସିଥିଲେ । କିନ୍ତୁ ଆସ୍ତେ ଆସ୍ତେ ସେମାନେ ଖୁଜ୍‌ବୁଜ୍ ହେବାକୁ ଲାଗିଲେ । କିଏ ଅଳସ ଭାଙ୍ଗିଲା, କିଏ ଖାତାରେ ଚିତ୍ର କଲା, କିଏ ବହି ଓଲଟାଇଲା, କିଏ ଆଙ୍ଗୁଠି ଟେକି ବାହାରକୁ ଗଲା । ଜଣକ ପଛରେ ଆଉ ଜଣେ ଗଲା । ଜଣେ ଦୁଇ ଜଣ

କଥାବାର୍ତ୍ତା କରିବାକୁ ଯାଉଥିଲେ । ମୁଁ ଠାରି ଦେବାରୁ ଚୁପ୍ ହୋଇଗଲେ ।

ମୁଁ ସାଧୁବାବାଙ୍କୁ ଅନୁରୋଧ କଲି, ''ମହାରାଜ, କିଛି ସରଳ କଥା କହନ୍ତୁ, ଯାହାକୁ ପିଲାମାନେ ବୁଝିପାରିବେ ।''

ସ୍ୱାମୀଜୀ ବଡ଼ ସରଳ ଥିଲେ । ସେ ସଙ୍ଗେ ସଙ୍ଗେ ହିନ୍ଦୁ ଧର୍ମ ଗ୍ରନ୍ଥ ଇତ୍ୟାଦି ବିଷୟରେ ଚର୍ଚ୍ଚା ଆରମ୍ଭ କଲେ । କିନ୍ତୁ ସେଥିରେ ବି ପିଲାଙ୍କୁ ମଜା ଆସିଲା ନାହିଁ ।

ମୁଁ ମନେ ମନେ ଭାବିଲି – ''ଧର୍ମ ଉପଦେଶ କ'ଣ ଏମିତି ଦିଆଯାଏ ? ଧର୍ମର ଯେଉଁ ଗୂଢ଼ ତତ୍ତ୍ୱସବୁକୁ ଜାଣିବା ପାଇଁ ସାରା ଜୀବନ ବିତିଯାଏ, ତାକୁ ଏମିତି ବୁଝାଯାଇପାରେ ? କ'ଣ ଏଇଆ ହିଁ ଧାର୍ମିକ ଜ୍ଞାନ ? ଏପରି ଧର୍ମ ଜ୍ଞାନ ଅତି ନୀରସ ଓ ଅକାମୀ ନୁହେଁ କି ?''

ଏହି ସମୟରେ ସାଧୁବାବା କିଛି ଶ୍ଳୋକ ଆବୃତ୍ତି କଲେ । ପିଲାମାନେ ତାଙ୍କ କଥା ଶୁଣୁଥା'ନ୍ତି । କିଛି ବୁଝୁ ନଥା'ନ୍ତି । ଖାଲିଟାରେ 'ହୁଁ' ମାରୁଥା'ନ୍ତି ।

ସାଧୁବାବା ବଡ଼ ଗମ୍ଭୀର ହୋଇ ଏସବୁ କରୁଥା'ନ୍ତି । ତାଙ୍କ ବିଚାରରେ ଏ ବଡ଼ ପବିତ୍ର କାମ । ସେ ତାଙ୍କ କର୍ତ୍ତବ୍ୟ ଠିକ୍‌ରେ କରୁଥା'ନ୍ତି । କିନ୍ତୁ ପିଲାଙ୍କ ପାଖରେ ସେସବୁ କାଲା ଆଗରେ ମୂଳା ଚୋବାଇଲା ପରି ହେଉଥାଏ ।

ସାଧୁବାବା ଶ୍ଳୋକର ଅର୍ଥ ବୁଝାଇବାରେ ଲାଗିଲେ । ପିଲାମାନେ ବାଧ୍ୟ ହୋଇ ଶୁଣିଲେ । ତା'ପରେ ସେ ଶ୍ଳୋକ ଓ ଅର୍ଥକୁ କଳାପଟାରେ ଲେଖି ପିଲାଙ୍କୁ ଟିପି ନେବାକୁ କହିଲେ । ସାଧୁବାବା କହିଲେ, ''ଏ ଶ୍ଳୋକକୁ ତୁମେ ସକାଳୁ ଉଠିଲା ବେଳେ ଓ ରାତିରେ ଶୋଇଲା ବେଳେ ପଢ଼ିବ । ଏହା ଦ୍ୱାରା ତୁମର ବୁଦ୍ଧି ଓ ବଳ ବଢ଼ିବ ।''

ମୋ ଶ୍ରେଣୀର ପିଲାମାନେ ଦଶ ବାର ବର୍ଷର । ତାଙ୍କର ଧର୍ମ ବା ଶ୍ଳୋକରେ କି ଆଗ୍ରହ ! କିନ୍ତୁ ସେମାନେ ଶ୍ଳୋକ ଓ ତା'ର ଅର୍ଥ ଲେଖିଲେ ।

ଥକିଲା ପିଲାମାନେ ସାଧୁବାବାଙ୍କୁ ପ୍ରଣାମ କରି ଘରକୁ ଗଲେ । ମୁଁ ତାଙ୍କୁ କହିଲି, ''ମହାରାଜ, ଆଜି ମୋ ଘରେ ଅତିଥି ହୁଅନ୍ତୁ ।''

ଆମେ ଖାଇଲା ବେଳେ ପୁଣି ଥରେ ଧର୍ମ ଶିକ୍ଷା ବିଷୟରେ କଥା ପଡ଼ିଲା । ସାଧୁବାବା କହିଲେ, ''ଦେଖ ଭାଇ, ଆଜିକାଲି ଧର୍ମ ଲୋପ ପାଇ ଯିବାକୁ ବସିଲାଣି । ତେଣୁ ପିଲାମାନଙ୍କୁ ମୂଳରୁ ଧର୍ମ ଶିକ୍ଷା ଦେଇ ସେମାନଙ୍କୁ ଧାର୍ମିକ କରିବା ଦରକାର ।''

ମୁଁ କହିଲି, ''କିନ୍ତୁ ବାବା, ପିଲାମାନଙ୍କର କୋମଳ ମନ ଈଶ୍ୱର, ଆତ୍ମା, ଧର୍ମ ଇତ୍ୟାଦି କଠିନ ତତ୍ତ୍ୱକୁ କିପରି ଗ୍ରହଣ କରିବ ?''

ସାଧୁବାବା କହିଲେ, ''ସେ କଥା ତ ଠିକ୍ । ଖେଳଟା ନିଶ୍ଚୟ ପିଲାମାନଙ୍କର ବେଶୀ ପ୍ରିୟ । ଗପରେ ମଧ୍ୟ ତାଙ୍କର ବହୁତ ଆଗ୍ରହ । କିନ୍ତୁ ଧର୍ମଚର୍ଚ୍ଚା ତାଙ୍କର ପସନ୍ଦ ହେଉ ବା ନ ହେଉ, ଏହା ତାଙ୍କ କାନରେ ପଡ଼ିବା ଦରକାର ।''

–''କିନ୍ତୁ ବାବା, ଧର୍ମ କେବଳ ଜିଭ ଅଗରେ ତ ରହେନି । ଏହା ଗୋଟିଏ ଜାଗୃତି, ଯାହା ଅନ୍ତର ଭିତରୁ ଆସିବା ଦରକାର । ଯେତେବେଳେ ଏଥିପାଇଁ ମଣିଷର ଆଗ୍ରହ ଆସିବ ସେତେବେଳେ ଏ ଜାଗରଣ ହୋଇ ପାରିବ । ତା'ର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଅଛି । ଆପଣଙ୍କୁ କ'ଣ ଲାଗୁ ନାହିଁ ଯେ ଆମେ ଅସମୟରେ ପିଲାମାନଙ୍କ ଉପରେ ଏ ବୋଝ ଲଦି ଦେଉଛେ ।''

ସାଧୁବାବା ଟିକେ ସନ୍ଦେହରେ ପଡ଼ିଗଲେ । ମୁଁ ପୁଣି କହିଲି, ''ମହାରାଜ, ଧର୍ମ ଗୋଟିଏ ବଡ଼ ସତ୍ୟ । ମଣିଷର ଜୀବନରେ ଏହା ଗୋଟିଏ ଡଙ୍ଗା ଭଳି । ସଂସାର ସାଗରକୁ ପାରି ହୋଇ ଯିବା ପାଇଁ ମଣିଷର ଏହା ନିଶ୍ଚିତ ଦରକାର । କିନ୍ତୁ କ'ଣ ଏହା ସତ ନୁହେଁ ଯେ ପିଲା ବୁଝିବା ପାଇଁ ଏହା ବହୁତ କଠିନ ? ସାଧାରଣ ବୁଦ୍ଧିର ବେଶ୍ ଉର୍ଦ୍ଧ୍ୱରେ, ଏବଂ ତା' ବୁଝିବା ପାଇଁ ଯଥେଷ୍ଟ ପ୍ରସ୍ତୁତି ଦରକାର ?''

ସାଧୁବାବା – ''ହଁ, ସେତକ ପାଇଁ ତ ଆମ ପୂର୍ବପୁରୁଷମାନେ ଗୁରୁକୁଳ ଆଶ୍ରମରେ ରହୁଥିଲେ ଓ ଧର୍ମକୁ ବୁଝିବା ପାଇଁ ଶରୀରକୁ କଷ୍ଟ ଦେବାକୁ ପଡୁଥିଲା ।''

ମୁଁ କହିଲି, ''କିନ୍ତୁ ଆଜି ତ ଆମେ ଘର ଘର ବୁଲି ଲୋକଙ୍କୁ ଧର୍ମ ବାଣ୍ଟୁଛେ ।''

ସାଧୁ ବାବା – ''ଭାଇ, ଏ ତ କଳି ଯୁଗ ନା ! ଆଜି କାଲି ଶିଷ୍ୟ ଭାବରେ ଗୁରୁ ପାଖକୁ ଯାଉଛି ବା କିଏ ?''

ମୁଁ କହିଲି, ''ତା'ହେଲେ ଛାଡ଼ି ଦିଅନ୍ତୁ । ଧର୍ମକୁ ଏପରି ବାଣ୍ଟିଲେ ବା ବିକିଲେ କେହି ଧର୍ମାତ୍ମା ହୋଇ ଯିବେନି ।''

ସାଧୁବାବା – ''ତେବେ ଆପଣ କୁହନ୍ତୁ କ'ଣ କରାଯାଇ ପାରିବ ?''

ମୁଁ କହିଲି, ''ମୋ ବିଚାରରେ ଛୋଟ ପିଲାମାନଙ୍କୁ ଧର୍ମୋପଦେଶ ନ ଦେଲେ ଭଲ ହୁଅନ୍ତା । ବର୍ତ୍ତମାନ ସେମାନଙ୍କର ଦରକାର ସୁସ୍ଥ ଶରୀର, ନିର୍ମଳ ମନ, ତୀକ୍ଷ୍ଣ ବୁଦ୍ଧି ଏବଂ କାମ କରିବା ପାଇଁ ଅସରନ୍ତି ଶକ୍ତି ।''

ସାଧୁବାବା କହିଲେ, ''ଠିକ୍ କଥା, ଯିଏ ବଳବାନ୍ ହେବ, ତା'ର ଆତ୍ମବିଶ୍ୱାସ ମଧ୍ୟ ରହିବ ।''

ମୁଁ କହିଲି, ''ମୋର ପୂର୍ଣ୍ଣ ବିଶ୍ୱାସ ରହିଛି ଯେ ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ମଣିଷ ଆପେ ଆପେ ଧର୍ମ ଆଡ଼କୁ ଢଳିବ । ପିଲା ବୟସଟା ଧର୍ମ ଚର୍ଚ୍ଚା ପାଇଁ ଠିକ୍ ସମୟ ଭଳି ମୋତେ ଲାଗୁ ନାହିଁ । ପିଲାଦିନୁ ଧର୍ମ ଚର୍ଚ୍ଚା, ଶ୍ଳୋକପାଠ ଇତ୍ୟାଦିକୁ ନିତିଦିନିଆ କାମ କରି ଦେଲେ ଏ ବିଷୟରେ ପିଲାର ନିଜର ଜିଜ୍ଞାସା ଭାବ ନଷ୍ଟ ହୋଇଯିବ । ଧାର୍ମିକ କାମର ମହତ୍ତ୍ୱ ନିଶ୍ଚୟ ଅଛି । କିନ୍ତୁ ତାକୁ ଅତ୍ୟଧିକ ଗୁରୁତ୍ୱ ଦେବା ଉଚିତ ନୁହେଁ । ଏପରି କଲେ ମଣିଷର ବିକାଶରେ ବାଧା ଆସିବ ଓ ତା'ର ନିଜର ଚିନ୍ତା ଶକ୍ତି ହଜିଯିବ ।''

ସାଧୁବାବା – ''ଆପଣ ଠିକ୍ କହୁଛନ୍ତି । ମୋର ମଧ୍ୟ ଏହିପରି ବିଶ୍ୱାସ । ଏତେ ଦିନର କାମ ପରେ ମୁଁ ଅନୁଭବ କରୁଛି ପିଲାମାନଙ୍କ ଉପରେ ଏସବୁ ଜୋର୍ ଜବରଦସ୍ତ ଲଦି ଦେଲେ ଅଳ୍ପ ଦିନରେ ସେମାନେ ବିରକ୍ତ ହୋଇଯିବେ । ମୁଁ ଏବେ ଭାବୁଛି ଯେ କିଛି ଅଲଗା ଉପାୟରେ ତାଙ୍କୁ ଧର୍ମ ଶିକ୍ଷା ଦିଆଯିବା କଥା ।''

ମୁଁ କହିଲି, ''କ୍ଷମା କରନ୍ତୁ ମହାରାଜ – ମୁଁ କହୁଛି ଯେ ଆମେ ନିଜ ନିଜ ଜୀବନରେ ଧର୍ମ ସ୍ଥାପନ କରିବା ପାଇଁ ଚେଷ୍ଟା କରିବା । ମାଆବାପା, ଶିକ୍ଷକ ସମସ୍ତେ ଚେଷ୍ଟା କରିବେ । ପାଠ୍ୟ ପୁସ୍ତକରେ ଅନ୍ୟ ବିଷୟ ସହିତ ଧାର୍ମିକ ପୁରୁଷମାନଙ୍କର ଜୀବନୀ ଓ ଧର୍ମ କାହାଣୀସବୁ ଦିଆଯାଇ ପାରେ । ସମୟ ଆସିଲେ ପିଲାଙ୍କୁ ପୁରାଣ, ଉପନିଷଦ୍‌ର ଗପସବୁ କୁହାଯାଇପାରେ । ପିଲାମାନଙ୍କ ପାଇଁ ଏତିକି ଯଥେଷ୍ଟ । ଶ୍ଳୋକ ପାଠ, ଧର୍ମ ଚର୍ଚ୍ଚା ଓ କ୍ରିୟା ଆମେ ଭବିଷ୍ୟତ୍ ପାଇଁ ରଖିବା ।''

ସାଧୁବାବା – ''ଏ ବିଷୟରେ ଆପଣ ମୋତେ କ'ଣ କାମ ଦେବେ ?''

ମୁଁ କହିଲି, ''ପିଲାମାନଙ୍କର ଶିକ୍ଷା । ଆପଣ ବି ମୋ ପରି ସେମାନଙ୍କୁ ପଢ଼ାନ୍ତୁ ।''

ସାଧୁବାବା – ''ସନ୍ନ୍ୟାସ ନେଲା ପରେ ମୁଁ ଏବେ ଶିକ୍ଷକର କାମ କରିବି ?''

ମୁଁ କହିଲି, ''ମହାରାଜ, ଆପଣଙ୍କର ତ କାମ ଏଇଆ । ଆପଣମାନେ ଯଦି ପିଲାମାନଙ୍କର ପାଠପଢ଼ାର ଦାୟିତ୍ୱ ନିଅନ୍ତେ, ତେବେ ଭଲ ଶିକ୍ଷକଙ୍କର ଆଉ ଅଭାବ ରହନ୍ତା ନାହିଁ ଏବଂ ଏ ଦିଗରେ ଠିକ୍ କାମ ଚାଲନ୍ତା ।''

ସାଧୁବାବା ହସି ହସି ମୁହଁ ଧୋଇଲେ । ସେଇ ଦିନଠୁଁ ସାଧୁବାବାଙ୍କ ସହ ମୋର ପରିଚୟ ବହୁତ ଗାଢ଼ ହୋଇଯାଇଛି । ଆଜିକାଲି ସେ ମୋଠାରୁ ନୂତନ ଶିକ୍ଷା ପଦ୍ଧତି ବିଷୟରେ ପଢୁଛନ୍ତି ଓ ମୁଁ ତାଙ୍କ ସାହାଯ୍ୟରେ ଧର୍ମଗ୍ରନ୍ଥସବୁ ପଢୁଛି ।

ସମୟ ଗଡ଼ି ଚାଲିଥିଲା । ବର୍ଷ ପୂରିଲା ବେଳକୁ ପାଠ୍ୟକ୍ରମସବୁକୁ ସଫଳ ଭାବରେ ଶେଷ କରିବା ଦରକାର । ଅନ୍ୟମାନଙ୍କ ଅପେକ୍ଷା କିଛି ଅଧିକ କରିପାରିବାଟା ହିଁ ମୋର ପ୍ରୟୋଗର ବିଶେଷତ୍ୱ ହେବ ।

ମୁଁ ଭାବିଲି, ଏବେ ପିଲାମାନଙ୍କୁ ଇତିହାସ ପଢ଼ାଇବା ଆରମ୍ଭ କରିବି ।

(VII)

ଇତିହାସ ପାଠ୍ୟପୁସ୍ତକ କେତେଖଣ୍ଡ ଆଣି ମୁଁ ଦେଖିଲି । କୌଣସିଟି ମତେ ଭଲ ଲାଗିଲା ନାହିଁ । ଗୋଟିକରେ ଅନେକ ତଥ୍ୟ ଲେଖାଥିଲା । ଆଉ ଗୋଟିଏ ପୁରୁଣା ଢଙ୍ଗରେ ଲେଖା ହୋଇଥିଲା । ତୃତୀୟ ଖଣ୍ଡକ ପୂରା ବ୍ୟବସାୟିକ ଦୃଷ୍ଟିକୋଣରୁ ଲେଖା ହୋଇଥିଲା । ଚତୁର୍ଥ ବହିଟିରେ ଲେଖାର ଶୈଳୀ ଠିକ୍ ନଥିଲା । ସବୁଠାରୁ ବେଶୀ ଚଳୁଥିବା ବହିଟି ଛୋଟ ପିଲାଙ୍କ ପାଇଁ ପୂରା ବେକାର ଥିଲା ।

ମୁଁ ଭାବିଲି, ''ଏସବୁ ବହି ତ କିଛି କାମର ନୁହଁ । ତେଣୁ କରିବି କ'ଣ ? ଗପ ମାଧ୍ୟମରେ ଇତିହାସ ପଢ଼ାଇଲେ କେମିତି ହୁଅନ୍ତା ?''

ଗପ ଶୁଣିବାରେ ତ ମୋ ପିଲାମାନଙ୍କର ମନ ଲାଗିଯାଇଛି । ଏ ପର୍ଯ୍ୟନ୍ତ ମୁଁ ଯେଉଁ ଗପସବୁ କହିଥିଲି ସେସବୁ ଅଧା ସତ, ଅଧା ମିଛ, କାଳ୍ପନିକ ଥିଲା । ସେସବୁ ଗପରେ ଇତିହାସର ତଥ୍ୟ କିଛି ଆସୁ ନଥିଲା । ତଥାପି ମୁଁ ଗୋଟିଏ ନୂଆ ଗପ ଆରମ୍ଭ କଲି । କହିଲା ବେଳେ ମୁଁ ସେଥିରେ ଐତିହାସିକ ଘଟଣାସବୁ ଯୋଡ଼ି ଚାଲିଲି । କିନ୍ତୁ ଅଳ୍ପ ସମୟ ପରେ ପିଲାମାନେ ଅଥୟ ହୋଇ କହିଲେ,

– ''ଭାଇ, ଏ ତ ଗପ ନୁହେଁ ।''

– ''ଏମିତି ଗପ ଆମେ ଶୁଣିବୁନି ।''

– ''କାଲିର ଗପ ପରି ଆଜି ଶୁଣାଅ ।''

– ''ଚାଲନା, ଖେଳିବାକୁ ଯିବା ।''

– ''ଆମେ ତ ଗୀତ ଗାଇବୁ ।''

– ''କାଲି ଯେମିତି ଗପ କହିଥିଲ, ସେମିତି କୁହ ।''

ପିଲାମାନେ ମତେ ଚାରିପଟୁ ଘେରି ଗଲେ, ମୋ ହାତ ଭିଡ଼ି ଧୀରେ ଧୀରେ ମୋତେ ଖେଳପଡ଼ିଆ ଆଡ଼କୁ ନେଇଗଲେ ।

ରାତିରେ ମୁଁ ଘରେ ଭାବିଲି, ଏମାନଙ୍କୁ ପୂରା ଐତିହାସିକ ଘଟଣା କହିଲେ ଚଳିବନି । ଅବଶ୍ୟ ଐତିହାସିକ ଘଟଣାସବୁ କ'ଣ କିଏ ଦେଖିକରି ଲେଖି ରଖିଛି ? ତା'ଛଡ଼ା ଇତିହାସ ଯଦି କେବେ ଆଗ୍ରହଜନକ ହେବ ତ ଗପ ଆକାରରେ ହିଁ ହେବ । ତେଣୁ ପ୍ରକୃତ ଘଟଣାସବୁ ସହିତ ଖାପ ଖାଇଲା ଭଳି କାଳ୍ପନିକ କଥା କିଛି ମିଶାଇ କହିଲେ ହୁଏତ ଠିକ୍ ହେବ ।

ତା' ପରଦିନ ମୁଁ ଗୋଟିଏ ଗପ ଆରମ୍ଭ କଲି, ''ଗୋଟିଏ ବଡ଼ ଜଙ୍ଗଲ ଥିଲା । ସେଥିରେ ଆଦିବାସୀମାନଙ୍କର ଗୋଟିଏ ବସ୍ତି ଥିଲା । ଏହି ଭୀଲ୍ ଜାତୀୟ ଆଦିବାସୀମାନଙ୍କର ଦେହ ବଡ଼ ବଳିଷ୍ଠ ଥିଲା । ସେମାନେ ଧନୁଶର ମାରିବାରେ ଏପରି ଓସ୍ତାଦ ଥିଲେ ଯେ ଉଡ଼ିଗଲା ଚଢ଼େଇକୁ ବି ମାରି ତଳକୁ ଖସାଇ ଦେଇ ପାରୁଥିଲେ । ସେଇ ଜଙ୍ଗଲରେ ଗୋଟିଏ କୁଡ଼ିଆ ଥିଲା ।''

ପିଲାମାନେ ଗପ ଭିତରେ ମଜ୍ଜି ଯାଇଥିଲେ । ମୁଁ ବୀର ବନରାଜଙ୍କର (ଗୁଜୁରାଟରେ ମଧ୍ୟ ଯୁଗରେ ଶାସନ କରୁଥିବା ଜଣେ ରାଜା) କଥା ଆରମ୍ଭ କରିଥିଲି, କିନ୍ତୁ ଆରମ୍ଭଟା ଏପରି ବନେଇ ଚୁନେଇ କହିଥିଲି ।

ସେଦିନ ମୁଁ ଗପ ଅଧା ରଖିଲି । ତା' ପରଦିନ ପିଲାମାନେ ଆଉ କିଛି କାମ କରାଇ ଦେଲେନି । ଗପ ଶୁଣିବାକୁ ପାଟି କଲେ, ''ବନରାଜ ଗପ କୁହନ୍ତୁ, ବନରାଜ ଗପ କୁହନ୍ତୁ ।''

ମୁଁ ବନରାଜଙ୍କ ଗପ ପୂରା କଲି । ତା'ପରେ ଡରି ଡରି ପ୍ରଶ୍ନ କଲି, ''ଯେଉଁମାନେ ଏ ଗପଟିକୁ ପୁଣିଥରେ ଶୁଣିବା ପାଇଁ ଚାହୁଁଛ, ଠିଆ ହୁଅ ।'' ଜଣେ ନୁହେଁ, ଦୁଇଜଣ ନୁହେଁ, ଏକାଥରେ ସମସ୍ତେ ଠିଆ ହୋଇଗଲେ ।

ତା' ପରଦିନ ସେଇ ଏକା ଗପ ଚାଲିଲା । ତୃତୀୟ, ଚତୁର୍ଥ ଓ ପଞ୍ଚମ ଦିନ ମଧ୍ୟ ବନରାଜଙ୍କ ଗପ ଶୁଣାହେଲା । ପିଲାମାନେ ଆଉ ଖେଳ ବା ଗୀତର ନାଁ ଧରୁ ନଥିଲେ । ମୁଁ ବି ଦେଖୁଥିଲି ଯେ ତାଙ୍କର ଏ ଆଗ୍ରହ କେତେଦିନ ପର୍ଯ୍ୟନ୍ତ ରହୁଛି ।

ଦିନେ କିଏ ଜଣେ ଯାଇ ବଡ଼ ଅଧିକାରୀଙ୍କ କାନରେ କହିଲା ଯେ, ''ଆଜ୍ଞା, ଏ ପ୍ରୟୋଗର ସଫଳତା, ବିଫଳତା ତ ସମୟ ଆସିଲେ ଜଣା ପଡ଼ିବ । ସେତେବେଳେ ଆପଣ ହତାଶ ହୋଇ କହିବେ ଯେ, 'ଆରେ, କିଛି ବି ହେଲାନି !' କିନ୍ତୁ ସେତେବେଳକୁ ପିଲାଙ୍କର ଗୋଟାଏ ବର୍ଷ ନଷ୍ଟ ହୋଇ ସାରିଥିବ ।''

ଅବଶ୍ୟ ମୁଁ ଏଥିରେ ମୋଟେ ଆଶ୍ଚର୍ଯ୍ୟ ହେଲି ନାହିଁ । ଯିଏ ମୋ ନାଁରେ ଅଭିଯୋଗ କରିଥିଲେ, ମୁଁ ତାଙ୍କୁ ଜାଣିଥିଲି । ମୋ ପିଲାମାନଙ୍କୁ ପ୍ରତିଦିନ ଗପ ଶୁଣିବାକୁ ମିଳୁଥିଲା ଓ ସେମାନେ ମୋ ପ୍ରତି ଖୁସି ଥିଲେ । ଅନ୍ୟ ଶିକ୍ଷକମାନଙ୍କ ଶ୍ରେଣୀରେ ପିଲାମାନେ କିନ୍ତୁ ଖୁସି ନଥିଲେ । ସେମାନେ ଗପ ଶୁଣିବାକୁ ଚାହୁଁଥିଲେ । ପଢ଼ାରେ ମନ ଦେଉ ନଥିଲେ କିଂବା ଗଣ୍ଡଗୋଳ କରୁଥିଲେ । ସେଥିପାଇଁ ଅନ୍ୟ ଶିକ୍ଷକମାନେ ମୋ ଉପରେ ଚିଡ଼ୁଥିଲେ ।

ମୁଁ କହୁଥିଲି, ''ଭାଇ, ତୁମେ ତୁମ ବାଟରେ ଚାଲିଥାଅ, ମୁଁ ମୋ ପ୍ରୟୋଗ କରୁଛି । ମୋ ମନରେ ସାହସ ଅଛି । ପିଲାଙ୍କର ଯେପରି ବର୍ଷଟିଏ ନଷ୍ଟ ନ ହୁଏ ସେ ଚିନ୍ତା ମୋର ମଧ୍ୟ ଅଛି । ଏଥିପାଇଁ ମୁଁ ପରିଶ୍ରମ ବି କରୁଛି । କିନ୍ତୁ ଏକଥା ମୁଁ ମୋ ବାଟରେ କରିବି । ଯଦି ଆପଣମାନେ ଚାହିଁବେ ତେବେ ମୁଁ ମୋର ଶ୍ରେଣୀକୁ ଏଠୁ ଦୂରେଇ ନେବି ।''

ଦିନେ ଆମ ଅଧିକାରୀ ମୋର ଶ୍ରେଣୀ ଦେଖିବା ପାଇଁ ଆସିଲେ । ଏମିତି ତ ସେ ବହୁତ ଭଲ ଲୋକ ଥିଲେ, କିନ୍ତୁ କାର୍ଯ୍ୟକ୍ରମ ଭିତରେ ସାରାଦିନ କେବଳ ଗପ ଦେଖି ସେ ବି ବିରକ୍ତ ହୋଇଗଲେ । ମୋତେ କହିଲେ, ''ଭାଇ, ଏଭଳି ଚାଲିଲେ ପିଲାମାନେ ଇତିହାସ କେମିତି ଶିଖିବେ ? ଗପ ତ ଠିକ୍ ଅଛି, କିନ୍ତୁ ୟା'କୁ ତ ଏମାନେ ଏ କାନରେ ପୂରାଇ ଆର କାନରେ ବାହାର କରି ଦେବେ । ଏମିତି ଏମାନେ କ'ଣ ପଢ଼ିବେ ଓ କ'ଣ ଶିଖିବେ ?''

ଏ କଥା ଶୁଣି ମୁଁ ବି ଭାବିଲି, ''ଗପର ମୁଖ୍ୟ ଅଂଶଗୁଡ଼ିକ ପିଲାମାନଙ୍କୁ ମନେ ରଖିବାକୁ ହିଁ ହେବ । ନ ହେଲେ ଇତିହାସ ପରୀକ୍ଷାରେ ସବୁ ଫେଲ୍ ହେବେ । ଆଉ ପରୀକ୍ଷାର ଫଳ ସାଙ୍ଗରେ ତ ମୋ ବେକଟି ବନ୍ଧା ।''

ତା' ପରଦିନ ମୁଁ ଗୋଟିଏ ପରୀକ୍ଷା କଲି । ''ବନରାଜ'' ଗପ ତୃତୀୟ ଥର ପାଇଁ ଚାଲିଥିଲା । ମୁଁ ଜାଣିକରି କିଛି ଭୁଲ୍ କରି କହିଲି । ସାଙ୍ଗେ ସାଙ୍ଗେ ପିଲାମାନେ କହିଲେ– ''ଆରେ ! ଏପରି କ'ଣ କହୁଛନ୍ତି ? ପ୍ରଥମେ ତ ହଜାରେ ଘୋଡ଼ା କହିଥିଲେ ଆଉ ଏବେ କ'ଣ ପଚାଶ । ଆଉ ଆଗରୁ ତ କୁଡ଼ିଆ ଘରଟି ନଦୀ କୂଳରେ ଥିଲା ।''

ମୁଁ ଦେଖିଲି ପିଲାମାନେ ଗପଟିକୁ ବୁଝିଛନ୍ତି, ମନେ ରଖିଛନ୍ତି, ମୋର ସାହସ ବଢ଼ିଗଲା । ମୁଁ ଭାବିଲି ଏମାନେ ଆଉ ଭୁଲି ଯିବେନି ।

କିନ୍ତୁ ମୋର ଗପ କ'ଣ ଇତିହାସ ପରୀକ୍ଷକଙ୍କ ମନକୁ ପାଇବ ? ଏବେ ତେଣୁ ଗପଗୁଡ଼ିକୁ ପରୀକ୍ଷକର ଦୃଷ୍ଟିରେ ମୋତେ ଦେଖିବାକୁ ହେବ ।

ମୁଁ ଯେତେସବୁ ଗପ କହିଥିଲି, ତାକୁ ଲେଖି ପକାଇଲି ଓ ପିଲାମାନଙ୍କୁ ପଢ଼ିବାକୁ ଦେଲି । ଯେଉଁଠି ସମ୍ଭବ ଛୋଟ କରିଦେଲି । ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ମଧ୍ୟ ଲେଖିଲା ବେଳେ ଯୋଡ଼ିଦେଲି । ଗପ କହିବା ଓ ଲେଖିବା ଭିତରେ ଯେଉଁ ସ୍ୱାଭାବିକ ତଫାତ୍ ଅଛି, ମୁଁ ତାକୁ ଆଖି ଆଗରେ ରଖି ଲେଖିଲି । ପିଲାମାନେ ବଡ଼ ଆଗ୍ରହର ସହିତ ବାରଂବାର ଏ ଗପସବୁ ପଢ଼ିଲେ ।

ତଥାପି ମୋର ବିଶ୍ୱାସ ହେଉ ନଥିଲା ଯେ ଏ ସବୁ ବିଷୟରେ ପ୍ରଶ୍ନ ପଚାରିଲେ ପିଲାମାନେ ମୋତେ ଠିକ୍ ଉତ୍ତର ଦେବେ ।

ଦିନେ ମୁଁ ଗପଟିକୁ ଗଣିତର ସୂତ୍ର ଭଳି ଲେଖିଲି । ଗୋଟିଏ ଗୋଟିଏ ଘଟଣାକୁ ନେଇ ମୁଁ ଗୋଟିଏ ଗୋଟିଏ ବାକ୍ୟରେ ଲେଖିଲି । ଆଉ ଏହି ରୂପରେଖକୁ ପିଲାମାନଙ୍କୁ ପଢ଼ିବାକୁ ଦେଲି । ପିଲାମାନେ ତାକୁ ପଢ଼ିଲେ । ପଢୁ ପଢୁ ଶୁଣିଥିବା ଗପଟି ତାଙ୍କର ମନେ ପଡ଼ିଗଲା । ଆଉ ଦିନେ ମୁଁ ସାହସ କରି ତାଙ୍କୁ ସେସବୁ ବିଷୟରେ ପ୍ରଶ୍ନ ପଚାରିଲି । ପିଲାମାନେ ଫଟାଫଟ୍ ଉତ୍ତର ଦେଉଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୋର ବିଶ୍ୱାସ ହୋଇଗଲା ଯେ ଏବେ ପିଲାମାନେ ଇତିହାସ ପରୀକ୍ଷାରେ ତ ପାସ ନିଶ୍ଚୟ କରିବେ, ପରୀକ୍ଷା ପରେ ବି ସେମାନେ ଇତିହାସ କେବେ ଭୁଲିବେ ନାହିଁ ।

କିଛି ଦିନ ପରେ ମୁଁ ଅଧିକାରୀ ମହାଶୟଙ୍କୁ ଡାକି ପିଲାଙ୍କର ଇତିହାସ ପରୀକ୍ଷା କରିବା ପାଇଁ କହିଲି । ପରୀକ୍ଷା ପରେ ସେ ଖୁସି ହୋଇଯାଇ କହିଲେ, ''ଅନ୍ୟ ଶ୍ରେଣୀଗୁଡ଼ିକରେ ମଧ୍ୟ ଇତିହାସ ଏହିଭଳି ଭାବରେ ପଢ଼ାଯିବା ଉଚିତ ।''

ଏକଥା ଶୁଣି ମୋତେ ବେଶ୍ ସନ୍ତୋଷ ମିଳିଲା । କିନ୍ତୁ ଏବେ ତ ବହୁତ କିଛି କରିବା ପାଇଁ ବାକି ରହିଛି । ଚାରି ମାସ ବିତି ଗଲାଣି । ତଥାପି ସେ ସମୟତକର ସଫଳତା ଫଳରେ ମୋର ଉତ୍ସାହ ବଢ଼ି ଚାଲିଥିଲା ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ)

❑❑❑

ଯଥାର୍ଥ ଶିକ୍ଷାଦାନର ପ୍ରଥମ ନୀତି ଏହି ଯେ କିଛି ବି ଶିକ୍ଷା ଦିଆଯାଇ ପାରିବ ନାହିଁ । ଶିକ୍ଷକ ଜଣେ ଉପଦେଷ୍ଟା ବା ଅବଧାନ ନୁହନ୍ତି, ସେ ଜଣେ ସାହାଯ୍ୟଦାତା ଓ ପଥପ୍ରଦର୍ଶକ । ତାଙ୍କର କର୍ତ୍ତବ୍ୟ ହେଲା ସୂଚନା ଦେବା, କିନ୍ତୁ ଜବରଦସ୍ତି କିଛି ଲଦିଦେବା ନୁହେଁ । ବାସ୍ତବରେ ସେ ଛାତ୍ରର ମନକୁ ତାଲିମ କରନ୍ତି ନାହିଁ, ସେ କେବଳ ତାହାର ଜ୍ଞାନାର୍ଜନର ଯନ୍ତ୍ରଗୁଡ଼ିକୁ କିପରି ପୂର୍ଣ୍ଣତା ପ୍ରଦାନ କରିବାକୁ ହେବ, ତାହା ଦେଖାଇ ଦିଅନ୍ତି ଏବଂ ତାହାର ପଦ୍ଧତିରେ ଉତ୍ସାହିତ ଓ ସହାୟତା କରନ୍ତି । ସେ ତାକୁ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ନିଜେ କିପରି ଜ୍ଞାନ ଅର୍ଜନ କରିପାରିବ ତାହାର ଉପାୟ ଦେଖାଇ ଦିଅନ୍ତି । ସେ ଛାତ୍ର ମଧ୍ୟରେ ଅନ୍ତର୍ନିହିତ ଜ୍ଞାନକୁ ବହିର୍ଦ୍ଦେଶକୁ ଆଣି ତାହାର ପ୍ରୟୋଗ କରନ୍ତି ନାହିଁ, କେବଳ ତାକୁ ଦେଖାଇ ଦିଅନ୍ତି ଯେ ତାହା କେଉଁଠାରେ ନିହିତ ଏବଂ ତାହାକୁ ବହିର୍ଦ୍ଦେଶକୁ ଆଣିବାକୁ ସେ କିପରି ଅଭ୍ୟସ୍ତ ହୋଇପାରେ ।

('ଶିକ୍ଷା' ପୁସ୍ତକ; ପୃଷ୍ଠା : ୨୬ - ୨୭) — ଶ୍ରୀଅରବିନ୍ଦ

# ଅତିଥି

## ମଧୁସୂଦନ ମହାପାତ୍ର

ଉଦିତନାରାୟଣ ଜଣେ ତପସ୍ୱୀ ତଥା ଜନସେବକ ଥିଲେ । ସେ ଗୋଟିଏ ଧର୍ମରେ ବିଶ୍ୱାସ କରନ୍ତି, ତାହା ହେଲା ମାନବ ଧର୍ମ – ଅନ୍ୟ ସମସ୍ତ ଦେବବିଶ୍ୱାସ ମାତ୍ର । ତେଣୁ ତାଙ୍କର ସେବାରେ ଭେଦଭାବ ନଥିଲା । ସବୁ ବିଶ୍ୱାସର ଲୋକେ ତାଙ୍କୁ ସମ୍ମାନ କରୁଥିଲେ ।

ଥରେ ସେ ନିଜର ଦୁଇଶିଷ୍ୟଙ୍କ ସହିତ ମହାରାଷ୍ଟ୍ରର କୌଣସି ଏକ ସ୍ଥାନକୁ କାର୍‌ରେ ଯାଉଥିଲେ । କ୍ରମେ ସନ୍ଧ୍ୟାକାଳ ଆସିଯାଉଥାଏ । ଶ୍ୟାମଳ ବନଭୂମିରେ ତାଙ୍କ କାର୍ ଚାଲୁଥାଏ । ରାତିର ପ୍ରଥମ ପ୍ରହରରେ ହଠାତ୍ ତାଙ୍କ କାର୍ ଆପେ ଅଟକିଗଲା । ଚାଳକ ବାରମ୍ବାର ଚେଷ୍ଟା କଲେ ବି ଇଞ୍ଜିନ୍ ଚାଲିଲା ନାହିଁ । ଚାଳକର ସବୁଚେଷ୍ଟା ବିଫଳ ହେଲା । ସମସ୍ୟାରେ ସମସ୍ତେ ପଡ଼ିଲେ । କ'ଣ କରିବେ ? ଧୀରେ ଧୀରେ ବନଭୂମି ଅନ୍ଧକାରର କଳାଚାଦରରେ ଘୋଡ଼େଇ ହୋଇ ଗଲାଣି । ଗାଡ଼ିର କାରିଗର ଯାଇ ସହରରେ, ଏଠାରୁ ବହୁଦୂରରେ । ଫୋନ କରି ଡାକିଲେ ବି ତାକୁ ଆସୁ ଆସୁ କାଲି ସକାଳ ହେବ । ଏହି ଭଳି ଚିନ୍ତା କରୁ କରୁ ରାତ୍ରି ବଢ଼ିବାରେ ଲାଗିଥାଏ । ଅବସ୍ଥା ଦେଖି ଉଦିତନାରାୟଣ କହିଲେ, ''ଏଠାରେ ଯେଉଁ ଗାଁ ଅଛି ସେଠାକୁ ଯାଇ ପଚାର, ଯଦି କେହି କାରିଗର ଆମ ଭାଗ୍ୟକୁ ମିଳିଗଲେ ତେବେ ଭଲ, ନଚେତ୍ ଏଠାରେ ରାତିଟି କଟାଇବାକୁ ହେବ ।''

ଏହିଠାରୁ ଶୈଳଜା ନଦୀ ବାହାରିଛି । ଏହି ଗାଁରେ ଯେଉଁ ଦେବୀମନ୍ଦିର ଅଛି ସେଥିରେ ପୂଜିତା ଦେବୀ ହେଉଛନ୍ତି ଶୈଳଜା । ଏଣୁ ଏହି ଅଞ୍ଚଳର ନାମ ଶୈଳଜା । ଏହି ଗ୍ରାମକୁ ଜଣେ ଶିଷ୍ୟ ଯାଇ ଲୋକଙ୍କୁ ନିଜ ଗାଡ଼ିର ସମସ୍ୟା ବିଷୟରେ କହିଲେ ଓ କୌଣସି ଗାଡ଼ି ସଜାଡୁଥିବା କାରିଗର ଅଛନ୍ତି କି ନାହିଁ ପଚାରିଲେ । ସେମାନଙ୍କ ମୁଖରୁ ନାସ୍ତିବଚନ ଶୁଣି ସେ ଚିନ୍ତିତ ହୋଇ ପଡ଼ିଲେ ଓ ଅନ୍ୟ ପ୍ରସ୍ତାବଟି ଉପସ୍ଥାପନ କଲେ :

– ଏହି କାର୍‌ରେ ସ୍ୱାମୀ ଉଦିତନାରାୟଣ ଅଛନ୍ତି । ଆସନ୍ତା କାଲି ଗାଡ଼ି ସଜାଡ଼ି ଆମେ ଚାଲିଯିବୁ । ଆଜି ରାତିକ କେହି ଗୃହସ୍ଥ ତାଙ୍କୁ ଅତିଥି କରିପାରିବେ କି ?

ଉଦିତନାରାୟଣଙ୍କ ନାମ ଶୁଣି ସମସ୍ତଙ୍କ ମୁଖରେ ଗୋଟିଏ ସମ୍ମାନଭାବ ଦେଖାଦେଲା । କିନ୍ତୁ କିଏ, କାହା ଘରକୁ ତାଙ୍କୁ ଅତିଥି କରିନେବ ସେହି କଥାରେ ସମସ୍ତେ ଚିନ୍ତାରେ ପଡ଼ିଲେ । କେହି ଜଣେ ଆଗୁଆ ହୋଇ ବିଭିନ୍ନ ଲୋକଙ୍କୁ ପଚାରିଲେ, କିନ୍ତୁ ସମସ୍ତେ ନିରୁତ୍ତର ରହିଲେ । ଶିଷ୍ୟ ଚିନ୍ତା କରୁଛନ୍ତି – ''ଗାଁଟି ସଭ୍ୟ ଓ ଧନିକ ଜଣା ପଡୁଛି, ସମସ୍ତଙ୍କର ପକ୍କା ଘର, ତଥାପି କେହି ଜଣେ ବି ଗୋଟିଏ ରାତି ପାଇଁ ଜଣକୁ ଅତିଥି କରିବାକୁ ଅସମର୍ଥ ! ପୁଣି ଉଦିତନାରାୟଣଙ୍କ ପରି ଜଣେ ବିଶିଷ୍ଟ ଅତିଥିଙ୍କୁ !'' ଏତିକି ବେଳେ କୌଣସି ଜଣେ ବୃଦ୍ଧ ନୀରବତାକୁ ଭଙ୍ଗ କରି ଦୁଃଖ ପ୍ରକାଶପୂର୍ବକ କହିଲେ :

– ହେ ମହାଶୟ ! ଏହି ଗାଁରେ ସମସ୍ତେ ଆମିଷ ଭୋଜନ କରନ୍ତି, ମଦ୍ୟପାନ କରନ୍ତି, ରାତିରେ ତ ଏସବୁ ନିଶ୍ଚିତ । ଏହି କାରଣରୁ ଏଭଳି ଜଣେ ବିଶିଷ୍ଟ ଅତିଥିଙ୍କୁ କେହି ଗ୍ରହଣ କରିବାକୁ ନିଜକୁ ଯୋଗ୍ୟ ମନେ କରୁ ନାହାନ୍ତି ।

ତାଙ୍କର ଲଜ୍ଜାଜନକ ବାକ୍ୟ ଶୁଣି ଜଣେ ତରୁଣ କହିଲେ :

– ଅତିଥିଙ୍କୁ ଯଦି ଘରକୁ ଆଣିପାରିବା ନାହିଁ ତେବେ ଶୈଳଜା ଠାକୁରାଣୀଙ୍କ ମନ୍ଦିରକୁ ତ ଆଣି ପାରିବା !

ଏହି କଥାଟି ସମସ୍ତଙ୍କ ମନକୁ ପାଇଲା । ସମସ୍ତେ ମନ୍ଦିର ଆଡ଼କୁ ଚାଲିଲେ ।

ଯେଉଁଦିନଠାରୁ ସେହି ଗାଁର ଲୋକେ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରି ନେଇଥିଲେ ସେବେଠାରୁ ଶୈଳଜା ଠାକୁରାଣୀଙ୍କ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ମନ୍ଦିରରେ ବର୍ଷ ବର୍ଷ ଧରି ଦେବୀ ଅପୂଜିତ ରହିଛନ୍ତି । ଆଜି ଲୋକେ ସେଠାରେ ଜଣେ ପୂଜ୍ୟ ଅତିଥିଙ୍କୁ ଅଭ୍ୟର୍ଥନା କରିବା ପାଇଁ ପୁଣି ଏକତ୍ରିତ ହେଲେ । ବିଜୁଳି ବତି ଜଳାଇ ସେହି ସ୍ଥାନକୁ ଆଲୋକିତ କଲେ; ଜଳଢାଳି ମନ୍ଦିରର ଚଟାଣକୁ ପରିଷ୍କାର କଲେ; ସ୍ତ୍ରୀଲୋକମାନେ ପେୟ ଜଳପାତ୍ର ଓ ଫଳମୂଳ କିଛି ଆଣି ରଖିଲେ; ପିଲାମାନେ ଫୁଲଦାନିରେ ଅତିଥିଙ୍କ ବସିବା ସ୍ଥାନକୁ ସଜାଇ ଦେଲେ । ଶେଷରେ ଗାଁର ମୁଖିଆ ତିନିଟି ଶଯ୍ୟା ଆଣି ମନ୍ଦିରର

ମୁଖଶାଳାରେ ରଖିଲେ । ଏହି ସମସ୍ତ କାର୍ଯ୍ୟ ମାତ୍ର ଗୋଟିଏ ଘଣ୍ଟାରେ ହୋଇ ଯାଇଥିଲା । ତା'ପରେ ଗ୍ରାମର ମୁଖ୍ୟ କାର୍ ନିକଟକୁ ଆସି ହାତଯୋଡ଼ି ଅତିଥିଙ୍କୁ ମନ୍ଦିର ପ୍ରବେଶ ନିମନ୍ତେ ପ୍ରାର୍ଥନା ଜଣାଇଲେ ।

ସ୍ୱାମୀ ଉଦିତନାରାୟଣ ଶିଷ୍ୟଙ୍କଠାରୁ ସମସ୍ତ ଆୟୋଜନର କଥା ଶୁଣି ଯାନରୁ ଓହ୍ଲାଇଲେ ଓ ଧୀର ପଦକ୍ଷେପରେ ମନ୍ଦିର ଆଡ଼କୁ ଚାଲିଲେ । ମାର୍ଗର ଦୁଇପାଖରେ ଲୋକେ ଠିଆ ହୋଇ ଶୁଭ୍ରବସ୍ତ୍ରଧାରୀ ଏହି ସୌମ୍ୟ ଅତିଥିଙ୍କୁ ହାତଯୋଡ଼ି ପ୍ରଣାମ କରିବା ପୂର୍ବରୁ ଅତିଥି ସେମାନଙ୍କୁ ପ୍ରଣାମ କରୁଥିଲେ । ଶୈଳଜା ଗ୍ରାମର ସେହି ସନ୍ଧ୍ୟାଟି ପ୍ରକୃତରେ ଏକ ନୈଃସର୍ଗିକ ବାତାବରଣରେ ମଙ୍ଗଳମୟ ହୋଇ ଉଠିଥିଲା ।

ମୁଖ୍ୟ ରାସ୍ତାରୁ ମନ୍ଦିର ବେଶୀ ଦୂର ନୁହେଁ । ଅତିଥି ସେହି ମନ୍ଦିରର ଶୁଚିମନ୍ତ ପରିବେଶକୁ ଦେଖି ପ୍ରସନ୍ନ ହେଲେ । କିନ୍ତୁ ମନ୍ଦିରର ଗର୍ଭଗୃହ ରୁଦ୍ଧ ହୋଇ ଥିବାର ଦେଖି ତାଙ୍କୁ କଷ୍ଟ ଲାଗିଲା । ପୂଜକ ବି କେହି ନ ଥିଲେ । ଶୈଳଜା ଦେବୀଙ୍କ ପୂଜକ ମହାଶୟ ବହୁ ଦିନ ହେଲାଣି ତାଙ୍କ ପରିବାର ଧରି ଅନ୍ୟ ଗାଁକୁ ଚାଲିଯାଇଥିଲେ । ସେହି କାରଣରୁ ଦେବୀ ଅପୂଜିତା ।

ସ୍ୱାମୀ ଉଦିତନାରାୟଣ ଯାଇ ସେହି ରୁଦ୍ଧ ଦ୍ୱାରକୁ ଖୋଲି ଦେଲେ । ବିଜୁଳି ଆଲୁଅରେ ଦେବୀ ଗୌରୀଙ୍କ ସୁଚାରୁ ପ୍ରତିମା ଦୃଶ୍ୟ ହୋଇଗଲା । ଲୋକେ ତାଙ୍କର ସେହି ବିସ୍ମିତ ମୁଖକୁ ପୁଣି ଦେଖିଲେ । ସେଠାରେ ସ୍ୱାମୀଙ୍କ ମୁଖରୁ ଏକ ପ୍ରାର୍ଥନା ସ୍ୱତଃ ନିଃସୃତ ହେଲା :

ପ୍ରହିତା ରଜନା ମାତର୍ଜଗଦାନନ୍ଦବର୍ଧନେ ।
ପ୍ରକାଶସ୍ୱ ଜଗନ୍ମାତଃ ଶୁଚିଶୁଭ୍ରପ୍ରହାସିନି ॥

(ହେ ଆନନ୍ଦବର୍ଦ୍ଧନା ମା ! ରାତି ପାହିଯାଇଛି । ଶୁଦ୍ଧଶୁଭ୍ରହାସମୟି ଜଗନ୍ମାତଃ ! ପ୍ରକାଶମାନା ହୁଅ ।)

ଏହି ପ୍ରାର୍ଥନା ପରେ ସ୍ୱାମୀ ଉପହାର ରୂପେ ପାଇଥିବା ଫଳମୂଳକୁ ଦେବୀଙ୍କ ନୈବେଦ୍ୟ କରି ଉପସ୍ଥିତ ଜନତାଙ୍କ ମଧ୍ୟରେ ବଣ୍ଟନ କରିଥିଲେ । ଲୋକମାନେ ମଧ୍ୟ ଅତିଥି ଭକ୍ତି ହେତୁ ତାଙ୍କ ହାତରୁ ତାହା ସ୍ୱୀକାର କରି ନିଜ ନିଜ ଗୃହାଭିମୁଖେ ପ୍ରସ୍ଥାନ କରିଥିଲେ । ସେଦିନ ରାତିରେ ସେହି ଗାଁରେ କେହି ମାଂସ ଭୋଜନ ଓ ମଦ୍ୟପାନ କରି ନ ଥିଲେ । ସମସ୍ତେ ଏକ ଶାନ୍ତିର ଅନୁଭୂତି ମଧ୍ୟରେ ସୁନିଦ୍ରା ଲାଭ କରିଥିଲେ ।

ପ୍ରଭାତ ପୂର୍ବରୁ ଯାନସାରଥି ଆସି ଉଦିତନାରାୟଣଙ୍କୁ ଜଣାଇଲା ଯେ କାର୍ ଆପେ ଠିକ୍ ହୋଇ ଯାଇଛି । ଏବେ ଆମେ ଯାଇପାରିବା । ଏହା କିପରି ସମ୍ଭବ ହେଲା ବୋଲି ବିସ୍ମୟର ସହ ସ୍ୱାମୀ ଦୁଇ ଶିଷ୍ୟଙ୍କ ସହିତ ମନ୍ଦିରରୁ ପ୍ରସ୍ଥାନ କରିଥିଲେ ।

ସକାଳେ ଲୋକେ ଅତିଥିଙ୍କ ସତ୍କାର ନିମନ୍ତେ ଉତ୍କଣ୍ଠାର ସହ ଆସି ଦେଖିଲେ ଯେ ଅତିଥି ନାହାନ୍ତି କିନ୍ତୁ ଦେବୀ ଶୈଳଜାଙ୍କ ମଙ୍ଗଳମୟୀ ପ୍ରତିମା ଜୀବନ୍ତ ଭଳି ବିଦ୍ୟମାନ । ଲୋକେ ମନ୍ଦିର ଦ୍ୱାରକୁ ବନ୍ଦ କରିବାକୁ ଗଲେ କିନ୍ତୁ ତାହା କରିବାକୁ ହୃଦୟ କହିଲା ନାହିଁ । କେହି ଜଣେ ପୁଣି ସେହି ପ୍ରାର୍ଥନାଟି ଗାଇଲେ ଏବଂ ଅନ୍ୟମାନେ ସେଥିରେ ଯୋଗ ଦେଲେ :

ପ୍ରହିତା ରଜନୀ ମାତଃ... ।

ସେହି ଦିନଠାରୁ ଦେବୀ ଶୈଳଜା ପୂର୍ବ ପରି ସେଠାରେ ପୂଜା ପାଇଲେ । ମନ୍ଦିରର ପୂଜକ ପୁଣି ସପରିବାର ଗାଁକୁ ଫେରି ଆସିଲେ ।

❑❑❑

THE MOTHER

Always to know her and live always in her presence.

– Sri Aurobindo

**ଶ୍ରୀମା**

ନିରନ୍ତର ତାଙ୍କୁ ଜାଣୁଥିବା ଏବଂ ନିରନ୍ତର ତାଙ୍କରି ମହୋପସ୍ଥିତିରେ ଜୀବନ ବିତାଉଥିବା ।

– ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଆମ ବ୍ୟକ୍ତିସତ୍ତା ଜଡ଼ ଓ ଚେତନାର ସମାହାର ମାତ୍ର; ଅଦ୍ୟାବଧି ସମନ୍ୱୟ ନୁହେଁ

***ପ୍ରଶ୍ନ :** ମଣିଷ ମରଣଶୀଳ, ମାତ୍ର ତା'ର ଆତ୍ମାର ମୃତ୍ୟୁ ହୋଇ ନ ଥାଏ କାହିଁକି ?*

**ଉତ୍ତର :** ସାଧାରଣତଃ ପ୍ରଶ୍ନ ହୋଇଥାଏ ଆତ୍ମା ଅବିନଶ୍ୱର, ମାତ୍ର ସେହି ଆତ୍ମାର ଧାରକ ମଣିଷର ମୃତ୍ୟୁ ହୋଇଥାଏ କାହିଁକି ? ଆପଣଙ୍କ ପ୍ରଶ୍ନରେ ବେଶ୍ ମୌଳିକତା ରହିଛି । ଆପଣଙ୍କ ଜିଜ୍ଞାସା, ଆତ୍ମାର କାହିଁକି ମୃତ୍ୟୁ ହୁଏନା ।

ପ୍ରଥମେ ମୃତ୍ୟୁ ସମ୍ପର୍କରେ ଆମ ଧାରଣାର ଟିକିଏ ସମୀକ୍ଷା କରାଯାଉ । ସଚରାଚର ମୃତ୍ୟୁ ବୋଇଲେ ଗୋଟିଏ ଜୀବନ୍ତ ସତ୍ତାର ଶେଷ ବା ବିଲୟ । ଯେଉଁ ଆଦି ମହାଶକ୍ତି ସମଗ୍ର ସୃଷ୍ଟିର ଉତ୍ସ ଏବଂ ବିଶ୍ୱ ବ୍ରହ୍ମାଣ୍ଡର ଧାରକ, ସେ ନିଶ୍ଚୟ ମୃତ୍ୟୁହୀନ । କାରଣ ତା'ର ମୃତ୍ୟୁ ହେଲେ ସମଗ୍ର ସୃଷ୍ଟିର ମୃତ୍ୟୁ ଅନିବାର୍ଯ୍ୟ । ଆମେ ସଭିଏଁ ସେହି ମୃତ୍ୟୁହୀନ ଶକ୍ତିର ଏକ ଏକ ପ୍ରକାଶ, ଅତଏବ ତତ୍ତ୍ୱତଃ ଆମେ ମୃତ୍ୟୁହୀନ । ବର୍ତ୍ତମାନ ଆମ ବ୍ୟକ୍ତିସତ୍ତାର ଗଠନ ଉପରେ ଦୃଷ୍ଟି ଦିଆଯାଉ । ଦୁଇ ମୁଖ୍ୟ ଉପାଦାନର ସମାବେଶରେ ଏହି ସତ୍ତା ଗଠିତ : ଜଡ଼-ବସ୍ତୁଭିତ୍ତିକ ଦୃଶ୍ୟମାନ ଶରୀର ଏବଂ ଅଦୃଶ୍ୟ ଚେତନା । ଶରୀର ପୁଣି ସୁବିଦିତ ପଞ୍ଚଭୂତ, କ୍ଷିତି-ଅପ୍-ତେଜଃ-ମରୁତ୍-ବ୍ୟୋମର ସମାବେଶରେ ଗଠିତ । ଚେତନା ଗଠିତ ମୋଟାମୋଟି ତିନି ଶକ୍ତିର ସମାବେଶରେ : ସେମାନେ ପ୍ରାଣ, ମନ ଏବଂ ଆତ୍ମା ।

ସମାବେଶ ବୋଲି କହୁଛି, ସମନ୍ୱୟ ବୋଲି କହୁ ନାହିଁ । କାରଣ ଏମାନଙ୍କ ଭିତରେ ଅନବରତ ସଂଘର୍ଷ ଲାଗି ରହିଥାଏ । ଦେହ ପ୍ରାୟତଃ ପ୍ରାଣ ବା ମନର ଦାବି ମାନିବାକୁ ଅକ୍ଷମ ହୁଏ । ମୋ ଚେତନାର ଅନ୍ତର୍ଭୁକ୍ତ ମନ ଚାହିଁପାରେ ମୁଁ ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ହେବି; ମୋ ଦେହ କିନ୍ତୁ ଅଧା ରାସ୍ତା ଦୌଡ଼ି ହାଲିଆ ହୋଇ ଯାଇପାରେ । ପୁଣି ପ୍ରାଣର ଆବେଗ ଓ ଆକାଂକ୍ଷାକୁ ବହୁ ସମୟରେ ମନ ତା' ଓକିଲ ବୁଦ୍ଧିର ପରାମର୍ଶକ୍ରମେ ଅମାନ୍ୟ କରେ । ସଦ୍ୟ ପ୍ରଶାସନ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ସୁଗାୟକ ତରୁଣ କହୁଥିଲେ, ''ଆବାଲ୍ୟ ମୋର ଆବେଗ ଗୀତ ବୋଲିବି; କିନ୍ତୁ ସେଥିରେ ପ୍ରତିଷ୍ଠା ଲାଭ କରି ଉପାର୍ଜନ କରିବାକୁ ବହୁବର୍ଷ ଲାଗିଯିବ । ତେଣୁ ଦୀର୍ଘ ନିଃଶ୍ୱାସ ଛାଡ଼ି ଚାକିରି ଆଦରି ନେଉଛି ।'' ପ୍ରାଣ ସହ ବ୍ୟାବହାରିକ ବୁଦ୍ଧିର ବିବାଦର ଏହା ଏକ ମାମୁଲି ଉଦାହରଣ । ଆମ ନିଜ ନିଜ ଚେତନା ଭିତରେ ନିରନ୍ତର ଚାଲିଥିବା ଛୋଟ ବଡ଼ ଅସଂଖ୍ୟ ଦ୍ୱନ୍ଦ୍ୱ ଓ ସଂଘର୍ଷ, ପୁଣି ଚେତନା ସହ ଶରୀରର ବୈଷମ୍ୟ – ଏସବୁ ଜୀବନର ନିୟତ ଅଭିଜ୍ଞତା – ଆମେ ସଚେତନ ଥାଉଁ ବା ନ ଥାଉଁ ।

ଏହି ସଂଘର୍ଷ ଓ ବୈଷମ୍ୟଜନିତ ଆଘାତର ଦାଗ ଆମ ଭିତରେ ଗଭୀରରୁ ଗଭୀରତର ହେଉଥାଏ । ଦିନେ ଆମ ବ୍ୟକ୍ତିସତ୍ତା-ରୂପକ ସମାବେଶ ଭୁଶୁଡ଼ି ପଡ଼େ । (ଅବଶ୍ୟ ଏହି ପୁଞ୍ଜୀଭୂତ ବୈଷମ୍ୟ ମୃତ୍ୟୁର ଅନ୍ୟତମ କାରଣ, ଏକମାତ୍ର କାରଣ ନୁହେଁ ।) ପ୍ରଥମେ ଶରୀର ଓ ଚେତନା ପରସ୍ପର ବିଚ୍ଛିନ୍ନ ହୋଇଯିବା ଉତ୍ତାରୁ ଶରୀରର ପଞ୍ଚ ଉପାଦାନ ନିଜ ନିଜ ଉତ୍ସକୁ ଲେଉଟି ଯାଆନ୍ତି । ତା'ପରେ ଚେତନାର ତିନି ଉପାଦାନ ମଧ୍ୟ ନିଜ ନିଜ ପୁରକୁ ଚାଲିଯା'ନ୍ତି : ମନ ଯାଏ ମାନସଲୋକକୁ, ପ୍ରାଣ କିଛି କାଳ ଏ ବାତାବରଣରେ ରହି (କେବେ କେବେ ପ୍ରେତ ବୋଲି ଅପବାଦ ପାଇ !) ପ୍ରାଣଲୋକକୁ ପ୍ରତ୍ୟାବର୍ତ୍ତନ କରେ । ଆତ୍ମା ଯାଇ ଆପଣା ପୁରରେ ଧ୍ୟାନସ୍ଥ-ପ୍ରାୟ ହୋଇ ରହେ; ପୁନର୍ଜନ୍ମ ଅପେକ୍ଷାରେ ।

କିନ୍ତୁ ଏସବୁ ଉପାଦାନ ଭିତରୁ କେଉଁ ଗୋଟିକର ମୃତ୍ୟୁ ହୋଇପାରେ ? କ୍ଷିତି ଅର୍ଥାତ୍ ମାଟି, ପାଣି, ପବନ, ଆକାଶ – ଏସବୁ ଭିତରୁ କାହାର ଚିର-ବିଲୟ ଘଟେ ? ଯଦି ଏମନ୍ତ ସ୍ଥୂଳ ଉପାଦାନ ସମୂହର ମୃତ୍ୟୁ ନାହିଁ, ଯେଉଁ ଚେତନା ଏକ ସୂକ୍ଷ୍ମ ଶକ୍ତି, ତା'ର ବା ମୃତ୍ୟୁ ହେବାର ପ୍ରଶ୍ନ କାହିଁ ? ଅର୍ଥାତ୍ ଯାହାକୁ ଆମେ ମୃତ୍ୟୁ ବୋଲି କହୁଁ, ତାହା ଏକ ନିର୍ଦ୍ଦିଷ୍ଟ ସମାବେଶର ପତନ, ଏକତ୍ର ହୋଇଥିବା ଉପାଦାନ ସମୂହର ପୃଥକ୍‌କରଣ ।

ଆମ ସତ୍ତାର ସମସ୍ତ ଉପାଦାନ ଅମର – ଯେହେତୁ ଏକ ଅମର ମହାଶକ୍ତି ସବୁର ହିଁ ଉତ୍ସ । କିନ୍ତୁ ସେ ସତ୍ୟ ଟିକକ

କେବଳ ମାତ୍ର ଆମର ଆତ୍ମା ବ୍ୟତିରେକେ ଅନ୍ୟସବୁ ଉପାଦାନ ବିସ୍ମୃତ ହୋଇ ଯାଇଥା'ନ୍ତି । ଆତ୍ମା ହିଁ ଜାଣିଥାଏ ଯେ ଆମ ଉତ୍ସ ମହାଶକ୍ତି ହେଲା ପରମାତ୍ମା ଏବଂ ସେ ତାହାରି ଏକ ଅନିର୍ବାଣ ଶିଖା ।

ଅତଏବ ଆତ୍ମା ସଚେତନ ଭାବରେ ଅମର । କିନ୍ତୁ ଆମ ସତ୍ତାକୁ ଆତ୍ମା ଶାସନ କରେ ନାହିଁ; ଶାସନ କରେ ଦେହର ଚାହିଦା, ମନ ବୁଦ୍ଧିର ଚାତୁର୍ଯ୍ୟ, ପ୍ରାଣର ଆବେଗ ପ୍ରବେଗ । ଏମାନେ ଶେଷ ବିଶ୍ଳେଷଣରେ ଅମର ହେଲେ ମଧ ନିଜ ଅଜ୍ଞାନତା ଯୋଗୁଁ ମୃତ୍ୟୁରୂପକ ଭ୍ରାନ୍ତି ପାଖରେ ନିଜ ନିଜକୁ ସମର୍ପଣ କରନ୍ତି । ଯେଉଁ ବ୍ୟକ୍ତି ନିଜ ଆତ୍ମା ଉପଲବ୍ଧି କରେ, ସେ ଜାଣେ ଯେ ତା'ର ମୃତ୍ୟୁ ନାହିଁ ।

ମୃତ୍ୟୁ ହିଁ ଶାଶ୍ୱତ ବାସ୍ତବ, ଆପଣ ଏହି ବିଶ୍ୱାସକୁ ଭିତ୍ତିପ୍ରକଳ୍ପ (ହାଇପୋଥେସିସ୍) ଭାବରେ ଗ୍ରହଣ କରିଥିବାରୁ ଆତ୍ମା କାହିଁକି ଅମର ବୋଲି ପ୍ରଶ୍ନ କରିଛନ୍ତି । କିନ୍ତୁ ମୃତ୍ୟୁ ନୁହେଁ, ଅମରତା ହିଁ ଶାଶ୍ୱତ ବାସ୍ତବ । ମୃତ୍ୟୁ ଏକ ଭ୍ରାନ୍ତି – ଅଜ୍ଞାନତାର ପ୍ରତିକ୍ରିୟା । ଆଜି କେବଳ ମାତ୍ର ଆତ୍ମା ଉପଲବ୍ଧି କରିଥିବା ବ୍ୟକ୍ତିମାନଙ୍କ ସକାଶେ ମୃତ୍ୟୁ ଅବାସ୍ତବ, ଦିନେ ଯଦି ମଣିଷର ସମଗ୍ର ସତ୍ତା ଆତ୍ମାର ଆଲୋକରେ ଆଲୋକିତ ହେବ, ସେତେବେଳେ ଏଯାବତ୍ ଅନନୁଭୂତ ଦିବ୍ୟଶକ୍ତିର ଆଶୀର୍ବାଦରେ ମଣିଷ ନିଜର ସମଗ୍ର ସତ୍ତା ଅମର ବୋଲି ଉପଲବ୍ଧି କରିବ । (ତାହା ଏକ ବୃହତ୍ତର ପ୍ରସଙ୍ଗ) । ଯେଉଁଦିନ ମୁଁ ନିଜର ସ୍ୱରୂପ ଉପଲବ୍ଧି କରିବି ସେହିଦିନ ମୃତ୍ୟୁର ହେବ ମୃତ୍ୟୁ । ସ୍ଫିଙ୍କ୍ସ୍ ବା ସିଂହାସୁରୀ କିମ୍ବଦନ୍ତୀଟି ମନେ ପକାନ୍ତୁ :

ହଜାର ହଜାର ବର୍ଷ ତଳର କଥା । ପର୍ବତମାଳା ପାଦଦେଶ ଦେଇ ଲମ୍ବିଯାଇଥାଏ ଏକ ଦୀର୍ଘ ନିର୍ଜନ ପଥ । ସେ ପଥର ବିରଳ ପଥିକ ହଠାତ୍ ଶୁଣେ ଏକ ତୀବ୍ର ତଥା ଭୟଙ୍କର କଣ୍ଠସ୍ୱର : ''ରହିଯାଅ !'' ବିଚରା ପଥିକ ରହିଯାଇ ସେ ପର୍ବତ ଶୀର୍ଷକୁ ଅନାଇ ଦେଖେ ତହିଁ ଆସୀନ ଏକ ବିଚିତ୍ର ପ୍ରାଣୀ : ଦେହ ତା'ର ସିଂହ ଭଳି, ବଦନ କିନ୍ତୁ ମାନବୀର, ଶ୍ୱାନ-ସୁଲଭ ପଞ୍ଝା; ପୁଚ୍ଛ ଗୋଟିକ ଏକ ସର୍ପ । ବଜ୍ରନିଭ କଣ୍ଠରେ କହେ ସେ ପ୍ରାଣୀ : ''ସୂର୍ଯ୍ୟାସ୍ତ ପୂର୍ବରୁ ଦେବାକୁ ହେବ ମୋର ଏକ ପ୍ରଶ୍ନର ଉତ୍ତର । ନ ହେଲେ ବାଜ୍ୟାପ୍ତ ହେବ ତୁମ ପ୍ରାଣ । ପ୍ରଶ୍ନ ହେଲା, କିଏ ସେ ପ୍ରାଣୀ ଯିଏ ପ୍ରଭାତରେ ଚାଲେ ଚାରି ଗୋଡ଼ରେ, ବେଳ ବଢ଼ିଲେ ଚାଲେ ଦୁଇ ଗୋଡ଼ରେ, ସନ୍ଧ୍ୟାରେ ଚାଲେ ତିନି ଗୋଡ଼ରେ ?''

ସବୁ ପଥିକ ରହନ୍ତି ନିରୁତ୍ତର । ସୂର୍ଯ୍ୟାସ୍ତ ସଙ୍ଗେ ସଙ୍ଗେ ସିଂହାସୁରୀ ଅସହାୟ ଯାତ୍ରୀ ଉପରକୁ ଲମ୍ଫ ଦେଇ ହରଣ କରେ ତା'ର ପ୍ରାଣ । ଦିନେ ସେ ପଥରେ ଯାତ୍ରା କରୁଥିଲେ ବୀର ଇଡ଼ିପାସ୍ । ତାଙ୍କୁ ବି ସିଂହାସୁରୀର ପ୍ରହେଳିକାପୂର୍ଣ୍ଣ ପ୍ରଶ୍ନ ସାମନା କରିବାକୁ ହେଲା । ସେ ତତ୍କ୍ଷଣାତ୍ ଶୁଣାଇ ଦେଲେ : ''ମୁଁ ସ୍ୱୟଂ ତୁମ ପ୍ରଶ୍ନର ଉତ୍ତର; ମୁଁ, ଅର୍ଥାତ୍, ମଣିଷ । ଜୀବନ-ପ୍ରଭାତରେ ଶିଶୁ ଦୁଇ ଗୋଡ଼ ଓ ଦୁଇ ହାତ ସାହାଯ୍ୟରେ ଚାଲି ଶିଖେ । ବେଳ ବଢ଼ିଲେ, ଅର୍ଥାତ୍ ବୟସ ବଢ଼ିଲେ ଚାଲେ ଦୁଇ ଗୋଡ଼ରେ । ଜୀବନ-ସନ୍ଧ୍ୟାରେ, ଅର୍ଥାତ୍, ବାର୍ଦ୍ଧକ୍ୟରେ ସେ ଯଷ୍ଟି ବା ତୃତୀୟ ଗୋଡ଼ର ସାହାଯ୍ୟ ନିଏ ।''

ପଥିକ ତାଙ୍କ ଉତ୍ତର ଦାନ ଶେଷ କରିବା ମାତ୍ରେ ସିଂହାସୁରୀ ନିଜେ ପର୍ବତ ଉପରୁ ଡେଇଁପଡ଼ି ପ୍ରାଣ ହାରିଲା ।

କହିବା ବାହୁଲ୍ୟ, ସିଂହାସୁରୀ – ଯାହାର ଗଠନ ହିଁ ଅବାସ୍ତବ – ସେ ମୃତ୍ୟୁରୂପକ ଅଳୀକତା । ମଣିଷ ନିଜକୁ ଜାଣିବା ମାତ୍ରେ ସେ ହରାଏ ତା'ର ଅସ୍ତିତ୍ୱ ।

**– ମନୋଜ ଦାସ**

❑❑❑

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ ଜୀବନକୁ ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ୍ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସଂଧାନ କରେ ।

– ଶ୍ରୀଅରବିନ୍ଦ

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 5** **R.N.I. No. 18163/70.**
Navaprakash (Monthly), May, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**